# ଧରିତ୍ରୀ DHARITRI

୪୫

ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୨୭/୨୦୧୮ (୧୬ ପୃଷ୍ଠା) | Bhubaneswar, Tuesday, November 27/ 2018 | ★★★★

୪୫ଶ ଭାଗ ୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ଫ୍ରାନ୍ସର ଶ୍ରେଷ୍ଠ ସମ୍ମାନ ପାଇବେ ଅଜିମ୍ ପ୍ରେମ୍‌ଜୀ

ଆଇଟି କ୍ଷେତ୍ରରେ ଅଗ୍ରଦୂତ କୁହାଯାଉଥିବା ଅଜିମ୍ ପ୍ରେମଜୀଙ୍କୁ ଫ୍ରାନ୍ସର ଶ୍ରେଷ୍ଠ ବେସାମରିକ ସମ୍ମାନ ନାଇଟ୍ ଅଫ୍ ଦି ଲେଜିୟନ ଅଫ୍ ଅନର ପ୍ରଦାନ କରାଯିବ।

୧୩ | ୦୨

## ଶିଳ୍ପାଙ୍କ ନେତୃତ୍ୱରେ ଭାରତର ବିଶ୍ୱ ରେକର୍ଡ

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ନେତୃତ୍ୱରେ ୨୩୫୩ ଜଣ ବ୍ୟକ୍ତି ଏକକାଳୀନ ଦୀର୍ଘ ୬୦ ସେକେଣ୍ଡ ଆବଡୋମିନାଲ୍ ପ୍ଲାଙ୍କ୍ ପୋଜିଶନ୍‌ରେ ରହି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି।





ପୁରୁଣା ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ହକି ବିଶ୍ୱକପରେ ଭାଗ ନେବାକୁ ଯାଉଥିବା ୧୬ ଦଳର ଅଧିନାୟକଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

■ ଆଜି ହକି ବିଶ୍ୱକପ୍ ଉଦ୍‌ଘାଟନୀ

# କଳିଙ୍ଗ ପ୍ରସ୍ତୁତ

ଭୁବନେଶ୍ୱର, ୨୬।୧୧(କ୍ରୀଡ଼ା ପ୍ରତିନିଧି)

■ ମନ ମୋହିବ 'ଦି ଆର୍ଥ ସଙ୍ଗ'

■ ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଶାହାରୁଖ, ମାଧୁରୀ, ଏ.ଆର. ରହମନ

■ ପ୍ରାଚ୍ୟ, ପାଶ୍ଚାତ୍ୟ ସଂସ୍କୃତିର ହେବ ମହାମିଳନ

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ପର୍ଦ୍ଦ। ଏଠାରେ ପ୍ରଥମଥର ପାଇଁ ଆୟୋଜନ ହେବ ହକିର ମହାକୁମ୍ଭ, ବିଶ୍ୱକପ୍-୨୦୧୮। କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ହେବ ଏହାର ଉଦ୍‌ଘାଟନୀ ଉତ୍ସବ। ହକି ଇତିହାସରେ ଯାହା ପୂର୍ବରୁ କେବେ ହୋଇ ନ ଥିଲା ତାହା ଏଠାରେ ଦେଖିବାକୁ ମିଳିବ, ଅର୍ଥାତ୍ ମନକୁ ଛୁଇଁଲା ଭଳି ଉଦ୍‌ଘାଟନୀ ଉତ୍ସବ ବିଶ୍ୱର ଅଗଣିତ କ୍ରୀଡ଼ାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିବ। ଅନ୍ତର୍ଜାତୀୟ ହକି ଫେଡେରେଶନ ଓ ହକି ଇଣ୍ଡିଆର ଅନୁମୋଦନକ୍ରମେ ରାଜ୍ୟ ସରକାର ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବକୁ ଅବିସ୍ମରଣୀୟ କରିବା ପାଇଁ ସମସ୍ତ ଉଦ୍ୟମ କରିଛନ୍ତି। ଏହି ଉତ୍ସବରେ ସାମିଲ ହେବେ କିମ୍ବଦନ୍ତୀ ଗୀତିକାର ଗୁଲ୍‌ଜାର, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ, ବଲିଉଡ୍ ଅଭିନେତା ଶାହରୁଖ ଖାଁ ଓ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ଓଲିଉଡ୍‌ର ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ କରିବେ। କାର୍ଯ୍ୟକ୍ରମର ଅନ୍ତିମ ରିହର୍ସାଲ କଳିଙ୍ଗ ଷ୍ଟାଡିୟମର ଆଥ୍‌ଲେଟିକ୍ସ ଗ୍ରାଉଣ୍ଡରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଗା ଇଭେଣ୍ଟ ପାଇଁ ଭୁବନେଶ୍ୱର ଉପରେ ଏବେ ସମଗ୍ର ବିଶ୍ୱର ନଜର। ବିଶ୍ୱକପ୍‌ରେ ଭାଗ ନେବାକୁ ଯାଉଥିବା ୧୬ଟି ଦଳ ଏବେ ଏଠାରେ ଏକତ୍ରିତ ହୋଇଥିବାବେଳେ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଅନେକ ହେଭିୱେଟ୍ କର୍ମକର୍ତ୍ତା। ଅପରାହ୍ନ ୫ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୧୯୭୫ ବିଶ୍ୱକପ୍ ବିଜୟୀ ଭାରତୀୟ ହକି ଦଳକୁ ସମ୍ବର୍ଦ୍ଧିତ କରାଯିବ।

ଉଦ୍‌ଘାଟନୀ ସମାରୋହର ଗୀତ 'ଦି ଆର୍ଥ ସଙ୍ଗ'ର ବିଷୟବସ୍ତୁ ☞ପୃଷ୍ଠା-୪

## ହକି ବିଶ୍ୱକପ୍ ପାଇଁ ଛୁଟି ଘୋଷଣା

ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)

ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍ ପାଇଁ ରାଜ୍ୟ ସରକାର ଛୁଟି ଘୋଷଣା କରିଛନ୍ତି। ମଙ୍ଗଳବାର ଏହାର ଉଦ୍‌ଘାଟନୀ ଉତ୍ସବ ଅବସରରେ ଭୁବନେଶ୍ୱରର ସମସ୍ତ ଶିକ୍ଷାନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିବ। ରାଜ୍ୟର ଅନ୍ୟ ଅଞ୍ଚଳରେ ସମସ୍ତ ଶିକ୍ଷାନୁଷ୍ଠାନ ସହ ବ୍ୟାଙ୍କ୍ ଓ ବିତ୍ତୀୟ ପ୍ରତିଷ୍ଠାନ ଅପରାହ୍ନ ୧ଟା ୩୦ରୁ ବନ୍ଦ ରହିବ। ସେହିପରି ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ମଧ୍ୟ ଉଦ୍‌ଘାଟନୀ ଉତ୍ସବ ନିମନ୍ତେ ଅପରାହ୍ନ ୧ଟା ୩୦ରୁ ବନ୍ଦ ରହିବ। ତେବେ ବୁଧବାର କଟକରେ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବ ପାଇଁ ସହରର ସମସ୍ତ ଶିକ୍ଷାନୁଷ୍ଠାନ ଓ ସରକାରୀ କାର୍ଯ୍ୟାଳୟ ଅପରାହ୍ନ ୧ଟା ୩୦ରୁ ବନ୍ଦ ରହିବ ବୋଲି ସୋମବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଘୋଷଣା କରାଯାଇଛି।

## ଲାଞ୍ଚ ନେଇ ଧରାପଡ଼ିଲେ ସ୍ୱାସ୍ଥ୍ୟକେନ୍ଦ୍ର ଆକାଉଣ୍ଟାଣ୍ଟ



ଧାମନଗର, ୨୬।୧୧ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆକାଉଣ୍ଟାଣ୍ଟ ନିରଞ୍ଜନ ପରଡ଼ାଙ୍କୁ ଲାଞ୍ଚ ନେଉଥିବା ଅବସ୍ଥାରେ ବାଲେଶ୍ୱର ଭିଜିଲାନ୍ସ ଟିମ୍ ସୋମବାର ଗିରଫ କରିଛି। ନିରଞ୍ଜନଙ୍କ ବିରୋଧରେ ପୂର୍ବରୁ ଲାଞ୍ଚ କାରବାର ଅଭିଯୋଗ ହୋଇ ଆସୁଥିଲା। ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଷ ସ୍ୱାସ୍ଥ୍ୟକର୍ମୀ ଅନନ୍ତ ମୁଣ୍ଡାଙ୍କୁ ଚାକିରି ନିୟମିତ କରାଇଦେବା ଲାଗି ନିରଞ୍ଜନ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ସୋମବାର ଅନନ୍ତଙ୍କଠାରୁ ୧୦ ହଜାର ଟଙ୍କା ନେଉଥିବାବେଳେ ପୂର୍ବରୁ ଯୋଜନା ମୁତାବକ ଜଗି ରହିଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ କରି ନିରଞ୍ଜନଙ୍କୁ ଧରିନେଇଥିଲେ। ବାଲେଶ୍ୱର ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ ସାମନ୍ତରାୟ, ଇନ୍ସପେକ୍ଟର ମାନସୀ ଜେନା ଏବଂ ଅନିରୁଦ୍ଧ ନାୟକ ଟିମ୍‌ରେ ସାମିଲ ଥିଲେ। ନିରଞ୍ଜନଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ଭଦ୍ରକସ୍ଥିତ ତାଙ୍କ ବାସଭବନରେ ଚଢ଼ାଉ ବେଳେ ଆୟ ବହିର୍ଭୂତ ସମ୍ପତ୍ତି ଜବତ କରାଯାଇଥିବା ସୂଚନା ମିଳିଛି। ଏନେଇ ଏକ ମାମଲା (ନଂ. ୪୭/୧୮) ରୁଜୁ କରାଯାଇଛି।

■ ସୀମାନ୍ତରେ ଗୁଳି ବିନିମୟ

# ୮ ମାଓବାଦୀ ନିହତ, ୨ ଯବାନ ଶହୀଦ

ମାଲକାନଗିରି, ୨୬।୧୧(ଡି.ଏନ.ଏ.)

■ ଛତ୍ରଭଙ୍ଗ ଦେଲେ ବହୁ ମାଓବାଦୀ

■ ନିହତ ମାଓବାଦୀଙ୍କ ମିଳି ନାହିଁ ପରିଚୟ

■ ମାସକ ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ମାଓବାଦୀ ସଫା



ମାଓବାଦୀ କ୍ୟାମ୍ପରୁ ଜବତ ସାମଗ୍ରୀ।

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ଲାଲବାହିନୀକୁ ଲାଗିଛି ବଡଧରଣର ଝଟକା। ସୋମବାର ସୁରକ୍ଷାକର୍ମୀଙ୍କ ଗୁଳିରେ ୮ ମାଓବାଦୀ ଟଳି ପଡିଛନ୍ତି। ନିହତଙ୍କ ମଧ୍ୟରେ ୬ଜଣ ମହିଳା ଥିବା ଜଣାପଡ଼ିଥିଲେ ହେଁ ସେମାନଙ୍କ ପରିଚୟ ମିଳିପାରି ନାହିଁ। ଘଟଣାସ୍ଥଳରୁ ବହୁ ମାଓବାଦୀ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି। ଅପରପକ୍ଷରେ ଏହି ଗୁଳି ବିନିୟମରେ ୨ଜଣ ଡିଆର୍‌ଜି ଯବାନ ଶହୀଦ ହୋଇଛନ୍ତି। ସେମାନେ ହେଲେ ଜେରଡି ରାମା ଓ ମାଣ୍ଡବି ଜବା ଦୀର୍ଘ ୪ଘଣ୍ଟା ଧରି ଗୁଳି ବିନିମୟ ଚାଲିଥିଲା। ଗୁଳିବିନିମୟ ଥମିବା ପରେ ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ୧୦ଟି ବନ୍ଧୁକ, ବହୁ ମାରଣାସ୍ତ୍ର, ବିଦ୍ୟୁତ୍ ତାର, ପୋଷାକ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଦି ଜବତ କରିଛନ୍ତି। ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି।

ମିଳିଥିବା ସୂଚନା ଅନୁସାରେ ସୁକ୍‌ମା ଜିଲାର କିସ୍ତାରାମ ଥାନା ଅନ୍ତର୍ଗତ ସାକଲର ନିକଟସ୍ଥ ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ଖବର ପାଇ ଡିଷ୍ଟ୍ରିକ୍ ରିଜର୍ଭ ଗ୍ରୁପ୍(ଡିଆର୍‌ଜି) ଓ ଷ୍ଟେଟ୍ ଟାସ୍କ ଫୋର୍ସ(ଏସ୍‌ଟିଏଫ୍), ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ରବିବାର ବିଳମ୍ବିତ ରାତିରେ କୋମ୍ବିଂ ଅପରେଶନ କରାଯାଇଥିଲା। ସୋମବାର ସକାଳ ପ୍ରାୟ ୯ଟାବେଳେ ସୁରକ୍ଷାକର୍ମୀ ମାଓବାଦୀ କ୍ୟାମ୍ପକୁ ଠାବ କରିଥିଲେ। ସୁରକ୍ଷାକର୍ମୀଙ୍କୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ☞ପୃଷ୍ଠା-୪

# ଗୁଳି ଫୁଟାଇ ଲୁଟିନେଲେ ୧.୭ ଲକ୍ଷ

ରଘୁନାଥପୁର, ୨୬।୧୧(ଡି.ଏନ.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ପୁରଣ ଓଡ଼ପଡ଼ା ନିକଟରେ ସୋମବାର ଅପରାହ୍ନ ୨ଟାରେ ଏକ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଗୁଳି ମାରି ଜଣେ ପେଟ୍ରୋଲ ପମ୍ପ ମ୍ୟାନେଜରଙ୍କଠାରୁ ୧ଲକ୍ଷ ୬୯ ହଜାର ୩୫୦ ଟଙ୍କା ଲୁଟି ନେଇଛନ୍ତି। ତେବେ ଗୁଳି ତାଙ୍କ ବାଇକ୍ ଟାଙ୍କିରେ ବାଜିଛି। ସୂଚନା ଅନୁଯାୟୀ, ଅପରାହ୍ନରେ ମା' ନାରାୟଣୀ ପେଟ୍ରୋଲ ପମ୍ପ ମ୍ୟାନେଜର କୈଳାସ ଚନ୍ଦ୍ର ଦାସ ବାଇକ୍ ଯୋଗେ ଟଙ୍କା ନେଇ ବ୍ୟାଙ୍କ୍‌ରେ ଜମା କରିବାକୁ ଯାଉଥିଲେ। ପେଟ୍ରୋଲ ପମ୍ପଠାରୁ ୨ଶହ ମିଟର ଦୂର ଶ୍ରଦ୍ଧାଞ୍ଜଳି ବାର୍ ନିକଟରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ମ୍ୟାନେଜର ଦାସ ତଳେ ପଡିଯାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ତାଙ୍କ ବାଇକ୍ ଚାବି ଛଡ଼ାଇ ନେବା ସହ ବନ୍ଧୁକ ଦେଖାଇ ଟଙ୍କା ମାଗିଥିଲେ। ଦାସ ସେମାନଙ୍କ ପ୍ରତିରୋଧ କରିବାବେଳେ ଗୁଳି ଫୁଟିଯାଇଥିଲା। ସୌଭାଗ୍ୟବସତଃ ଗୁଳିଟି କାହା ଦେହରେ ନ ବାଜି ବାଇକ ଟାଙ୍କିରେ ବାଜିଥିଲା। ଫଳରେ ବାଇକ ଟାଙ୍କି କଣା ହୋଇଯାଇଛି। ସଙ୍ଗେ ସଙ୍ଗେ ଦୁର୍ବୃତ୍ତମାନେ ମ୍ୟାନେଜର ଦାସଙ୍କଠାରୁ ଟଙ୍କା ନେଇ କଟକ ଆଡେ ଦ୍ରୁତ ବେଗରେ ପଳାଇଥିଲେ। ଖବରପାଇ ଟାଙ୍କିର କର୍ମଚାରୀମାନେ ସେଠାରେ ପହଞ୍ଚିଥିଲେ। ଆଇଆଇସି ଅରବିନ୍ଦ ମହାନ୍ତି ସଦଳବଳ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି। ଏନେଇ କେସ୍ ନଂ. ୯୯/୧୮ ରୁଜୁ ହୋଇଛି। ସ୍ଥାନୀୟ ଅଞ୍ଚଳରେ ପୂର୍ବରୁ ଏଭଳି କେବେ ଘଟି ନ ଥିବାରୁ ଲୋକେ ଭୟଭୀତ ହୋଇପଡିଛନ୍ତି।

**ଆଜିର ସମ୍ପାଦକୀୟ**

## ଏକୁଟିଆ ଛାଡ଼ିଦିଅ

**ଆଜିର ମନ୍ତବ୍ୟ**

"ଜମ୍ମୁ-କଶ୍ମୀରର ସ୍ଥିତି ସମ୍ଭାଳିବା ଲାଗି କେନ୍ଦ୍ରର ପରୀକ୍ଷାମୂଳକ ନୀତି ରାଜ୍ୟକୁ ଅନେକ ବର୍ଷ ପଛକୁ ନେଇଯାଇଛି।

-ଓମାର ଅବ୍ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ନେତା

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଅକ୍ଟୋବର ସମୟ ମଧ୍ୟରେ ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି) ୧୫.୪୭ ନିୟୁତ ଟନ୍ ଲୁହା ପଥର ଉତ୍ପାଦନ କରିଛି।

-ସରକାରଙ୍କ ପ୍ରଦତ୍ତ ତଥ୍ୟ


NECC NATIONAL EGG CO-ORDINATION COMMITTEE | 26.11.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 69 | 118 | 128 |
| CTC | 69 | 118 | 128 |
| DKL | 71 | 120 | 130 |
| BDK | 69 | 118 | 128 |
| BLS | 70 | 119 | 129 |
| ANG | 72 | 122 | 132 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers


# ଧାର୍ଯ୍ୟ ହେଲା ସ୍କୁଲ ବ୍ୟାଗ୍ ଓଜନ

ନୂଆଦିଲ୍ଲୀ, ୨୬।୧୧(ପି.ଟି.)

■ ପ୍ରଥମ, ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ହୋମ୍‌ୱାର୍କ ମନା

■ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ୧.୫ କିଲୋ, ଦଶମ ପିଲାଙ୍କ ପାଇଁ ୫ କିଲୋ



କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଅଧୀନରେ ଥିବା ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ ପିଲାମାନଙ୍କ ସ୍କୁଲ ବ୍ୟାଗ୍‌ର ଓଜନ କେତେ ହେବ ତାହା ଧାର୍ଯ୍ୟ କରାଯାଇଛି। ଏଥିସହିତ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ କୌଣସି ହୋମ୍‌ୱାର୍କ ନଦେବା ପାଇଁ କୁହାଯାଇଛି। ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ବିଭାଗ ପକ୍ଷରୁ ଏନେଇ ସର୍କୁଲାର ଜାରି କରାଯାଇଛି। ଧାର୍ଯ୍ୟ ଓଜନଠାରୁ ସ୍କୁଲ ବ୍ୟାଗ୍‌ର ଓଜନ ଯେପରି ଅଧିକ ନହୁଏ, ସେଥିପାଇଁ ପିଲାମାନଙ୍କୁ ଅତିରିକ୍ତ ପୁସ୍ତକ ଏବଂ ପାଠ୍ୟୋପକରଣ ନଆଣିବା ଲାଗି ସ୍କୁଲ କର୍ତ୍ତୃପକ୍ଷ କହିବେ।

ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କ ଲାଗି ସ୍କୁଲ ବ୍ୟାଗ୍‌ର ସର୍ବାଧିକ ଓଜନ ୧.୫ କିଲୋଗ୍ରାମ ଧାର୍ଯ୍ୟ ହୋଇଥିଲା ବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ଲାଗି ଏହା ୨ରୁ ୩ କିଲୋଗ୍ରାମ ମଧ୍ୟରେ ରଖିବାକୁ କୁହାଯାଇଛି। ଷଷ୍ଠ ଓ ସପ୍ତମ ଶ୍ରେଣୀ ପିଲାଙ୍କ ଲାଗି ବ୍ୟାଗ୍‌ର ଓଜନ ୪ କିଲୋଗ୍ରାମ ମଧ୍ୟରେ ରଖିବାକୁ କୁହାଯାଇଥିଲା ବେଳେ ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ଠାରୁ ସର୍ବାଧିକ ସୀମା ୪.୫ କିଲୋଗ୍ରାମ ଏବଂ ଦଶମ ପିଲାଙ୍କ ଲାଗି ସର୍ବାଧିକ ୫ କିଲୋଗ୍ରାମ ଧାର୍ଯ୍ୟ ହୋଇଛି।

ଗାଇଡଲାଇନ୍ସ ଅନୁଯାୟୀ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ହୋମ୍‌ୱାର୍କ ଦିଆଯିବ ନାହିଁ। ଏହି ଶ୍ରେଣୀର ପିଲାଙ୍କ ଲାଗି ପାଠ୍ୟକ୍ରମରେ ଭାଷା ଏବଂ ଗଣିତ ବ୍ୟତୀତ ଅନ୍ୟ କୌଣସି ବିଷୟ ରହିବ ନାହିଁ। ସେହିପରି ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଲାଗି ଏନସିଇଆର୍‌ଟି ଭାଷା, ଗଣିତ ସହିତ ଇଭିଏସ ନିର୍ଦ୍ଧାରଣ କରିଛି।

ପିଲାଙ୍କ ବସ୍ତାନି ବୋଝ କମାଇବା ଉପରେ ଏଚଆର୍‌ଡି ମନ୍ତ୍ରୀ ପ୍ରକାଶ ଜାଭଡେକର ବିଭିନ୍ନ ସମୟରେ ଗୁରୁତ୍ୱ ଦେଇଆସିଛନ୍ତି। ଡିଜିଟାଲ କ୍ଲାସ୍‌ରୁମ୍ ବ୍ୟବସ୍ଥା ଆପଣାଇବାକୁ ସେ ପ୍ରସ୍ତାବ ରଖିଥିଲେ। ପିଲାମାନଙ୍କୁ ଓଜନଦାର ସ୍କୁଲ ବ୍ୟାଗ୍ ବହନ କରିବାକୁ ବାଧ୍ୟ କରାଯାଉଥିବାରୁ କୋର୍ଟ ଏହା ଉପରେ ଉଦ୍‌ବେଗ ପ୍ରକାଶ କରିଥିଲେ। ପିଲାମାନେ ଭାରବାହୀ ନୁହନ୍ତି ବୋଲି ମାଡ୍ରାସ ହାଇକୋର୍ଟ କହିଥିଲେ।




ଧରିତ୍ରୀ
DHARITRI
ମଙ୍ଗଳବାର, ୨୭ ନଭେମ୍ବର, ୨୦୧୮



"କଂଗ୍ରେସ 'ଧର୍ମନିରପେକ୍ଷତା'ର ମୁଖା ଧରିଥିଲେ ସୁଦ୍ଧା ବାସ୍ତବରେ 'ସାମ୍ପ୍ରଦାୟିକତା'ର ବୋଝ ବହନ କରୁଛି । ଏହା ହେଉଛି ଦେଶର ସର୍ବପୁରାତନ ଦଳର ନୂତନ ପରିଚୟ ।
- ମୁଖ୍‌ତାର ଅବ୍ବାସ ନକଭୀ, କେନ୍ଦ୍ରମନ୍ତ୍ରୀ



## ସଂକ୍ଷେପରେ

### ଦଫା ୩୭୦: ସାନି ଆବେଦନ ଖାରଜ



**ନୂଆଦିଲ୍ଲୀ,୨୬ା୧୧(ପି.ଟି.)**- ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପାହ୍ୟା ପ୍ରଦାନ କରୁଥିବା ସମ୍ବିଧାନର ଧାରା ୩୭୦କୁ ନେଇ ଲାଗି ରହୁଛି ବିବାଦ। ଏ ସଂକ୍ରାନ୍ତରେ ହୋଇଥିବା ଏକ ସାନି ଆବେଦନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ପୂର୍ବରୁ ଧାରା ୩୭୦କୁ ନେଇ ହୋଇଥିବା ଅନେକ ଆବେଦନ ପଡ଼ିରହିଛି। ପୂର୍ବ ଏବଂ ଏବର ଆବେଦନ ମଧ୍ୟରେ ସାମଞ୍ଜସ୍ୟ ମଧ୍ୟ ରହିଛି। ତେଣୁ ସାନି ପିଟିଶନ ଉପରେ ହସ୍ତକ୍ଷେପ କରିବେ ନାହିଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ଅଧ୍ୟକ୍ଷତା କରୁଥିବା ଖଣ୍ଡପୀଠ କହିଛନ୍ତି। ଆବେଦନକାରୀ ବିଜୟ ମିଶ୍ର ଏବଂ ସନ୍ଦୀପ୍ ଲାମ୍ବା ଦର୍ଶାଇଛନ୍ତି ଯେ, ୧୯୫୭ ଜାନୁୟାରୀ ୨୬ରେ ଜମ୍ମୁ-କଶ୍ମୀର ବିଧାନସଭା ଭଙ୍ଗ ହେବା ସହିତ ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ହୋଇଛି ବୋଲି ଘୋଷଣା କରାଯାଉ। ଏହା ସେମାନଙ୍କ ଦାବି। ଏହି ରାଜ୍ୟରେ ବଳପୂର୍ବକ ରାଷ୍ଟ୍ରପତିଙ୍କ କ୍ଷମତା ଜାରି କରିବା ବାଧ୍ୟତାମୂଳକ ନ ହେଉ ବୋଲି ମଧ୍ୟ ଆବେଦନକାରୀ ନିବେଦନ କରିଛନ୍ତି।

### ବିଏସ୍ଏଫ୍-ପାକ୍ ସୈନ୍ୟଙ୍କ ଫ୍ଲାଗ୍ ବୈଠକ

**ଜମ୍ମୁ,୨୬ା୧୧(ପି.ଟି.)**- ଜମ୍ମୁ-କଶ୍ମୀରର ଅନ୍ତର୍ଜାତୀୟ ସୀମା (ଆଇବି) ନିକଟରେ ସୋମବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ଫ୍ଲାଗ୍ ବୈଠକ ହୋଇଯାଇଛି। ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ଏବଂ ପାକିସ୍ତାନୀ ରେଞ୍ଜର୍ସର କମାଣ୍ଡାଣ୍ଟ ସ୍ତରୀୟ ଏହି ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ଆଇବିରେ ପଡ଼ୋଶୀ ସୈନ୍ୟ ଚଳାଉଥିବା ଗୁଳିମାଡ଼କୁ ନେଇ ଭାରତ ଆପତ୍ତି ଉଠାଇଛି ବୋଲି ଜଣେ ବିଏସ୍ଏଫ୍ ଅଫିସର କହିଛନ୍ତି। ରବିବାର ମଧ୍ୟ ମର୍-ଗଜାଂସୁଠାରେ ଦୁଇ ଦେଶର ସୁରକ୍ଷାବଳ ମଧ୍ୟରେ ଏକ ବୈଠକ ହୋଇଥିଲା। ସୋମବାର ରାମଗଡ଼ ଫରୱାର୍ଡରେ ମଧ୍ୟାହ୍ନ ୧୨ଟା ୩୦ରୁ ୧ଟା ପର୍ଯ୍ୟନ୍ତ ଫ୍ଲାଗ୍ ବୈଠକ ହୋଇଥିଲା। ଭାରତ ପଟୁ କମାଣ୍ଡାଣ୍ଟ ଏମ୍.କେ. ଯାଦବ ଏବଂ ପାକ୍ ପଟୁ ୱିଙ୍ଗ୍ କମାଣ୍ଡର ମେହରାନ୍ ପ୍ରତିନିଧିତ୍ୱ କରିଥିଲେ।

### ମଧ୍ୟପ୍ରଦେଶ, ମିଜୋରାମରେ ପ୍ରଚାର ଶେଷ

**ନୂଆଦିଲ୍ଲୀ,୨୬ା୧୧(ପି.ଟି.)**-ଆସନ୍ତା ୨୮ ତାରିଖରେ ମଧ୍ୟପ୍ରଦେଶ ଏବଂ ମିଜୋରାମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିଲା ବେଳେ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି। ଡିସେମ୍ବର ୧୧ରେ ଭୋଟ ଗଣତି କରାଯାଇ ଫଳାଫଳ ପ୍ରକାଶ କରାଯିବ। ୨୩୦ ଆସନ ବିଶିଷ୍ଟ ମଧ୍ୟପ୍ରଦେଶ ବିଧାନସଭା ଲାଗି ହେବାକୁ ଯାଉଥିବା ନିର୍ବାଚନରେ ମୁଖ୍ୟତଃ ଦୁଇଟି ଦଳ ଭାଜପା ଏବଂ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱରେ ଭାଜପା କ୍ରମାଗତ ଚତୁର୍ଥ ଥର ସରକାର ଗଢ଼ିବା ଲାଗି ଆପ୍ରାଣ ଉଦ୍ୟମ ଚଳାଇଥିଲାବେଳେ ୨୦୦୩ ପରେ ପୁଣି ଥରେ କ୍ଷମତାକୁ ଆସିବା ଲାଗି କଂଗ୍ରେସ ସଂଘର୍ଷ ଚଳାଇଛି। ଅନ୍ୟ ପକ୍ଷରେ ୪୦ ଆସନ ବିଶିଷ୍ଟ ମିଜୋରାମ ବିଧାନସଭା ଲାଗି ହେବାକୁ ଯାଉଥିବା ନିର୍ବାଚନରେ ମୁଖ୍ୟତଃ ମିଜୋ ନ୍ୟାଶନାଲ ଫ୍ରଣ୍ଟ ଏବଂ ବିରୋଧୀ ଦଳ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

## ■ ୨୬/୧୧ ଆକ୍ରମଣକୁ ପୂରିଲା ୧୦ ବର୍ଷ

# ପାକିସ୍ତାନ ଉପରେ ଚାପ

**ନୂଆଦିଲ୍ଲୀ,୨୬ା୧୧(ପି.ଟି.)**



- ■ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପାକିସ୍ତାନ ଆନ୍ତରିକତା ଦେଖାଉନି
- ■ ସୂଚନାଦାତାଙ୍କ ଲାଗି ଆମେରିକାର ୫ ନିୟୁତ ଡଲାର ପୁରସ୍କାର

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ୧୦ ବର୍ଷ ପୂରିଛି। ତେବେ ଆକ୍ରମଣ ସହ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପାକିସ୍ତାନ ଆନ୍ତରିକତା ଦେଖାଉ ନଥିବା ଭାରତ ଅଭିଯୋଗ କରିଛି। ଅପରାଧୀମାନେ ଏବେ ବି ପାକିସ୍ତାନ ରାସ୍ତାରେ ଅବାଧରେ ଘୂରିବୁଲୁଛନ୍ତି। ଏହି ଆକ୍ରମଣ ଯୋଜନା ଏବଂ ଏହାର କାର୍ଯ୍ୟକାରିତା ପାକିସ୍ତାନରୁ ହୋଇଥିଲା। ପାକିସ୍ତାନ ମାଟିରୁ ଆତଙ୍କବାଦୀମାନେ ଆସିଥିଲେ, ଏକଥାକୁ ପୂର୍ବତନ ପାକ୍ ପ୍ରଧାନମନ୍ତ୍ରୀ ପୂର୍ବରୁ ସ୍ୱୀକାର କରିସାରିଛନ୍ତି। ତେଣୁ ଇସଲାମାବାଦ ଦୋମୁହାଁ ନୀତି ଛାଡି ଏହି ଭୟାବହ ଆକ୍ରମଣ ଘଟଣାର ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଭାରତ ପୁଣି ଥରେ ଆହ୍ୱାନ ଦେଇଛି।

ଲଶ୍କର-ଇ-ତୋଇବାର ୧୦ ଜଣ ଆତଙ୍କବାଦୀ ସମୁଦ୍ରପଥରେ ମୁମ୍ବାଇ ଆସି ତାଜ ହୋଟେଲ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଆକ୍ରମଣ କରିଥିଲେ ଯେଉଁଥିରେ ୬ ଆମେରିକୀୟଙ୍କ ସମେତ ୧୬୬ ଜଣଙ୍କର ମୃତ୍ୟୁ ହୋଇଥିଲା। ସୁରକ୍ଷା କର୍ମୀଙ୍କ ଗୁଳିରେ ୯ ଜଣ ଆତଙ୍କବାଦୀ ନିହତ ହୋଇଥିଲା ବେଳେ ଏକମାତ୍ର ଜୀବିତ ଆତଙ୍କବାଦୀ ଅଜମଲ କସବକୁ ବିଚାର ପରେ ଫାଶୀ ଦିଆଯାଇଥିଲା।

ଲଶ୍କର ସମେତ ବିଭିନ୍ନ ଆତଙ୍କବାଦୀ ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆମେରିକା ପାକିସ୍ତାନକୁ କହିଛି। ୨୬/୧୧ ଅପରାଧୀଙ୍କ ସମ୍ପର୍କରେ ସୂଚନା ଦେଲେ ୫ ନିୟୁତ ଡଲାର ପୁରସ୍କାର ଦେବାକୁ ଆମେରିକା ଘୋଷଣା କରିଛି। ମୃତକ ଏବଂ ଶହୀଦଙ୍କ ପରିବାରକୁ ନ୍ୟାୟ ଦେବା ଲାଗି ଭାରତ ତା'ର ଉଦ୍ୟମ ଅବ୍ୟାହତ ରଖିବ ବୋଲି କହିଛି। ୨୬/୧୧ ଘଟଣା ଭାରତରେ ସର୍ବବୃହତ ଆତଙ୍କବାଦୀ ଆକ୍ରମଣ ଥିଲା। ଏହାର ୧୦ ବର୍ଷ ପୂର୍ତ୍ତି ଅବସରରେ ଶହୀଦ ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଆକ୍ରମଣର ଭୟାବହ ଦୃଶ୍ୟ ଏବେ ମଧ୍ୟ ଭାରତୀୟଙ୍କ ମନରେ ରେଖାଙ୍କିତ ହୋଇ ରହିଛି ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି।

ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୬/୧୧ ଆକ୍ରମଣର ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଆତଙ୍କବାଦର ଭୟାବହତା ଏବଂ ଆତଙ୍କବାଦୀଙ୍କୁ ନିଜ ମାଟିରେ ପାଳି ପୋଷି ବଢ଼ାଉଥିବା ରାଷ୍ଟ୍ର ବିରୋଧରେ ବିଶ୍ୱ ସମୁଦାୟ ଏକାଠି ଲଢ଼ିବାର ସମୟ ଆସିଛି। ଯବାନମାନଙ୍କ ପ୍ରାଣବଳି ବୃଥା ଯିବ ନାହିଁ ବୋଲି ଉପରାଷ୍ଟ୍ରପତି କହିଛନ୍ତି। କଂଗ୍ରେସ ସରକାରରେ ଥିଲା ବେଳେ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ପାକିସ୍ତାନରେ ସର୍ଜିକାଲ ଷ୍ଟ୍ରାଇକକୁ ନେଇ ଏହି ଦଳ ଏବେ ପ୍ରଶ୍ନ ଉଠାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷା ସୋନିଆଙ୍କ ନାଁ ନନେଇ ପ୍ରଧାନମନ୍ତ୍ରୀ କହିଥିଲେ ୨୬/୧୧ ଆକ୍ରମଣ ବେଳେ ସାରା ବିଶ୍ୱ ଦୋହଲିଯାଇଥିଲା ବେଳେ ଦେଶକୁ ଶାସନ କରୁଥିବା ମାଡାମ ନିର୍ବାଚନ କିପରି ଜିତିବେ ସେହି ଚିନ୍ତାରେ ଥିଲେ।

## ■ ଏୟାରସେଲ୍-ମାକ୍ସିସ୍ ମାମଲା

# ଚିଦାମ୍ବରମ୍‌ଙ୍କୁ ଜେରା ଲାଗି ଅନୁମତି

**ନୂଆଦିଲ୍ଲୀ,୨୬ା୧୧(ପି.ଟି.)**



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କ ମୁଣ୍ଡରେ ପଡ଼ିଛି ଚଡ଼କ। ଏୟାରସେଲ୍-ମାକ୍ସିସ୍ ମାମଲାରେ ତାଙ୍କୁ ଜେରା କରିବା ଲାଗି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଅନୁମତି ପ୍ରଦାନ କରିଛନ୍ତି କେନ୍ଦ୍ର ସରକାର। ଏ ସମ୍ପର୍କରେ ତଦନ୍ତ ସଂସ୍ଥା ପକ୍ଷରୁ ଦିଲ୍ଲୀର ଏକ କୋର୍ଟଙ୍କୁ ଅବଗତ କରାଯାଇଛି। ଏହି ଦୁର୍ନୀତି ମାମଲାର ଅଭିଯୁକ୍ତ ଚିଦାମ୍ବରମ୍ ଓ ତାଙ୍କ ପୁଅ କାର୍ତ୍ତିଙ୍କ ଗିରଫଦାରିକୁ ଡିସେମ୍ବର ୧୮ ପର୍ଯ୍ୟନ୍ତ ଅଦାଲତ ଘୁଞ୍ଚାଇଦେଇଛନ୍ତି। ଚିଦାମ୍ବରମ୍‌ଙ୍କ ବାଦ୍ ମାମଲାର ଅନ୍ୟ ୫ ଅଭିଯୁକ୍ତଙ୍କୁ ଜେରା କରିବା ଲାଗି ତିନି ସପ୍ତାହ ମଧ୍ୟରେ କେନ୍ଦ୍ରର ଅନୁମତି ଲାଭ କରିବା ପାଇଁ ମଧ୍ୟ ସିବିଆଇକୁ ଏହି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୮ ତାରିଖରେ ହେବ ବୋଲି ସ୍ୱତନ୍ତ୍ର ବିଚାରପତି ଓ.ପି. ସାଇନି କହିଛନ୍ତି। ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି ଯେ, ସିଆର୍‌ପିସିର ଦଫା ୧୯୭ ଏବଂ ଦୁର୍ନୀତି ନିବାରଣ ଆଇନର ଦଫା ୧୯ ଆଧାରରେ ଚିଦାମ୍ବରମ୍‌ଙ୍କୁ ଜେରା କରିବା ଲାଗି କେନ୍ଦ୍ର ଅନୁମତି ଦେଇଛନ୍ତି।

# ଆଫଗାନିସ୍ତାନରେ ତାଲିବାନ ଆକ୍ରମଣ: ୨୨ ପୋଲିସ ନିହତ

**ହେରାତ୍,୨୬ା୧୧(ପି.ଟି.)**

ଆଫଗାନିସ୍ତାନର ସୁରକ୍ଷାବଳକୁ ପୁଣି ଲାଗିଛି ଶକ୍ତ ଝଟକା। ପଶ୍ଚିମାଞ୍ଚଳସ୍ଥିତ ଫରାହ ପ୍ରଦେଶରେ ସୋମବାର ତାଲିବାନୀ ଆତଙ୍କବାଦୀ ଆକ୍ରମଣ ଘଟାଇଛନ୍ତି। ଏଥିରେ ୨୨ ପୋଲିସ କର୍ମଚାରୀ ନିହତ ହୋଇଛନ୍ତି। ଆକ୍ରମଣ ଯୋଗୁ ଅନ୍ୟ ଦୁଇଜଣ ସୁରକ୍ଷାକର୍ମୀ ମଧ୍ୟ ଆହତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏକ ହ୍ୱାଟ୍ସଆପ୍ ମେସେଜ୍ ଜରିଆରେ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ତାଲିବାନ। ତେବେ ନିହତ ପୋଲିସ କର୍ମଚାରୀଙ୍କ ସଂଖ୍ୟା ୨୫ ବୋଲି ତାଲିବାନ ପକ୍ଷରୁ କୁହାଯାଇଛି। ସେହିପରି ୪ ପୋଲିସ ଗାଡ଼ି ଧ୍ୱଂସ କରିଦିଆଯିବା ସହ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଥିବା ଆତଙ୍କବାଦୀଙ୍କ ଜଣେ ମୁଖପାତ୍ର କହିଛନ୍ତି। ପ୍ରକାଶ ଯେ,



ଚଳିତବର୍ଷ ଆଫଗାନିସ୍ତାନରେ ତାଲିବାନ ଏବଂ ଆଇଏସ୍ ଆତଙ୍କବାଦୀ ଅନେକ ଆକ୍ରମଣ ଘଟାଇଲେଣି। ଗତ ଶୁକ୍ରବାର ଖୋସ୍ତ ପ୍ରଦେଶର ଏକ ମସ୍‌ଜିଦରେ ଆତ୍ମଘାତୀ ଆକ୍ରମଣ ଯୋଗୁ ୨୭ ସୈନ୍ୟ ନିହତ ହୋଇଥିଲେ।

# ଦ୍ୱାର ଉନ୍ମୁକ୍ତ କରିବ କର୍‌ତାରପୁର କରିଡର

**ଗୁର୍‌ଦାସପୁର,୨୬ା୧୧(ପି.ଟି.)**

## ଗୁରଦାସପୁରରେ ଶିଳାନ୍ୟାସ କଲେ ନାଇଡୁ, ଅମରିନ୍ଦର

ଦୀର୍ଘବର୍ଷ ଅପେକ୍ଷାର ଅନ୍ତ ଘଟିଛି। ଅନେକ ବିବାଦ ଓ ବିତର୍କ ମଧ୍ୟରେ ପଞ୍ଜାବର ଗୁରଦାସପୁରଠାରେ କର୍‌ତାରପୁର କରିଡର ନିର୍ମାଣ ଲାଗି ମୂଳଦୁଆ ପଡ଼ିଛି। ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଏବଂ ରାଜ୍ୟର ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏହାର ଶିଳାନ୍ୟାସ କରିଛନ୍ତି। ଏହି କରିଡର ନିର୍ମାଣ ହେବା ପରେ ଭାରତୀୟ ଶିଖ୍ ତୀର୍ଥଯାତ୍ରୀମାନେ ପାକିସ୍ତାନରେ ଥିବା ଗୁରୁଦ୍ୱାରା ଦରବାର ସାହିବ ପରିଦର୍ଶନ କରିପାରିବେ। ତେବେ ମାନ୍ ଗ୍ରାମରେ ଶିଳାନ୍ୟାସ କାର୍ଯ୍ୟକ୍ରମରେ କୁତ୍ସିତ ରାଜନୀତି ଦେଖିବାକୁ ମିଳିଛି। ଏହି ପ୍ରକଳ୍ପ ପାଇଁ ଶ୍ରେୟ ନେବାକୁ ଟଣା ଓଟରା ହୋଇଛନ୍ତି କଂଗ୍ରେସ ଏବଂ ଶିରୋମଣି ଅକାଳୀ ଦଳ (ଏସ୍ଏଡି)।

ରାବି ନଦୀ କୂଳରେ ଥିବା ଗୁରୁଦ୍ୱାରା ଦରବାର ସାହିବ ହେଉଛି ଶିଖ୍‌ଙ୍କ ପ୍ରସିଦ୍ଧ ଧର୍ମସ୍ଥଳୀ। ଭାରତ-ପାକ୍ ଅନ୍ତର୍ଜାତୀୟ ସୀମାରୁ ମାତ୍ର ୩ କି.ମି. ଦୂରରେ ଏହା ଅବସ୍ଥିତ। ଏଠାକୁ ଶିଖ୍‌ମାନେ ଯେପରି ସୁରୁଖୁରରେ ତୀର୍ଥଯାତ୍ରା କରିପାରିବେ, ସେଥିଲାଗି ସୀମା (ଆଇବି)ରେ ଏକ କରିଡର ନିର୍ମାଣ କରିବାକୁ ଦୀର୍ଘବର୍ଷ ହେଲା ଦାବି ହୋଇଆସୁଛି। ଡେରା ବାବା ନାନକଠାରୁ ଆଇବି ପର୍ଯ୍ୟନ୍ତ ଏହି କରିଡର ନିର୍ମାଣ ଲାଗି ଗତ ୨୨ ତାରିଖରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିଲା। ଏହି ଗୁରୁଦ୍ୱାରାକୁ ପରିଦର୍ଶନ କରିବାକୁ ଗଲେ ଶିଖ୍‌ଙ୍କୁ ଭିଜା ଆବେଦନ କରିବାକୁ ପଡ଼ିବ ନାହିଁ ବୋଲି ଅମରିନ୍ଦର କହିଛନ୍ତି।

## ଫୁର୍‌ସତ

# ମଙ୍ଗଳକୁ ଯିବେ ଏଲନ୍ ମସ୍କ

**ୱାଶିଟନ୍:** ସ୍ପେସେକ୍ସ ସିଇଓ ଏଲନ୍ ମସ୍କ ମଙ୍ଗଳ ଗ୍ରହକୁ ଯିବା ୭୦% ସମ୍ଭାବନା ଅଛି। ସେ ମଙ୍ଗଳ ଗ୍ରହକୁ ଯିବା ବାଟରେ କିମ୍ବା ମଙ୍ଗଳରେ ଅବତରଣ କରିବାପରେ ଯଦି ମୃତ୍ୟୁବରଣ କରନ୍ତି ତାହା ତାଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ହେବ ବୋଲି ସେ ପ୍ରକାଶ କରିଛନ୍ତି। ମସ୍କ ଏକ ସାକ୍ଷାତକାରରେ କହିଛନ୍ତି, ସେ ମଙ୍ଗଳ ଗ୍ରହକୁ ଯାତ୍ରା କରିବା ପାଇଁ ଅତ୍ୟନ୍ତ ଉତ୍ସାହିତ। ସେଠାରେ ସେ ଏକ ନୂଆ ଦୁନିଆ ଦେଖିବାକୁ ପାଇବେ। ଏହି ଭାବନାରେ ତାଙ୍କର ଆନନ୍ଦ କହିଲେ ନ ସରେ। ମଙ୍ଗଳ ଅଭିଯାନ ଅତ୍ୟନ୍ତ ବିପଦପୂର୍ଣ୍ଣ ବୋଲି ସେ ଜାଣନ୍ତି। କିନ୍ତୁ ପୃଥିବୀ ଅପେକ୍ଷା ମଙ୍ଗଳରେ ମରିବାକୁ ସେ ଭଲ ପାଆନ୍ତି ବୋଲି ପ୍ରକାଶ କରିଛନ୍ତି। ମାଉଣ୍ଟ ଏଭେରଷ୍ଟ ଆରୋହଣ କରିବା ବେଳେ କେତେଜଣ ଲୋକ ମୃତ୍ୟୁବରଣ କରନ୍ତି। ତଥାପି ମଣିଷ ଦୁଃସାହସିକ ଚ୍ୟାଲେଞ୍ଜ୍ ଛାଡିଦେଇ ନାହିଁ ବୋଲି ସେ ପ୍ରକାଶ କରିଥିଲେ।



# ମହିଳାଙ୍କ ପାଇଁ 'ସବୁଠୁ ବିପଦ' ଘର

**ଭିଏନା:** ୨୦୧୭ରେ ସାରା ବିଶ୍ୱରେ ଯେତେ ମହିଳାଙ୍କୁ ହତ୍ୟା କରାଯାଇଛି ତନ୍ମଧ୍ୟରୁ ଅର୍ଦ୍ଧେକ ମହିଳା ନିଜ ସ୍ୱାମୀ ବା ପରିବାର ସଦସ୍ୟଙ୍କ ଦ୍ୱାରା ହତ୍ୟାର ଶିକାର ହୋଇଛନ୍ତି। ଏହି ଦୃଷ୍ଟିରୁ ଗୃହ ହିଁ ମହିଳାଙ୍କ ନିମନ୍ତେ ସର୍ବାଧିକ ବିପଜ୍ଜନକ ସ୍ଥଳ ବୋଲି ଜାତିସଂଘ ଦ୍ୱାରା କରାଯାଇଥିବା ଏକ ନୂତନ ଅଧ୍ୟୟନରୁ ଜାଣିବାକୁ ମିଳିଛି।

ଅନ୍ତର୍ଜାତୀୟ ମହିଳା ବିରୋଧୀ ହିଂସା ଦୂରୀକରଣ ଦିବସରେ ୟୁନାଇଟେଡ ନେସନ୍ସ ଅଫିସ ଅନ୍ ଡ୍ରଗ୍ସ ଆଣ୍ଡ କ୍ରାଇମ୍ (ୟୁଏନ୍ଓଡିସି) ଦ୍ୱାରା ଏ ସଂକ୍ରାନ୍ତୀୟ ଏକ ପରିସଂଖ୍ୟାନ ଉନ୍ମୋଚିତ ହୋଇଛି। ଏଥିରେ କୁହାଯାଇଛି ୨୦୧୭ରେ ବିଶ୍ୱରେ ୮୭,୦୦୦ ମହିଳାଙ୍କୁ ହତ୍ୟା କରାଯାଇଛି। ତନ୍ମଧ୍ୟରୁ ୫୮% ବା ପାଖାପାଖି ୫୦,୦୦୦ ମହିଳାଙ୍କୁ ତାଙ୍କ ସ୍ୱାମୀ ବା ପରିବାର ସଦସ୍ୟ ହତ୍ୟା କରିଛନ୍ତି। ପାଖାପାଖି ୩୪% ବା ୩୦,୦୦୦ ମହିଳାଙ୍କୁ କେବଳ ସେମାନଙ୍କ ସ୍ୱାମୀ ହିଁ ହତ୍ୟା କରିଛନ୍ତି। ତେବେ ପରିସଂଖ୍ୟାନ ଅନୁସାରେ ପ୍ରତି ଘଣ୍ଟାରେ ୬ ମହିଳାଙ୍କୁ ହତ୍ୟା କରାଯାଉଛି ବୋଲି ଭିଏନାସ୍ଥିତ ୟୁଏନ୍ଓଡିସି ପକ୍ଷରୁ ସୂଚନା ମିଳିଛି। ଉକ୍ତ ଅଧ୍ୟୟନରେ କୁହାଯାଇଛି, ଆଫ୍ରିକା ଓ ଆମେରିକାରେ ଅଧିକାଂଶ ମହିଳା ମୃତ୍ୟୁ ଘଟଣାରେ ସେମାନଙ୍କ ଜୀବନସାଥୀ ଏବଂ ପରିବାର ସଦସ୍ୟ ଦାୟୀ। ଆଫ୍ରିକାରେ ପ୍ରତି ଲକ୍ଷେ ମହିଳାରେ ୩.୧ ହତ୍ୟାର ଶିକାର ହେଉଥିବା ବେଳେ ଆମେରିକାରେ ଏହି ହାର ୧.୬, ଓସନିଆରେ ଏହି ହାର ୧.୩ ଏବଂ ଏସିଆରେ ୦.୯। ତେବେ ଏ କ୍ଷେତ୍ରରେ ସବୁଠୁ ନିମ୍ନରେ ରହିଛି ୟୁରୋପ। ଏଠାରେ ପ୍ରତି ଲକ୍ଷେ ମହିଳାରେ ହତ୍ୟାର ଶିକାର ହେଉଥିବା ମହିଳା ହେଉଛନ୍ତି ୦.୭। ନ୍ୟାୟ ବ୍ୟବସ୍ଥା ଏବଂ ସାମାଜିକ ସେବା ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ମହିଳା ହତ୍ୟା ହାରକୁ ରୋକାଯାଇପାରିବ। ଶିକ୍ଷା ଓ ସଚେତନତାରେ ପୁରୁଷଙ୍କୁ ସମ୍ପୃକ୍ତ କରାଇବା ଗୁରୁତ୍ୱପୂର୍ଣ୍ଣ ବୋଲି ୟୁଏନ୍ଓଡିସି ପକ୍ଷରୁ ପରାମର୍ଶ ଦିଆଯାଇଛି।




### ଇତିହାସର ଆଇନାରେ

## ନଭେମ୍ବର ୨୭ର ପ୍ରମୁଖ ଘଟଣା

୧୯୦୧ ନଭେମ୍ବର ୨୭ରେ ଆମେରିକାରେ ପ୍ରତିଷ୍ଠା ହୋଇଥିଲା ସାମରିକ ଯୁଦ୍ଧ କଲେଜ। ଦେଶର ପେନ୍‌ସିଲ୍‌ଭାନିଆ ଅନ୍ତର୍ଗତ ଚାର୍ଲିସ୍‌ଲେଠାରେ ୫୦୦ ଏକର ଅଞ୍ଚଳରେ ଏହାର ପ୍ରତିଷ୍ଠା କରାଯାଇଥିଲା।

୧୯୬୮ ନଭେମ୍ବର ୨୭ରେ ପେନି ଆନ୍ ଆର୍ଲି ପ୍ରଥମ ମହିଳା ଭାବେ ପ୍ରଫେଶନାଲ୍ ବାସ୍କେଟ୍‌ବଲ୍ ପ୍ରତିଯୋଗିତାରେ ଖେଳିଥିଲେ। ସେହିବର୍ଷ ସେ ଆମେରିକାର ପ୍ରଥମ ଘୋଡ଼ା ଦୌଡ଼ାଳିର ମାନ୍ୟତା ପାଇଥିଲେ।



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**– ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୧୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୯.୫ | ୧୩.୮ |
| ଚାନ୍ଦବାଲି | ୨୮.୩ | ୧୫.୪ |
| କଟକ | ୨୯.୪ | ୧୪.୦ |
| ପାରାଦ୍ୱୀପ | ୨୯.୯ | ୧୭.୩ |
| ଭୁବନେଶ୍ୱର | ୩୦.୬ | ୧୩.୮ |
| ଗୋପାଳପୁର | ୩୧.୦ | ୧୫.୪ |
| ପୁରୀ | ୩୦.୦ | ୧୮.୦ |
| ଅନୁଗୋଳ | ୨୮.୩ | ୧୦.୬ |
| ବାରିପଦା | ୨୭.୨ | ୧୪.୨ |
| ଝାରସୁଗୁଡ଼ା | ୩୦.୫ | ୧୨.୦ |
| କେନ୍ଦୁଝର | ୨୭.୨ | ୧୧.୮ |
| ସମ୍ବଲପୁର | ୩୦.୬ | ୧୨.୫ |
| ସୁନ୍ଦରଗଡ଼ | ୨୮.୦ | ୧୨.୫ |
| ହୀରାକୁଦ | ୩୦.୩ | ୧୨.୬ |
| ତାଳଚେର | ୩୨.୨ | ୧୨.୪ |
| ଭବାନୀପାଟଣା | ୨୯.୦ | ୧୧.୦ |
| ବଲାଙ୍ଗୀର | ୨୯.୭ | ୧୨.୬ |
| କୋରାପୁଟ | ୨୭.୬ | ୯.୬ |
| ଫୁଲବାଣୀ | ୨୬.୫ | ୯.୦ |
| ଟିଟିଲାଗଡ଼ | --- | ୧୧.୫ |
| ମାଲକାନଗିରି | ୩୨.୦ | --- |
| ସୋନପୁର | ୩୦.୦ | ୧୧.୦ |
| ଦାରିଙ୍ଗିବାଡ଼ି | ୨୫.୦ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଗୌରବ ଅର୍ଜିଲେ ଶିଳ୍ପା



**ପୁଣେ:** ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ନେତୃତ୍ୱରେ ୨୩୫୩ ଜଣ ବ୍ୟକ୍ତି ଏକକାଳୀନ ଦୀର୍ଘ ୬୦ ସେକେଣ୍ଡ ଆବଡୋମିନାଲ୍ ପ୍ଲାଙ୍କ୍ ପୋଜିଶନ୍‌ରେ ରହି ବିଶ୍ୱ ରେକର୍ଡ ସ୍ଥାପନ କରିଛନ୍ତି। ପୁନେସ୍ଥିତ ସଶସ୍ତ୍ର ବାହିନୀ ମେଡିକାଲ କଲେଜ ଗ୍ରାଉଣ୍ଡରେ ବଜାଜ୍ ଆଲିଆଞ୍ଜ୍ ଲାଇଫ ଇନ୍‌ସ୍ୟୁରାନ୍ସ କମ୍ପାନୀ ଦ୍ୱାରା ଏହା ଆୟୋଜିତ ହୋଇଥିଲା। ୨୦୧୭ ମାର୍ଚ୍ଚ ୧୮ରେ ଚାଇନାର ଲୁଆନ୍‌ସ୍ଥିତ ସେଣ୍ଟ୍ରାଲ୍ ପାର୍କରେ ୧୭୭୯ ବ୍ୟକ୍ତି ଏକକାଳୀନ ପ୍ଲାଙ୍କ୍ ମୁଦ୍ରା କରି ବିଶ୍ୱ ରେକର୍ଡ କରିଥିଲେ। ତେବେ ଭାରତ ସେହି ରେକର୍ଡକୁ ଭଙ୍ଗ କରିପାରିଛି। ଏଥିରେ ଉତ୍ସାହିତ ହୋଇ ଶିଳ୍ପା କହିଛନ୍ତି, ଶାରୀରିକ ଉପଯୁକ୍ତତା ପାଇଁ ଯାହା କିଛି କରିବାକୁ ହେବ ସେ କରିବେ। ଏ ସଂକ୍ରାନ୍ତୀୟ ସଚେତନତା ସୃଷ୍ଟି ପାଇଁ ଯେ କୌଣସି ସ୍ଥାନକୁ ଯାଇପାରିବେ। କାରଣ ସ୍ୱାସ୍ଥ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଅନ୍ୟମାନଙ୍କୁ ସେ ସମର୍ଥନ କରିବେ ବୋଲି ପ୍ରକାଶ କରିଛନ୍ତି। ଶିଳ୍ପା ପ୍ରଥମେ ପ୍ଲାଙ୍କ୍ ଭଙ୍ଗୀ ପ୍ରଦର୍ଶନ କରିଥିଲେ। ଏହାପରେ ଅଂଶଗ୍ରହଣକାରୀମାନେ ତାଙ୍କୁ ଠିକ୍ ଭାବେ ଅନୁସରଣ କରିଥିଲେ। ସମସ୍ତେ ୧ ମିନିଟ୍ ପର୍ଯ୍ୟନ୍ତ ଗୋଟିଏ ମୁଦ୍ରାରେ ରହି ବିଶ୍ୱ ରେକର୍ଡ ସୃଷ୍ଟି କରିଥିଲେ। ସ୍ୱାଭାବିକ ଦିନରେ ୨ ମିନିଟ୍ ପର୍ଯ୍ୟନ୍ତ ଏଭଳି ସ୍ଥିତିରେ ରହିପାରିବେ ଶିଳ୍ପା ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଥିଲେ। ଗିନିଜ୍ ୱାର୍ଲଡ ରେକର୍ଡ୍ସର ବିଚାରକ ରିଶି ନାଥ ନିଉ ଗିନିଜ୍ ୱାର୍ଲଡ ରେକର୍ଡସ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ।

ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.







## ୩ ଲକ୍ଷ କୋଟି ପର୍ଯ୍ୟନ୍ତ କେନ୍ଦ୍ରକୁ ଦେଇପାରିବ ଆର୍‌ବିଆଇ

ନୂଆଦିଲ୍ଲୀ,୨୬।୧୧

ରିଜର୍ଭ ବ୍ୟାଙ୍କ ନିଜ ନିକଟରେ ଗଚ୍ଛିତ ରଖିଥିବା ବଳକା ଅର୍ଥ ମଧ୍ୟରୁ କେନ୍ଦ୍ର ସରକାରଙ୍କୁ ୧ ଲକ୍ଷରୁ ୩ ଲକ୍ଷ କୋଟି ଟଙ୍କା ଦେଇପାରିବ ବୋଲି ବିଶ୍ୱର ଅଗ୍ରଣୀ ବ୍ୟାଙ୍କ ଅଫ୍ ଆମେରିକା ମେରିଲ ଲିଞ୍ଚ୍ ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରାଯାଇଛି। ସୋମବାର ଜାରି ଏକ ରିପୋର୍ଟରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କର ଆର୍ଥିକ ପୁଞ୍ଜି ଢାଞ୍ଚାର ରୂପରେଖ ପ୍ରସ୍ତୁତ କରିବା ଲାଗି ଚଳିତ ସପ୍ତାହରେ ଗଠିତ ହେବାକୁ ଥିବା ଇସିଏଫ କମିଟି ତାଙ୍କ ସୁପାରିସ୍‌ରେ ୧ରୁ ୩ ଲକ୍ଷ କୋଟି ଟଙ୍କା ଦେବାକୁ କହିପାରନ୍ତି। ଏହି ରାଶି ମୋଟ ଜିଡିପିର ୦.୫ରୁ ୧.୬% ପର୍ଯ୍ୟନ୍ତ ହୋଇପାରେ। ଏଥିରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କର ଆକସ୍ମିକ୍ ପାଣ୍ଠିକୁ ବାଲାନ୍ସ ସିଟ୍‌ର ୩.୫% ପର୍ଯ୍ୟନ୍ତ ସୀମିତ ରଖାଗଲେ, ଏଥିରେ ବଳକା ହେଉଥିବା ୧,୦୫,୦୦୦କୋଟି ଟଙ୍କା ସରକାରଙ୍କୁ ହସ୍ତାନ୍ତର କରାଯାଇପାରିବ। ଏହା ବ୍ରିକ୍ସ ଅର୍ଥନୀତିର ହାରାହାରି ସ୍ତରଠାରୁ ୭୫ ପ୍ରତିଶତ ଅଧିକ ହେବ।

# ନବୀନଙ୍କ ଜୀବନୀକୁ ନେଇ ଭିଡିଓ ସଙ୍ଗ୍

କଟକ ଅଫିସ,୨୬।୧୧



'ଉତ୍କଳର ସ୍ୱାର୍ଥ ପାଇଁ ଲଢ଼େ ଯେ ହରଦିନ ସେ ନବୀନ...'ଏଭଳି କିଛି ଧାଡିକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ପ୍ରସ୍ତୁତ ହୋଇଛି ଭିଡିଓ ସଙ୍ଗ୍। ସୋମବାର ଏହି ଗୀତର ରେକର୍ଡିଂ କଟକ ମିଳନ ଷ୍ଟୁଡିଓରେ ଚାଲୁଥିବାବେଳେ ସୂଚନା ଦେଇଛନ୍ତି ମ୍ୟୁଜିକ୍ ଡାଇରେକ୍ଟର ଜାପାନୀ। ଓଡିଶା ପ୍ରତି ନବୀନଙ୍କ ଅବଦାନ ଏବଂ ନିଃସ୍ୱାର୍ଥପର ଜୀବନଶୈଳୀର କିଛି ଝଲକ ଏହି ଭିଡିଓ ସଙ୍ଗ୍‌ରେ ଲୋକେ ଦେଖିବାକୁ ପାଇବେ। ଅରମାନ ମ୍ୟୁଜିକ ପକ୍ଷରୁ ପ୍ରସ୍ତୁତ ଏହି ୫ମିନିଟର ଭିଡିଓ ସଙ୍ଗ୍ ଆସନ୍ତା ସୋମବାର (ଡିସେମ୍ବର ୨ରେ) ଅରମାନ ମ୍ୟୁଜିକ୍ ୟୁଟ୍ୟୁବ୍ ଚ୍ୟାନେଲରେ ମୁକ୍ତିଲାଭ କରିବ। ମ୍ୟୁଜିକ ଡାଇରେକ୍ଟର ଜାପାନୀ ଗୀତରେ ନିର୍ଦ୍ଦେଶନା ଦେଇଥିବାବେଳେ କଣ୍ଠଦାନ କରିଛନ୍ତି ଲୋକପ୍ରିୟ ଗାୟକ ହ୍ୟୁମାନ ସାଗର। ଗୀତକୁ ଲେଖିଛନ୍ତି ସୁନୀଲ ମହାନ୍ତି। ଏହାକୁ ପ୍ରସ୍ତୁତ କରିବାରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ନାହିଁ, ବରଂ ମୁଖ୍ୟମନ୍ତ୍ରୀଙ୍କ ସରଳ ଜୀବନ ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟକୁ ଏହି ଭିଡିଓ ସଙ୍ଗ୍ ମାଧ୍ୟମରେ ଦେଖାଇବାକୁ ଚେଷ୍ଟା କରାଯାଇଛି ବୋଲି ଜାପାନୀ କହିଛନ୍ତି। ହ୍ୟୁମାନ ସାଗର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କୁ ନେଇ ପ୍ରସ୍ତୁତ ଗୀତରେ କଣ୍ଠଦାନ କରିଥିବାରୁ ଖୁସି ଅନୁଭବ କରୁଛି।

## ■ ଆଜି ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ମହାକୁମ୍ଭ

# ଭୁବନେଶ୍ୱରରେ ପହଞ୍ଚିଲେ ମାଧୁରୀ

ଭୁବନେଶ୍ୱର,୨୬।୧୧(ବ୍ୟୁରୋ)

ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ମହାକୁମ୍ଭରେ ନିଜର ଜଲୱା ଦେଖାଇବାକୁ ସୋମବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି ବଲିଉଡ୍‌ର ଏଭରଗ୍ରୀନ୍ କୁଇନ୍ ମାଧୁରୀ ଦୀକ୍ଷିତ। ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ 'ଦି ଆର୍ଥ ସଙ୍ଗ୍'ରେ ମାଧୁରୀ ନୃତ୍ୟ ପରିବେଷଣ କରିବେ। ଏଥିପାଇଁ ଗୋଟିଏ ଦିନ ପୂର୍ବରୁ ସେ ବିମାନ ଯୋଗେ ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି। ହକି ବିଶ୍ୱକପ୍ ଉଦ୍‌ଘାଟନୀ ସମାରୋହର ଥିମ୍ 'ଏକତ୍ରିତ ବିଶ୍ୱ' ରହିଥିବା ବେଳେ 'ଦି ଆର୍ଥ ସଙ୍ଗ୍' ମାଧ୍ୟମରେ ଥିମ୍‌କୁ ପ୍ରଦର୍ଶନ କରାଯିବ। ଏହାର ମୁଖ୍ୟ ଚରିତ୍ର 'ମଦର ଆର୍ଥ' ଭୂମିକାରେ ମାଧୁରୀ ନଜର ଆସିବେ, ଯେଉଁଥିରେ ସେ ୧୧୦୦ ନୃତ୍ୟଶିଳ୍ପୀଙ୍କ ସହ ଷ୍ଟେଜ୍ ଶେୟାର କରିବେ।

ନୂପୁର ମହାଜନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଦି ଆର୍ଥ ସଙ୍ଗ୍' ପାଖାପାଖି ୪୦ ମିନିଟ୍ ଧରି ଚାଲିବାକୁ ଥିବାବେଳେ ଏଥିରେ ୫ଟି ଭିନ୍ନ ଭିନ୍ନ ଆକ୍ଟ ରହିବ। ରଣଜିତ୍ ବାରୋଟଙ୍କ ସଙ୍ଗୀତ ସଂଯୋଜନା ଏବଂ କୋରିଓଗ୍ରାଫର ଶୈମକ୍ ଡାଭର୍‌ଙ୍କ ନୃତ୍ୟ ନିର୍ଦ୍ଦେଶନାରେ ଏହା ପରିବେଷଣ ହେବ। ୪୦ ମିନିଟ୍ ଧରି ମାଧୁରୀଙ୍କ ଜଲୱା ଦେଖିବାକୁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ରହିଥିବା ବେଳେ ସୋମବାର କଡ଼ା ସୁରକ୍ଷା ବଳୟରେ ଭୁବନେଶ୍ୱରରେ ତାଙ୍କୁ ସ୍ୱାଗତ କରାଯାଇଛି। ସେହିଭଳି ଉଦ୍‌ଘାଟନୀ ସମାରୋହରେ ଯୋଗଦେବାକୁ ମଙ୍ଗଳବାର ଶାହାରୁଖ୍ ଖାନ୍ ଭୁବନେଶ୍ୱରରେ ଆସି




### ସଲମାନ୍ ଖାନ୍‌ଙ୍କ ପାଇଁ ବଢ଼ିଲା ବାରବାଟୀ ଡିମାଣ୍ଡ

ପହଞ୍ଚିବେ। କେବଳ ସେତିକି ନୁହେଁ, ୨୮ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ହକି ବିଶ୍ୱକପ୍‌ର ଆଉ ଏକ ଉଦ୍‌ଘାଟନୀ ସମାରୋହରେ ଯୋଗଦେବେ ବଲିଉଡ୍‌ର ଭାଇଜାନ୍ ସଲମାନ୍ ଖାନ୍। ଏ ନେଇ ସୋମବାର କ୍ରୀଡ଼ା ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିବା ବେଳେ ବିଭାଗୀୟ ସଚିବ ବିଶାଲ ଦେବ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସଲମାନ୍‌ଙ୍କ ଫ୍ୟାନ୍‌କ୍ରେଜ୍ ଓଡ଼ିଶାରେ କାହିଁରେ କେତେ ଥିବାବେଳେ ସୋମବାର ବାରବାଟୀ ଟିକେଟ୍‌ର ଡିମାଣ୍ଡ ହଠାତ୍ ବଢ଼ିଯାଇଛି। ସଲମାନ୍‌ଙ୍କ ଉପସ୍ଥିତି ଏବଂ ଏ.ଆର୍. ରେହମାନ୍‌ଙ୍କ ଲାଇଭ୍ କନସର୍ଟ କଟକ ଉଦ୍‌ଘାଟନୀ ସମାରୋହକୁ ଭୁବନେଶ୍ୱରଠାରୁ ମଧ୍ୟ ଅଧିକ ମହାଆଡ଼ମ୍ବର କରିଛି। ଉଭୟ ଉତ୍ସବରେ ଅନେକ ନାମୀଦାମୀ କଳାକାର ଯୋଗଦେଉଥିବା ବେଳେ ଏଥିପାଇଁ ଟୁଇନ୍‌ସିଟିକୁ ନବବଧୂ ଭଳି ସଜାଯାଇଛି।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

**ହକି ଓଡ଼ିଶାରେ ବିଶ୍ୱ**

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଯାଜପୁର:** ଅଜୟ କୁମାର ଯାଦବ (୭୬୦୮୯୯୮୬୦୧) **ଜଗତ୍‌ସିଂହପୁର:** ଦେବରାଜ ସାମଲ (୯୯୩୮୧୩୭୭୪୬) **କେନ୍ଦ୍ରାପଡ଼ା/କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫) **ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧)

ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨


# ଶ୍ରୀମନ୍ଦିରରେ ଆରମ୍ଭ ହେବ ଟିକେଟ ଦର୍ଶନ ବ୍ୟବସ୍ଥା

ପୁରୀ ଅଫିସ, ୨୬।୧୧

- ■ ଅନ୍‌ଲାଇନରେ ବିକ୍ରି ହେବ ୬୦ ପ୍ରତିଶତ ଟିକେଟ
- ■ ଭିତରକାଠ ନିକଟରେ ହେବ ଟିକେଟ ଦର୍ଶନ
- ■ ପରିମାଣିକ ଢାଞ୍ଚାରେ ଦିନକୁ ୪ ଥର

ଶ୍ରୀମନ୍ଦିରରେ ଆରମ୍ଭ ହେବାକୁ ଯାଉଛି ଟିକେଟ ଦର୍ଶନ ବ୍ୟବସ୍ଥା। ଏହାଦ୍ୱାରା ଇଚ୍ଛୁକ ଦର୍ଶନାର୍ଥୀମାନେ ଟିକେଟ କାଟି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏହି ଟିକେଟ ଦୈନିକ କେତେ ସଂଖ୍ୟାରେ ବିକ୍ରି ହେବ ଏବଂ ଏହାର ଦାମ୍ କେତେ ରହିବ ତାହା ଚୂଡ଼ାନ୍ତ ହୋଇନାହିଁ। ଖୁବ୍‌ଶୀଘ୍ର ଏହାର ରୂପରେଖ ସ୍ପଷ୍ଟ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ଦର୍ଶନାର୍ଥୀଙ୍କ ପାଇଁ ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବା ଲାଗି ସୋମବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଛି। ପୂର୍ବରୁ ପରିମାଣିକ ଟିକେଟ ଦର୍ଶନ ବ୍ୟବସ୍ଥା ଥିଲା, ଭକ୍ତମାନେ ଟିକେଟ କାଟି ମହାପ୍ରଭୁଙ୍କୁ ଭିତରକାଠ ଏବଂ ଗର୍ଭଗୃହରେ ଦର୍ଶନ କରୁଥିଲେ। ଏବେ ତାହା ବନ୍ଦ ହୋଇଯାଇଥିବାରୁ ବହୁ ଶ୍ରଦ୍ଧାଳୁ ଏଥିପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଖୁବ୍‌ଶୀଘ୍ର ଟିକେଟ ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ। ଏଥିପାଇଁ ଏକ କମିଟି ଗଠନ କରାଯାଇଛି। ଟିକେଟ ଦାମ୍ କେତେ ରହିବ, କେତେ ଦର୍ଶନାର୍ଥୀ ଆସିବେ, କେଉଁ ସମୟ ଉପଯୁକ୍ତ ହେବ ତାହା କମିଟି ହିଁ ନିଷ୍ପତ୍ତି କରିବ। ଯେତେ ଟିକେଟ ପାଇଁ ନିଷ୍ପତ୍ତି ନିଆଯିବ ତାହାର ୬୦ ପ୍ରତିଶତ ଅନ୍‌ଲାଇନରେ ବିକ୍ରି ହେବ। ସେହିପରି ୩୦ରୁ ୩୫ ପ୍ରତିଶତ ଟିକେଟ କାଉଣ୍ଟରରେ (ଶ୍ରୀମନ୍ଦିର ସୂଚନା କେନ୍ଦ୍ର କିମ୍ବା ଶ୍ରୀମନ୍ଦିର କାର୍ଯ୍ୟାଳୟ) ଏବଂ ୫ ପ୍ରତିଶତ ଟିକେଟ ମୁଖ୍ୟ ପ୍ରଶାସକଙ୍କ ହାତରେ ରହିବ। ଦୈନିକ ୪ବେଳା ଅର୍ଥାତ୍ ଅବକାଶ ପୂଜା, ବଲ୍ଲଭ, ମଧ୍ୟାହ୍ନ ଧୂପ ଏବଂ ଚନ୍ଦନଲାଗି ସମୟରେ ଏହି ଦର୍ଶନ ବ୍ୟବସ୍ଥା କରାଯିବାକୁ ପ୍ରାଥମିକ ଭାବେ ଆଲୋଚନା କରାଯାଇଛି। ବିଶେଷକରି ମନ୍ଦିରରେ ଭିଡ଼ ନ ଥିବା ସମୟରେ ଭିତରକାଠ ନିକଟରେ ଏହି ଦର୍ଶନ ବ୍ୟବସ୍ଥା ହେବ। ଶୀଘ୍ର ଏହି ଦର୍ଶନ ବ୍ୟବସ୍ଥା ଆରମ୍ଭ କରିବାକୁ ପରିଚାଳନା କମିଟି ମୁଖ୍ୟ ପ୍ରଶାସକଙ୍କୁ ଦାୟିତ୍ୱ ଦେଇଛି। ଏଥିପାଇଁ ଗଠିତ କମିଟିରେ ମୁଖ୍ୟ ପ୍ରଶାସକ, ଜିଲାପାଳ, ଆଇଜି, ଏସ୍‌ପି ଏବଂ ପରିଚାଳନା କମିଟିର ୩ ସଦସ୍ୟ ରହିଛନ୍ତି। ଆସନ୍ତା ଡିସେମ୍ବର ୪ରେ କମିଟିର ବୈଠକ ବସି ଟିକେଟ ଦର୍ଶନ ବ୍ୟବସ୍ଥାର ରୂପରେଖ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

ଜଗମୋହନ ମରାମତି ପୂର୍ବରୁ ପରିମାଣିକ ଟିକେଟ ଦର୍ଶନ ବ୍ୟବସ୍ଥା ଥିଲା। ଇଚ୍ଛୁକ ଶ୍ରଦ୍ଧାଳୁ ୫୦ ଟଙ୍କା ଟିକେଟ କାଟି ଦର୍ଶନ କରୁଥିଲେ। କିନ୍ତୁ ଜଷ୍ଟିସ ବି.ପି. ଦାସ ତଦନ୍ତ କମିଶନ ଗର୍ଭଗୃହ ଦର୍ଶନ ବନ୍ଦ କରିବାକୁ ସୁପାରିସ କରିଥିଲେ। ପରିମାଣିକ ଟିକେଟ ଦର୍ଶନ ଅର୍ଥରୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତ ଭାଗ ଯାଉଥିଲେ। ଏହି ଦର୍ଶନ ବନ୍ଦ ପରେ ସେବାୟତଙ୍କୁ କ୍ଷତିପୂରଣ ଦିଆଯାଉଥିଲା। ଗତ ଅଗଷ୍ଟ ମାସରୁ ଏହି କ୍ଷତିପୂରଣ ବନ୍ଦ କରି ଦିଆଯାଇଛି।

## ଗୋଲ୍ଡ ମନିଟାଇଜେଶନ ସ୍କିମ୍‌ରେ ରହିବ ମହାପ୍ରଭୁଙ୍କ ଦାନ ସୁନା

ପୁରୀ ଅଫିସ,୨୬।୧୧

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦାନ ଆକାରରେ ମିଳୁଥିବା ସୁନା ଏଣିକି ଗୋଲ୍ଡ ମନିଟାଇଜେଶନ ସ୍କିମ୍ (ଜିଏମ୍‌ଏସ୍)ରେ ରହିବ। ଏଥିରୁ ୨.୫ ପ୍ରତିଶତ ସୁଧ ମିଳିବ। ଫଳରେ ଶ୍ରୀମନ୍ଦିରର ଆୟ ବଢ଼ିବ ବୋଲି ସୋମବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ପାଇଁ ଭକ୍ତମାନେ ଯେଉଁ ସୁନା ଦାନ ଦେଉଛନ୍ତି ତାହାକୁ ଜିଏମ୍‌ଏସ୍‌ରେ ରଖିବା ଲାଗି ଗତ ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଭାରତ ସରକାରଙ୍କ ମିନିଷ୍ଟ୍ରି ଅଫ୍ ଇକୋନୋମିକ୍ ଆଫେୟାର୍ସରୁ ଚିଠି ପାଇଛୁ। ଏହାକୁ ଅନୁମୋଦନ ମିଳିଛି। ତେଣୁ ଅଳ୍ପ କିଛି ସୁନା ଲକରରେ ରଖି

### ମିଳିବ ସୁଧ, ବଢ଼ିବ ଶ୍ରୀମନ୍ଦିର ଆୟ

ଅଧିକାଂଶ ଜିଏମ୍‌ଏସ୍‌ରେ ରଖାଯିବ। ଫଳରେ ମନ୍ଦିରକୁ ସୁଧ ମିଳିବ। ଏଥିସହ ଆବଶ୍ୟକ ସମୟରେ ସୁନା ମଧ୍ୟ ଅଣାଯାଇପାରିବ।

ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଶ୍ରୀମନ୍ଦିର ହୁଣ୍ଡିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। କେହି କେହି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସୁନା ମଧ୍ୟ ଦାନ ଦେଇଥାନ୍ତି। ହୁଣ୍ଡିରେ ପଡୁଥିବା ଟଙ୍କା ଓ ସୁନା ଅଳଙ୍କାର ପ୍ରତିଦିନ ସନ୍ଧ୍ୟାରେ ଗଣତି କରାଯାଇଥାଏ। ଶ୍ରୀମନ୍ଦିର ବେଢ଼ା ପରିସର ଶାଖା କାର୍ଯ୍ୟାଳୟରେ ଏହି ଗଣତି ହୁଏ। ଏପରିକି ଏହି ଗଣତିକୁ ଭକ୍ତମାନେ ସିଧାସଳଖ ଶାଖା କାର୍ଯ୍ୟାଳୟ ବାହାରେ ଲାଗିଥିବା ଏଲ୍‌ଇଡି ସ୍କ୍ରିନ୍‌ରେ ଦେଖିଥାନ୍ତି।







**ସଂକ୍ଷେପରେ**

## ସମୁଦ୍ରରେ ଭାସିଗଲେ ୭୬ ମଇଁଷି

**ମହାକାଳପଡା,୨୬।୧୧(ଡି.ଏନ୍.ଏ.):** ମହାକାଳପଡା ବ୍ଲକ ତିଥି ଗ୍ରାମର ବିଷ୍ଣୁ ଚରଣ ଖୁଣ୍ଟିଆଙ୍କ ୬୦ ଓ ସର୍ବେଶ୍ୱର ଦାସଙ୍କ ୬ ମଇଁଷି ସମୁଦ୍ରରେ ଭାସିଯାଇଥିବା ନେଇ ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏନେଇ ବିଷ୍ଣୁଙ୍କ ସ୍ତ୍ରୀ ଖୁଲଣା ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ମଇଁଷିଗୁଡିକୁ ଚରିବା ନିମନ୍ତେ ଗହୀରମଥା ଅଧୀନ ହୁକିଟୋଲା, ବିଷିଗାଁଡିଆ, ମାର୍ଦ୍ଧଳୀ ଓ ଲକ୍ଷଘୋଲା ଆଦି ସମୁଦ୍ର ବେଳାଭୂମିରେ ଛଡାଯାଇଥିବା ବେଳେ ସେମାନେ ଜୁଆରସ୍ରୋତରେ ଭାସିଯାଇଛନ୍ତି ବୋଲି ଖୁଲଣ କହିଛନ୍ତି। ପାରାଦୀପସ୍ଥିତ ସମୁଦ୍ରକୂଳଠାରୁ ପ୍ରାୟ ୧୨୦ କିଲୋମିଟର ଦୂରତାରେ ଏହି ମଇଁଷିଗୁଡିକର ମୃତଦେହ ଭାସୁଥିବା ନେଇ କେତେଜଣ ମତ୍ସ୍ୟଜୀବୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ବର୍ଷାଦିନେ ଗହୀରମଥାସ୍ଥିତ ସଂରକ୍ଷିତ ଜଙ୍ଗଲର ସମୁଦ୍ର ବେଳାଭୂମିରେ ଗୋରୁମାନଙ୍କ ପାଇଁ ପ୍ରଚୁର ଖାଦ୍ୟ ମିଳୁଥିବାରୁ କେତେ ଜଣ ଚାଷୀ ବର୍ଷା ଆରମ୍ଭରୁ ପ୍ରାୟ ୪ ମାସ ପର୍ଯ୍ୟନ୍ତ ଗୋରୁ ମଇଁଷିଗୁଡିକୁ ସେଠାରେ ଛାଡିଦେଇଥାନ୍ତି। ବିଷ୍ଣୁ ଓ ସର୍ବେଶ୍ୱର ଏଥିଲାଗି ସେମାନଙ୍କ ମଇଁଷିଗୁଡିକୁ ବେଳାଭୂମିରେ ଛାଡିଥିବାବେଳେ ମଇଁଷିପଲ ଭାସିଯାଇଥିବା ସୂଚନା ମିଳିଛି।

## ୨୮ରେ ଐତିହ୍ୟ ସଂରକ୍ଷଣ, ରକ୍ଷଣାବେକ୍ଷଣ ସମ୍ପର୍କିତ ବୈଠକ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ):** ଚଳିତ ମାସ ୨୮ରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଡକ୍ଟର ମହେଶ ଶର୍ମାଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ଐତିହ୍ୟର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଏକ ବୈଠକ ନୂଆଦିଲ୍ଲୀରେ ବସିବାକୁ ଯାଉଛି। ଏଥିରେ ଓଡ଼ିଶାରୁ ସଂସ୍କୃତି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରତିନିଧିତ୍ୱ କରିବା ନେଇ ସୋମବାର ସୂଚନା ମିଳିଛି। କୋଣାର୍କ ମନ୍ଦିରରୁ ପଥର ଗାଏବ ହେବା, ତାହାର ରକ୍ଷଣାବେକ୍ଷଣ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଓଡ଼ିଶା ବିଧାନସଭାରେ ମଧ ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠି ଲେଖି କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟ ପକ୍ଷରୁ ବୁଧବାର ଏହି ବୈଠକରେ କୋଣାର୍କ ପ୍ରସଙ୍ଗ ଉପସ୍ଥାପନ କରାଯିବ। ସଂସ୍କୃତି ମନ୍ତ୍ରୀ ପଣ୍ଡାଙ୍କ ସହ କୋଣାର୍କ(କାକଟପୁର) ଏବଂ ପୁରୀ ଜିଲାର ଅନ୍ୟ ଜଣେ ବିଧାୟକ ଯୋଗ ଦେବେ ବୋଲି ସୂତ୍ରରୁ ପ୍ରକାଶ। ବରୁଣେଇ ପାହାଡ଼ରେ ପାଇକ ସ୍ମାରକୀ ଓ ହରିଶଙ୍କର-ନୃସିଂହନାଥ-ରାଣୀପୁର ସର୍କିଟ ବିକାଶ ପାଇଁ ଏକ ଡିପିଆର ପ୍ରସ୍ତୁତ କରାଯାଇ କେନ୍ଦ୍ରକୁ ପଠାଯାଇଥିଲା। ହେଲେ କେନ୍ଦ୍ର ଏଯାବତ୍ ତାହାକୁ ଅନୁମୋଦନ କରି ନ ଥିବା ମନ୍ତ୍ରୀ ପଣ୍ଡା ଉଲ୍ଲେଖ କରିଛନ୍ତି। ନିକଟରେ ରାଜ୍ୟରେ ୩ ଐତିହ୍ୟର ସଂରକ୍ଷଣ ଓ ରକ୍ଷଣାବେକ୍ଷଣ ନେଇ ଏଏସ୍‌ଆଇ ନିଷ୍ପତ୍ତି ନେଇଛି। ସେ ସମ୍ପର୍କରେ ମଧ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି।

■ ଲୋୟର ପିଏମ୍‌ଜିରେ ଗର୍ଜିଲା ବିସ୍ଥାପିତ ସଚେତନ ସମିତି

# 'ବିସ୍ଥାପିତ ଲୋକଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ମିଳୁ'

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ଓଡ଼ିଶା କୋଇଲାକୁ ରାଜ୍ୟର ଶିଳ୍ପ ପାଇଁ ବିନିଯୋଗ କରାଯାଉ। ସି.ଏସ୍.ଆର୍. ଅର୍ଥ ୨ପ୍ରତିଶତରୁ ୨୦ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହେବା ଆବଶ୍ୟକ। ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପାଇଁ ବିସ୍ଥାପିତ କରାଯାଇଥିବା ଲୋକମାନଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉ ବୋଲି ବିସ୍ଥାପିତ ସଚେତନ ସମିତି ପକ୍ଷରୁ ଦାବି କରାଯାଇଛି। ସମିତିର ଆବାହକ ତଥା ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସଙ୍କ ନେତୃତ୍ୱରେ ସୋମବାର ଲୋୟର ପିଏମ୍‌ଜିଠାରେ ଏହି ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନବ ଦାସ କହିଛନ୍ତି ଯେ, ଝାରସୁଗୁଡ଼ା ସମେତ ସୁନ୍ଦରଗଡ଼, ସମ୍ବଲପୁର ଓ ଅନୁଗୁଳ ଅଞ୍ଚଳର ପ୍ରତିଷ୍ଠିତ କାରଖାନାଗୁଡ଼ିକ ନିୟମିତଭାବେ ଆବଶ୍ୟକୀୟ କୋଇଲା ପାଉ ନାହାନ୍ତି। ଏଥିପାଇଁ କେତେଗୁଡିଏ ଶିଳ୍ପାନୁଷ୍ଠାନ ବନ୍ଦ ଅବସ୍ଥାକୁ ଆସିଗଲାଣି। ଏ ପ୍ରକାର ମାନ୍ଦା ବାତାବରଣ ଯୋଗୁ ଛଟେଇ ଶ୍ରମିକମାନଙ୍କ ସଂଖ୍ୟା ମଧ ବଢିବାରେ ଲାଗିଛି। ଶିଳ୍ପାନୁଷ୍ଠାନଗୁଡ଼ିକ ନିଜସ୍ୱ କାପଟିଭ୍ ପ୍ଲାଣ୍ଟ ପାଇଁ କୋଇଲା ଆବଶ୍ୟକ କରନ୍ତି ଓ ପ୍ଲାଣ୍ଟରୁ ଉତ୍ପାଦିତ ବିଦ୍ୟୁତ୍‌କୁ ଉତ୍ପାଦନ ପାଇଁ କାରଖାନାରେ ଲଗାନ୍ତି। କୋଇଲା ଅଭାବ ଯୋଗୁ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଏହାର ଖରାପ ପ୍ରଭାବ ସିଧାସଳଖ ଉତ୍ପାଦନ ଏବଂ ଶ୍ରମିକ ନିଯୁକ୍ତି ଉପରେ ପଡୁଛି ବୋଲି ସେ କହିଛନ୍ତି।



ଲୋୟର ପିଏମ୍‌ଜିଠାରେ ଏକାଠି ହୋଇଥିବା ବିସ୍ଥାପିତ ସଚେତନ ସମିତିର ସଦସ୍ୟ।

ସେ ଆହୁରି କହିଛନ୍ତି ଯେ, ଓଡ଼ିଶାରେ ମହାନଦୀ କୋଲ ଫିଲ୍ଡ ଦ୍ୱାରା ଉତ୍ପାଦିତ ହେଉଥିବା କୋଇଲାର ୪୬ପ୍ରତିଶତ ରାଜ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକରେ ବ୍ୟବହୃତ ହେଉଛି। କିନ୍ତୁ ରାଜ୍ୟର ଆଭ୍ୟନ୍ତରୀଣ ଚାହିଦା ହେଉଛି ବାର୍ଷିକ ୧୪୦ଲକ୍ଷ ମିଲିୟନ ଟନ୍। ଆଭ୍ୟନ୍ତରୀଣ ଆବଶ୍ୟକତା ମେଣ୍ଟି ପାରୁ ନ ଥିବାରୁ ଓଡ଼ିଶାରୁ ୫୪ପ୍ରତିଶତ କୋଇଲା ଓଡ଼ିଶା ବାହାରକୁ ରପ୍ତାନି ହେଉଛି। ଆଗାମୀ ଦିନରେ ଏ ପ୍ରକାର ବୈମାତୃକଭାବ ବିରୋଧରେ ଅହିଂସା ଏବଂ ଗଣତାନ୍ତ୍ରିକ ଉପାୟରେ ପ୍ରତିବାଦ କରାଯିବ। ରାଜ୍ୟରେ ଦେଶର ସର୍ବାଧିକ କୋଇଲା ଉତ୍ପାଦନ ହେଉଛି। ମାତ୍ର ବିଡ଼ମ୍ବନାର ବିଷୟ ଉତ୍ପାଦିତ କୋଇଲାର ୫୪ପ୍ରତିଶତ ରାଜ୍ୟ ବାହାରକୁ ରପ୍ତାନି ହେଉଛି। ଖଣି ପ୍ରଭାବିତ ଅଞ୍ଚଳରେ ଆର୍ଥିକ ସ୍ଥିତି ଅଧୋଗାମୀ ଘଟୁଛି ବୋଲି ନବ କହିଛନ୍ତି। ଏହି ଅବସରରେ ବିଧାୟକ ଯୋଗେଶ ସିଂ କହିଛନ୍ତି, ୨ମାସ ମଧ୍ୟରେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଦାବିଗୁଡିକ ପୂରଣ ନ କଲେ ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ବିସ୍ଥାପିତ ସଚେତନ ସମିତି ପକ୍ଷରୁ ଏମ୍.ସି.ଏଲ୍ ଏବଂ ସମସ୍ତ ଖଣି କାର୍ଯ୍ୟାଳୟ ସମ୍ମୁଖରେ ରିଲେ ଅନଶନ କରାଯିବ। ବିଧାୟକ ପ୍ରଫୁଲ୍ଲ ମାଝୀ ବିସ୍ଥାପିତ ଅଞ୍ଚଳର ଲୋକମାନଙ୍କୁ ଏପର୍ଯ୍ୟନ୍ତ ନିୟମ ଅନୁଯାୟୀ ନିଯୁକ୍ତି ଦିଆଯାଇ ନ ଥିବା ଯୋଗୁ ବହୁ ପରିବାର ଦୁଃଖ କଷ୍ଟରେ ଜୀବନ ବିତାଉ ଥିବା କହିଛନ୍ତି। ମହାନଦୀ କୋଲ ଫିଲ୍ଡ ପରିବ୍ୟାପ୍ତ ଅଞ୍ଚଳର ବିସ୍ଥାପିତ ୫ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

■ ରାଜ୍ୟ ଭାଜପା ରାଜନୀତି

# ଯିବା ଆସିବାର ବେଳ

**ଭୁବନେଶ୍ୱର,୨୬।୧୧(ବ୍ୟୁରୋ)**

■ ଦୁହେଁ ବସି ନିଷ୍ପତ୍ତି ନେବୁ: ବିଜୟ

■ କିଛି ଫରକ ପଡ଼ିବ ନାହିଁ: ଗୋଲକ

ଆଗକୁ ସାଧାରଣ ନିର୍ବାଚନ। ଶାସନ କ୍ଷମତା ହାସଲ କରିବାକୁ ସମସ୍ତେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ରାଜ୍ୟ ଭାଜପା ମଧ ଆଗାମୀ ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତ କରୁଛି। ରାଜ୍ୟର ଜନସାଧାରଣଙ୍କ ବିଶ୍ୱାସଭାଜନ ହେବା ଭଳି ଚେହେରାଙ୍କୁ ଦଳରେ ଆଣିବା ପାଇଁ ପ୍ରୟାସ ଜାରି ରଖିଛି। ସେହି କ୍ରମରେ ମଙ୍ଗଳବାର ପୂର୍ବତନ ପ୍ରଶାସିକା ଅପରାଜିତା ଷଡ଼ଙ୍ଗୀ ଓ କେତେଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲ୍ଲୀରେ ଭାଜପାରେ ସାମିଲ ହେଉଥିବା ଜଣାପଡିଛି। ଜାତୀୟ ନେତାଙ୍କ ଉପସ୍ଥିତିରେ ଭାଜପାରେ ମିଶିବା ପରେ ବୁଧବାର ଅପରାଜିତା ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ଅପରପକ୍ଷରେ ଜଣେ ପୁରୁଣା ବିଧାୟକ ଭାଜପା ଛାଡିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

ବ୍ରାହ୍ମଣୀ ସେତୁ ଏବଂ ଆଇଜିଏଚ୍ ସୁପରସ୍ପେଶିଆଲିଟି ହସ୍ପିଟାଲ କାମ ଆଗଉ ନ ଥିବାରୁ ରାଉରକେଲା ବିଧାୟକ ଦିଲୀପ ରାୟ ରବିବାର ଚରମ ନିଷ୍ପତ୍ତି ନେବା ନେଇ ସୂଚନା ଦେଇଛନ୍ତି, ଯାହା ଅପରାଜିତାଙ୍କ ମିଶ୍ରଣ ଖବରକୁ ପାଣିଚିଆ କରିବ ବୋଲି କେତେକେ ମତ ରଖିଛନ୍ତି। ଦିଲୀପଙ୍କ ରାଜନୈତିକ ଭବିଷ୍ୟତ ନେଇ ସୋମବାର ବିଜୟ ମହାପାତ୍ର ଦେଇଥିବା ମନ୍ତବ୍ୟ ରାଜନୀତିକୁ ଆହୁରି ସରଗରମ କରିଛି। ବିଜୟ କହିଛନ୍ତି ଯେ, ଦିଲୀପ ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ତାହା ସମସ୍ତଙ୍କୁ ଜଣା। ଏ କଥା ରାଜ୍ୟ ଓ କେନ୍ଦ୍ର ସରକାର ଜାଣନ୍ତି। ବିଶେଷ ଭାବେ କେନ୍ଦ୍ର ସରକାର ଓ ଭାଜପା ଏ ବିଷୟରେ ଭଲ ଭାବରେ ଅବଗତ। ଏବେ ସମୟ ଗଡିଗଲାଣି। ଜଣେ ବିଧାୟକ ନିନ୍ଦିତ ହେବା ପରେ ନିଷ୍ପତ୍ତି ନେବାକୁ ବାଧ୍ୟ ହୁଏ। ରାଜନୈତିକ ନିଷ୍ପତ୍ତି ନେବାର ଅଧିକାର ପ୍ରତ୍ୟେକ ବ୍ୟକ୍ତିର ରହିଛି। ଦିଲୀପ ରାୟଙ୍କ ଦ୍ୱାରା ଉଠାଯାଇଥିବା ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ। ପରବର୍ତ୍ତୀ ରଣନୀତି ନେଇ ଦୁହେଁ ବସି ନିଷ୍ପତ୍ତି କରିବେ ବୋଲି ବିଜୟ କହିଛନ୍ତି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ବ୍ରାହ୍ମଣୀ ସେତୁ ଏବଂ ଆଇଜିଏଚ୍ ସୁପରସ୍ପେଶିଆଲିଟି ହସ୍ପିଟାଲ କାମ ଆରମ୍ଭ ହୋଇସାରିଛି। ସେହିପରି ସେତୁ କାର୍ଯ୍ୟ ୟୁପିଏ ସରକାରର ୧୦ ବର୍ଷ ସମୟରେ ହେଲାନାହିଁ। ଏବେ ସମାଲୋଚନା କରୁଥିବା ବନ୍ଧୁମାନେ ସେ ସମୟରେ କେଉଁଠାରେ ଥିଲେ। ଦଳ କାହାକୁ ଅଲୋଡ଼ା କରିନି। ସମସ୍ତେ ନିଜ ନିଜ କାର୍ଯ୍ୟ ଦ୍ୱାରା ପ୍ରତିଷ୍ଠିତ। ତେଣୁ କିଏ ଦଳ ଛାଡ଼ିବା ଦ୍ୱାରା ଦଳ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଗୋଲକ କହିଛନ୍ତି।


ଓୟୁଏଟି କୁଳପତି ଓ କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ହୋଇଥବା ବୁଝାମଣାପତ୍ର ସ୍ୱାକ୍ଷର।

# ଓୟୁଏଟି, କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ସମନ୍ୱୟକୁ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ ପୋର୍ଟବ୍ଲେୟାରସ୍ଥିତ କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସୋମବାର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ କୁଳପତି ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଓ କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଆନନ୍ଦମୟ କୁଣ୍ଡୁ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲେ। ଏହି ଅବସରରେ ପ୍ରଫେସର ପଶୁପାଳକ କହିଲେ, ଏହାଦ୍ୱାରା ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ହେବା ସହ ପ୍ରାଣୀପାଳନ, ମତ୍ସ୍ୟ ବିଜ୍ଞାନ, ଉଦ୍ୟାନ କୃଷି ଆଦି କ୍ଷେତ୍ରରେ ଗବେଷଣା ପରିସରକୁ ବ୍ୟାପକ କରିବା ନିମନ୍ତେ ସୁଯୋଗ ସୃଷ୍ଟି ହୋଇପାରିବ। ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ ଦ୍ୱୀପାଞ୍ଚଳ କୃଷି ଗବେଷଣା ପ୍ରତିଷ୍ଠାନର ପରୀକ୍ଷାଗାର ବ୍ୟବହାର କରିବା ସହିତ ସେଠାକାର ବୈଜ୍ଞାନିକଙ୍କ ଜ୍ଞାନର ଉପଯୋଗ କରିପାରିବେ। ଅପରପକ୍ଷରେ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରସ୍ତୁତ କଦଳୀ ଓ ଅନ୍ୟାନ୍ୟ ଉଦ୍ୟାନଜାତୀୟ ଫସଲର ଟିସୁକଲ୍‌ଚର ଚାରା ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଚାଷ କରାଯିବ। ଭାରତୀୟ କୃଷି ଗବେଷଣା ପରିଷଦ ଆଞ୍ଚଳିକ କମିଟି ନିଷ୍ପତ୍ତିକ୍ରମେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧକ୍ଷ, ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୂର୍ବଭଳି ରାତି ୧୦ଟା ପର୍ଯ୍ୟନ୍ତ ଖୋଲିବ ଅନ୍ ଶପ୍

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ):** ପୁରୁଷ ହକି ବିଶ୍ୱକପ୍ ପାଇଁ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ଖେଳାଳି ଓ ଦର୍ଶକମାନେ ଓଡ଼ିଶା ଆସୁଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅବକାରୀ ନିୟମରେ ପରିବର୍ତ୍ତନ ଆଣି ଗତ ୨୦ ତାରିଖରୁ ଆସନ୍ତା ୨୦ ତାରିଖ ଯାଏ ରାତି ସାଢ଼େ ଗୋଟେ ପର୍ଯ୍ୟନ୍ତ ଅନ୍ ଶପ୍ ମଦ ଦୋକାନ ଖୋଲାଯିବାର ବ୍ୟବସ୍ଥା କରିଥିଲେ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ଓ ଅନ୍ୟ ସଂଗଠନ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଫଳରେ ପୂର୍ବଭଳି ରାଜ୍ୟରେ ଅନ୍ ଶପ୍ ମଦ ଦୋକାନ ରାତି ୧୦ଟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ଅବକାରୀ ମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି। ସେ କହିଛନ୍ତି ଯେ, ଅନ୍ ଶପ୍‌ରେ ରାତି ସାଢ଼େ ଗୋଟେ ପର୍ଯ୍ୟନ୍ତ ମଦ ବିକ୍ରି ନିଷ୍ପତ୍ତି ଅନିଚ୍ଛାକୃତ ତ୍ରୁଟି ଥିଲା। ରାତି ୧.୩୦ ଯାଏ କେବଳ ବାର୍ ଏବଂ ରେଷ୍ଟୁରାଣ୍ଟରେ ମଦ ବିକ୍ରି କରାଯିବ। ଯେହେତୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରୁ ଖେଳାଳି ଏବଂ ଦର୍ଶକ ଆସୁଛନ୍ତି, ତେଣୁ ଏକ ମାସ ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

**ଅନିଚ୍ଛାକୃତ ତ୍ରୁଟି ଥିଲା: ଶଶିଭୂଷଣ ବେହେରା**







CLASSIFIED DISPLAY

SAKTI STABILIZER
Appointed Authorized Distributor for Bhubaneswar
M/S SUBHALAXMI AGENCY
Phone No. 6370902132, 9777490153
Opening Ceremony at Laa Franklin Hotel, Bhubaneswar
At 9.00 AM to 5.00 PM, Dt.28.11.18
Deals in:- AC & Demestic Stabilizer
Dealing on Sakti Products




See Career Appointment on every Wednesday & Saturday

ଯେଉଁମାନେ ସତ୍ୟପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି-ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ, ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରନ୍ତି। -ଶ୍ରୀମା

# ଏକୁଟିଆ ଛାଡ଼ିଦିଅ

ଆଣ୍ଡାମାନ୍‌ର ଉତ୍ତର ସେଣ୍ଟିନେଲ୍‌ରେ ବାସ କରୁଥିବା ଆଦିମ ଅଧିବାସୀ ସେଣ୍ଟିନେଲିଜ୍ ନାମରେ ପରିଚିତ। ସମୁଦ୍ରର ପ୍ରବାଳ ଶ୍ରେଣୀଭୁକ୍ତ ଏବଂ ଘଞ୍ଚ ଜଙ୍ଗଲାବୃତ ସେଣ୍ଟିନେଲ୍ ଦ୍ୱୀପ, ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ ରାଜଧାନୀ ପୋର୍ଟ ବ୍ଲେୟାରର ପଶ୍ଚିମକୁ ୫୦ କିଲୋମିଟର ଦୂରରେ ଅବସ୍ଥିତ। ସେଠାରେ ୪୦ରୁ ୩୦୦ ସେଣ୍ଟିନେଲିଜ୍ ବାସ କରୁଥିବା ବିଶ୍ୱାସ କରାଯାଉଛି। ସେମାନଙ୍କ ଚଳଣି, ଜୀବନଯାପନ ଶୈଳୀ ରହସ୍ୟପୂର୍ଣ୍ଣ ରହିଥିବାରୁ ସେହି ବିଷୟରେ ଜାଣିବା ଲାଗି ବିଶ୍ୱବ୍ୟାପୀ ଅନେକଙ୍କ ମଧ୍ୟରେ ସର୍ବଦା ଉତ୍ସୁକତା ରହିଆସିଛି। ୨୦୦୪ ଡିସେମ୍ବର ୨୬ରେ ଆଣ୍ଡାମାନ୍ ଓ ନିକୋବରରେ ଘଟିଥିବା ସୁନାମି ଏହି ଆଦିବାସୀଙ୍କ ଉପରେ କୌଣସି ପ୍ରଭାବ ପକାଇପାରି ନ ଥିଲା। ଏଥିରୁ ବୁଝିବାକୁ ହେବ ଯେ ସେମାନେ ପ୍ରକୃତି ଓ ପରିବେଶ ସହ ଓତପ୍ରୋତ ଭାବେ ଜଡ଼ିତ। ସେତେବେଳେ ଏହି ଆଦିମ ଅଧିବାସୀଙ୍କୁ ଉଦ୍ଧାର କରିବା ଲାଗି ହୋଇଥିବା ଯୋଗାଯୋଗ ବ୍ୟର୍ଥ ହୋଇଥିଲା।

ସମାଜର ମୁଖ୍ୟସ୍ରୋତରେ ସେମାନଙ୍କୁ ସାମିଲ କରିବା ଲାଗି ସରକାରୀ ସ୍ତରରେ ଅତୀତରେ ହୋଇଥିବା ଉଦ୍ୟମ ବାରମ୍ବାର ବିଫଳ ହୋଇଛି। ତେଣୁ ସେମାନଙ୍କୁ ସୁରକ୍ଷିତ ରଖିବା ଲାଗି ଭାରତ ସରକାର ଦ୍ୱୀପର ଚାରିକଡ଼େ ୩ ନଟିକାଲ ମାଇଲ୍ସ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଅଞ୍ଚଳ ଘୋଷଣା କରିଥିଲେ। ଏହି ଅଧିବାସୀ ନିରୋଳାରେ ରହିବାକୁ ପସନ୍ଦ କରିଥାଆନ୍ତି। ଯେଉଁମାନେ ଏମାନଙ୍କ ସହ ଯୋଗାଯୋଗ ସ୍ଥାପନ ପାଇଁ ଚେଷ୍ଟା କରିଛନ୍ତି, ସେମାନଙ୍କୁ ଜୀବନ ହରାଇବାକୁ ପଡ଼ିଛି। ଅନୁପ୍ରବେଶକାରୀଙ୍କ ପ୍ରତି ସେଣ୍ଟିନେଲିଜ୍‌ମାନେ ଶତ୍ରୁତା ଆଚରଣ କରିଥାଆନ୍ତି। ଏହାର ସଦ୍ୟ ଦୃଷ୍ଟାନ୍ତ ନିକଟରେ ଦେଖିବାକୁ ମିଳିଛି। ଆମେରିକୀୟ ଧର୍ମପ୍ରଚାରକ ଜନ୍ ଆଲେନ୍ ଚାଓ ବେଆଇନ ଭାବେ ସେମାନଙ୍କୁ ଧର୍ମାନ୍ତରୀକରଣ କରିବାକୁ ଯାଇ ପ୍ରାଣ ହରାଇଛନ୍ତି।

ଏଭଳିସ୍ଥଳେ ସମ୍ପୃକ୍ତ ଅଞ୍ଚଳରୁ ଆଧୁନିକ ମଣିଷକୁ ଦୂରେଇ ରଖିବା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେବା ଉଚିତ। ନିକଟରେ ନୀତି ଆୟୋଗ ଅନାବିଷ୍କୃତ ଅଞ୍ଚଳରେ ପର୍ଯ୍ୟଟନକୁ ବିକଶିତ କରିବା ଲାଗି ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ଉତ୍ତର ସେଣ୍ଟିନେଲ୍ ଓ ଲିଟିଲ ଆଣ୍ଡାମାନ୍ ସମେତ କେତେକ ସୁରକ୍ଷିତ କ୍ଷେତ୍ରରେ ଥିବା ପ୍ରବେଶ ନିଷେଧକୁ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ହଟାଇ ଦିଆଯାଇଛି। ଅଧିକାଂଶ ଆଇନ ଉଲ୍ଲଂଘନକାରୀ ଦଣ୍ଡରୁ ସହଜରେ ମୁକୁଳିଯିବା ପରିସ୍ଥିତିକୁ ଗମ୍ଭୀର ରୂପ ଦେଉଛି।

ଉଲ୍ଲେଖଯୋଗ୍ୟ, ଅନ୍ୟ ମଣିଷଙ୍କ ସହ ମିଳାମିଶା ନ ଥିବାରୁ ସେଣ୍ଟିନେଲିଜ୍‌ଙ୍କର ବାହ୍ୟ ଜୀବାଣୁରୁ ପ୍ରତିରୋଧକ ଶକ୍ତି କମ୍। ଏକ କ୍ଷୁଦ୍ର ଜୀବାଣୁ ସମ୍ପୂର୍ଣ୍ଣ ଅଧିବାସୀଙ୍କୁ ଗୋଟେ ଥରକରେ ସମାପ୍ତ କରିଦେଇପାରିବ। ତେଣୁ ସେମାନଙ୍କୁ ଏକଲା ଛାଡ଼ିଦେବା ଅତ୍ୟନ୍ତ ଜରୁରୀ। ଚାଓଙ୍କ କଥା ଦେଖିଲେ ତାଙ୍କୁ ସେଣ୍ଟିନେଲ୍ ଯିବାରୁ ବାରଣ କରାଯାଇପାରିଥାଆନ୍ତା। ବିପଦସଙ୍କୁଳ ଯାତ୍ରା ଓ ସେଠାକୁ ଗଲେ କିଭଳି ପରିସ୍ଥିତିର ସାମ୍ନା କରିବାକୁ ପଡ଼େ, ତାହା ଚାଓ ଭଲ ଭାବେ ଜାଣି ଥିଲେ। ତଥାପି ସବୁ ନିୟମ ଉଲ୍ଲଂଘନ କରି ସେ ସେଠାକୁ ଯାଇଥିଲେ। ବିଡ଼ମ୍ବନାର ବିଷୟ ହେଲା ଏଭଳି ସ୍ୱାର୍ଥପର ମଣିଷଙ୍କ ଅଭାବ ନାହିଁ ଏବଂ ନିୟମ ଉଲ୍ଲଂଘନ କରିବା ତାଙ୍କ ପାଇଁ ସହଜ ହୋଇଯାଉଛି। ଫଳାଫଳ ବିଷୟରେ ସବୁ ଜାଣିଥିବା ସତ୍ତ୍ୱେ ମତ୍ସ୍ୟଜୀବୀ ଓ ଅନ୍ୟ ଯେଉଁମାନେ ତାଙ୍କୁ ସେଠାକୁ ନେଲେ, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ରିପୋର୍ଟରୁ ଜଣାପଡ଼ିଛି, ନିଷେଧାଦେଶ ଥାଇ ମଧ୍ୟ ମଝିରେ ମଝିରେ ଆଣ୍ଡାମାନ୍‌ର ମତ୍ସ୍ୟଜୀବୀମାନେ ସମ୍ପୃକ୍ତ ଅଞ୍ଚଳକୁ ମାଛ ଧରିବା ପାଇଁ ଯାଇଥାଆନ୍ତି। ଏହାର ସୁଯୋଗ ଉଠାଇ ପର୍ଯ୍ୟଟକମାନେ ମଧ୍ୟ ମତ୍ସ୍ୟଜୀବୀମାନଙ୍କୁ ସେଣ୍ଟିନେଲ୍ ଦ୍ୱୀପ ପାଖକୁ ଯିବା ସକାଶେ ଅର୍ଥ ପ୍ରଲୋଭନ ଦେଖାଇଥାଆନ୍ତି। ଏହାଦ୍ୱାରା ସେଠାକାର ଆଦିବାସୀଙ୍କ ଜୀବନ ଓ ଜୀବନଧାରା ଉପରେ ଘୋର ବିପଦ ମାଡ଼ିଆସୁଛି।

ବିକାଶର ମୁଖ୍ୟସ୍ରୋତରେ ସାମିଲ କରିବାର ଦ୍ୱାହି ଦେଇ ଆଧୁନିକ ମଣିଷ ନିଜ ସ୍ୱାର୍ଥକୁ ଚରିତାର୍ଥ କରିବା ଲକ୍ଷ୍ୟରେ ସର୍ବଦା ଆଦିମ ଅଧିବାସୀଙ୍କୁ ବ୍ୟବହାର କରିବାକୁ ଚାହିଁଥାଏ। ଅଧିକାଂଶ କ୍ଷେତ୍ରରେ ସେମାନେ ଶୋଷଣର ଶିକାର ହେଉଛନ୍ତି ଓ ସମ୍ପୃକ୍ତ ଅଞ୍ଚଳର ପ୍ରାକୃତିକ ସମ୍ପଦ ଅନ୍ୟମାନଙ୍କ ପାଇଁ ଭୋଗ୍ୟ ପାଲଟିଯାଉଛି। ବିଶ୍ୱର ଅନେକ ଆଦିବାସୀ ବିକାଶ ପାଇଁ ବଳି ପଡୁଛନ୍ତି। ଆମେ ବୁଝିବା ଦରକାର ଯେ, ବାସ କରୁଥିବା ପରିବେଶ ସହ ସେମାନେ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ସେମାନେ ତଥାକଥିତ 'ମୁଖ୍ୟସ୍ରୋତ'ରେ ସାମିଲ ହେବାକୁ ଚାହାନ୍ତି ନାହିଁ। ସେମାନଙ୍କ ସହ ଯୋଗାଯୋଗର ଅର୍ଥ ହେଉଛି ଅଧିବାସୀଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲିଦେବା। ଏବେ ଚାଓଙ୍କ ମରଶରୀରକୁ ଉଦ୍ଧାର କରିବା ଲାଗି ଆଣ୍ଡାମାନ୍ ପୋଲିସ ଚେଷ୍ଟା କରୁଛି। କିନ୍ତୁ ତାହା ଉଭୟ ପଟ ପାଇଁ ବିପଦ ପାଲଟିପାରେ ବୋଲି କୁହାଯାଉଛି।

ପୂର୍ବରୁ ବିଦେଶୀଙ୍କୁ ଦ୍ୱୀପକୁ ଯିବା ବେଳେ ଫରେନର୍ସ ରେଜିଷ୍ଟ୍ରେଶନ ଅଫିସରଙ୍କ ପାଖରେ ପଞ୍ଜୀକରଣ କରିବାକୁ ପଡୁଥିଲା। ଏବେ ତାହାକୁ ହଟାଇ ଦିଆଯାଇଛି। ଫଳରେ ଚାଓଙ୍କ ଭଳି ବ୍ୟକ୍ତି ନିର୍ଦ୍ୱନ୍ଦ୍ୱରେ ନିଷିଦ୍ଧାଞ୍ଚଳକୁ ଚାଲିଯାଇପାରୁଛନ୍ତି। ନିକଟରେ ଆଣ୍ଡାମାନ ଓ ନିକୋବରରେ ଥିବା ୨୯ ଆଦିବାସୀ ଅଧୁଷିତ ଓ ୧୧ ଜନଶୂନ୍ୟ ଦ୍ୱୀପକୁ ପର୍ଯ୍ୟଟକମାନଙ୍କୁ ଯିବାର ଅନୁମତି ଦିଆଯାଇଛି। ସରକାରଙ୍କ ଏଭଳି ମାରାତ୍ମକ ନିଷ୍ପତ୍ତି ସେଣ୍ଟିନେଲିଜ୍ ଓ ଅନ୍ୟ ଆଦିମ ଅଧିବାସୀଙ୍କ ବଂଶ ନିପାତର କାରଣ ପାଲଟିପାରେ। ବର୍ତ୍ତମାନ ପରିସ୍ଥିତିରେ ସରକାର ପ୍ରକୃତିର ଅନାବିଷ୍କୃତ ଅଞ୍ଚଳକୁ ଧ୍ୱଂସ କରିବା ପରିବର୍ତ୍ତେ ଯେଉଁସବୁ ପର୍ଯ୍ୟଟନସ୍ଥଳୀ ଅଛି, ସେଗୁଡ଼ିକର ବିକାଶ ଉପରେ ଧ୍ୟାନ ଦେବା ଦରକାର।

### ଚିରନ୍ତନୀ

ନୂଆ ହୋଇ ଆଜି ରହିନି କିଛି ତ
ପାଣି ପବନରେ ଚାଲୁଛି ଯାନ
ମେଘଦୂତ ଆଉ ଲୋଡ଼ା ନାହିଁ ତେଣୁ,
ସହଜେ ମିଳୁଛି ପୀରତି ଦାନ।
(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | D | | | 6 | 3 | 7 | | | | | 0 |
| A | | 0 | | 4 | 1 | | | | | | 3 | 7 | | 5 |
| | | 3 | | | | D | | | | | | | A | E |
| | C | 2 | A | 5 | | | 7 | 0 | | 1 | | 6 | B | D |
| | | 7 | | 9 | C | 8 | | B | | | | | | 4 |
| 1 | | A | B | | | | 0 | E | | | 5 | | | |
| | | | | | E | | 2 | 7 | | D | 4 | | | |
| 5 | | | 8 | | | 4 | | A | | | B | | | |
| | 2 | | | 1 | | | | | | | | | | |
| | | B | | 0 | 4 | C | 5 | D | 9 | | | | 3 | A |
| | | 6 | | C | | | | | | | E | | 9 | |
| | | | 5 | | | 3 | 9 | 2 | 0 | | 8 | | | |
| | | | | | 0 | | | | | B | | C | | |
| | | | | 7 | | | A | | | | | | E | B |
| D | 7 | 9 | | 6 | | | | | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 9 | A | D | 3 | 0 | B | C | 8 | 2 | 6 | 1 | E | 7 | 4 |
| C | 1 | 3 | 4 | 2 | B | E | 6 | D | 7 | A | 5 | 8 | 9 | 0 |
| B | E | 6 | 7 | 5 | 8 | 2 | 1 | 0 | D | 4 | 9 | A | 3 | C |
| D | 4 | 8 | 9 | 6 | E | 7 | 3 | A | B | C | 0 | 1 | 5 | 2 |
| 7 | 2 | 0 | C | 1 | A | 9 | 5 | 4 | E | 3 | 8 | 6 | B | D |
| A | B | 4 | 5 | 0 | 2 | 8 | D | 1 | C | 7 | 3 | 9 | E | 6 |
| 2 | 3 | C | E | 7 | D | A | 9 | 6 | 4 | 0 | B | 5 | 8 | 1 |
| E | 8 | 1 | A | C | 6 | 0 | 4 | 3 | 5 | 9 | D | B | 2 | 7 |
| 0 | 7 | 5 | 8 | 9 | 3 | C | B | E | 6 | 1 | 2 | D | 4 | A |
| 9 | 6 | D | B | 4 | 1 | 5 | 7 | 2 | A | 8 | E | C | 0 | 3 |
| 8 | D | 9 | 2 | B | 4 | 1 | A | 7 | 3 | E | C | 0 | 6 | 5 |
| 4 | 5 | B | 1 | 8 | 7 | 6 | E | C | 0 | 2 | A | 3 | D | 9 |
| 6 | C | 7 | 3 | E | 9 | D | 0 | 5 | 1 | B | 4 | 2 | A | 8 |
| 3 | A | E | 0 | D | C | 4 | 2 | 9 | 8 | 5 | 6 | 7 | 1 | B |
| 1 | 0 | 2 | 6 | A | 5 | 3 | 8 | B | 9 | D | 7 | 4 | C | E |

ଗତକାଲିର ଉତ୍ତର

# ପରମ୍ପରା ଓ ଆଇନ



ସହଦେବ ସାହୁ

ସୁପ୍ରିମ୍‌କୋର୍ଟଙ୍କ ଅକ୍ଟୋବର ୫ର 'ବୟସ ନିର୍ବିଶେଷରେ ମହିଳାଙ୍କ ମନ୍ଦିର ପ୍ରବେଶ' ରାୟ ପରେ ପରମ୍ପରାବାଦୀ ହିନ୍ଦୁମାନେ କେରଳର ସାବରିମାଳାସ୍ଥ ଆୟାପ୍ପାନ ମନ୍ଦିରକୁ ଏକପ୍ରକାର ଘେରାଉ ଭିତରେ ରଖିଛନ୍ତି। କେରଳ ସରକାର ପୋଲିସ ବନ୍ଦୋବସ୍ତ ସତ୍ତ୍ୱେ ସୁପ୍ରିମ୍‌କୋର୍ଟଙ୍କ ରାୟକୁ ଏ ଯାବତ୍ କାର୍ଯ୍ୟକାରୀ କରିପାରୁ ନାହାନ୍ତି। ପ୍ରତିବାଦ କରୁଥିବା ଲୋକେ କହନ୍ତି ପରମ୍ପରା ଉପରେ ରାୟ ଦେବା ବିଚାରାଳୟର ପରିସରଭୁକ୍ତ ନୁହେଁ। ପରମ୍ପରା ଅପରିବର୍ତ୍ତନୀୟ ନୁହେଁ, ପୁରୁଣା ରାଜଦରବାରଗୁଡ଼ିକ ବାରମ୍ବାର ପରିବର୍ତ୍ତନ କରିଛନ୍ତି ତାହା ସେମାନେ ଜାଣିନାହାନ୍ତି। ବେଶିଦିନ ଧରି ରୀତିଟିଏ ଚଳିଆସିଲେ ତାହା ପରମ୍ପରା ହୋଇଯାଏ। ତାରିଖ ଥିବା ଘଟଣା ଆବହମାନ କାଳରୁ ଚଳିଆସିଛି କହିବା ଏକ ଧୂର୍ତ୍ତତା ମାତ୍ର। ଇତିହାସ କହେ ଆଦିବାସୀମାନେ ଆୟାପ୍ପାନଙ୍କୁ ଆୟାନାର ରୂପେ ପୂଜା କରୁଥିଲେ। ପଞ୍ଚଦଶ ଶତାବ୍ଦୀରେ ଆୟାନାର ହେଲେ ଆୟାପ୍ପାନ। ଏସ୍. ମହେନ୍ଦ୍ରନ ବନାମ କେରଳ (୧୯୯୦) ମକଦ୍ଦମାରେ କେରଳ ଉଚ୍ଚ ନ୍ୟାୟାଳୟ ୧୯୯୧ରେ ରାୟ ଦେଇ ୧୦ରୁ ୫୦ ବର୍ଷର ନାରୀମାନଙ୍କୁ ମନ୍ଦିର ପ୍ରବେଶ ମନା କରିଦେଲେ। ରାଜ୍ୟ ସରକାର ପୋଲିସ ଲଗାଇ ଏ ବାରଣକୁ ଚାଲୁ କରନ୍ତୁ ବୋଲି କହିଦେଲେ। ପ୍ରଥା ବା ପରମ୍ପରା ଉପରେ ଆଇନର ମୋହର ବସିଗଲା। କିନ୍ତୁ କୋର୍ଟ ତାଙ୍କ ରାୟରେ ଏ ପ୍ରଥାକୁ ଆବହମାନ କାଳରୁ ଚଳିଆସିଛି କହିବା ବେଳେ ଇତିହାସ ଓ ଭୂଗୋଳକୁ ଭୁଲିଗଲେ। ବିଷ୍ଣୁ ନାରୀ (ମୋହିନୀ) ହୋଇ ଶିବଙ୍କୁ ବିଭା ହେବା ଏବଂ ସେମାନଙ୍କର ସନ୍ତାନ ଭାବେ ଆୟାପ୍ପାନ୍ ଜନ୍ମ ହୋଇ ସ୍ତ୍ରୀମୁଖ ଦର୍ଶନ ନ କରିବାର ପ୍ରତିଜ୍ଞା କରିଥିବା ଭଳି ଏକ କାହାଣୀ ସାଧାରଣ ଜ୍ଞାନର ବିରୋଧ କରେ। ସେ କଥା ବିଚାର କରିବାର ସ୍ଥାନ ଏ ନୁହେଁ। ଦେଶର ସର୍ବୋଚ୍ଚ କୋର୍ଟ ୨୦୧୮ ଅକ୍ଟୋବରର ରାୟରେ ରାଜ୍ୟ ହାଇକୋର୍ଟଙ୍କ ରାୟକୁ ଅକାମୀ କରିଦେଇଥିବା ବେଳେ ପରମ୍ପରା-ବନାମ-ଆଇନ ବିବାଦ ଉଠୁଛି କାହିଁକି? ମିଥ୍ ବା କାହାଣୀ ଭିତ୍ତିକ ପରମ୍ପରା ଆଇନ ଆଗରେ ବଳି ପଡିଯାଇଛି।

ଐତିହାସିକ ରମିଳା ଥାପରଙ୍କ ମତରେ ମହିଳାମାନଙ୍କ ମନ୍ଦିର ପ୍ରବେଶ ଆନ୍ଦୋଳନର ମଞ୍ଜି ୧୯୨୧ରେ ଭାଇକୋମ୍ ସତ୍ୟାଗ୍ରହରେ ପଡିଥିଲା- ତ୍ରାଭାଙ୍କୋର ଦେଶୀୟ ରାଜ୍ୟର ଭାଇକୋମ ସହରର ମହାଦେବ ମନ୍ଦିର ଚାରିପଟେ ଥିବା ରାସ୍ତାରେ ଦଳିତମାନଙ୍କୁ ଯିବା ଆସିବା ମନା ଥିଲା। ଆଜିକାଲି ଦଳିତ ଶବ୍ଦ ବ୍ୟବହାର ହେଉଛି, ସେତେବେଳେ ଅସବର୍ଣ୍ଣ, ହରିଜନ, ଅସ୍ପୃଶ୍ୟ ଆଦି ଶବ୍ଦ ପ୍ରୟୋଗ ବେଆଇନ ନ ଥିଲା। ସର୍ବସାଧାରଣ ରାସ୍ତାରେ ଯିବାଆସିବାର ଅଧିକାର ଦାବିକରି ଦଳିତମାନେ ଏକ ଶାନ୍ତିପୂର୍ଣ୍ଣ ପଟୁଆରରେ ସେ ରାସ୍ତାରେ ଯିବାକୁ ଉଦ୍ୟମ କରିଥିଲେ। ସେତେବେଳର ରାଜା ମୂଲଥିରୁନାଲ ସେମାନଙ୍କୁ ରୋକିଥିଲେ ଏବଂ ନେତାମାନଙ୍କୁ ଜେଲ୍ ପଠାଇଦେଲେ। ଏହାକୁ ଭାଇକୋମ ସତ୍ୟାଗ୍ରହ କୁହାଯାଏ। ମନ୍ଦିର ସାମ୍‌ନା ରାସ୍ତାରେ ଯିବା ଆନ୍ଦୋଳନରୁ ମନ୍ଦିର ପ୍ରବେଶ ଦାବି ଉଠିଲା। ତ୍ରାଭାଙ୍କୋର ରାଜ୍ୟସାରା ଦଳିତମାନେ ପ୍ରତିବାଦ ସଭା କଲେ। ଗାନ୍ଧୀଙ୍କ ସତ୍ୟାଗ୍ରହ ଆନ୍ଦୋଳନ ଏହି ଭାଇକୋମ ସତ୍ୟାଗ୍ରହରୁ ପ୍ରେରଣା ପାଇଥିଲା ବୋଲି କୁହାଯାଏ। ଗାନ୍ଧୀଙ୍କ ସହ ସାକ୍ଷାତ୍ ପରେ ନାବାଳକ ଯୁବରାଜଙ୍କ ପକ୍ଷରୁ ରାଣୀ ଲକ୍ଷ୍ମୀବାଈ ଭାଇକୋମ ସତ୍ୟାଗ୍ରହରେ ଗିରଫ ବ୍ୟକ୍ତିମାନଙ୍କୁ ମୁକ୍ତ କରିଦେଇଥିଲେ ଏବଂ ଗାନ୍ଧୀଙ୍କ ପ୍ରରୋଚନାରେ ଭାଇକୋମ ମହାଦେବ ମନ୍ଦିରର ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଦିଗରେ ଥିବା ରାସ୍ତାଗୁଡ଼ିକୁ ସବୁ ଜାତି ପାଇଁ ଖୋଲିଦେଲେ, କିନ୍ତୁ ପୂର୍ବଦିଗର ମନ୍ଦିର ସାମ୍‌ନା ରାସ୍ତାକୁ ବ୍ରାହ୍ମଣମାନଙ୍କ ପାଇଁ ସଂରକ୍ଷିତ ରଖିଲେ। ରାଜକୁମାର ଚିଥିର ଥିରୁନାଲ ମହାତ୍ମା ଗାନ୍ଧୀଙ୍କ କେରଳ ଭ୍ରମଣ ସମୟରେ କଥୋପକଥନ ଛଳରେ ମାନିଥିଲେ ଯେ ଅସବର୍ଣ୍ଣମାନେ ବି ହିନ୍ଦୁ, ତେଣୁ ମନ୍ଦିର ପ୍ରବେଶ ମନା ଉଚିତ ନୁହେଁ। ସେ ତାଙ୍କର ୨୪ତମ ଜନ୍ମ ଦିବସର ପୂର୍ବସନ୍ଧ୍ୟାରେ ଏକ ଘୋଷଣାନାମାରେ ଦସ୍ତଖତ କରି ରାଜ୍ୟର ସବୁ ମନ୍ଦିରରୁ ଜାତିଗତ ବାସନ୍ଦ ଉଠାଇଦେଲେ। ସେତେବେଳେ ଭାରତର ଅନ୍ୟ ଦେଶୀୟ ରାଜ୍ୟଗୁଡିକରେ ଅସ୍ପୃଶ୍ୟମାନେ ମନ୍ଦିର ପ୍ରବେଶ ଅଧିକାର ପାଇଁ ଆନ୍ଦୋଳନ କରିଥିଲେ ହେଁ ସଫଳ ହୋଇ ନ ଥିଲେ। କୋଚିନ୍‌ର ଜାମୋରିନ୍ (ମହାରାଜା) ଦଳିତମାନଙ୍କୁ ମନ୍ଦିରପ୍ରବେଶ ଅଧିକାର ତ ଦେଲେ ନାହିଁ, ବରଂ ରାଗରେ ତ୍ରାଭାଙ୍କୋର ରାଜ୍ୟର ସବୁ ଲୋକଙ୍କୁ ଅସ୍ପୃଶ୍ୟ ଘୋଷଣା କଲେ ଏବଂ ସେମାନେ କୋଚିନ୍ ରାଜ୍ୟରେ ଥିବା କୌଣସି ମନ୍ଦିରରେ ପ୍ରବେଶ କରିପାରିବେ ନାହିଁ ବୋଲି ଆଦେଶ ଜାରିକଲେ। ୧୯୪୭ରେ ହିଁ କୋଚିନ୍ ରାଜ୍ୟରେ ଅସ୍ପୃଶ୍ୟଙ୍କ ମନ୍ଦିର ପ୍ରବେଶ ଚାଲୁ ହେଲା। ପରମ୍ପରା ନୁହେଁ, ସରକାରଙ୍କ ପ୍ରଣୀତ ଆଇନ ମନ୍ଦିର ପ୍ରବେଶକୁ ନିୟନ୍ତ୍ରିତ କରିଥିଲା।

ଏ ପରିସ୍ଥିତିରେ ବିବେକ ଓ ବିଶ୍ୱାସ ଭିତରେ ଏକ ବ୍ୟବଧାନ ଅଛି ବୋଲି କହୁଥିବା ଲୋକେ ମାନିବେ ଯେ ଆଇନ ଓ ଶୃଙ୍ଖଳା ରକ୍ଷା କରୁଥିବା ସରକାର ହିଁ ଧର୍ମୀୟ ବିଶ୍ୱାସର ନିୟାମକ, ସରକାରଙ୍କ ନୀରବତା ବା ଘୋଷଣାନାମା ବିଶ୍ୱାସକୁ ବଳବତ୍ତର କରିଥାଏ। ବିବେକ ସାର୍ବଜନୀନ, କିନ୍ତୁ ଧର୍ମୀୟ ବିଶ୍ୱାସ ଆଞ୍ଚଳିକ- ଉପାସନାର ସ୍ଥାନ ଅନୁଯାୟୀ ପୂଜାର ରୀତିନୀତି ଓ ପୋଷାକପତ୍ର ଭିନ୍ନ ହୋଇଥାଏ। ସବୁ ଧର୍ମରେ ଉପାସନାସ୍ଥଳ ଦ୍ୱାରା ଜୀବିକା ନିର୍ବାହ କରୁଥିବା ପୂଜକମାନେ ଉପାସନାସ୍ଥଳର ଉତ୍ପତ୍ତି ସମ୍ପର୍କରେ କାହାଣୀ ବା ମିଥ୍ ତିଆରି କରି ତାକୁ ଶ୍ରଦ୍ଧାଳୁମାନଙ୍କ ବିଶ୍ୱାସକୁ ବାନ୍ଧିବାର ରଜ୍ଜୁ କରିନିଅନ୍ତି।

ଅଧିକାଂଶ ପରମ୍ପରା ଠାକୁରଙ୍କୁ ଯାଦୁକର ଭଳି ଚିତ୍ରଣ କରିଥାଏ। ଅବତାରୀମାନେ ସେମାନଙ୍କ ବିଶେଷ ଜ୍ଞାନ (ବିଜ୍ଞାନ) ବଳରେ ଶିଷ୍ୟଙ୍କୁ ରୋଗବାଗରୁ ରକ୍ଷା କରିପାରିଥିଲେ। ଅନୁଗତମାନେ ଏତକ ବୁଝି ନ ପାରି ଅବତାରୀଙ୍କ କାମଟି ଠାକୁରଙ୍କ କୃପା ବୋଲି ପ୍ରଚାର କରିଛନ୍ତି, ମିରାକ୍ଲ ବୋଲି କହିଛନ୍ତି। ସେମାନଙ୍କ ମତରେ ଧର୍ମସଂସ୍ଥାପକମାନେ ଜଣେ ଜଣେ ଯାଦୁକର। ରାମସେତୁ ଉଦାହରଣ ନିଅନ୍ତୁ। ୨୦୦୫ରେ ଜାହାଜ ଚଳାଚଳ ସୁବିଧା ପାଇଁ ସମୁଦ୍ରକୁ ଗଭୀର କରିବା ପ୍ରସ୍ତାବ ଉପା ସରକାର କରନ୍ତେ, ତାକୁ ବିରୋଧ କରିଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସହ ରାମାୟଣର ପୌରାଣିକ କାହାଣୀ ଉପରେ ବିଶ୍ୱାସ କରୁଥିବା ଲୋକେ। ରାମାୟଣରେ ଯେଉଁ ସେତୁବନ୍ଧ କାହାଣୀ ଦିଆଯାଇଛି ତାହା ଭେଳାବନ୍ଧ ବା ପଣ୍ଟୁନ୍ ବ୍ରିଜ୍‌ର ଉଦାହରଣ। ବାଂଲାଦେଶ ଯୁଦ୍ଧରେ ଭାରତୀୟ ସେନା ଏଭଳି ପଣ୍ଟୁନ୍ ବ୍ରିଜ୍ ତିଆରି କରି ନଦୀମାନ ପାର ହୋଇ ଢାକାରେ ପ୍ରବେଶ କରିଥିଲେ। ସେ ପ୍ରକାର ସେତୁର ଐତିହାସିକ ଚିହ୍ନ ପାଣିତଳେ ନ ଥାଏ, ଜଳାଧାରର ଦୁଇ କଡରେ, ଅତଡାରେ କିଛି ଥାଇପାରେ। ସେ ଯାହାହେଉ ପଣ୍ଟୁନ୍ ବ୍ରିଜ୍ ତିଆରି କୌଶଳ ରାମାୟଣ ଯୁଗରେ ଜଣାଥିଲା।

ଆୟାପ୍ପାନଙ୍କ ପୂଜାରେ ଯେଉଁ ଲିଙ୍ଗଗତ ପାର୍ଥକ୍ୟ ପରମ୍ପରାର ଅଙ୍ଗ ହୋଇଆସିଛି ସେଭଳି ପରମ୍ପରା ସବୁ ଧର୍ମରେ ରହିଛି। ସ୍ତ୍ରୀ ସଙ୍ଗ ନ ଥିଲେ ମଣିଷ କାହିଁକି, କୌଣସି ପ୍ରାଣୀର ସତ୍ତା ରହିବ ନାହିଁ- ଏହା ଜାଣି ସୁଦ୍ଧା ସ୍ତ୍ରୀମାନଙ୍କୁ ଧର୍ମସ୍ଥଳରୁ ଦୂରେଇ ରଖିବା ପରମ୍ପରା ନିଜର ଇନ୍ଦ୍ରିୟକୁ ନିୟନ୍ତ୍ରଣରେ ରଖି ପାରୁ ନ ଥିବା ପୁରୁଷମାନେ ତିଆରି କରିଛନ୍ତି। ସାବରିମାଳା ମନ୍ଦିରର ଠାକୁର ବ୍ରହ୍ମଚାରୀ ବୋଲି କାହାଣୀ ତିଆରି କରି ମହିଳାମାନଙ୍କୁ ମନା କରାଯାଇଥିଲା। କେରଳ ହାଇକୋର୍ଟ ୧୦ରୁ ୫୦ବର୍ଷ ବୟସର ନାରୀମାନଙ୍କ ପ୍ରବେଶ ନିଷେଧ ରୀତିକୁ ବୈଧ ଘୋଷଣା କଲେ। ଆଜିକାଲି ସ୍ୱଚ୍ଛଳ ଲୋକେ ପୁଷ୍ଟିକର ଖାଦ୍ୟ ସହ ଉନ୍ନତ ସ୍ୱାସ୍ଥ୍ୟସେବା ପାଉଥିବାରୁ ୫୦ ବର୍ଷରୁ ବିବେଶି ବୟସର ମହିଳାମାନେ ରଜସ୍ରାବୀ ଶ୍ରେଣୀରେ ଅଛନ୍ତି। ଶାରୀରିକ ଓ ପ୍ରଜନନଗତ ବ୍ୟବଧାନ ଯୋଗୁ ସମଧର୍ମର ମହିଳାମାନଙ୍କୁ ମନ୍ଦିର ବାରଣ କରିବା ବେଆଇନ ବୋଲି ସୁପ୍ରିମ୍‌କୋର୍ଟ ରାୟ ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ରାୟ ବିରୋଧରେ ହିନ୍ଦୁତ୍ୱବାଦୀ ମହିଳାମାନେ କେରଳରେ ଆନ୍ଦୋଳନ କରୁଛନ୍ତି, ପ୍ରବେଶ ଅଧିକାର ଜାହିର ପାଇଁ ଯାଉଥିବା ମହିଳା ଆକ୍ଟିଭିଷ୍ଟ ହିଂସାତ୍ମକ ବିରୋଧ କରୁଛନ୍ତି। ଅର୍ଥାତ୍ ଟ୍ରିପଲ ତଲାକ୍ ସମ୍ପର୍କରେ ମୁସଲମାନ ମହିଳାମାନଙ୍କ ସାମ୍ବିଧାନିକ ଅଧିକାରକୁ ସମର୍ଥନ କରୁଥିବା ହିନ୍ଦୁମାନେ ସାବରିମାଳା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ଦୃଢ଼ଭାବରେ ସମର୍ଥନ କରୁ ନ ଥିବା ଏକ ଧର୍ମୀୟ ଭାବନା ନୁହେଁ, ଏକ ରାଜନୈତିକ ଚାଲ୍ ହୋଇଯାଇଛି। ସବୁ ମୌଳିକ ଅଧିକାର ସମସ୍ତଙ୍କ ପାଇଁ ସମାନ। ମଣିଷ ଜାତିର ବିକାଶରେ ନାରୀମାନଙ୍କୁ ପୁରୁଷମାନଙ୍କ ସହ ସମାନ ନ କଲେ, ଅସବର୍ଣ୍ଣଙ୍କୁ ସବର୍ଣ୍ଣମାନଙ୍କ ସହ ସମାନ ନ ଦେଖିଲେ ମଣିଷସମାଜର ଭବିଷ୍ୟତ ଏକ ପ୍ରଶ୍ନବାଚୀ ହୋଇ ରହିବ। କୌଣସି ଧର୍ମ ତ ମାନବିକତାର ବିନାଶ ଚାହେଁ ନାହିଁ, ତେବେ ସାବରିମାଳାରେ ମହିଳାଙ୍କ ପ୍ରବେଶକୁ କାହିଁକି ବାରଣ କରୁଛ?

ଇ-ମେଲ୍: sahadevas@yahoo.com

# ଗର୍ବଗଞ୍ଜନ ବାନା



ହରିଶଙ୍କର ମିଶ୍ର

କୋଟି ହିନ୍ଦୁ ହୃଦୟର ଆରାଧ୍ୟ, ପ୍ରତି ଓଡିଆର ପ୍ରାଣ ଓ ପରିଚୟ ଏବଂ ପ୍ରତ୍ୟେକ ଶୁଭକାର୍ଯ୍ୟ ବା ଅନୁକୂଳରେ ସର୍ବମଙ୍ଗଳକାରକ ଓ ବିପଦରୁ ତ୍ରାଣକର୍ତ୍ତା ଭାବେ ଯାହାଙ୍କୁ ସ୍ମରଣ କରାଯାଏ ସେଇ କାଳିଆ ଠାକୁର ଓ ତାଙ୍କ ପୀଠ ବ୍ୟାପାର ଏବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାର ଅପେକ୍ଷାରେ। ଆମ୍ଭେ ସ୍ଥୂଳ ବୁଦ୍ଧିରେ ଜାଣୁ ଯେ ମନ୍ଦିର ହେଉଛି ଠାକୁରଙ୍କର ଓ ଠାକୁର ହେଉଛନ୍ତି ଭକ୍ତର। ଭକ୍ତଟିଏ ଠାକୁରଙ୍କୁ ଭକ୍ତି ନୈବେଦ୍ୟ ଅର୍ପଣ ପାଇଁ ମନ୍ଦିରକୁ ଯାଏ। ବାହୁ, ଧନ, କ୍ଷମତା ବା ଦାପ୍ତରିକ ଶକ୍ତି ପ୍ରଦର୍ଶନକାରୀ ଭକ୍ତ ପଦବାଚ୍ୟ ନୁହନ୍ତି। ଭାରତର ଯେ କୌଣସି ଧର୍ମପୀଠରୁ ଶ୍ରୀଜଗନ୍ନାଥ ମନ୍ଦିରର ବିଧି ବ୍ୟବସ୍ଥା ନିଶ୍ଚିତ ଭାବେ ଭିନ୍ନ ଓ ସ୍ୱତନ୍ତ୍ର। ବେଦ ଓ ଶାସ୍ତ୍ର ଆଧାରରେ ଶ୍ରୀଜୀଉଙ୍କର ନିତ୍ୟଲୀଳା ସମ୍ପନ୍ନ ହେଉଥିବା ବେଳେ ମନ୍ତ୍ର, ଯନ୍ତ୍ର ଓ ତନ୍ତ୍ରର ସମନ୍ୱୟରେ ଅନୁଷ୍ଠିତ ଅନେକ ଲୀଳାରେ ଠାକୁରଙ୍କ ଜୀବନ୍ତ ଅନୁଭବ ମିଳିଥାଏ। ଏଠାରେ ନୀତି ଅଧିକ, ଦର୍ଶନ କମ୍ ଏବଂ ଦର୍ଶନ ବିଧି ମଧ୍ୟ ସ୍ୱତନ୍ତ୍ର। ମନ୍ଦିର ପ୍ରବେଶର ବାଇଶଟି ପାହାଚ ଭକ୍ତ ପାଇଁ ବାଇଶଟି ତୀର୍ଥ। ବହୁ ଦଶନ୍ଧି ପୂର୍ବର ସିଂହଦ୍ୱାରର ଅବସ୍ଥା ତତ୍କାଳୀନ ଭକ୍ତ ସାରିଆଙ୍କ ଗୀତ 'ସିଂହଦ୍ୱାରେ ଭିଡାଭିଡି, ଗରଜୁଛି ବେତବାଡି, ଠେଲିଦେଇ ଯିବା ମାଡି, ଧକ୍କା ବାଜିଲେ ସହିବା'ରେ ପ୍ରତିଫଳିତ। ଏଣୁ ଭକ୍ତ ପାଇଁ ଭିଡ ଗୌଣ ହୋଇଥାଏ। ପ୍ରବେଶ ଦ୍ୱାରରେ ପ୍ରତିହାରୀଙ୍କ ହାତର ଗଉରୀ ବେତ ସ୍ପର୍ଶକୁ ସେ ମଥାରେ ଗ୍ରହଣ କରେ। ବେଢା ପରିକ୍ରମା କରି ଓ ଶ୍ରୀଜୀଉଙ୍କ ଦର୍ଶନରେ ମୋହିତ ହୋଇ ମହାପ୍ରସାଦ ସେବନରେ ତା'ର ଆତ୍ମତୃପ୍ତି ଆସିଥାଏ। 'ଯାହାର ଭାବନା ଯେପରି ଫଳପ୍ରାପ୍ତି ମଧ୍ୟ ସେହିପରି' (ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ) ଆପ୍ତବାକ୍ୟରେ ବିଶ୍ୱାସ ଯୋଗୁ ତା'ର କୌଣସି ଅଭିଯୋଗ ମଧ୍ୟ ନ ଥାଏ। ପୂର୍ବରୁ ଦୁର୍ଲଭ ରହିଥିବା ଶ୍ରୀଜଗନ୍ନାଥଙ୍କ ଦର୍ଶନ ରାସ୍ତା, ଗାଡି ଓ ଆର୍ଥିକ ସ୍ୱଚ୍ଛଳତା ଯୋଗୁ ସୁଲଭ ହୋଇଥିବାରୁ ଶ୍ରୀମନ୍ଦିରରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢିଛି। ବହୁ ଶତାବ୍ଦୀ ପୂର୍ବରୁ ଏଇ ମନ୍ଦିରର ପରିଚାଳନା, ନୀତିକାନ୍ତି, ବିଧିବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ସର୍ବୋଚ୍ଚ ପରାମର୍ଶଦାତା ଭାବେ ଶଙ୍କରାଚାର୍ଯ୍ୟଙ୍କ ନିର୍ଣ୍ଣୟ ସର୍ବମାନ୍ୟ। ମାତ୍ର ମହାପ୍ରଭୁଙ୍କ ବ୍ୟାପାର ରାଜତନ୍ତ୍ରରୁ ଗଣତନ୍ତ୍ରକୁ ସ୍ଥାନାନ୍ତରିତ ହେବା ପରେ ଅନେକ ବିବାଦ ପାଇଁ ବହୁ ପ୍ରଶାସନିକ ତଦନ୍ତ ସହ ଛଅଟି ବିଚାର ବିଭାଗୀୟ ତଦନ୍ତ ହୋଇ ସାରିଛି।

ଆଲୋଚ୍ୟ ମାମଲାର ଯାଚିକା ଆମକୁ ଅଜ୍ଞାତ। ଅତୀତରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ବିଚାରରେ ଶ୍ରୀଜୀଉଙ୍କ ସମ୍ପତ୍ତି ଭୂସଂସ୍କାର ବା ଜମିଦାରୀ ଉଚ୍ଛେଦ ନିୟମର ଊର୍ଦ୍ଧ୍ୱରେ ଥିବା ଯୋଗୁ ପୁରୀ ସହର ଓ ଆଖପାଖରେ ବହୁ ଦଶନ୍ଧି ଧରି ରହୁଥିବା ଅଶୀ ଶତାଂଶ ବ୍ୟକ୍ତି ବାସ୍ତୁହରା ହୋଇସାରିଛନ୍ତି। ମାତ୍ର ଚଳନ୍ତି ମାମଲାରେ ଗୃହୀତ ପ୍ରସ୍ତାବ ଧାର୍ମିକ ପୀଠରେ ଆଇନର ଉପଯୋଗ ସହ ଭକ୍ତଙ୍କ ଭାବନା ଏବଂ କିଛି ପରମ୍ପରା ପ୍ରତି ପ୍ରତିକୂଳ ହେତୁ ଶହ ଶହ ବର୍ଷର ବିଧି ବ୍ୟବସ୍ଥାର ପରିବର୍ତ୍ତନ ଭବିଷ୍ୟତ ପାଇଁ ପ୍ରଶ୍ନବାଚୀ।

ଜଗଦ୍‌ଗୁରୁଙ୍କ ଦ୍ୱାରା ପ୍ରତିଷ୍ଠିତ ଛତିଶା ନିଯୋଗ ଦ୍ୱାରା ଶ୍ରୀମନ୍ଦିରର ସେବାପୂଜା, ଯାତ୍ରାଦି ପାଳନ, ଆଭ୍ୟନ୍ତରୀଣ ଶୃଙ୍ଖଳା, ଶ୍ରୀଜୀଉଙ୍କ ସୁରକ୍ଷା ଏବଂ ସଂସ୍କୃତିର ପ୍ରଚାର ହେଉଥିଲା। ଇଲିଆସ ସାହାଠାରୁ ତକି ଖାଁ ପର୍ଯ୍ୟନ୍ତ ଶ୍ରୀମନ୍ଦିର ଉପରେ ବିଭିନ୍ନ ସମୟରେ ଆକ୍ରମଣ କରିଛନ୍ତି। ଶ୍ରୀଜୀଉଙ୍କ ସୁରକ୍ଷା ପାଇଁ ତାଙ୍କୁ ବିଭିନ୍ନ ଗୁପ୍ତ ସ୍ଥାନରେ ଲୁଚାଇ ରଖାଯାଇଛି। ଏପରି ନାନା ବିଶୃଙ୍ଖଳା ସତ୍ତ୍ୱେ ଏ ଯାବତ୍ ଶ୍ରୀଜୀଉଙ୍କର ମୌଳିକ ନୀତି ଅକ୍ଷୁଣ୍ଣ ରହିଛି। କିନ୍ତୁ ଏବେ କିଛିବର୍ଷ ହେଲା ଯାତ୍ରୀଙ୍କୁ ଜୁଲମ, ଭକ୍ତଙ୍କୁ ତାଡନା ଓ ନୀତି ବିଭ୍ରାଟଜନିତ ବିଶୃଙ୍ଖଳା ଘଟୁଛି, ଯାହା ମୂଳରେ ରହିଛି ସେବାୟତଙ୍କ ଅର୍ଥଲାଳସା। କିଛି ବ୍ୟକ୍ତିଙ୍କ ଆତ୍ମବିଜ୍ଞାପିତ ମନୋଭାବରେ ଶକ୍ତି ପ୍ରଦର୍ଶନ ଶ୍ରୀମନ୍ଦିର ଗରିମାକୁ କ୍ଷୁଣ୍ଣ କରୁଛି। ଦର୍ଶନାର୍ଥୀଙ୍କୁ ବିଶିଷ୍ଟ, ଅତି ବିଶିଷ୍ଟ, 'ଆମ ଲୋକ' ମାନ୍ୟତାରେ ବର୍ଗୀକରଣ ମଧ୍ୟ ଧର୍ମପୀଠ ପାଇଁ ଅଗ୍ରହଣୀୟ। କାରଣ ଠାକୁରଙ୍କ ପାଖରେ ସମସ୍ତେ ସମାନ। ଅପରପକ୍ଷରେ ଠାକୁରଙ୍କ ସେବା ପାଇଁ ତୁଷ୍ଟୀକରଣ ନୀତିରେ ବ୍ୟାପକ ଆର୍ଥିକ ସୁଯୋଗ, କେତେକ ସ୍ୱତନ୍ତ୍ର ସୁଯୋଗ ସହ ଅନେକ ଅଲିଖିତ ଚୁକ୍ତି ଦ୍ୱାରା ନିଜକୁ ଦକ୍ଷ ଓ ପାରଗ ବୋଲାଇଥିବା ପ୍ରଶାସକଙ୍କ ପାଇଁ କିଛି ସେବକଙ୍କର ଔଦ୍ଧତ୍ୟ ଓ ସ୍ୱେଚ୍ଛାଚାର ବଢିଚାଲିଛି। ୧୯୯୬ ମସିହା ନବକଳେବର ବେଳେ ରୋପିତ ଉକ୍ତ ତୁଷ୍ଟୀକରଣ-ବିଷବୃକ୍ଷ ପରବର୍ତ୍ତୀ ପ୍ରଶାସକଙ୍କ ବାଧ୍ୟତାମୂଳକ ରକ୍ଷଣାବେକ୍ଷଣରେ ବଳୀୟାନ ହୋଇ ୨୦୧୫ ନବକଳେବର ବେଳେ ଯେଉଁ ଫଳ ପ୍ରକାଶ କଲା ତାହା ବିଶ୍ୱଚର୍ଚ୍ଚିତ ହୋଇ ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ ଓ ମର୍ମାହତ କଲା। ମାତ୍ର ପାରଗ ଅଧିକାରୀ ସବୁଥିରେ ପାରଗ ଯୋଗୁ ଡାହାଣୀରୁ ଗୁଣିଆ ବନିଗଲେ, କିନ୍ତୁ ଅନେକ ଅସମାହିତ ପ୍ରଶ୍ନ ପ୍ରଶ୍ନରେ ହିଁ ରହିଗଲା। ପର ଘର ଚଳଣିରେ ନିଜ ଘର ଚଳେ ନାହିଁ। ତେଣୁ ବହୁ ଲକ୍ଷ ଟଙ୍କା ଖର୍ଚ୍ଚ କରି ପ୍ରଶାସନ ଦ୍ୱାରା ହୋଇଥିବା ଅନୁଭବ ଯାତ୍ରାର ଯଥାର୍ଥତା ବିଚାରଯୋଗ୍ୟ। ମନ୍ଦିର ପରିଚାଳନାରେ ସଂସ୍କୃତିର ରକ୍ଷା ପାଇଁ ଆଧ୍ୟାତ୍ମିକ ମାର୍ଗ ଗ୍ରହଣ କରାଯାଏ। ଶୃଙ୍ଖଳିତ ଦର୍ଶନ ନାମରେ ଧାଡି ବ୍ୟବସ୍ଥା ଉପଯୁକ୍ତ ବିକଳ୍ପ ନୁହେଁ।

ଯେଉଁମାନେ ଶ୍ରୀଜୀଉଙ୍କୁ ସ୍ୱାର୍ଥ ସାଧନରେ ଉପଯୋଗ କରିଚାଲିଛନ୍ତି, ଯେଉଁମାନଙ୍କର ଭ୍ରଷ୍ଟ ନୀତି ଯୋଗୁ ସଂସ୍କୃତି ବିନଷ୍ଟ ଓ ଧର୍ମସ୍ଥଳୀ ଅପବିତ୍ର ହେଉଛି, ସେମାନେ ମନେରଖିବା ଉଚିତ ଯେ ପରଂବ୍ରହ୍ମ ଶ୍ରୀଜଗନ୍ନାଥ ପରମ କାରୁଣିକ ହେଲେ ବି ସେ ମହାକାଳ ଓ ନୀଳଚକ୍ରରେ ଉଡୁଥିବା ପତିତପାବନବାନାର ଅନ୍ୟନାମ ଗର୍ବଗଞ୍ଜନବାନା।

୧୧୩-ଗୁଣ୍ଡିଚାବିହାର, ପୁରୀ, ମୋ-୭୯୭୮୭୮୫୪୭୮

### ଏଇ ଭାରତରେ

ଭୋଟ ପାଇବାକୁ ହେଲେ ଭୋଟରଙ୍କୁ ଖୁସି କରିବାକୁ ପଡ଼ିବ। ଏହି ଖୁସି କରିବା ପାଇଁ ନେତାଙ୍କୁ କେତେ ପ୍ରକାର ପନ୍ଥା ଆପଣାଇବାକୁ ହେବ। ମାଧ୍ୟମ ଯାହା ହେଉନା କାହିଁକି, ନେତାଙ୍କର ଭୋଟ ଦରକାର। କେଉଁ ନେତା ଭୋଟରଙ୍କ ଘରକୁ ଅନ୍ଧାରି ବିଜେ କରି ଟଙ୍କା ଲାଞ୍ଚ ଦିଅନ୍ତି ତ କିଏ ଅନ୍ୟାନ୍ୟ ଉପହାର ପ୍ରଦାନ କରନ୍ତି। ଏପରି ଏକ ଘଟଣାକ୍ରମରେ ଭୋଟରଙ୍କୁ ଖୁସି କରିବା ପାଇଁ ଜଣେ ନେତା ଭୋଟରଙ୍କ ଜୋତା ପଲିସ କରିଛନ୍ତି। ସମ୍ପୃକ୍ତ ନେତା ଜଣକ ଏତେ ତଳକୁ ଖସିଯିବାର କାରଣ ହେଉଛି, ଭୋଟରମାନେ ଦୟାପରବଶ ହୋଇ ତାଙ୍କୁ ଭୋଟ ଦେବେ ବୋଲି ସେ ନିଶ୍ଚିତ ଅଛନ୍ତି। ଏପରି ଏକ ଅଭାବନୀୟ ଘଟଣା ଘଟିଛି ମଧ୍ୟପ୍ରଦେଶରେ। ୨୩୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ପାଇଁ ନଭେମ୍ବର ୨୮ରେ ଭୋଟ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜନୈତିକ ଦଳ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଭିନ୍ନଭିନ୍ନ ତରିକା ଆପଣାଇଛନ୍ତି। ଏହି ଅବସରରେ ରାଷ୍ଟ୍ରୀୟ ଆତ୍ମଜନ ପାର୍ଟିର ନେତା ଶରଦ ସିଂ କୁମାର ଘରଘର ବୁଲି ଭୋଟରଙ୍କ ଜୋତା ପଲିସ କରୁଛନ୍ତି। ଶରଦଙ୍କ ଏଭଳି କାର୍ଯ୍ୟର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଛି। ଏହାକୁ ଦେଖି ଲୋକମାନେ ଭିନ୍ନଭିନ୍ନ ଦୃଷ୍ଟିକୋଣରୁ ସମାଲୋଚନା କରୁଛନ୍ତି। କିନ୍ତୁ ଏହାକୁ ଖାତିର କରିନାହାନ୍ତି ନେତା ଜଣକ। ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ସେ ଯେ କୌଣସି ପ୍ରକାରେ ନିର୍ବାଚନ ବୈତରଣୀ ପାରିହେବେ। ତେବେ ଭୋଟରଙ୍କୁ ପ୍ରଭାବିତ କରୁଥିବା ଏହି ନେତା ଜଣକ ବିଜୟୀ ହେବେ କି ନା ତାହା ଡିସେମ୍ବର ୧୧ରେ ଭୋଟ ଗଣତି ଫଳାଫଳରୁ ଜଣାପଡିବ।

### ୨୫ ବର୍ଷ ତଳର ଧରିତ୍ରୀ

୨୭ ନଭେମ୍ବର ୧୯୯୩

- ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାଗାର୍ଜୁନ ବେଶ ଦର୍ଶନ ବେଳେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ମୃତ୍ୟୁ।
- ଜାପାନ ଏବଂ ମଙ୍ଗୋଲିଆ ମଧ୍ୟରେ ଯାତ୍ରୀବାହୀ ବିମାନ ସେବା ଆରମ୍ଭ କରିବା ପାଇଁ ଏକ ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷରିତ।
- ପାକିସ୍ତାନ ବିରୋଧରେ ଆମେରିକା ଲାଗୁ କରିଥିବା ପ୍ରେସ୍‌ଲର ଆଇନକୁ ପ୍ରତ୍ୟାହାର କରିନେବାକୁ କ୍ଲିଣ୍ଟନ ପ୍ରଶାସନର ନିଷ୍ପତ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ବାର୍ଦ୍ଧକ୍ୟର ଆର୍ତ୍ତନାଦ

ମହାଶୟ,

ଆଜି ଦେଶର ଅନେକ ବୃଦ୍ଧ ପିତାମାତା ସନ୍ତାନମାନଙ୍କ ଅବହେଳାରୁ ଯନ୍ତ୍ରଣାଜର୍ଜରିତ ବେସାହାରା ଜୀବନ ବିତାଉଛନ୍ତି। ଆନ୍ଧ୍ରପ୍ରଦେଶର ଏକ ବିଚାରପତି ଦମ୍ପତି ରେଳ ଆଗକୁ ଡେଇଁ ଆତ୍ମହତ୍ୟା କରିବା ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ଏ ସମ୍ପର୍କରେ ଡ. ନରହରି ବେହେରାଙ୍କ ଲେଖା (ଧରିତ୍ରୀ ୨୭।୧୦) 'ଏଣିକି ଏ ଘର ବଦଳିଯିବ' ଖୁବ୍ ମର୍ମସ୍ପର୍ଶୀ ହୋଇଛି। ଏହି ଆଲେଖ୍ୟରେ ସେ ଆଶାବାଦୀ ଯେ ଏଥର ଦେଶର ଏ ଦୟନୀୟ ଚିତ୍ର ବଦଳିଯିବ। ବାସ୍ତବରେ ତାହା ହିଁ ହେଉ। ସନ୍ତାନଗଣ ପିତାମାତାଙ୍କ ପ୍ରତି ନିଜର କର୍ତ୍ତବ୍ୟ ଯଥାବିଧି ପାଳନ କରି ଭଗବତ୍ ଆଶୀର୍ବାଦପ୍ରାପ୍ତ ହୁଅନ୍ତୁ।

ଲକ୍ଷ୍ମୀଧର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ନୟାଗଡ଼

### ପୁରୀ ସମୁଦ୍ର ଗାଁ ପୋଖରୀ ନୁହେଁ

ନୀଳ ସାଗରର ଗଭୀରତା କେଉଁଠି କେତେ କହିବା ସମ୍ଭବ ନୁହେଁ। ଢେଉ ବି ଭୟଙ୍କର। ସମୁଦ୍ରର ଅନ୍ତଃସ୍ରୋତ (ଅଣ୍ଡର କରେଣ୍ଟ) ପ୍ରାଣସଂହାରକାରୀ। ପୁରୀ ବଙ୍ଗୋପସାଗରରେ ପର୍ଯ୍ୟଟକମାନେ ସ୍ନାନ କରିବାକୁ ଯାଇ ଅନେକ ସମୟରେ ମୃତ୍ୟୁବରଣ କରୁଛନ୍ତି, ଯାହାକି ଦୁଃଖର ବିଷୟ। ପୁରୀ ସମୁଦ୍ର ଗାଁ ପୋଖରୀ ନୁହେଁ । ତେଣୁ ସମୁଦ୍ରକୁ ଦେଖି ମନରେ ଭୟ ରଖି ସାବଧାନ ସହକାରେ ସ୍ନାନ କରିବା ଉଚିତ। ନିର୍ବୋଧଙ୍କ ଭଳି ଭିତରକୁ ପଶିଗଲେ ମୃତ୍ୟୁ ନିଶ୍ଚିତ। ଅଯଥାରେ ମୂଲ୍ୟବାନ ଜୀବନ ହରାଇବା ଅପେକ୍ଷା ସାବଧାନ ହେବା ଉଚିତ। ଏଥିପ୍ରତି ସରକାର ସଚେତନତା ସୃଷ୍ଟି କରାଇବା ଦରକାର।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଶିକ୍ଷା ଓ ନୈତିକ ମୂଲ୍ୟବୋଧ

ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ 'ଶିକ୍ଷା ଓ ନୈତିକ ମୂଲ୍ୟବୋଧ' ଶୀର୍ଷକ ପ୍ରବନ୍ଧ ପାଠ କରି ଅନେକ କଥା ଜାଣିହେଲା। କେବଳ ନିଜ ନାଁ ପାଖରେ ଏମ୍‌ଏ, ପିଏଚ୍‌ଡି ଲେଖୁଥିବା ଲୋକ ଶିକ୍ଷିତ ହୋଇପାରେ କିନ୍ତୁ ଜ୍ଞାନୀ ହୋଇପାରେନା। ଶିକ୍ଷା ସହ ନୈତିକ ମୂଲ୍ୟବୋଧ ରହିବା ନିହାତି ଜରୁରୀ।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ମନ୍ଦିର, ବୁର୍ଲା, ସମ୍ବଲପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରାଜନଗରରେ ବିଜେଡିର ମିଶ୍ରଣ ପର୍ବ

**ରାଜନଗର, ୨୬।୧୧ (ଡି.ଏନ୍.ଏ.)**- ରାଜନଗର ପଞ୍ଚାୟତରେ ବିଜୁ ଜନତା ଦଳର ମିଶ୍ରଣ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜନଗରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ପଞ୍ଚାୟତ ବିଜେଡି ସଭାପତି ନାରାୟଣ ଦାସଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ, ସୁରେନ୍ଦ୍ର ପ୍ରସାଦ ରାଉତ, ଜଗବନ୍ଧୁ ନାୟକ, ଯୁବନେତା ବାଇଧର ସେଠୀ, ରମଣୀରଞ୍ଜନ ମହାପାତ୍ର, ଚିତ୍ତରଞ୍ଜନ ଦାସ, ମାନସ କୁମାର ବାରିକ ପ୍ରମୁଖ ଯୋଗଦେଇ ଦଳର ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କଂଗ୍ରେସର ଆଗଧାଡ଼ିର କର୍ମୀ ଅନିରୁଦ୍ଧ ପରିଡ଼ା, ଗଙ୍ଗାଧର ସେଠୀ, ବୈକୁଣ୍ଠ ବଳ ପ୍ରମୁଖ ବିଜେଡିରେ ଯୋଗଦେଇଥିଲେ। ତେବେ ଆସନ୍ତା ୩୦ ତାରିଖ ଦିନ ରାଜନଗରଠାରେ ଜନସମ୍ପର୍କ ପଦଯାତ୍ରାର ଉଦ୍‌ଯାପନୀ ସଭା ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଥିଲା।

### ଆତ୍ମବଳ ବିନା ଆତ୍ମରକ୍ଷା ଅସମ୍ଭବ

**ରାଜନଗର, ୨୬।୧୧ (ଡି.ଏନ୍.ଏ.)** ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଚାଲିଥିବା ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ହରେକୃଷ୍ଣ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ଜିଲା ମହିଳା ଆତ୍ମରକ୍ଷା ପ୍ରଶିକ୍ଷଣ ସଂଯୋଜକ ତଥା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଶ୍ରୀଧର ସାମଲ, ଶିବିର ସଂଯୋଜକ ବିକ୍ରମାଦିତ୍ୟ ଦାସ, ପ୍ରାଧ୍ୟାପକ ଅକ୍ଷୟ କୁମାର ମିଶ୍ର, ଶିବିର ପ୍ରଶିକ୍ଷିକା ସୁଶ୍ରୀ ପ୍ରୀତିପ୍ରଭା ରାଉତ, ଅଧ୍ୟାପକ ବୈକୁଣ୍ଠ ତ୍ରିପାଠୀ ପ୍ରମୁଖ ଆତ୍ମବଳ ବିନା ଆତ୍ମରକ୍ଷା ଅସମ୍ଭବ ବୋଲି ମତ ରଖିଥିଲେ। ୧୨ ଦିନିଆ ଏହି ଶିବିରକୁ କିଶୋର ଚନ୍ଦ୍ର ତ୍ରିପାଠୀ ଓ ଦୟାନିଧି ସାହୁ ପରିଚାଳନା କରିଥିଲେ।

### ଫୁଲ ରଥରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ



**ଡେରାବିଶ, ୨୬।୧୧ (ସ୍ୱ.ପ୍ର.)** ଡେରାବିଶ ବ୍ଲକସ୍ଥିତ ଓଲଢ଼ି ମଠ ଓ ବାଲିପାଟଣାସ୍ଥିତ ଶ୍ରୀଲଛ୍ମନଜୀଉଙ୍କ ମନ୍ଦିରରେ ପ୍ରସିଦ୍ଧ ରାହାସ ଉତ୍ସବରେ ଶ୍ରୀଜୀଉଙ୍କୁ ଫୁଲରେ ସୁସଜ୍ଜିତ ରଥରେ ଉପବେଶନ କରାଯାଇଥିଲା। ୫ଦିନ ଧରି ଚାଲିଥିବା ଏହି ଉତ୍ସବ ଅବସରରେ ଫୁଲ ରଥରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଶ୍ରୀଜୀଉଙ୍କୁ ଶୋଭାଯାତ୍ରାରେ ଅଣାଯାଇ ଫୁଲ ରଥରେ ଉପବେଶନ କରାଯିବା ସହ ରାହାସ ଗୀତ ପରିବେଷଣ କରାଯାଇଥିଲା। ଏହି ଉତ୍ସବ ପାଇଁ ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଥିଲା। ମଠ ପରିଚାଳନା କମିଟି ଟ୍ରଷ୍ଟି ହଳଧର ଦାଶ, ପ୍ରାଧ୍ୟାପକ ପ୍ରଭାକର ସାମଲ, କ୍ଷୀରୋଦ ନାୟକ, ଚାଟରାଚକଡ଼ା ସରପଞ୍ଚ ପୂର୍ଣ୍ଣାନନ୍ଦ ବେହେରା ଓ ହୃଷୀକେଶ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବାଲିପାଟଣାସ୍ଥିତ ଶ୍ରୀଲଛ୍ମନଜୀଉଙ୍କ ମନ୍ଦିର ପରିଚାଳନା ଟ୍ରଷ୍ଟି ଦୟାନିଧି ଦାସ, ସତ୍ୟନାରାୟଣ ବେହେରା, ନାରାୟଣ ପାତ୍ର, ଶିବ ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

### ସାମାଜିକ କର୍ମୀଙ୍କ ବିୟୋଗ

**ମାର୍ଶାଘାଇ,୨୬।୧୧(ଡିଏନଏ)**- ମାର୍ଶାଘାଇ ବ୍ଲକ କୁସୁନପୁର ଗ୍ରାମର ସାମାଜିକ କର୍ମୀ ଅବଳି ନାୟକ(୮୪)ଙ୍କର ଶୁକ୍ରବାର ରାତିରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ୪ ପୁଅ, ନାତି ହିମାଂଶୁ ଶେଖର ନାୟକଙ୍କ ସମେତ ୨ଝିଅ, ଜ୍ୱାଇଁ ଉପସ୍ଥିତ ଥିଲେ। ଦୁମୁକା ପଞ୍ଚାୟତର ସରପଞ୍ଚ ସତ୍ୟନାରାୟଣ ନାୟକ, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଶର୍ମିଷ୍ଠା ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷଦର୍ଶନ କରିଥିଲେ। ଶନିବାର ସକାଳୁ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ସତ୍କାର କରାଯାଇଥିଲା।

■ ଗୋବରୀ ବାଇପାସ୍ ରାସ୍ତା ନିର୍ମାଣ

# ଶିଳାନ୍ୟାସକୁ ୨ ବର୍ଷ, ସରୁନି ଟେଣ୍ଡର ଖେଳ

■ ମୁଖ୍ୟମନ୍ତ୍ରୀ କରିଥିଲେ ଶିଳାନ୍ୟାସ
■ ୩୧ କୋଟି ଟଙ୍କାର ବ୍ୟୟ ମଞ୍ଜୁର
■ ପୂର୍ବରୁ ୫ ଥର ହୋଇଛି ଟେଣ୍ଡର

**କେନ୍ଦ୍ରାପଡା ଅଫିସ, ୨୬।୧୧**

ଆସନ୍ତା ମାର୍ଚ୍ଚ ୧୦ରେ ରାଜ୍ୟର ସର୍ବ ପୁରାତନ ମ୍ୟୁନିସିପାଲିଟି ଭାବେ କେନ୍ଦ୍ରାପଡା ସହରବାସୀ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିବେ । ମାତ୍ର ଏପର୍ଯ୍ୟନ୍ତ ସହରର ସବୁସ୍ଥାନରେ ସହରବାସୀଙ୍କ ପାଇଁ ରାସ୍ତା ନାହିଁ। ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୨୦୧୬ ନଭେମ୍ବର ୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତିନିମୁହାଣୀରୁ ଗୋବରୀ କୂଳ ପଥ ଦେଇ ସହରକୁ ୨ୟ ପାଇପାସ ରାସ୍ତା ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ । ଏଥିପାଇଁ ୩୧ କୋଟି ଟଙ୍କା ବ୍ୟୟ ମଞ୍ଜୁର ହୋଇଥିଲା। ଇତିମଧ୍ୟରେ ଏହି ପ୍ରକଳ୍ପକୁ ୨ ବର୍ଷ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେଉନାହିଁ। ବାରମ୍ବାର ଟେଣ୍ଡର ସମସ୍ୟା ଯୋଗୁ ପ୍ରକଳ୍ପ କାର୍ଯ୍ୟ ଅଟକି ଯାଇଥିବା ଅଭିଯୋଗ ହୋଇଛି। ଏନେଇ ସହରବାସୀ କ୍ଷୋଭ ପ୍ରକାଶ କରିବା ସହ ପ୍ରଶାସନ ଓ ରାଜନେତାଙ୍କ ଅପାରଗତାର ଏହା ଏକ ନମୁନା ବୋଲି କହିଛନ୍ତି । ଏ ସମ୍ପର୍କରେ ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା କୁହନ୍ତିଯେ, ୧୮୬୯ରେ ୧୪ଟି ପଡାର ସମ୍ମିଶ୍ରଣରେ ସହରର ମ୍ୟୁନିସିପାଲିଟି ଗଠନ ହୋଇଥିଲା । ୧୯୮୯ ମସିହାରେ ୨୭ ରାଜସ୍ୱ ଗ୍ରାମକୁ ନେଇ ୨୧ଟି ୱାର୍ଡରେ ବିଭକ୍ତ କରାଯାଇଛି । ତେବେ ଏହି ପୌରାଞ୍ଚଳକୁ ସୁଚିନ୍ତିତ ଭାବେ ଗଢ଼ାଯାଇ ନ ଥିବାରୁ ରାସ୍ତା ଚଉଡା କମ୍ ରହିଛି । ୨୦୧୧ ଜନଗଣନା ଅନୁଯାୟୀ, ଏହି ପୌରାଞ୍ଚଳରେ ମୋଟ ୪୭,୦୦୬ ଜଣ ଥିବାବେଳେ ସମ୍ପ୍ରତି ଏହି ସଂଖ୍ୟା ୫୧ ହଜାରକୁ ଟପିଛି । ଏହି ଦୃଷ୍ଟିରୁ ସହରବାସୀଙ୍କ ପାଇଁ ୨ୟ ବାଇପାସର ଆବଶ୍ୟକତା ପଡିବାରୁ ମୁଖ୍ୟମନ୍ତ୍ରୀ ଗୋବରୀ ନଦୀ କୂଳରେ ବାଇପାସ ନିର୍ମାଣ କରିବା ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର ଏହି କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ଫକିରାବାଦର ସେକ୍ ଜାମିଲ ଅହମ୍ମଦଙ୍କ କହିବାନୁସାରେ, ସହରର ଲୋକସଂଖ୍ୟା ପ୍ରତିଦିନ ବଢ଼ୁଛି। ଯାତାୟାତ ପାଇଁ ଥିବା ୨ ମୁଖ୍ୟ ରାସ୍ତା ମଧ୍ୟରୁ ପୁରୁଣା ବସଷ୍ଟାଣ୍ଡରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ସର୍ବଦା ଭିଡ ରହୁଛି।

ସେହିପରି ପୂର୍ବତନ କାଉନସିଲର ଶରତ ବେହୁରାଙ୍କ କହିବାନୁସାରେ ସହର ମଧ୍ୟରେ ଯାତାୟାତ ସମସ୍ୟାକୁ ଦୃଷ୍ଟିରେ ରଖି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଭାଗବତ ମହାନ୍ତି ନୂଆ ବସଷ୍ଟାଣ୍ଡ ଠାରୁ କୋଟ ପର୍ଯ୍ୟନ୍ତ ଗୋବରୀ ନଦୀ କୂଳରେ ପ୍ରଥମ ବାଇପାସ ରାସ୍ତା ନିର୍ମାଣ କରିଥିଲେ । ୨ୟ ବାଇପାସ ରାସ୍ତା ନିର୍ମାଣ ହେଲେ ସହରରେ ଟ୍ରାଫିକ ସମସ୍ୟା ଦୂର ହୋଇପାରନ୍ତା ବୋଲି ସେ କହିଛନ୍ତି । ଏସମ୍ପର୍କରେ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ମହାନ୍ତି କୁହନ୍ତି, ପ୍ରକଳ୍ପ ପାଇଁ ପୂର୍ବରୁ ୫ ଥର ଟେଣ୍ଡର ହୋଇଛି । ପ୍ରଥମ ଟେଣ୍ଡର କୌଣସି ସଂସ୍ଥା ଭରି ନ ଥିବା ବେଳେ ପର ୪ ଥର ଟେଣ୍ଡର କେବଳ ଜଣେ ଜଣେ ଠିକାଦାର ଯୋଗଦେଇଥିଲେ । ଏଥିପାଇଁ ଶେଷ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏହି ଟେଣ୍ଡର ପେପର ଖୋଲାଯାଇଛି। ଖୁବ୍‌ଶୀଘ୍ର ଉପଯୁକ୍ତ ଟେଣ୍ଡରଧାରୀ ସହ ଚୁକ୍ତିନାମା ସ୍ୱାକ୍ଷର ହୋଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ନିର୍ବାହୀଯନ୍ତ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

■ ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ

# କ୍ୱାର୍ଟର ଫାଇନାଲରେ ଆଳି




ଟୁର୍ନାମେଣ୍ଟରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଡେରାବିଶ, ୨୬।୧୧ (ସ୍ୱ.ପ୍ର.)** ଡେରାବିଶ ବ୍ଲକ ଅଧୀନ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଜିଲାସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟର ପ୍ରଥମ ଦିବସରେ ଆଳି ଆଥଲେଟିକ୍ ଆସୋସିଏଶନ୍ ଓ ପଟ୍ଟାମୁଣ୍ଡାଇ ଆଥଲେଟିକ୍ ଆସୋସିଏଶନ୍ ପରସ୍ପରକୁ ଭେଟିଥିଲେ। ଆଳି ୧-୦ ଗୋଲ୍‌ରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛି। ସାମାଜିକ କର୍ମୀ ରତିକାନ୍ତ କାନୁନ୍‌ଗୋ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ବଲ୍ ଗଡ଼ାଇ ଖେଳ ଶୁଭାରମ୍ଭ କରିଥିଲେ। ଏଥିରେ ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ୍ ଭଦ୍ରକର ଜିତେନ୍ଦ୍ର ପ୍ରସାଦ ବାରିକ, ଉତ୍ତମ ବାରିକ ଓ ମାନସ କୁମାର ବିଶ୍ୱାଳ ରେଫରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜୟଦୁର୍ଗା ଆଥଲେଟିକ୍ ଆସୋସିଏଶନ୍‌ର ସଭାପତି ନୃସିଂହ ନାୟକ, ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ସାମଲ, ରାମଚନ୍ଦ୍ର ସେଠୀ, ଦୀପ୍ତିରଞ୍ଜନ ସ୍ୱାଇଁ, ଅଞ୍ଜନ ମହାନ୍ତି ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ଡେରାବିଶ ବ୍ଲକସ୍ତରୀୟ ବିଜ୍ଞାନମେଳା

**ଡେରାବିଶ, ୨୬।୧୧ (ସ୍ୱ.ପ୍ର.)** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ବଜାରସ୍ଥିତ ଦାମୋଦର ଜୀଉ ବିଦ୍ୟାପୀଠ ପରିସରରେ ସୋମବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୨୬ଟି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ ୧୦୨ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ବିଧାନ ଚନ୍ଦ୍ର ସାମଲ ମୁଖ୍ୟଅତିଥି, ବ୍ଲକ ଶିକ୍ଷା ଅଧିକାରୀ ଅକ୍ଷୟ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ନରହରି ସୂତାର, ଜିଲା ବିଜ୍ଞାନ ସଂଯୋଜକ ପୀତବାସ ପଣ୍ଡା, ଜିଲା ଓଷ୍ଟା ସଭାପତି ପ୍ରମୋଦ କୁମାର ବେହେରା, ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଗରୁଡ ଚନ୍ଦ୍ର ସାହୁ, ବଜାର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ହୃଷୀକେଶ ସ୍ୱାଇଁ ଯୋଗଦେଇ ବିଜ୍ଞାନର ଅଗ୍ରଗତି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲାସ୍ତରୀୟ ବିଜ୍ଞାନ ମେଳାରେ ସାମିଲ ହେବା ପାଇଁ ବଛା ଯାଇଥିବା ୬ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ସୁବୋଧ ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିଆରସିସି ହରେକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବ୍ଲକ ଶିକ୍ଷା ଅଧିକାରୀ ସ୍ୱାଇଁଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମେଳାକୁ ପୂର୍ବାହ୍ନରେ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଗରୁଡ ଚନ୍ଦ୍ର ସାହୁ ଉଦଘାଟନ କରିଥିଲେ। ଠାକୁର ହାଟ ସୁଦର୍ଶନ ହାଇସ୍କୁଲ ପ୍ରଧାନ ଶିକ୍ଷକ ସାରଦା କୁମାର ପାଣି, ହଳଦିଆ ପାଟଣା ମଙ୍ଗଳେଶ୍ୱର ବିଦ୍ୟାପୀଠର ସହକାରୀ ଶିକ୍ଷକ ଭାଗିରଥି ମହାନ୍ତି, ସିଆରସିସି କାହ୍ନୁ ଚରଣ ଦାସ, ଅନାଦି ଚରଣ ଓଝା, କ୍ଷୀରୋଦ ସାହୁ, ଭକ୍ତରଞ୍ଜନ ସ୍ୱାଇଁ, ଅକ୍ଷୟ ମହାପାତ୍ର, ଅଶ୍ୱିନୀ କୁମାର ରାଉତ, ହିମାଂଶୁ ଶେଖର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଯୁବ କଂଗ୍ରେସ ସଭାପତିଙ୍କୁ ମାଡ଼ ଅଭିଯୋଗ

**ରାଜନଗର, ୨୬।୧୧ (ଡି.ଏନ୍.ଏ.)** ରାଜନଗର ବ୍ଲକ ଯୁବ କଂଗ୍ରେସ ସଭାପତି ବିମଳ କୁମାର ବିଶ୍ୱାଳଙ୍କୁ ତାଙ୍କ ଗ୍ରାମ ଧାନଦିଆରେ ଜଣେ ଠିକାଦାର ଓ ସହଯୋଗୀମାନେ ମାଡ଼ ମାରିଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଧାନଦିଆ ଗ୍ରାମରେ ନିର୍ମିତ ପାନୀୟଜଳ ପ୍ରକଳ୍ପରୁ ନୂଆଗାଁ, ବାରଦିଆ ଓ ପୋଖରିଆ ଗ୍ରାମକୁ ପାଇପ ଲାଇନ କାହିଁକି ସଂଯୋଗ କରାଯାଇ ନାହିଁ ବୋଲି ସେଠାରେ କାର୍ଯ୍ୟରତ ଠିକାଦାର ଭିକାରୀ ଚରଣ ପ୍ରଧାନଙ୍କୁ ବିମଳ ପଚାରିଥିଲେ। ମାତ୍ର ଠିକାଦାର ଓ ୫ ସହଯୋଗୀ ବିମଳଙ୍କୁ ନିସ୍ତୁକ ମାଡ଼ ମାରିଥିଲେ ବୋଲି ବିମଳ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

**ଆଳି, ୨୬।୧୧ (ଡି.ଏନ୍.ଏ.)** ଆଳି ନିର୍ବାଚନ ମଣ୍ଡଳୀ ଅଧୀନ ୩ ନଂ. ଜୋନର ପତ୍ରପୁର ଓ ନରେନ୍ଦ୍ରପୁର ପଞ୍ଚାୟତରେ ଭାଜପା ପକ୍ଷରୁ ଜନ ପରାମର୍ଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯୁବନେତା ରଶ୍ମିରଞ୍ଜନ ବେହୁରାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ, ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁ, ଉପ ସଭାପତି ଭକ୍ତବନ୍ଧୁ ମିଶ୍ର, ପ୍ରଭାରୀ କିଶୋର ପଣ୍ଡା, ବିସ୍ତାରକ ତପନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩ ନଂ. ଜୋନ ମଣ୍ଡଳ ସଭାପତି ଅରୁଣ ରାଉତ, ୪ ନଂ. ଜୋନର ରତ୍ନାକର ମହାନ୍ତି, କରୁଣାକର ତ୍ରିପାଠୀ, ପ୍ରିୟଦର୍ଶନୀ ନନ୍ଦ, କ୍ଷୀରୋଦ ପଣ୍ଡା, ଶରତ ଜଗଦେବ, ଅମୀୟ ରାଉତ, ବିଚିତ୍ର ଚୁଲି ଓ ଶ୍ରୀକାନ୍ତ ପାଣ୍ଡବ ପ୍ରମୁଖ ସାମିଲ ଥିଲେ।




ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀମାନେ।

## ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ପାଟକୁରା, ୨୬।୧୧ (ଡି.ଏନ୍.ଏ.)**

ଗରଦପୁର ବ୍ଲକ ପାଟକୁରା ପଞ୍ଚାୟତସ୍ଥିତ ସିଙ୍ଗିଟିଆ ଦେବୀ ମଣ୍ଡପ ନିକଟରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ଗରଦପୁର ବିଡିଓ ଧରଣୀଧର ବେହେରା ମୁଖ୍ୟଅତିଥି, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ ଦାସ ମୁଖ୍ୟବକ୍ତା, ସବ୍ ରେଜିଷ୍ଟ୍ରାର ଦିଲ୍ଲୀପ ସେଠୀ, ବ୍ଲକ ବିଜୁ ଯୁବ ବାହିନୀ ସଂଯୋଜକ ଶ୍ରୀକାନ୍ତ ପରିଡ଼ା, ସରପଞ୍ଚ ସୂର୍ଯ୍ୟମଣୀ ସେଠୀ ଓ ସମିତିସଭ୍ୟା ମମତା ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ହାଇସ୍କୁଲ ପରୀକ୍ଷାରେ ଅଧିକ ନମ୍ବର ରଖିଥିବା ବିଶ୍ୱରଞ୍ଜନ ସ୍ୱାଇଁ ଓ ପୂଜାରାଣୀ ସେଠୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ସନ୍ତୋଷ କୁମାର ଜେନା, ପ୍ରିୟଙ୍କା ବାରିକ, ଇତିଶ୍ରୀ ତ୍ରିପାଠୀ, ସୁଶ୍ରୀ ସୁଲଗ୍ନା ମଲ୍ଲିକ, ସୋନାଲି ପ୍ରଧାନ, ଖବରଦାତା ସୁବାସ ଚନ୍ଦ୍ର ଖୁଣ୍ଟିଆ ଓ ସାମାଜିକ କର୍ମୀ ଉଦୟନାଇ ଚୌଧୁରୀ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା।

## ମେଗା ଚିକିତ୍ସା ଶିବିରରେ ୪୨୩ ରୋଗୀ

**କେନ୍ଦ୍ରାପଡା ଅଫିସ, ୨୫।୧୧**

କେନ୍ଦ୍ରାପଡା ବ୍ଲକ ବଗଡାସ୍ଥିତ ସିଦ୍ଧ ମରିଚାଣୀ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ଏକ ମେଗା ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ଶିବିରରେ କର୍ଣ୍ଣ, ଗଳା, ନାସା, ଭେଷଜ, ଶିଶୁ ରୋଗ, ଦାନ୍ତ ଓ ସ୍ତ୍ରୀ ରୋଗ ବିଭାଗରେ ମୋଟ ୪୨୩ ରୋଗୀଙ୍କୁ ଚିକିତ୍ସା କରାଯାଇଥିଲା । ଶିବିରକୁ ସିଡିଏମଓ ଡା. ବୈଷ୍ଣବ ଚରଣ ସାହୁ ଓ କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ ଉଦ୍‌ଘାଟନ କରିଥିଲେ । ଏଥିରେ କଳିଙ୍ଗ ହସପିଟାଲ ଓ ଜିଲା ମୁଖ୍ୟ ଚିକିତ୍ସାଳୟର ବହୁ ବରିଷ୍ଠ ବିଶେଷଜ୍ଞ ଯୋଗ ଦେଇଥିଲେ । ଛଘରିଆସ୍ଥିତ ଶାନ୍ତି ଓ ପ୍ରଗତି ଚାରିଟେବୁଲ ଟ୍ରଷ୍ଟ ସହଯୋଗରେ ଆୟୋଜିତ ଏହି ଶିବିରକୁ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଭଜକୃଷ୍ଣ ରାଉତ, ଅକ୍ଷୟ କୁମାର ପାଣି, ସୁକାନ୍ତ ଜେନା, ବ୍ରଜକିଶୋର ବିଶ୍ୱାଳ, ରବୀନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ ।

■ ଭାରି ପଡ଼ିଲା ତାଗିଦା କରିବା

## ଥାନା ପରିସରରେ ୨ ପୋଲିସଙ୍କୁ ମାଡ଼

**୩ ଯୁବକ ଗିରଫ**

**ରାଜନଗର, ୨୬।୧୧ (ଡି.ଏନ୍.ଏ.)**

ରାଜନଗର ଥାନା ପରିସରରେ ୨ ପୋଲିସ କର୍ମଚାରୀଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଥାନା ଅଧୀନ ଧନେଶ୍ୱରପୁର ଗ୍ରାମର ଅଭିମନ୍ୟୁ ଲେଙ୍କା, ଜଗନ୍ନାଥପୁରର ମଧୁସୂଦନ ସ୍ୱାଇଁ ଓ ତାଙ୍କ ବନ୍ଧୁ ହରିୟାନା ଗୁରୁଗାଓର ରାମଦୁଲାର ଯାଦବ।

ଘଟଣା ମୁତାବକ, ଅଭିମନ୍ୟୁ, ମଧୁସୂଦନ ଓ ରାମଦୁଲାର ରବିବାର ଏକ କାର୍ (ନଂ.-ଡିଏଲ-୧ ଜେଡଏ-୩୦୭୩) ଯୋଗେ ପେଣ୍ଠ ସମୁଦ୍ରକୂଳ ବୁଲିବାକୁ ଯାଇଥିଲେ। ରାସ୍ତା ଉପରେ ଗାଡ଼ି ରଖି ୩ଜଣ ଯାକ ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର କରୁଥିଲେ। ସେହି ସମୟରେ ଅନ୍ୟ ଏକ କେସ୍‌ରେ ରାଜନଗର ଥାନାର ରାଇଟର କୁନାଲ ଚନ୍ଦ୍ର ସାମଲ ଓ କନଷ୍ଟେବଳ ତପନ କୁମାର ବେହୁରା ସେଠାକୁ ଯାଇଥିବା ବେଳେ ସେମାନଙ୍କୁ ତାଗିଦା କରିଥିଲେ। ତେବେ ଅଭିମନ୍ୟୁ ଓ ତାଙ୍କର ୨ବନ୍ଧୁ ୨ପୋଲିସ କର୍ମଚାରୀଙ୍କୁ ଥାନା ପର୍ଯ୍ୟନ୍ତ ଗୋଡାଇବା ସହ ଥାନା ସମ୍ମୁଖରେ ନିସ୍ତୁକ ମାଡ଼ ମାରିଥିଲେ। ଏହି ମାଡପିଟ୍ ବେଳେ ଥାନାକୁ ଆସିଥିବା ମଙ୍ଗୁଳି ରାଉତ ନାମକ ଜଣେ ବ୍ୟକ୍ତି ମଧ୍ୟ ଆହତ ହୋଇଥିଲେ। ତେବେ ଥାନାର ଅନ୍ୟ କର୍ମଚାରୀମାନେ ବାହାରକୁ ଆସି ଉକ୍ତ ୩ ଯୁବକଙ୍କୁ ଅଟକାଇଥିଲେ। ଏ ନେଇ କୁନାଲ ଚନ୍ଦ୍ର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୋଲିସ ୧୯୩/୧୮ ନଂ.ରେ ଏକ ମାମଲା ରୁଜୁ କରିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଅଭିମନ୍ୟୁ, ମଧୁସୂଦନ ଓ ରାମଦୁଲାରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ପ୍ରକୃତି ମୁଖପତ୍ର 'ଦି ହେନ୍ତାଳ' ଉନ୍ମୋଚିତ

**ରାଜନଗର,୨୬।୧୧(ଡି.ଏନ୍.ଏ.)** ଗହୀରମଥା ମାରାଇନ ଟର୍ଟଲ ପ୍ରୋଟେକ୍ସନ ଆଣ୍ଡ ମ୍ୟାନଗ୍ରୁଭ ପ୍ରୋଟେକ୍ସନ ସଂଗଠନ ତରଫରୁ ପ୍ରକୃତି ମୁଖପତ୍ର 'ହେନ୍ତାଳ'ର ଉନ୍ମୋଚନ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ପାଇଁ ହେନ୍ତାଳର ଇଂରାଜୀ ସଂସ୍କରଣ 'ଦି ହେନ୍ତାଳ' ପତ୍ରିକା ପ୍ରକାଶ ପାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ଆଶିଷ ସେନାପତି, ଗହୀରମଥା ଅତିରିକ୍ତ ବନସଂରକ୍ଷକ ଶ୍ରୀରାମପଦ ଶ୍ରୀଅରବିନ୍ଦ ମିଶ୍ର, ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ଆଇନଜୀବୀ ରାମକୃଷ୍ଣ ଦାସ, ଶିକ୍ଷାବିତ୍ ମହେଶ୍ୱର ସେଠୀ, ପତ୍ରିକାର ସମ୍ପାଦକ ତଥା କବି ହେମନ୍ତ କୁମାର ରାଉତ, ଅଶୋକ ସ୍ୱାଇଁ, ଜଗନ୍ନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗହୀରମଥା ସୁରକ୍ଷାର ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା।

■ କେନ୍ଦ୍ରାପଡା ମାର୍କଫେଡ ଧାନକିଣା ଦୁର୍ନୀତି

## ମାନହାନି ମାମଲା ରୁଜୁ କଲେ ଧ୍ରୁବ

**କେନ୍ଦ୍ରାପଡା ଅଫିସ/ରାଜନଗର (ଡି.ଏନ୍.ଏ), ୨୬।୧୧**

୨୦୧୫-୧୬ ଆର୍ଥିକ ବର୍ଷରେ କେନ୍ଦ୍ରାପଡ଼ା ଜିଲାରେ ହୋଇଥିବା ଧାନକିଣା ଦୁର୍ନୀତି ବିବାଦ ଥମିବାର ନାଁ ଧରୁନି। ଭିଜିଲାନ୍ସ ତଦନ୍ତ ସରି ନଥିବା ବେଳେ ସୋମବାର ପୁଣି ଏକ ମାନହାନି ମାମଲା ଆବେଦନ କରାଯିବା ଘଟଣା ଜିଲାରେ ଆଲୋଚନାର ବିଷୟ ହୋଇଛି। କେନ୍ଦ୍ରାପଡ଼ା ଜିଲାରେ ମାର୍କଫେଡ୍ ଧାନ କିଣାରେ ହୋଇଥିବା ଦୁର୍ନୀତିରେ ବିଜେଡି ଜିଲା ସଭାପତି ଧ୍ରୁବ ସାହୁଙ୍କ ସମ୍ପୃକ୍ତି ନେଇ ଏକ ବୈଦ୍ୟୁତିକ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। ଏହାକୁ ବିରୋଧ କରି ଧ୍ରୁବ ରାଜନଗର ଜେଏମ୍‌ଏଫ୍‌ସିଙ୍କ ନିକଟରେ ଉକ୍ତ ବୈଦ୍ୟୁତିକ ଗଣମାଧ୍ୟମର ପରିଚାଳନା ନିର୍ଦ୍ଦେଶିକା ଓ ଖବରଦାତାଙ୍କ ସମେତ ରାଜନଗର ବିଧାୟକଙ୍କ ନାମରେ ମାମଲା ରୁଜୁ କରିଛନ୍ତି।

ଧ୍ରୁବ ଅଭିଯୋଗ କରିଛନ୍ତି ଯେ, ଗତ ଏପ୍ରିଲ ୪ ତାରିଖରେ ଉକ୍ତ ବୈଦ୍ୟୁତିକ ଗଣମାଧ୍ୟମର ଖବରଦାତା ମାର୍କଫେଡ ଧାନ କିଣା ଦୁର୍ନୀତିରେ ଧ୍ରୁବଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ୫୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କିନ୍ତୁ ସେ ଏହି ଟଙ୍କା ନଦେବାରୁ ଏପ୍ରିଲ ୭ ତାରିଖରେ ଧ୍ରୁବ ଏହି ଦୁର୍ନୀତିରେ ସମ୍ପୃକ୍ତ ଥିବା ଦର୍ଶାଇ ଉକ୍ତ ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରଣ କରାଯାଇଥିଲା। ଏହି ଖବର ପ୍ରସାରଣ ପଛରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତିଙ୍କର ପ୍ରଚ୍ଛନ୍ନ ହାତ ରହିଛି। ଅପରପକ୍ଷରେ ମାର୍କଫେଡ ଧାନ କିଣା ମାମଲାରେ ବିଭିନ୍ନ ତଦନ୍ତ ରିପୋର୍ଟରେ ତାଙ୍କୁ କ୍ଲିନ ଚିଟ୍ ମିଳିଛି। ଉକ୍ତ ଗଣମାଧ୍ୟମରେ ମିଥ୍ୟା ଖବର ପ୍ରସାରଣ ଯୋଗୁ ଜିଲା ତଥା ରାଜ୍ୟରେ ତାଙ୍କ ଭାବମୂର୍ତ୍ତି ମଳିନ ହୋଇଛି ବୋଲି ଧ୍ରୁବ କହିଛନ୍ତି। ଏ ସମ୍ପର୍କରେ ବିଧାୟକ ମହାନ୍ତି କୁହନ୍ତି, ଦୁର୍ନୀତିର ତଦନ୍ତ ଏବେ ଭିଜିଲାନ୍ସ ବିଭାଗ ଅଧୀନରେ ଅଛି। ଜିଲା ବିଜେଡି ସଭାପତିଙ୍କୁ ଅଦ୍ୟାବଧି କୌଣସି ତଦନ୍ତ ରିପୋର୍ଟରେ କ୍ଲିନ ଚିଟ୍ ମିଳିନାହିଁ।

ସୂଚନାଯୋଗ୍ୟ, ଏହା ପୂର୍ବରୁ ବିଧାୟକ ଅଂଶୁମାନ ମହାନ୍ତି ବିଜେଡି ଜିଲା ସଭାପତି ସାହୁଙ୍କ ବିରୋଧରେ କୋଟିଏ ଟଙ୍କାର ମାନହାନି ମାମଲାର ଓକିଲ ନୋଟିସ ଗତ ଅକ୍ଟୋବର ୧୫ ତାରିଖରେ ପଠାଇଥିଲେ। ମାର୍କଫେଡ ଦ୍ୱାରା କେନ୍ଦ୍ରାପଡା ଜିଲାରେ ଧାନକିଣା ସମୟରେ ବହୁ ଦୁର୍ନୀତି ହୋଇଥିବା ନେଇ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏନେଇ ତଦନ୍ତ ପରେ କୋଟିଏରୁ ଅଧିକ ଟଙ୍କା ଦୁର୍ନୀତି ହୋଇଥିବା ଜଣାପଡିଥିଲା। ଏବେ ଏହି ତଦନ୍ତ ଭିଜିଲାନ୍ସ ବିଭାଗ ଅଧୀନରେ ଅଛି।

# ୨୬ ବର୍ଷ ହେବ ମରାମତି ହେଉନି କଲଭର୍ଟ

■ ବିପଦପୂର୍ଣ୍ଣ ଅବସ୍ଥାରେ ଚାଲିଛି ଯାତାୟାତ

■ ପେଟାନାଳ, ହାଟସାହି ଦଣ୍ଡାନାଳ କଲଭର୍ଟ
■ ୧୯୮୮ରେ ନିର୍ମାଣ ହୋଇଥିଲା ୨ କଲଭର୍ଟ
■ ଅସୁରକ୍ଷିତ ହୋଇପଡିଛି ଉଭୟ କଲଭର୍ଟ
■ ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ଚେତାବନୀ

**ରାଜକନିକା, ୨୬।୧୧(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ସିହୋପଡା-ହାଟସାହି ରାସ୍ତାର ୫ କିଲୋମିଟର ମଧ୍ୟରେ ପେଟାନାଳ ଓ ହାଟସାହି ଦଣ୍ଡାନାଳ ଉପରେ ନିର୍ମାଣ କରାଯାଇଥିବା ୨ଟି କଲଭର୍ଟ ଏବେ ଜରାଜୀର୍ଣ୍ଣ ହୋଇପଡିଛି। ଏହି କଲଭର୍ଟ ନିର୍ମାଣ ହେବାର ଇତିମଧ୍ୟରେ ୨୬ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଥରଟିଏ ମଧ୍ୟ ମରାମତି ହୋଇନାହିଁ। ଏହାର ମରାମତି ଲାଗି ପ୍ରଶାସନ ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ନିଆଯାଇନାହିଁ। ସୂଚନାଯୋଗ୍ୟ, ୧୯୮୮ରେ ପେଟାନାଳ ଉପରେ ୧ଲକ୍ଷ ୩୦ହଜାର ଟଙ୍କା ଓ ହାଟସାହି ଦଣ୍ଡାନାଳ ଉପରେ ୫୧ହଜାର ଟଙ୍କା ବ୍ୟୟରେ ୨ଟି କଲଭର୍ଟ ପଞ୍ଚାୟତ ସମିତି ପକ୍ଷରୁ ନିର୍ମାଣ କରାଯାଇଥିଲା । ଏହି ରାସ୍ତାକୁ ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ୧୯୯୨ରେ ହାତକୁ ନେଇ ପିଚୁ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏଥିପ୍ରତି ଧ୍ୟାନ ଦେଇ ନ ଥିଲା। ଫଳରେ ଏବେ ଏହି ୨ଟି କଲଭର୍ଟ ଅବସ୍ଥା ଶୋଚନୀୟ ହୋଇପଡିଛି। କଲଭର୍ଟଗୁଡିକରେ ଦୁଇପଟେ ବାଡ ନ ଥିବା ବେଳେ ଇଟାଗୁଡିକ ଭାଙ୍ଗିରୁଜି ଗଲାଣି । ଫଳରେ ବହୁ ସମୟରେ ଯାତ୍ରୀମାନେ ଯାତାୟାତ ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହି ରାସ୍ତା ଉପରେ ଦୈନିକ ହାଟସାହି, ଅବଦୁଲପୁର, ଚରପଡା, ପଣସଗଣ୍ଡ, ପଧାନପଡା ପଞ୍ଚାୟତ ଲୋକେ ନିର୍ଭର କରିଥାନ୍ତି। ଯାତ୍ରୀମାନେ ଏହି ରାସ୍ତା ଦେଇ ରାଜକନିକା ବ୍ଲକ, ଥାନା, ତହସିଲ ଓ ଅଞ୍ଚଳର ମୁଖ୍ୟ ବାଣିଜ୍ୟକେନ୍ଦ୍ର ଓଳାଭର ବଜାରକୁ ଯାତାୟାତ କରିଥାନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଏଥିପ୍ରତି ଧ୍ୟାନ ନ ଦେଇ ନିଦା ବିଷ୍ଣୁ ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କିଛିଦିନ ତଳେ କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ତଥା କେନ୍ଦ୍ରାପଡା ଜିଲାପାଳ ଦାଶରଥି ଶତପଥୀ ଏହି ରାସ୍ତାଦେଇ ହାଟସାହି ପଞ୍ଚାୟତକୁ ଆସିଥିବା ବେଳେ ପୂର୍ବତନ ସରପଞ୍ଚ ଅଭୟ କୁମାର ବେଉରିଆଙ୍କ ନେତୃତ୍ୱରେ ବହୁ ଚାଷୀ ତାଙ୍କୁ ଭେଟି କଲଭର୍ଟଗୁଡିକୁ ମରାମତି କରିବା ପାଇଁ ଦାବି କରିଥିଲେ । ଉକ୍ତ ସ୍ଥାନରେ ନୂତନ କଲଭର୍ଟ ନିର୍ମାଣ କରିବା ପାଇଁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି। ତୁରନ୍ତ ଏନେଇ ପଦକ୍ଷେପ ନିଆ ନ ଗଲେ ଜନ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରଣବ ବିଶ୍ୱାଳ କହିଛନ୍ତି, ଏହି ସ୍ଥାନରେ ନୂତନ କଲଭର୍ଟ ନିର୍ମାଣ କରିବା ଲାଗି ବିଭାଗ ପକ୍ଷରୁ ଯୋଜନା ଚାଲିଛି।

## ସଂକ୍ଷେପରେ

### ଆମ ଗାଁ ଆମ ବିକାଶ ପ୍ରସ୍ତୁତି

**ଏରସମା,୨୬।୧୧(ସ୍ୱ.ପ୍ର.):** ଏରସମା ବ୍ଲକ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ ଓରନାଳ ମକରଧ୍ୱଜ ପବ୍ଲିକ ସ୍କୁଲ ପରିସରରେ ରବିବାର ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏରସମା ବ୍ଲକ ବିଜେଡି ସଭାପତି ତଥା ଏମପିଙ୍କ ପ୍ରତିନିଧି ପୀତବାସ ଗଛାୟତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ଜିଲାପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର, ଇତିଶ୍ରୀ ଭୂୟାଁ, ବ୍ଲକ ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ବେଉରା, ବ୍ଲକ ବିଜେଡି ଉପସଭାପତି ବିଜୟ ପାଳ, ଯୁବ ବିଜେଡି ସଭାପତି କିଶୋର ଜେନା, ସମ୍ପାଦକ ବରଦା ରାଉତ, ମହିଳା ବିଜେଡି ସଭାପତି ପ୍ରଦାୟିନୀ ମହାନ୍ତି, ଶୁଭ ଶାସମଲ ପ୍ରମୁଖ ଯୋଗ ଦେଇ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପାଇଁ ଅତିଥି ଚୟନ, ବିଭିନ୍ନ ପ୍ରକଳ୍ପ ପ୍ରଦାନ, ସ୍ଥାନ ନିର୍ଦ୍ଧାରଣ ପ୍ରଭୃତି ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା।

### ଭଗବତୀ ପୀଠରେ ଚାନ୍ଦ ପୂଜା

**ତିର୍ତ୍ତୋଲ,୨୬।୧୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ତାରତୋଲଠାରେ ପୂଜ୍ୟ ପୂଜକ ବାବା ବଳିଆଙ୍କ ଦ୍ୱାରା ଚାନ୍ଦପୂଜା ଅନୁଷ୍ଠିତ ହୋଇଛି। ଅରିଲୋସ୍ଥିତ ଶିଶୁଅନନ୍ତ ଆଶ୍ରମରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ବାବା ବଳିଆ ମହାନଦୀ କୂଳରେ ପହଞ୍ଚିଥିଲେ। ପ୍ରଥମେ ମା ଭଗବତୀଙ୍କ ଦର୍ଶନ ସାରି ନଦୀକୂଳରେ ଚନ୍ଦ୍ର ଦେବତାଙ୍କ ପୂଜା କରିଥିଲେ। ଭାଜପା ନେତା ଗତିକୃଷ୍ଣ ଶତପଥୀ, ବିଡିଓ ରଞ୍ଜନ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ। ରାମାୟଣୀ ପଣ୍ଡିତ ଅଭୟ ଦାଶ ମଞ୍ଚ ପରିଚାଳନା କରିଥିଲେ। ଶରତ ବେହେରା, ବୈଷ୍ଣବ ବେହେରା, ପ୍ରଭାକର ରାଉତ, ପଣ୍ଡିତ ଶୁକଦେବ ଆଚାର୍ଯ୍ୟ, ଶ୍ୱେତ ଦାସ, ହେମନ୍ତ ରାଉତ, ପଣ୍ଡିତ ବାବାଜୀ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ଯଶୋବନ୍ତ ଦାସଙ୍କ ଶ୍ରାଦ୍ଧୋତ୍ସବ ପ୍ରସ୍ତୁତି

**ବିରିଡ଼ି,୨୬।୧୧(ଡି.ଏନ.ଏ.):** ମହାପୁରୁଷ ଯଶୋବନ୍ତ ଦାସ ଗୋସ୍ୱାମୀଙ୍କ ଶ୍ରାଦ୍ଧୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଯଶୋବନ୍ତ ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଛି। ବିରିଡି ବ୍ଲକ ନାଇଲୋସ୍ଥିତ ସଂସ୍କୃତି ପରିଷଦ ଗୃହରେ ହୋଇଥିବା ବୈଠକରେ ସଂସଦର ସଭାପତି ଦେବୀପ୍ରସାଦ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ଉତ୍ସବରେ ଯଶୋବନ୍ତ ପ୍ରତିଭା ସମ୍ମାନ, ଯଶୋବନ୍ତ ସେବା ସମ୍ମାନ, ଯଶୋବନ୍ତ ସାହିତ୍ୟ ସମ୍ମାନ ଓ ସଂସ୍କୃତି ସମ୍ମାନ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଓ ଦକ୍ଷତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦେବାକୁ ସ୍ଥିର ହୋଇଥିଲା। ବୈଠକରେ କାର୍ଯ୍ୟକାରୀ ସଭାପତି ପଦ୍ମନାଭ ଭୋଇ, ସୁରେଶ ଚନ୍ଦ୍ର ଜେନା, ବାମଦେବ ସ୍ୱାଇଁ, ଅଶୋକ କୁମାର ଦାସ, ବିଶ୍ୱନାଥ ଦାସ, ଗଗନ ବିହାରୀ ଦାସ, କିଶୋର ଚନ୍ଦ୍ର ମହାନ୍ତି, ସୁଧାକର ପାତ୍ର, ଅଭୟ ମଲ୍ଲିକ, ଅଲେଖ ବାରିକ, ସୀତାଂଶୁ ଶେଖର ରାୟ, ନିକୁଞ୍ଜ କିଶୋର ଭଞ୍ଜ, ପତିତପାବନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରାହ୍ମଣ ମହାସଭାର ମହାଧିବେଶନ

**ଜଗତ୍‌ସିଂହପୁର ଅଫିସ, ୨୬।୧୧:** ରାଞ୍ଚିର ଆୟୁର୍ବେଦ ମେଡିକାଲ କଲେଜ ପରିସର ପର୍ଶୁରାମ ସଭାଗୃହରେ ଶାକଦ୍ୱୀପୀ ବ୍ରାହ୍ମଣ ମହାସଭାର ୪୦ତମ ମହାଧିବେଶନ ଅନୁଷ୍ଠିତ ହୋଇଛି। ଏହି ସର୍ବଭାରତୀୟ ସମ୍ମିଳନୀରେ ଓଡ଼ିଶାରୁ ନିଖିଳୋତ୍କଳ ଶାକଦ୍ୱୀପୀ ବ୍ରାହ୍ମଣ ସମାଜର ସଭାପତି ପଣ୍ଡିତ ବିଜୟ କୁମାର ନାୟକ ଶର୍ମାଙ୍କ ସମେତ ଆସାମର ଡ. ହରେ ରାମ ପାଠକ, ଜାମସେଦପୁରର ଡ. ସତ୍ୟ ନାରାୟଣ ପାଣ୍ଡେୟ, ରାଜସ୍ଥାନର କୁଳଦୀପ ବ୍ୟାସ, ରାଞ୍ଚିର ଆଚାର୍ଯ୍ୟ ନରୋତ୍ତମ ଶାସ୍ତ୍ରୀ ଓ ଜାନକୀ ବଲ୍ଲଭ ଶାସ୍ତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଭାରତୀୟ ସଂସ୍କୃତି ଓ ସମାଜ କଲ୍ୟାଣରେ ଶାକଦ୍ୱୀପୀ ବ୍ରାହ୍ମଣମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଦ୍ୟଭାଷାର ମର୍ଯ୍ୟାଦା ବୃଦ୍ଧି କରିଥିବାରୁ ପଣ୍ଡିତ ନାୟକ ଶର୍ମାଙ୍କୁ ଭାସ୍କର ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନିଖିଳୋତ୍କଳ ଶାକଦ୍ୱୀପୀ ବ୍ରାହ୍ମଣ ସମାଜ ସଂଯୋଜକ ଶେଖର ଆଚାର୍ଯ୍ୟ, ଶାକଦ୍ୱୀପୀ ବ୍ରାହ୍ମଣ ସମାଜ ସମୀକ୍ଷକ ରବୀନ୍ଦ୍ର କୁମାର ନାୟକ ଶର୍ମା, ରାଉରକେଲା ଶାକଦ୍ୱୀପୀ ବ୍ରାହ୍ମଣ ସମାଜର ଶ୍ରୀନାଥ ନାୟକ, ବିପିନି ବିହାରୀ ନାୟକ, ରାଜ ନାୟକ, ନୟାଗଡ଼ର ପୂର୍ଣ୍ଣଚନ୍ଦ୍ର ନାୟକ, ନିଖିଳୋତ୍କଳ ଶାକଦ୍ୱୀପୀ ବ୍ରାହ୍ମଣ ସମାଜର ଯୁଗ୍ମ ସମ୍ପାଦକ ପଣ୍ଡିତ ବିଚିତ୍ରାନନ୍ଦ ଗ୍ରହାଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

■ ଜଣେ ଆର୍‌ଆଇଙ୍କୁ ନେଇ ଚାଲିଛି ଛପଡ଼ା ରାଜସ୍ୱ ସର୍କଲ

# ଅଧିକାରୀ ତଦନ୍ତରେ ଗଲେ ଅଫିସରେ ତାଲା

■ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ
■ଆର୍ଥିକ ବର୍ଷରେ ଟାର୍ଗେଟ ପୂରଣ ନେଇ ଉଠୁଛି ପ୍ରଶ୍ନ

**ରଘୁନାଥପୁର, ୨୬।୧୧( ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଲୋକଙ୍କ ରାଜସ୍ୱ ଜନିତ ସମସ୍ୟାର ସମାଧାନ ତଥା ଖଜଣା ଜଳକର ଆଦାୟ ପାଇଁ ପ୍ରତି ତହସିଲ ଅଧୀନରେ ଆରଆଇ ସର୍କଲ ଖୋଲାଯାଇଛି। କେତେଗୋଟି ସର୍କଲରେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନ ଥିବାରୁ ସାଧାରଣ ଜନତା କାମ ହୋଇପାରୁନାହିଁ। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ତହସିଲ ଅନ୍ତର୍ଗତ ସବୁଠାରୁ ବଡ ଛପଡା ଆରଆଇ ସର୍କଲ କ୍ଷେତ୍ରରେ। ଯେଉଁଠି କି ଏକମାତ୍ର ଆରଆଇଙ୍କୁ ନେଇ ଚାଲିଛି ଅଫିସ କାର୍ଯ୍ୟ। ଅନେକ ସମୟରେ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିନ୍ଧାଣୀ କୌଣସି ତଦନ୍ତରେ ହେଉ ଅବା ତହସିଲକୁ ଯାଉଥିବା ସମୟରେ କାର୍ଯ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ସମ୍ପର୍କରେ ଛପଡା ଆରଆଇ ବିନ୍ଧାଣୀଙ୍କୁ ପଚାରିବାରେ ପ୍ରକୃତ ସମସ୍ୟା ଜଣାପଡିଥିଲା। ସର୍କଲରେ ଆରଆଇ, ଏଆରଆଇ, ଅମିନ, ପ୍ରୋସେସ୍ ସର୍ଭର, ଚେନ୍‌ମ୍ୟାନ ଓ ପିଅନଙ୍କୁ ନେଇ କାର୍ଯ୍ୟ ଚାଲେ। ତେବେ ଏହି ସର୍କଲରେ ଆରଆଇଙ୍କୁ ଛାଡି ଦେଲେ ସମସ୍ତ ପଦବୀ ଖାଲି ପଡିଛି। ତହସିଲ ପକ୍ଷରୁ ଜଣେ ପିଅନଙ୍କୁ ତିନିଦିନିଆ ଡେପୁଟେଶନରେ ପଠାଯାଉଛି। ତେବେ ଯେଉଁ ତିନିଦିନ ସେ ଆସୁନାହାନ୍ତି, ଅଫିସରରେ ଜରୁରୀ କାର୍ଯ୍ୟ ପଡିଲେ ବାଧ ହୋଇ ବନ୍ଦ କରି ଯିବାକୁ ପଡୁଛି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଏହି ସର୍କଲଟି ୩ ଗୋଟି ପଞ୍ଚାୟତର ୧୩ ଗୋଟି ରାଜସ୍ୱ ଗାଁକୁ ନେଇ କାର୍ଯ୍ୟ କରୁଛି। ସର୍କଲରେ ବିଭିନ୍ନ ପ୍ରକାର କାର୍ଯ୍ୟ ରହିଛି। ଏହାଛଡା ଚଳିତ ଆର୍ଥିକ ବର୍ଷରେ ସର୍କଲକୁ ପାଖାପାଖି ୨୫ ଲକ୍ଷ ୨୯ ହଜାର ଟଙ୍କା ରାଜସ୍ୱ ଆଦାୟ ପାଇଁ ଟାର୍ଗେଟ ରହିଛି। ଅତିକମ୍‌ରେ ଦୁଇଜଣ କର୍ମଚାରୀଙ୍କୁ ଏହି ସର୍କଲରେ ନିଯୁକ୍ତି ଦିଆ ନ ଯାଏ ତାହା ହେଲେ ଟାର୍ଗେଟ ପୂରଣ କରିବା ଅସମ୍ଭବ ହୋଇପଡିବ। ଗୋଟେ ପଟେ ସରକାର ରାଜସ୍ୱ କ୍ଷତି ସହିବାକୁ ଯାଉଥିବା ବେଳେ ଅନ୍ୟପକ୍ଷେ ଯେଉଁ ଉଦ୍ଦେଶ୍ୟ ନେଇ ଗ୍ରାମାଞ୍ଚଳରେ ରାଜସ୍ୱ ସର୍କଲ ଖୋଲାଯାଇ ଲୋକମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଥିଲା, ତାହା ବାସ୍ତବତାଠାରୁ ଦୂରରେ ରହିଯିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଦେବାଶିଷ ପାତ୍ରଙ୍କୁ ପଚାରିବାରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ଏହାର ସାମାଧାନ ହୋଇଯିବ ବୋଲି ସେ କହିଛନ୍ତି।



ମାତୃ ସମ୍ମେଳନ ନିମନ୍ତେ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

## ଶିଶୁ ଅନନ୍ତ ଆଶ୍ରମରେ ମାତୃ ସମ୍ମେଳନ

**ତିର୍ତ୍ତୋଲ,୨୬।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଅରିଲୋସ୍ଥିତ ଶିଶୁ ଅନନ୍ତ ଆଶ୍ରମରେ ରାଜ୍ୟସ୍ତରୀୟ ପତିହରା ମାତୃ ସମ୍ମେଳନ ଅନୁଷ୍ଠିତ ହୋଇଛି। ଆଶ୍ରମର ପ୍ରତିଷ୍ଠାତା ବାବା ବଳିଆଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରାତଃରୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ପାଇକା ନଦୀରୁ ପାଣି ଉଠାଇ ଆଶ୍ରମ ପରିସର ଯଜ୍ଞସ୍ଥଳରେ ସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବାବା ବଳିଆ କହିଲେ ଯେ ବିଧବା ମହିଳାଙ୍କୁ ଅଶୁଭ ବିଚାର କରିବା ଉଚିତ ନୁହେଁ। ସିନ୍ଦୁର ଶାନ୍ତି ଓ ଚେତନାର ପ୍ରତିକ। ଉଭୟ ମହିଳା ଓ ପୁରୁଷ ଏହାକୁ ଧାରଣ କରିଥାନ୍ତି। ସ୍ୱାମୀର ମୃତ୍ୟୁ ପରେ ବିଧବା ମା’ମାନେ ଶ୍ରୀଜଗନ୍ନାଥଙ୍କ ନାମରେ ସିନ୍ଦୁର ଧାରଣ କରିପାରିବେ ବୋଲି ସେ କହିଥିଲେ। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ମୁଖ୍ୟଅତିଥି, ରତ୍ନପର୍ଣ୍ଣା ମହାନ୍ତି, ଅବସରପ୍ରାପ୍ତ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ସଞ୍ଚାଳକ ସ୍ୱାମୀ ଚିଦାନନ୍ଦ ବ୍ରହ୍ମଚାରୀ, ଅନନ୍ତ ବଳିଆ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ପ୍ୟାରୀମୋହନ ରାଉତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କେତେଜଣ ବିଧବା ମହିଳାଙ୍କୁ ବାବା ବଳିଆ ସମ୍ବର୍ଦ୍ଧିତ କରିଥିଲେ।

## ଋଣ ଦେବା ଆଳରେ ଠକେଇ, ମହିଳାଙ୍କ ଥାନା ଘେରାଉ



ଏରସମା ଥାନା ଘେରାଉ କରିଥିବା ମହିଳାମାନେ।

**ଏରସମା,୨୬।୧୧(ସ୍ୱ.ପ୍ର.)**

ଏରସମା ଥାନା ଅନ୍ତର୍ଗତ ଜପା ପଞ୍ଚାୟତରେ ଥିବା ସେବା ସମବାୟ ସମିତି ପକ୍ଷରୁ ଋଣ ଦେବାକୁ କହି ଲୋକଙ୍କୁ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ସୋମବାର ମହିଳାମାନେ ଏରସମା ଥାନା ଘେରାଉ କରିଛନ୍ତି। ମହିଳାମାନଙ୍କ ଅଭିଯୋଗ ଅନୁଯାୟୀ, ଜପା ସେବା ସମବାୟ ସମିତି ପକ୍ଷରୁ ଗତ ୮ମାସ ତଳେ ଏହି ପଞ୍ଚାୟତ ଅନ୍ତର୍ଗତ ଧୋବେଇ ଗ୍ରାମରେ ଏକ ସଭା ହୋଇଥିଲା। ଏଥିରେ ସମିତିର କର୍ମମର୍ତ୍ତାମାନେ ଯୋଗଦେଇ ମହିଳା ଗୋଷ୍ଠୀକୁ ଋଣ ଦେବା ପାଇଁ ଯୋଜନା କରାଯାଇଛି ବୋଲି କହିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଋଣ ଦିଆଯିବ ବୋଲି ସେମାନେ କହିଥିଲେ। ଏଥିରେ ପ୍ରଭାବିତ ହୋଇ ବିଭିନ୍ନ ଗ୍ରାମର ମହିଳାମାନେ ୮୦ଟି ଦଳ ଗଠନ କରିଥିଲେ। ୬୦୦ ମହିଳା ଏଥିରେ ସଭ୍ୟ ହୋଇଥିଲେ। ସେମାନେ ଋଣ ପାଇଁ ପ୍ରାଥମିକ ପର୍ଯ୍ୟାୟରେ ୭୦୦ଟଙ୍କା ଲେଖାଏଁ ସମିତିରେ ଦାଖଲ କରିଥିଲେ। ମାତ୍ର ଏହା ମଧ୍ୟରେ ୮ ମାସ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଋଣ ଦିଆଯାଇନାହିଁ। ତେଣୁ ମହିଳାମାନେ ପ୍ରତିକ୍ରିୟାଶୀଳ ହୋଇ ଥାନା ଘେରାଉ କରିଛନ୍ତି। ଜପା ସରପଞ୍ଚ ତପନ ଗଛାୟତଙ୍କ ନେତୃତ୍ୱରେ ନିରାକାର ସ୍ୱାଇଁ, ମୀନା ଗାୟନ, ନମିତା ଗାଉଣିଆ, ଶୁଭଦ୍ରା ପାତ୍ର, ମିନତି ଦାସ, ନନ୍ଦିତା ନାୟକ ପ୍ରମୁଖ ଶତାଧିକ ମହିଳା ଏରସମା ଥାନାରେ ଅଭିଯୋଗ କରିବା ସହିତ ଏହାର ତଦନ୍ତ କରି ଅଭିଯୁକ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏନେଇ ସମବାୟ ସମିତି ସଭାପତି ସୁବାସ ସାହୁ ଓ ସମ୍ପାଦକ ତୀର୍ଥ ସମ୍ପଦ ଗଛାୟତଙ୍କ ବିରୋଧରେ କେସ୍ ନଂ.୧୫୯/୧୮ ରୁଜୁ ହୋଇଛି। ଘଟଣାର ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ଅନିରୁଦ୍ଧ ରାଉତ କହିଛନ୍ତି।

### ବସ୍ ଦୁର୍ଘଟଣାରେ ମୃତକଙ୍କ ପାଇଁ ଦୀପଦାନ

**ତିର୍ତ୍ତୋଲ,୨୬।୧୧(ଡି.ଏନ.ଏ.)**

କଟକ ଜଗତପୁରଠାରେ ବସ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ତିର୍ତ୍ତୋଲ ନିକଟସ୍ଥ ଧବଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସମୂହ ଦୀପଦାନ କରାଯାଇଛି। ଛାତ୍ରନେତା ରଜତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ପୂର୍ବତନ ସମ୍ପାଦକ ଶୁଭମ ଜ୍ୟୋତି ସ୍ୱାଇଁ, ସୁଭାଶିଷ ମହାପାତ୍ର, ରବିନାରାୟଣ କର, ରାଜୁ ଜେନା, ସୌମ୍ୟରଞ୍ଜନ ସେଠୀ, ନାଲୁ ପ୍ରଦାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ସହାୟତା

**କୁଜଙ୍ଗ,୨୬।୧୧(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାରେ ଗତ ସେପ୍ଟେମ୍ବର ୫ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେମାନେ ହେଲେ ବୈଦନାଥ ନାୟକ, ପଙ୍କପାଳ ମନ୍ତ୍ରୀପାଟଣା ଗ୍ରାମର ପରିକ୍ଷିତ ଶତପଥୀ ଓ ତାଙ୍କ ଶିଶୁପୁତ୍ର ଅଭିଷେକ। ଏହି ଦୁଇ ମୃତକଙ୍କ ପରିବାରକୁ କିଟ୍ ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ପରିକ୍ଷିତଙ୍କ ସ୍ତ୍ରୀ ମମତା ଶତପଥୀ ଓ ୨ କନ୍ୟାଙ୍କୁ ୨ ଲକ୍ଷର ଚେକ୍ ପ୍ରଦାନ କରିଛନ୍ତି। ବୈଦ୍ୟନାଥଙ୍କ ସ୍ତ୍ରୀ ମନୋରମାଙ୍କୁ ୧ଲକ୍ଷ ୧୦ହଜାର ଟଙ୍କାର ଚେକ୍ ଦେଇଛନ୍ତି। ତାଙ୍କର ଦୁଇ ସନ୍ତାନଙ୍କୁ କଳରାବାଙ୍କ ସ୍କୁଲରେ ପଢାଇବାର ବ୍ୟବସ୍ଥା ମଧ୍ୟ କରିବେ ବୋଲି ସାମନ୍ତ ପ୍ରତିଶ୍ରୁତି ଦେଇଛନ୍ତି।

■ ବୀରେନ ମିତ୍ରଙ୍କ ଜନ୍ମ ଶତବାର୍ଷିକ

## ୨୮୭ ଛାତ୍ରୀଛାତ୍ରଙ୍କୁ ଦିଆଗଲା ଲାପ୍‌ଟପ୍



ଜଣେ ଛାତ୍ରୀଙ୍କ ଲାପ୍‌ଟପ୍ ପ୍ରଦାନ କରାଯାଉଛି।

**ଜଗତ୍‌ସିଂହପୁର ଅଫିସ, ୨୬।୧୧**

ସୋମବାର ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ବରିଷ୍ଠ ଜନନାୟକ ସ୍ୱର୍ଗତ ବୀରେନ ମିତ୍ରଙ୍କ ଜନ୍ମ ଶତବାର୍ଷିକୀ ପାଳିତ ହୋଇଛି। ମହାବିଦ୍ୟାଳୟ ପରିସର ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଦାସ ସ୍ୱର୍ଗତ ମିତ୍ରଙ୍କ ସମାଜ ତଥା ମହାବିଦ୍ୟାଳୟ ପ୍ରତିଷ୍ଠା କ୍ଷେତ୍ରରେ ରହିଥିବା ଅବଦାନ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତି ସଭ୍ୟ ଅମରେନ୍ଦ୍ର ଦାସ, ଅଧ୍ୟକ୍ଷ ରବି ପ୍ରସନ୍ନ ସାହୁ, ପ୍ରଶାସନିକ ଅଧିକାରୀ ଧୀରେନ ମହାନ୍ତି, ପରିଚାଳନା ସମିତି ସଭ୍ୟା ମିନତୀ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ମିତ୍ରଙ୍କ ସ୍ମୃତିଚାରଣ କରିଥିଲେ। ପରେ ଜିଲାସ୍ତରୀୟ ଲାପଟପ୍ ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ଯୁକ୍ତ୨ ବିଜ୍ଞାନ, ବାଣିଜ୍ୟ ଓ କଳାରେ ଜିଲାର କୃତୀ ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦତ୍ତ ଲାପଟପ୍ ଦିଆଯାଇଥିଲା। ଉତ୍ସବରେ ଜିଲାର ମୋଟ ୨୮୭ ଛାତ୍ରୀଛାତ୍ର ଲାପଟପ୍ ପାଇଥିବା ମହାବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶେଷରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନୌବାଣିଜ୍ୟ ପରମ୍ପରା ଥିଲା ଗୌରବମୟ

**ତିର୍ତ୍ତୋଲ,୨୬।୧୧(ଡି.ଏନ.ଏ.)**

ତିର୍ତ୍ତୋଲ ନିକଟ ମହାନଦୀ ପଠା ଗୋପିଆକୁଦଠାରେ ଚାଲିଥିବା ଚେଳିତୋଳ ବାଲିଯାତ୍ରା ମହୋତ୍ସବର ତୃତୀୟ ସାଂସ୍କୃତିକ ସଭା ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ଲୋକ ସେବକ ମଣ୍ଡଳର ରଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ମା’ଶାରଳା ଓ ଆଦିକବି ସାରଳା ଦାସଙ୍କ ପାଇଁ ଏ ମାଟି ଅତ୍ୟନ୍ତ ପବିତ୍ର ହୋଇଛି ବୋଲି କହିଥିଲେ। ସାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ସଭାପତି ପ୍ରଭାକର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଚୀନ ନୌବାଣିଜ୍ୟ ପରମ୍ପରା ଓ ସାଧବମାନଙ୍କ ଗୌରବର ଗାଥା ସମ୍ପର୍କରେ କହିଥିଲେ। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ବିରିଡି ବିଡିଓ ଜୀବନଚନ୍ଦ୍ର ମଲ୍ଲିକ, ଏବିଡିଓ ଗିରିଜା ପ୍ରସାଦ ବାରିକ, ଜିଲାପରିଷଦ ସଭ୍ୟା ଲିପାଲି ରାଉଳ, ଗାୟିକା ତୃପ୍ତି ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନୌବାଣିଜ୍ୟ ପରମ୍ପରାର ସ୍ମୃତିଚାରଣ କରିଥିଲେ। ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ବାସବ କୁମାର ନନ୍ଦ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ନୃତ୍ୟଶିଳ୍ପୀ ସାଇ ରତ୍ନପର୍ଣ୍ଣା ନୃତ୍ୟ ପରିବେଷଣ କରିଥିଲେ। ମହମ୍ମଦ ଅବଦୁଲ ମାଜୁଦ ଧନ୍ୟବାଦ ଅର୍ପଣ କରିଥିଲେ।

### ବିରିଡ଼ିରେ ରାସ ଉତ୍ସବ

**ବିରିଡି, ୨୬।୧୧(ଡି.ଏନ.ଏ.)**

କୁଳକଇଜଙ୍ଗା ନୂଆପାରିସ୍ଥିତ ଜଗଦ୍ ଗୁରୁ ପୀଠରେ ରାସ ଉତ୍ସବ ଉଦ୍‌ଯାପିତ ହୋଇଛି। ଜଗଦଗୁରୁ ରାମାନନ୍ଦାଚାର୍ଯ୍ୟ ସ୍ୱାମୀ ଅରୁପା ନନ୍ଦଜୀ ମହାରାଜ ଏଥିରେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ବ୍ଲକର ବିଭିନ୍ନ ଗ୍ରାମରେ କାର୍ତ୍ତିକ ମାସର ଦଶମୀ ଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ କୃଷ୍ଣଲୀଳା ଗୀତ ମାଧ୍ୟମରେ ଗାୟନ କରାଯାଇଥିଲା। ରାଧାକୃଷ୍ଣ ବେଶରେ ସଜିତ ହୋଇ ଉତ୍ସବ ପାଳନ କରାଯାଇଥିଲା। ବାଲିଆ ଗୋପୀନାଥପୁର ସ୍ଥିତ ଝୁଲା ଗୋପୀନାଥଙ୍କ ପ୍ରାଙ୍ଗଣରେ ରାସ ଅନୁଷ୍ଠିତ ହୋଇଥିଲା।

## ନଦୀପଠାରୁ ବେଆଇନ ବାଲି ଉଠାଣ



ବେଆଇନ ଭାବେ ବାଲି ପରିବହନ କରୁଥିବା ଟ୍ରାକ୍ଟର।

**ନାଉଗାଁ,୨୬।୧୧(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତ ଭଟଣା ଗ୍ରାମ ଦେଇ ପ୍ରବାହିତ ଦେବୀନଦୀରୁ ବେଆଇନ ଭାବେ ବାଲି ଉଠାଯାଉଥିବା ଅଭିଯୋଗ ହୋଇଛି। ଦିନରାତି ଟ୍ରାକ୍ଟର ଯୋଗେ ଏଠାରୁ ବାଲି ଚାଲାଣ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ହେଉଥିବା ରାସ୍ତା କାମରେ ଏସବୁ ବାଲି ବ୍ୟବହାର କରାଯାଉଥିବା ଜଣାପଡିଛି। ବେଆଇନ ବାଲି ଉଠାଣ ଫଳରେ ନଦୀବନ୍ଧ ପ୍ରତି ବିପଦ ଆଶଙ୍କା ରହିଛି। ତେଣୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜେ.କଳ୍ପନାଙ୍କୁ ପଚାରିବାରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

■ ବିରିଡ଼ି ବ୍ଲକରେ ବ୍ୟାପକ ଅନିୟମିତତା ଅଭିଯୋଗ

# କଂଗ୍ରେସର ଆନ୍ଦୋଳନ ଚେତାବନୀ

**ବିରିଡି/ବାଲିଆ,୨୬।୧୧(ଡି.ଏନ.ଏ.)**

ବିରିଡି ବ୍ଲକରେ ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଭିଯୋଗ କରିଛି କଂଗ୍ରେସ। ଏନେଇ ସୋମବାର ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ କଂଗ୍ରେସ ଜୋନ-୧ ସଭାପତି ସୀତାଂଶୁ ଶେଖର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟସଭା ଏମ୍‌ପିଙ୍କ ପ୍ରତିନିଧି ଲିଙ୍ଗରାଜ ମଲ୍ଲ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ୍ମନାଭ ଭୋଇ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ଦେବୀପ୍ରସାଦ ତ୍ରିପାଠି, ଯୁଧିଷ୍ଠିର ବେହେରା, ଗୋପବନ୍ଧୁ ସ୍ୱାଇଁ, କିଶୋର ଚନ୍ଦ୍ର ପାଳ, ଦୀପକ କୁମାର ପଶାୟତ, ସରପଞ୍ଚ ବିମଳ ପ୍ରସାଦ ସେଠୀ, ଅଶୋକ କୁମାର ଜେନା, ସ୍ମୃତିମଞ୍ଜରୀ ପରିଜାଙ୍କ ସମେତ ବହୁ କର୍ମୀ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଖାଦ୍ୟ ସୁରକ୍ଷା ଯୋଜନାରେ ବହୁ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ରାଶନକାର୍ଡ ପ୍ରଦାନ କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। ସେହିପରି ବିଜୁ ପକ୍କାଘର ଯୋଜନାରେ ଗରିବ ବାସହୀନ ହିତାଧିକାରୀଙ୍କୁ ସାମିଲ କରିବାକୁ କୁହାଯାଇଛି। ଏଥିରେ ବେନିୟମ ଭାବେ ସାମିଲ ହୋଇଥିବା ସ୍ୱଚ୍ଛଳ ପରିବାର, ନିର୍ବାଚିତ ଜନପ୍ରତିନିଧିଙ୍କୁ ବାଦ୍‌ଦେବାକୁ ଦାବି ହୋଇଛି। ଏଥିସହ ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ, ଆମ ଗାଁ ଆମ ବିକାଶ ଯୋଜନାରେ ପ୍ରସ୍ତୁତ ପ୍ରକଳ୍ପ ତାଲିକାରେ ଅନିୟମିତତା କରାଯାଇଥିବା ଅଭିଯୋଗ ହୋଇଛି। ପାନୀୟ ଜଳ ଯୋଗାଣ ଦାୟୀତ୍ୱ ଗ୍ରାମପଞ୍ଚାୟତକୁ ହସ୍ତାନ୍ତର କରାଯିବା ପୂର୍ବରୁ ପାନୀୟ ଜଳ ବିଭାଗ ନିକଟରେ ୧ କୋଟି ୨୦ ଲକ୍ଷ ଟଙ୍କା ରହିଥିଲା। ଉକ୍ତ ଅର୍ଥକୁ ସମିତିର ଅଗୋଚରରେ ହଡପ କରାଯାଇଛି। ଉକ୍ତ ଅର୍ଥର ଉପଯୁକ୍ତ ତଦନ୍ତ କରିବା ଓ ଉପରୋକ୍ତ ଦାବିଗୁଡିକ ସଂପର୍କରେ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି।



ବୈଠକରେ ଉପସ୍ଥିତ ବ୍ଲକ କଂଗ୍ରେସ କର୍ମକର୍ତ୍ତା।

ଅନ୍ୟପକ୍ଷରେ ବ୍ଲକରେ କଂଗ୍ରେସ ସମର୍ଥୀତ ଅଧ୍ୟକ୍ଷ ଥିବାରୁ ତାଙ୍କୁ ଉପେକ୍ଷା କରାଯାଉଛି। ଏଥିସହିତ ଜନପ୍ରତିନିଧିମାନଙ୍କୁ ବିଡିଓ ଅଣଦେଖା କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଆମ ଗାଁ ଆମ ବିକାଶ ପ୍ରକଳ୍ପ ପ୍ରସ୍ତୁତିରେ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇଛି। ଏନେଇ ମଙ୍ଗଳବାର ଏକ ୭ ଜଣିଆ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟିବ ବୋଲି ନିଷ୍ପତ୍ତି ହୋଇଥିଲା। ବିହୀତ ପଦକ୍ଷେପ ଗ୍ରହଣ କରା ନ ଗଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଶେଷରେ ଜୋନସ୍ତରୀୟ କଂଗ୍ରେସ ବୁଥ କମିଟି ପ୍ରସ୍ତୁତି ପାଇଁ କୁହାଯାଇଥିଲା।

## ସଂକ୍ଷେପରେ

### ଉଲ୍ଲାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି

### ଜିଲାପାଳଙ୍କ ନିକଟକୁ ପଦଯାତ୍ରା



**କୁଜଙ୍ଗ,୨୬।୧୧(ସ୍ୱ.ପ୍ର):** କୁଜଙ୍ଗ ବ୍ଲକ ପଙ୍କପାଳସ୍ଥିତ ସରକାରୀ ମଦ ଦୋକାନର ସେଲ୍ସମ୍ୟାନ ଉଲ୍ଲାସ ଜେନା(୩୦)ଙ୍କ ହତ୍ୟାକାଣ୍ଡକୁ ୨ ବର୍ଷ ପୁରିଲାଣି। ହେଲେ ଏହି ମାମଲାରେ ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ତେଣୁ ଘଟଣାର ସିବିଆଇ ତଦନ୍ତ ଦାବିରେ ସୋମବାର ତାଙ୍କ ପରିବାର, ସ୍ଥାନୀୟ ନେତା ଓ ଜନସାଧାରଣ ଜିଲାପାଳଙ୍କ ନିକଟକୁ ପଦଯାତ୍ରା କରିଛନ୍ତି। ସୂଚନାଯୋଗ୍ୟ, ଉଲ୍ଲାସଙ୍କ ଉପରେ ବିଧାବା ମା' ଜ୍ୟୋତ୍ସ୍ନାରାଣୀ, ଭାଇ ଉମେଶ ଓ ତାପସ ନିର୍ଭର କରି ଚଳୁଥିଲେ। ୨୦୧୬ ନଭେମ୍ବର ୫ ତାରିଖ ରାତିରେ ଦୁର୍ବୃତ୍ତମାନେ ତାଙ୍କୁ ମଦ ଦୋକାନ ଭିତରେ ପୋଡ଼ି ମାରିଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତଙ୍କ ଗିରଫ ପାଇଁ ମହିଳାମାନେ ରାସ୍ତାରୋକୋ କରିଥିଲେ। ପ୍ରଥମେ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରିଥିଲା। ସିସିଟିଭି ଫୁଟେଜ୍‌ରେ ବହୁ ବଳିଷ୍ଠ ପ୍ରମାଣ ଥାଇ ମଧ ପୋଲିସ କାହାକୁ ଗିରଫ କରିନାହିଁ। ତେଣୁ କ୍ରାଇମବ୍ରାଞ୍ଚ ତଦନ୍ତ ଦାବିରେ ଭାଜପା ନେତା ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଉଲ୍ଲାସଙ୍କ ପରିବାର, ରମେଶ ସାହୁ, ବିଶ୍ୱରଞ୍ଜନ ସ୍ୱାଇଁ, ପାର୍ଥସାରଥି ଚୌଧୁରୀ, ଭରତ ପ୍ରଧାନ, ବଂଶୀଧର ସ୍ୱାଇଁ, ନରହରି ତରାଇ, ନାରାୟଣ ଷଡ଼ଙ୍ଗୀ, ଯୁବରାଜ ଖୁଣ୍ଟିଆ ପ୍ରମୁଖ ଜିଲାପାଳଙ୍କ ନିକଟକୁ ପଦଯାତ୍ରା କରିଛନ୍ତି।

### ଚକ୍ଷୁ ଚିକିତ୍ସା ଶିବିର

**ବିରିଡ଼ି(ଡି.ଏନ.ଏ.)/ବାଲିଆ,୨୬।୧୧:** ଭୁବନେଶ୍ୱର ଭିଜନ କେୟାର ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ସୋମବାର ବିରିଡି ଭିଜନ ସେଣ୍ଟରଠାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୧୭ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର କରାଯିବା ପାଇଁ ଚିହ୍ନଟ କରାଯାଇଥିଲା। ଶିବିରକୁ ବିରିଡି ଭିଜନ ସେଣ୍ଟରର ମୁଖ୍ୟ ପରିଚାଳକ ସନ୍ଦିପ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

### ୧୯୭୭ ବ୍ୟାଚ୍‌ର ବନ୍ଧୁମିଳନ

**ବାଲିକୁଦା,୨୬।୧୧(ସ୍ୱ.ପ୍ର.):** କାଦୁଅପଡା ସ୍ଥିତ ଗାଦିବ୍ରହ୍ମ ବିଦ୍ୟାପୀଠର ୧୯୭୭ ବ୍ୟାଚ୍ ଛାତ୍ରଙ୍କ ଏକ ମିଳନ ପର୍ବ କୃଷ୍ଣଦାସପୁର ପଞ୍ଚାୟତର ରାୟରପୁର ଜଗନ୍ନାଥ ମନ୍ଦିରରେ ଅନୁଷ୍ଠିତ ହୋଇଛି। ସୁରେଶ କୁମାର ଚୌଧୁରୀ ଏଥିରେ ଅଧକ୍ଷତା କରିଥିଲେ। ଶରତ ଚନ୍ଦ୍ର ବାରିକ, ନଗେନ ପଣ୍ଡା, କିଶୋର ତ୍ରିପାଠୀ, ସୁବାସ ରାୟ, ନିରଞ୍ଜନ ରାଉତ, ମାୟାଧର ଓଝା, ସଚ୍ଚିଦାନନ୍ଦ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ।



ବାଲିଯାତ୍ରା ପଡ଼ିଆରେ ହୋଇଥିବା ଜନଗହଳି।



ଦର୍ଶକଙ୍କ ମନୋରଞ୍ଜନ ପାଇଁ ହୋଇଥିବା ମୁଁ କୃଷକ ମଡେଲ।



ବାଲିଯାତ୍ରାରେ ଜଣେ ବୁଲା ବ୍ୟବସାୟୀ।

# ଯାତ୍ରା ସରୁଛି, ବ୍ୟବସାୟ ବଢୁଛି

**କଳିଙ୍ଗ ବାଲିଯାତ୍ରା ମହୋତ୍ସବ**

**ପାରାଦୀପ,୨୬।୧୧(ସ୍ୱ.ପ୍ର.)**

ପାରାଦୀପରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବ ଯେତିକି ଶେଷ ହୋଇଆସୁଛି, ବାଲିଯାତ୍ରା ପଡିଆରେ ଦର୍ଶକଙ୍କ ଭିଡ଼ ସେତେ ବଢିବାରେ ଲାଗିଛି। ଚଳିତବର୍ଷ ବେଶି ସଭାସମିତି ହେଉ ନ ଥିବାରୁ ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ମଜା ନେଉଛନ୍ତି। ଏଥିସହ ବିଭିନ୍ନ ସାମଗ୍ରୀ କିଣୁଛନ୍ତି। ଫଳରେ ଚଳିତଥର ବ୍ୟବସାୟ ମଧ ଭଲ ହେଉଛି। ସୋମବାର ମଞ୍ଚରେ ଘୋଡ଼ାନାଚ, ଆଧୁନିକ ଡ୍ୟାନ୍ସ, ଓଡ଼ିଶୀ, ସମ୍ବଲପୁରୀ ଓ ମେଲୋଡି ଆଦି ହୋଇଛି। ମୀନାବଜାର, ଦୋଳି ଓ ବ୍ୟବସାୟିକ ଷ୍ଟଲଗୁଡିକରେ ଭିଡ଼ ପରିଲକ୍ଷିତ ହୋଇଛି। ଏଭଳି ସ୍ଥିତିରେ ଆୟୋଜକମାନେ ଶେଷ ସନ୍ଧ୍ୟା ପାଇଁ ତତ୍ପର ହୋଇପଡିଛନ୍ତି। କାରଣ ଶେଷ ଦିବସରେ ମଧ ରାଜନେତାମାନେ ଅତିଥିଭାବେ ଯୋଗ ଦେବେ। ସ୍ଥାନୀୟ ବିଧାୟକ ଦାମୋଦର ରାଉତ, ନିରଞ୍ଜନ ପୁଜାରୀ, କୁଳମଣି ସାମଲ, ପ୍ରଶାନ୍ତ ମୁଦୁଲି, ଦେବୀ ପ୍ରସାଦ ମିଶ୍ର, ରାଜଶ୍ରୀ ମଲ୍ଲିକ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହିବେ ବୋଲି ଜଣାପଡିଛି। ଉଦ୍‌ଘାଟନ ଦିବସରେ ନେତାମାନେ ଯେଭଳି ପରସ୍ପରକୁ ଆକ୍ଷେପ ପ୍ରତ୍ୟାକ୍ଷେପ କଲେ, ତାହା ଅଦ୍ୟାବଧି ସ୍ଥାନୀୟ ଲୋକଙ୍କ ମଧରେ ଆଲୋଚନା ହେଉଛି। ତେଣୁ ଉଦ୍‌ଯାପନ ଦିବସରେ ମଧ ସେଭଳି କିଛି ହେବ ବୋଲି କୁହାଯାଉଛି।



ପଦଯାତ୍ରାରେ ସାମିଲ ହୋଇଥିବା ଭାଜପା ନେତା ଓ କର୍ମୀ।

## ଭାଜପାର ଜନ ପରାମର୍ଶ ପଦଯାତ୍ରା

**କୁଜଙ୍ଗ,୨୬।୧୧(ସ୍ୱ.ପ୍ର)**

ଭାଜପା ପକ୍ଷରୁ ଚାଲିଥିବା ଜନପରାମର୍ଶ ପଦଯାତ୍ରା ସୋମବାର ବିଶ୍ୱାଳି ପଞ୍ଚାୟତ ପରିକ୍ରମା କରିଛି। ପଞ୍ଚାୟତର ଠାକୁରଡିଆ ଗ୍ରାମର ହନୁମାନ ମଣ୍ଡପଠାରେ ଭାଜପା ନେତା ସମ୍ପଦ ସ୍ୱାଇଁ ପୂଜାର୍ଚ୍ଚନା କରିବା ସହ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଉପସ୍ଥିତ ଶତାଧିକ ଗ୍ରାମବାସୀ ତାଙ୍କୁ ସ୍ୱାଗତ କରିବା ସହ ଗ୍ରାମର ବିଭିନ୍ନ ସମସ୍ୟା ସମ୍ପର୍କରେ କହିଥିଲେ। ପରେ ପଦଯାତ୍ରୀମାନେ କାଠଗଡା, ପୀତାମ୍ବର ପୁର, ନରେନ୍ଦ୍ରପୁର ସହ ବିଶ୍ୱାଳିର ସମସ୍ତ ୱାର୍ଡ ପରିକ୍ରମା କରି କୋଲଡିଆରେ ସମାବେଶ କରିଥିଲେ। ପୀତାମ୍ବରପୁରରେ ପଥପ୍ରାନ୍ତ ସଭା ହୋଇଥିଲା। ବିଜୟ ତରାଇ, ନିରଞ୍ଜନ ସ୍ୱାଇଁ, ମଣ୍ଡଳ ଉପସଭାପତି ବାବୁଲି ସ୍ୱାଇଁ, ମଣ୍ଡଳ ସାଧାରଣ ସମ୍ପାଦକ ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଝିଲି ସାହୁ ଓ ଯୁବସଂଗଠ ଶ୍ରୀନିବାସ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

## କଂଗ୍ରେସର ଜନ ଆଶୀର୍ବାଦ ପଦଯାତ୍ରା

**କୁଜଙ୍ଗ,୨୬।୧୧(ସ୍ୱ.ପ୍ର)**

କଂଗ୍ରେସ ନେତା ବାପି ସର୍ଖେଲ ସୋମବାର କୁଜଙ୍ଗ ବ୍ଲକ ମହ୍ଲାସାହୀର ବିଭିନ୍ନ ଗ୍ରାମରେ ଜନ ଆଶୀର୍ବାଦ ପଦଯାତ୍ରା କରିଛନ୍ତି। ଏହି ଅବସରରେ ବାପି ବିଭିନ୍ନ ବୟସ୍କ ବ୍ୟକ୍ତିଙ୍କ ଆଶୀର୍ବାଦ ଭିକ୍ଷା କରି ସେମାନଙ୍କ ସମସ୍ୟା ଓ ଗ୍ରାମର ସମସ୍ୟା ବୁଝିଥିଲେ। କଂଗ୍ରେର ଆବହକ ଏ.ଏନ୍.ଡି. ଯାଦବଙ୍କ ସହ ମହ୍ଲାସାହୀ ସରପଞ୍ଚ ସୁବାସିନୀ ବେହେରା, ମନୋଜ ବେହେରା, ପାଟପୁର ସରପଞ୍ଚ ଲକ୍ଷ୍ମୀକାନ୍ତ ସ୍ୱାଇଁ, କୁଜଙ୍ଗ ୧ନଂ ଜୋନ୍ ସଭାପତି ଅଧିର ପ୍ରଧାନ, ଅଗପାଳ ସରପଞ୍ଚଙ୍କ ପ୍ରତିନିଧି ରଞ୍ଜନ ବେହେରା, ବାଲିଆ ସରପଞ୍ଚ ପବିତ୍ର ସେଠୀ, ସୁକାନ୍ତ ବିଶ୍ୱାଳ, ଜୋନ୍ ୨ ସଭାପତି ରମେଶ ଦାସ ପ୍ରମୁଖ ବହୁ କଂଗ୍ରେସ ନେତା ଓ ସଂଗଠକ ସାମିଲ ହୋଇଥିଲେ।



କର୍ମୀମାନଙ୍କ ସହ କଂଗ୍ରେସ ନେତା ବାପି ସର୍ଖେଲ ପଦଯାତ୍ରାରେ ଯାଉଛନ୍ତି।

## ପାରାଦୀପ ହେଲା ମଡେଲ ଥାନା

**ପାରାଦୀପ,୨୬।୧୧(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲାର ପାରାଦୀପ ଥାନାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଡ଼େଲ ଥାନା ଭାବେ ଘୋଷଣା କରିବା ସହ ଭିଡିଓ କନ୍‌ଫରେସିଂ ଜରିଆରେ ଏହାର ଲୋକାର୍ପଣ କରିଛନ୍ତି। ରାଜ୍ୟର ୭ଟି ଥାନାକୁ ମଡେଲ ଥାନା ଭାବେ ଗ୍ରହଣ କରାଯାଇଥିବାବେଳେ ସେଥିରେ ପାରାଦୀପ ଥାନା ରହିଛି। ଏହି ଅବସରରେ ଥାନା ପରିସରରେ ଏକ ଉଦ୍‌ଘାଟନୀ ସଭା ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାପାଳ ୟାମିନୀ ଷଡଙ୍ଗୀ, ଏସ୍‌ପି ପ୍ରକାଶ ଆର, ବନ୍ଦର ଅଧକ୍ଷ ରିଙ୍କେଶ ରାୟ, କୋଷ୍ଟଗାର୍ଡ ଡିଆଇଜି ରାଜେଶ ମାକୱାନ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଏଡିଏମ୍ କାହ୍ନୁଚରଣ ଧିର, ଏଏସ୍‌ପି ବୃଷ୍ଣୁ ଚରଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ପାରାଦୀପ ଥାନାର ନୂଆ ସିସିଟିଭି କଣ୍ଟ୍ରୋଲ ରୁମ୍, ବ୍ୟାୟାମଶାଳା, ଏଏସ୍‌ପି ଅଫିସର ନବୀକରଣ ଗୃହକୁ ବନ୍ଦର ଅଧକ୍ଷ ରାୟ ଉଦ୍‌ଘାଟନ କରିଥିଲେ। ନୂତନ ଆଦର୍ଶ ଥାନାରେ ଜନସାଧାରଣଙ୍କ ପାଇଁ ବିଶେଷ ସୁବିଧା ରହିଛି। ଏଠାରେ ୧୨ରୁ ଅଧିକ ଅଫିସର ରହିବେ। ଏଥିସହ କେସ୍‌ଗୁଡିକର ତଦନ୍ତ ଶୀଘ୍ର ସାରିବାକୁ ବ୍ୟବସ୍ଥା ହୋଇଛି। ୨ଟି ୨୪ ଘଣ୍ଟିଆ ପାଟ୍ରୋଲିଂ ଗାଡି, ସହରର ୧୬ ସମ୍ବେଦନଶୀଳ ସ୍ଥାନରେ ଉନ୍ନତମାନର ସିସିଟିଭି କ୍ୟାମେରା, ଭିନ୍ନକ୍ଷମଙ୍କୁ ତୁରନ୍ତ ସହାୟତା, ମହିଳା ଓ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ଅପେକ୍ଷା ଗୃହ ଆଦି ବ୍ୟବସ୍ଥା କରାଯାଇଛି। ଏ ସମସ୍ତ ଭିତ୍ତିଭୂମି ବନ୍ଦର କର୍ତ୍ତୃପକ୍ଷ ଯୋଗାଇ ଦେଇଛନ୍ତି। ସୂଚନାଯୋଗ୍ୟ, ୧୯୬୪ ମେ ୧୯ରେ ପାରାଦୀପ ଥାନା ପ୍ରତିଷ୍ଠା ହୋଇଥିଲା। ଏବେ ପାରାଦୀପରେ ୨ଟି ସାମୁଦ୍ରିକ ଥାନାକୁ ମିଶାଇ ୫ଟି ଥାନା ରହିଛି। କିନ୍ତୁ ସର୍ବାଧିକ ମାମଲା ପାରାଦୀପ ଥାନାରେ ହେଉଛି। ଏହି ଅବସରରେ ବାବୁରାମ ଚୌଧୁରୀ ଓ ସବିତା ମହାପାତ୍ର ଥାନାର ଆଭିମୁଖ୍ୟ ସମ୍ପର୍କରେ ନିଜ ମତ ରଖିଥିଲେ। ଥାନା ଅଧିକାରୀ ରଜନୀକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।




ମଡେଲ ଥାନା ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

With Best Compliments From :
IndianOil
M/s. BARIPADA FUELS
Authorised Dealer :
Indian Oil Corporation Ltd.
Murgabadi Golei, Baripada, Mayurbhanj

ପାତ୍ର ଜୁଏଲାରୀ
ଲକ୍ଷ୍ମୀ ମାର୍କେଟ୍, (ବସ୍ ଷ୍ଟାଣ୍ଡ), ଜାରକା, ଯାଜପୁର
ପ୍ରୋ: ଶରତ ଚନ୍ଦ୍ର ପାତ୍ର
ଆଜି ହିଁ ପଦାର୍ପଣ କରନ୍ତୁ
ଅତ୍ୟାଧୁନିକ ଡିଜାଇନର
୨୨ କ୍ୟାରେଟ୍ ଖାଣ୍ଟି
ଗିନି ସୁନା ଓ ରୁପାର
ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ମାଁ ବରାଳଦେବୀ ଅଟୋମୋବାଇଲସ୍ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
Mahindra Rise.
ଚାଷୀଭାଇଙ୍କର ଆଶା ଓ ଭରସା
ମହିନ୍ଦ୍ରା ଟ୍ରାକ୍ଟର ନଂ-୧ ଟ୍ରାକ୍ଟର
ସହଜ ଋଣ ଉପଲବ୍ଧ
ଆକର୍ଷଣୀୟ ଉପହାର
ମାଁ ବରାଳଦେବୀ ଅଟୋମୋବାଇଲସ୍
ଏଫ୍.ସି.ଆଇ. ଛକ, ଭୁବନେଶ୍ୱର ରୋଡ୍, ଫୁଲବାଣୀ, କନ୍ଧମାଳ
ଯୋଗାଯୋଗ ଠିକଣା: 06842-154520 (ଅଫିସ), 9337097677
ବ୍ରାଞ୍ଚ ଅଫିସ୍: ବାଲିଗୁଡ଼ା (ଦଣ୍ଡପଦର), ଯୋଗାଯୋଗ: 8480206408
ଦାରିଙ୍ଗବାଡ଼ି (ବସ୍‌ଷ୍ଟାଣ୍ଡ ପାଖ), ଯୋଗାଯୋଗ: 8280333361, 6371777496

With Best Compliments Froms :
Hero
ADITYA HERO, BAISINGA (Mayurbhanj)
6371171881

With Best Compliments From-
Sj. Umakanta Nayak
Inspector Incharge, Dharmasala Police Station
AMA POLICE
Dharmasala, Jajpur

With Best Compliments From-
Akshya Kumar Nayak
(Managing Partner)
M/S. BHUBANESWARI CONSTRUCTION
At: Bhuban, PO: Dharmasala, Dist: Jajpur-755008, Office at: Jaraka, Jajpur-755050
Land Line: 06725-273206, Mob: 9437170506, 9437088393, E-mail: bhubaneswariconstruction@gmail.com

With Best Compliments From-
M/S. P.C.R. FILLING STATION
NUAGAON, JARAKA, DIST.- JAJPUR
Authorised Dealer-
BHARAT PETROLEUM
Bharat Petroleum
ଏଠାରେ ଶୁଦ୍ଧ ପେଟ୍ରୋଲ ଓ ଡିଜେଲ ପକାଇ ମାଇଲେଜ୍ ବଢ଼ାନ୍ତୁ।

With Best Compliments From-
PREMIER ROCK PRODUCTS PVT. LTD.
Dankari, Dharmasala, Jajpur (Odisha)
ଏଠାରେ ଉନ୍ନତ ଧରଣର କଳା ପଥର, ଚିପ୍‌ସ, ମେଟାଲ, ବଜୁରି, ସୁଲଭ ମୂଲ୍ୟରେ ମିଳେ।

With Best Compliments From-
The best time to plant a tree just now.
A WELL WISHER
Dharmasala, Jajpur

With Best Compliments From-
M/S. MAMALI FILLING STATION
M/S. ASUTOSH CONSTRUCTION
Kaima, Dharmasala, Jajpur
Porp.:
SARAT KUMAR NAYAK
Authorised Dealer-
BHARAT PETROLEUM
Bharat Petroleum
ଏଠାରୁ ଶୁଦ୍ଧ ତେଲ ପକାଇ ଗାଡ଼ିର ମାଇଲେଜ୍ ବଢ଼ାନ୍ତୁ

With Best Compliments From-
Sj. Susanta Kumar Das
Inspector Incharge, Jenapur, Police Station
AMA POLICE
Jenapur, Jajpur

With Best Compliments From-
SAVE FOREST LOVE INDUSTRY
Ratikant Samal
President
Depak Kumar Behera
Joint Secretary
SAW MILL CLUSTER
ODISHA WOOD BASED INDUSTRIES COUNCIL
Jaraka Industrial Estate, Dharmasala, Jajpur

## ସଂକ୍ଷେପରେ

### ଗୁଣିଆ ସନ୍ଦେହରେ ଜଣଙ୍କୁ ହତ୍ୟା:୩ ଗିରଫ

**ମାଲକାନଗିରି, ୨୬।୧୧(ଡି.ଏନ.ଏ):** ମାଲକାନଗିରି ଜିଲାରେ ଗୁଣିଆ ସନ୍ଦେହରେ ଜଣଙ୍କୁ ହତ୍ୟା କରାଯିବା ଘଟଣା ସୋମବାର ପଦାକୁ ଆସିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ନାଚପାର୍ଟିରେ ଲୋକ ନ ହେବାକୁ ନେଇ ଏପରି ଘଟଣା ଘଟିଥିବା କୁହାଯାଉଛି। ଗିରଫ ଅଭିଯୁକ୍ତମାନେ ହେଲେ ଭଗବାନ ବେହେରା, ତ୍ରିନାଥ ପୂଜାରି ଓ ଲକି ବେହେରା। ଖବରରୁ ଜଣାପଡିଛି କଲାଗୁଡା ଗ୍ରାମବାସୀ ଗତବର୍ଷ ଏକ ଦେଶିଆ ନାଚପାର୍ଟି ଗ୍ରାମକୁ ଆଣିଥିଲେ। ଗତବର୍ଷ ନାଚ ଦେଖିବାକୁ ବହୁତ ଲୋକ ଆସିଥିଲେ। ଚଳିତ ବର୍ଷ ମଧ ନାଚପାର୍ଟି ଆଣିଥିଲେ। ମାତ୍ର ନାଚ ଦେଖିବାକୁ ଲୋକ ହୋଇ ନ ଥିଲେ। ଫଳରେ ଗ୍ରାମ କମିଟି ଆର୍ଥିକ ବୋଝ ସହିଥିଲେ। ଏଥିରେ ଲିମାଗୁଡାର ଚୈତନ୍ୟ ନାୟକ ଗୁଣି କରି ଲୋକଙ୍କୁ ଅଟକାଉଥିବା ଗ୍ରାମବାସୀ ସନ୍ଦେହ କରିଥିଲେ। ଗତ ୨୦ ତାରିଖ ରାତିରେ ଭଗବାନ, ତ୍ରିନାଥ, ଲକି ଦୁର୍ମାଗୁଡା ନାଚ ଦେଖିବାକୁ ଯାଇଥିବା ବେଳେ ସେଠାରେ ଚୈତନ୍ୟଙ୍କୁ ଦେଖି ତାଙ୍କୁ ଚିଡିପାଲି ନାଚ ଦେଖିବା ପାଇଁ ସାଙ୍ଗରେ ଡାକି ନେଇଥିଲେ। ସେହିଦିନ ରାତି ୩ଟାରେ ସମସ୍ତେ ନାଚ ଦେଖି ଫେରୁଥିବା ବେଳେ ଚୈତନ୍ୟଙ୍କୁ ଉପରୋକ୍ତ ୩ ଜଣ ରାସ୍ତାରେ ମାଡ ମାରି ହାତଗୋଡ ବାନ୍ଧି ପୋଖରୀରେ ଫିଙ୍ଗି ଦେଇଥିଲେ।୨ଦିନ ପରେ ଚୈତନ୍ୟଙ୍କ ମୃତଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ଗତ ୨୩ରେ ଏମ.ଭି-୨୨ ଗ୍ରାମର ତାପସ ବାଛାଡ୍ ଆମ୍ବଗଛଗୁଡା ନିକଟରେ ଥିବା ତାଙ୍କ ପୋଖରୀରେ ହାତଗୋଡ ବନ୍ଧା ଅବସ୍ଥାରେ ଏକ ମୃତଦେହ ପାଣିରେ ଭାସୁଥିବା ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିଲା। ପରେ ସୋମବାର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବା ପରେ ଘଟଣା ବିଷୟରେ ଜଣାପଡ଼ିଥିଲା।

■ ପୋକତୁଙ୍ଗାରେ ହାତୀ ଉପଦ୍ରବ

# ନଷ୍ଟ କଲେ ୬ ହଜାର କଦଳୀ ଗଛ

■୨ମାସରେ ପାକଳ ହୋଇଥାନ୍ତା କାନ୍ଦି
■ଧାନ, ଫୁଲ, ବିରି ଫସଲ ମଧ କ୍ଷତିଗ୍ରସ୍ତ
■କ୍ଷତିପୂରଣ ଦାବି କଲେ ୩୦ ଚାଷୀ


ଚାଷୀମାନେ ନଷ୍ଟ ହୋଇଥିବା କଦଳୀ ଫସଲ ଦେଖାଉଛନ୍ତି।

**ବନ୍ତଳା, ୨୬।୧୧ (ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଳା ରେଞ୍ଜ ପୋକତୁଙ୍ଗା ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁ ବ୍ୟାପକ ଫସଲ କ୍ଷତି ଘଟିଛି। ଧାନ, ଫୁଲ, ବିରି ଫସଲ ସହ ଚାଷୀଙ୍କ କଦଳୀ ବଗିଚା ଉଜୁଡ଼ି ଯାଇଛି। ଶନିବାର ଓ ରବିବାର ୨ ଦିନ ଧରି ୭ଟି ହାତୀ ଏଠାରେ ପଶି ଫସଲ ନଷ୍ଟ କରୁଥିଲେ ବି ବନ ବିଭାଗ ଘଉଡ଼ାଇବାରେ ବିଫଳ ହୋଇଛି। ଫଳରେ ବ୍ୟାଙ୍କରୁ ଋଣ ଓ ଗାଁରୁ ସୁଧିଆରେ ଟଙ୍କା ଆଣି କଦଳୀ ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଆଉ ୨ ମାସ ପରେ କଦଳୀ କାନ୍ଦୀ ପାକଳ ହୋଇଥାନ୍ତା। ଚାଷୀମାନେ ସେଥିରୁ ଭଲ ଆୟ କରି ଋଣ ଶୁଝିବା ସହ ବର୍ଷକ ଚଳିବା ପାଇଁ ଅର୍ଥ ସଂଗ୍ରହ କରିଥାନ୍ତେ। ହେଲେ ହାତୀପଲ ସବୁକିଛି ଛାରଖାର କରିଦେଇଥିବାରୁ ତୁରନ୍ତ ସେମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବାକୁ କ୍ଷତିଗ୍ରସ୍ତ ୩୦ ଚାଷୀ ଦାବି କରିଛନ୍ତି।

ହାତୀପଲ ଗାଁକୁ ପଶିଆସିବା ଖବର ପାଇବା ପରେ ବନ ବିଭାଗ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ୨ ଦିନ ଧରି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଦିଆଯାଇଥିଲା। ହେଲେ ହାତୀଙ୍କୁ ସାତକୋଶିଆ ଅଭୟାରଣ୍ୟ ମଧକୁ ଘଉଡ଼ାଇବାରେ ବନ କର୍ମଚାରୀମାନେ ସଫଳ ହୋଇ ନ ଥିଲେ। ରାତିରେ ବାଣ ଫୁଟାଇ ଓ ଲାଇଟ୍ ପକାଇ ସେମାନେ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ ବି ହାତୀ ପୁଣି ଗାଁକୁ ପଶିଆସି ଫସଲ ଖାଇବା ସହ ଦଳି ଚକଟି ନଷ୍ଟ କରିଥିଲେ। ଗ୍ରାମର ବିଜୟ ସାହୁଙ୍କ ୫୫୦ କଦଳୀ ଗଛ, ଅଭୟ ସାହୁଙ୍କ ୪୦୦, ଛବି ସାହୁଙ୍କ ୪୦୦, କବି ସାହୁଙ୍କ ୩୦୦, ଲକ୍ଷ୍ମୀ ମହାଳିକଙ୍କ ୩୦୦, ଘୁରୁଡୁ ପ୍ରଧାନଙ୍କ ୨୦୦, ସୁରେଶ ପ୍ରଧାନଙ୍କ ୧୫୦, ପ୍ରଶାନ୍ତ ଦେହୁରୀଙ୍କ ୧୦୦, ନିରଞ୍ଜନ ପ୍ରଧାନଙ୍କ ୨୦୦, ପ୍ରଭାକର ମହାଳିକଙ୍କ ୨୦୦, ହେମନ୍ତ ମହାଳିକଙ୍କ ୧୦୦ କଦଳୀ ଗଛ ସହ ମୋଟ୍ ୩୦ ଚାଷୀଙ୍କ ୬ ହଜାର କଦଳୀ ଗଛ ନଷ୍ଟ ହୋଇଛି। ସେହିପରି ଦିଲୀପ ପ୍ରଧାନଙ୍କ ଫୁଲ ବଗିଚା ଉଜୁଡ଼ି ଯାଇଥିବା ବେଳେ ଅନ୍ୟ କେତେଜଣଙ୍କ ଧାନ, ବିରି ଆଦି ଫସଲ କ୍ଷତି ହୋଇଛି। ତୁରନ୍ତ ବନ ବିଭାଗ ଏହାର ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।

■ ସ୍ପେକ୍ଟ୍ରମ ବିକ୍ରି ଲାଗି ତତ୍ପରତା

## ରିଭର୍ସ ଅକ୍ସନ ଫର୍ମୁଲା ଆପଣାଯାଇପାରେ

**ନୂଆଦିଲ୍ଲୀ, ୨୬।୧୧:** ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ(ଡିଓଟି) ସ୍ପେକ୍ଟ୍ରମ ବିକ୍ରି କରିବା ଲାଗି ରିଭର୍ସ ଅକ୍ସନ ମଡେଲ ଉପରେ ବିଚାର କରୁଛି। ଏହାଦ୍ୱାରା ନିର୍ଦ୍ଧାରିତ ସମୟ ମଧରେ ସରକାର ବିତ୍ତୀୟ ନିଅଣ୍ଟକୁ ମୁକାବିଲା କରିପାରିବେ। ଏହାଛଡ଼ା ଅର୍ଥ ସଙ୍କଟର ସାମ୍ନା କରୁଥିବା ଟେଲିକମ୍ କମ୍ପାନୀମାନଙ୍କୁ ମଧ ଆଶ୍ୱସ୍ତି ମିଳିବ। ଡିଓଟିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ରିଭର୍ସ ଅକ୍ସନକୁ ନେଇ ଟେଲିକମ୍ ଉଦ୍ୟୋଗ ବାଣ୍ଟି ହୋଇଯାଇଛି। କିଛି କମ୍ପାନୀ ବର୍ତ୍ତମାନର ଦରରେ ସ୍ପେକ୍ଟ୍ରମ ଚାହୁଁଥିବାବେଳେ ଅନ୍ୟ କିଛି ଦର ହ୍ରାସ ପାଇଁ ଦାବି କରୁଛନ୍ତି। ସେମାନଙ୍କ କହିବାନୁଯାୟୀ ଦର ହ୍ରାସ ନ କଲେ ଏବେ ନିଲାମୀ ବନ୍ଦ ରଖାଯାଉ। ଅଧିକାରୀଙ୍କ କହିଛନ୍ତି ଯେ, ସରକାର ରିଭର୍ସ ଅକ୍ସନ ମଡେଲରେ ନିଲାମୀ ଲାଗି ସମସ୍ତ ବ୍ୟାଣ୍ଡରେ ସ୍ପେକ୍ଟ୍ରମ ଅଫର ଦିଆଯିବ। ଯେଉଁ ବ୍ୟାଣ୍ଡ ପ୍ରତି ଭଲ ଅଫର ନ ମିଳିବ ତା'ର ଦର ସ୍ୱତଃ କମିଯିବ। ରିଲାଏନ୍ସ ଜିଓ ଚଳିତ ବର୍ଷ ୪ଜି ଓ ୫ଜି ସ୍ପେକ୍ଟ୍ରମରେ ନିଲାମୀକୁ ସମର୍ଥନ କରୁଥିବାବେଳେ ଭୋଡାଫୋନ ଆଇଡିଆ ଏହାକୁ ୨୦୨୦ ପର୍ଯ୍ୟନ୍ତ ଟାଳିବାକୁ ପରାମର୍ଶ ଦେଇଛି।


**OFFICE OF THE MUNICIPAL COUNCIL, SUBARNAPUR**

**No. 2695** **Date: 26.11.18**

**Corrigendum Notice**

As per e-tender call notice No. 2675 dt. 17.11.2018 published in daily newspaper Dharitri & Samaj, the class of contractor for the work Sl. NO. 1, 2 & 13 are hereby modify and read as "B" & "A" class contractor. The other term & condition as per DTCN are remained unchanged and can be seen in the Govt. website i.e. www.tenderorissa.gov.in.

**Sd./- Executive Officer**
**Subarnapur Municipality**


୧୭୩ କୁଇଣ୍ଟାଲ ଧାନର ପ୍ରାପ୍ୟ ବର୍ଷେ ହେଲା ମିଳିନି

# ଆତ୍ମାହୁତି ଚେତାବନୀ ଦେଲେ ୩ ଚାଷୀ

**କୁନ୍ଦୁରା ୨୬।୧୧(ଡି.ଏନ.ଏ.)**

କୋରାପୁଟ ବୈପାରୀଗୁଡା ବ୍ଲକର ୩ଜଣ ଚାଷୀ ଦୀର୍ଘ ୧ବର୍ଷ ହେଲା ୧୭୩କୁଇଣ୍ଟାଲ ଧାନର ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେମାନେ ଲ୍ୟାମ୍ପସ (ବୈପାରିଗୁଡା)ଙ୍କ ବାରମ୍ବାର ଦ୍ୱାରସ୍ଥ ହୋଇ ଦାବି ସମ୍ପର୍କରେ ଜଣାଇ ନିରାଶ ହୋଇଛନ୍ତି। ଫଳରେ ସେମାନେ ବାଧ ହୋଇ ଡଙ୍ଗରପାଉଁସିଠାରେ କୃଷକ କଲ୍ୟାଣ ମଞ୍ଚ ଉପଦେଷ୍ଟା ରାଧାନାଥ ଭଞ୍ଜଙ୍କୁ ଭେଟି ଏ ସମ୍ପର୍କରେ ଜଣାଇଛନ୍ତି। ପ୍ରାପ୍ୟ ନ ମିଳିଲେ ଆତ୍ମାହୁତି ଦେବେ ବୋଲି ଏହି ୩ ଜଣ ଚାଷୀ ସ୍ଥାନୀୟ ପ୍ରଶାସନକୁ ଚେତାବାନୀ ଦେଇଛନ୍ତି।

ବୈପାରୀଗୁଡ଼ା ବ୍ଲକ୍ ବାଲିଗାଁ ଗ୍ରାମର ଗୋବର୍ଦ୍ଧନ କାଟଲି (୭୦) କୁଇଣ୍ଟାଲ, ସନ୍ୟାସୀ କାଟଲି (୩୩) କୁଇଣ୍ଟାଲ ଏବଂ ନରସିଂହ ଚିଲକୁରିଆ (୭୦) କୁଇଣ୍ଟାଲ ଧାନମଣ୍ଡିରେ ୨୦୧୭ରେ ବିକ୍ରି କରିଥିଲେ। ୨୦୧୭ ଖରିଫ ମଣ୍ଡି ଆରମ୍ଭର ଦ୍ୱିତୀୟ ସପ୍ତାହରେ ଧାନ ବିକ୍ରୟ କରିଥିଲେ। ଚାଷୀଙ୍କ କହିବା ଅନୁଯାୟୀ, ଏହି ବିକ୍ରୟ ଧାନ ସମସ୍ତ କାଗଜପତ୍ର କାର୍ଯ୍ୟ ସରକାରୀ ନିୟମାନୁଯାୟୀ ଶେଷ ହେବା ପରେ ଉକ୍ତ ଧାନକୁ ବୋରିଗୁମ୍ମାସ୍ଥିତ ଏସ୍‌ଡିଏନ୍‌ଏଲ୍ ନାମକ ଏକ ମିଲର୍ସ ନେଇଥିଲେ। କିନ୍ତୁ ପ୍ରାପ୍ୟ ଦେଇ ନ ଥିଲେ। ଏ ନେଇ ଗତ ଦିନରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ବୈପାରୀଗୁଡା ନବୀନ ଚନ୍ଦ୍ର ପାତ୍ରଙ୍କ ନିକଟକୁ ବାରମ୍ବାର ଯାଇଥିଲୁ। 'ତୁମେ ଯଦି ଏମିତି ଆସିବ ତା ହେଲେ ମୁଁ ଆତ୍ମହତ୍ୟା କରିଦେବି' ବୋଲି ନିର୍ଦ୍ଦେଶକ ପାତ୍ର ଧମକ ଦେଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାପରେ ଏହି ଚାଷୀମାନେ କୃଷକ କଲ୍ୟାଣ ମଞ୍ଚ ଉପଦେଷ୍ଟା ଭଞ୍ଜଙ୍କୁ ଭେଟିଥିଲେ। ସେ ଉକ୍ତ ୩ଜଣଙ୍କୁ ଆଶ୍ୱାସନା ଦେଇ ଜୟପୁରସ୍ଥିତ କେସିସି (ସଦର) ବ୍ୟାଙ୍କକୁ ପଠାଇଥିଲେ। କିନ୍ତୁ ନିରାଶ ଏହି ୩ଜଣ ଚାଷୀଙ୍କୁ ଜୟପୁର କେସିସି ବ୍ୟାଙ୍କ ସହକାରୀ ଜେନେରାଲ ମ୍ୟାନେଜର ବିନୋଦ ଷଡ଼ଙ୍ଗୀ କହିଛନ୍ତି ଯେ, ଏଭଳି ସମସ୍ୟା ବିଗତ ଦିନରେ ମଧ ହୋଇଛି ଏବଂ ଗତ ସପ୍ତାହରେ ମଧ ଘଟିଥିବାବେଳେ ତାର ସମାଧାନ କରିଛୁ। କେଉଁ କାରଣ ତୁମ୍ଭମାନଙ୍କର ଯୋଗୁ ପ୍ରାପ୍ୟ ମିଳିନାହିଁ ତାହାର ତଦନ୍ତ କରାଯାଇ ଅତିଶୀଘ୍ର ଏହା ପ୍ରଦାନ କରାଯିବ। ଏହି ଆଶ୍ୱାସନା ପାଇବା ପରେ ଚାଷୀମାନେ ଫେରିଥିଲେ।


**Zilla Swasthya Samiti, Angul**

**NOTICE**

**No. 2970** **Date: 24.11.2018**

With reference to the advertisement No: 2873/ Dtd. 15.11.2018 followed by Corrigendum No. 2903/Dtd. 16.11.2018, No. 2933/Dtd. 22.11.2018 and No. 2950/Dtd. 22.11.2018 published in the daily Odiya newspapers i.e. in "The Samaj" & in "The Dharitri" and in the District Website i.e. in www.angul.nic.in in a periodical manner towards the filling of Contractual Staff Nurses under NHM through open advertisement is hereby cancelled.

**Sd./-**
**CDM & PHO-cum-District Mission Director, NHM, Angul**



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
**E-mail seec.bbsr2010@gmail.com**

No.871-B

**Government of Odisha**
**"e" Procurement Notice**

**Bid Identification No.:- S.E.E.C (R&B) 04/2018-19**
**No.__2922_____/Date__19.11.2018_____/**

| | | | |
|---|---|---|---|
| 1. | The Superintending Engineer, Electrical Circle (R&B) Odisha Bhubaneswar on behalf of Governor of Odisha inviting percentage rate bid in double cover system in ONLINE MODE from eligible bidders for the works as mentioned below : | | |
| 2. | Nature of work | : | Shifting of HT, LT line and S/S. |
| 3. | No. of work | : | 1no. |
| 4. | Estimated cost | : | As per DTCN. |
| 5. | Period of completion | : | 3(three) calendar months. |
| 6. | Date and Time of availability of bid document in the portal | : | From 28.11.2018 to 12.12.2018. |
| 7. | Last date/Time of receipt of bids in the portal | : | 5.00PM of 12.12.2018. |
| 8. | Date and time of opening of bids | : | 11.30 A.M of 13.12.2018. |
| 9. | Name and address of the officer Inviting Bid | : | Superintending Engineer, Electrical Circle (R&B) Odisha, Bhubaneswar. |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in . Any addendum / corrigendum / cancellation of tender can also be seen in the said website. | | |

**Sd./- Superintending Engineer**
34107/11/0004/1819 **Electrical Circle (R&B), Odisha, BBSR**



**ODISHA HYDRO POWER CORPORATION LTD.**
**(A Government of Odisha Undertaking)**
OHPC
**Regd. Office: ODISHA STATE POLICE HOUSING & WELFARE CORPORATION BUILDING**
VANIVIHAR CHOUK, JANPATH, BHOINAGAR, BHUBANESWAR – 751022
Tel: 91 -0674-2542983, 2542802, 2545526, Fax- 2542102
E-mail – ohpc.co@gmail.com
CIN : U40101OR1995SGC003963

OHPC/HQ/IT/029/2018/ 11629 Date: 22.11.2018

**NOTICE INVITING TENDER NO.- 02/2018**

No.CAD-1058: Sealed Tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from reputed ERP Implementation Partners fulfilling the eligibility criteria as per terms and conditions mentioned in the tender documents.

| Description of Services | Cost of Tender Documents (Non-refundable) in Rs. | EMD in shape of DD / BG only (Refundable) in Rs. |
|---|---|---|
| Selection of ERP Product, Implementation Partner and End-to-End Implementation Services for Successful Implementation of ERP in OHPC & GEDCOL. | 10,000.00 + (GST @ 18%) | 15,00,000.00 |

For details of the tender documents, terms & conditions, please visit / refer our website **www.ohpcltd.com** from dtd.27.11.2018.
04012/11/0026/1819 **AGM (IT)**


# ୱେବ୍ ଚେକ୍ ଇନ୍ ନୀତି : ପୂର୍ବ ନିଷ୍ପତ୍ତିରୁ ଓହରିଲା ଇଣ୍ଡିଗୋ

**ନୂଆଦିଲ୍ଲୀ, ୨୬।୧୧**

ସୋସିଆଲ ମିଡିଆରେ କଡ଼ା ସମାଲୋଚନାର ଶିକାର ହେବା ପରେ ୱେବ୍ ଚେକ୍ ଇନ୍‌ରେ ଶୁଳ୍କ ଆଦାୟ ପାଇଁ ନେଇଥିବା ନିଷ୍ପତ୍ତିରୁ ଇଣ୍ଡିଗୋ ଓହରି ଆସିଛି। କମ୍ପାନୀ ପକ୍ଷରୁ ସୋମବାର ମଧାହ୍ନରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ନିଜ ନିଷ୍ପତ୍ତି ସମ୍ପର୍କରେ ଏକ ବିବୃତି ଜାରି କରି ଇଣ୍ଡିଗୋ କହିଛି ଯେ, ନିଜ ପସନ୍ଦ ମୁତାବକ ଆସନ ଚୟନ ପାଇଁ ସର୍ବନିମ୍ନ ୧୦୦ ଟଙ୍କା ଦେବାକୁ ପଡିବ। ତେବେ ବଜାର ପରିସ୍ଥିତିକୁ ଦୃଷ୍ଟିରେ ରଖି ମାଗଣା ସିଟ୍ ଉପଲବ୍ଧ ହୋଇପାରେ। ଉଲ୍ଲେଖଥାଉ କି, ବିମାନ ଉଡିବାର ଦିନକ ପୂର୍ବରୁ କମ୍ପାନୀ ପକ୍ଷରୁ କିଛି ମାଗଣା ସିଟ୍ ଉପଲବ୍ଧ କରାଯାଏ। ଏହି ଆସନ ପାଇଁ କୌଣସି ଶୁଳ୍କ ଦେବାକୁ ପଡେ ନାହିଁ। ତାଙ୍କୁ ବିମାନ ବନ୍ଦରରେ ଚେକ୍ ଇନ୍ ବେଳେ ମନ ପସନ୍ଦର ଆସନ ଦିଆଯାଇଥାଏ। ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱ ସ୍ତରରେ ଏହା ଏକ ସାଧାରଣ ପ୍ରକ୍ରିୟା। ଯାତ୍ରୀ ବିମାନ ବନ୍ଦରରେ ମାଗଣା ସିଟ୍ ପାଇବେ, ତେବେ ଏହା ତାଙ୍କର ମନ ପସନ୍ଦର ହେବ କି ନା ଗ୍ୟାରେଣ୍ଟି ଦେଇ ହେବ ନାହିଁ। ଅନ୍ୟପକ୍ଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଏହା ଉପରେ ତର୍ଜମା କରିବେ ବୋଲି ଟୁଇଟର କରିଆରେ ଜଣାଇଛି।


**NOTICE INVITING BID**

**Office of the Chief District Medical and Public Health Officer, Jajpur**
**Website: www.jajpur.nic.in, E-mail: dpmujajpur1@gmail.com**

**Bid Reference No.: 2046/NHM/Jaj** **Date: 26.11.2018**

Bids are invited from eligible transporters to transport Khushi-Sanitary Napkins from the Block Warehouses of Jajpur District to different Govt. Schools under the Blocks. The bid document with all information relating to the bidding process including cost of bid document, EMD, Eligibility criteria and terms & conditions etc. are available in the website: www.jajpur.nic.in. Last date of submission of Tender document is dt.11.12.2018 upto 11 AM. The Authority reserves the right to accept/reject any part thereof or all the bids without assigning any reason thereof.

**Sd./- Chief District Medical and Public Health Officer, Jajpur**



No.859-A

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**SUNDARGARH IRRIGATION DIVISION, SUNDARGARH**
**Email ID-irreesng@yahoo.in**
**'e'Procurement for Civil Works**

**Bid Identification No. SID-12/2018-19(Online) Dt. 24.11.2018**
**No. 14201** **Dt. 24.11.2018**

| | | | |
|---|---|---|---|
| 1 | No. of Works | : | Two (02 Nos) |
| 2 | Estimated Cost | : | Rs. 8.77 Lakhs & Rs. 10.97 Lakhs |
| 3 | Period of Completion | : | Two (02) Calendar Months |
| 4 | Date & Time of availability | : | Dt. 04.12.2018 at 10.00 AM to Dt. 13.12.2018 upto 5.00 PM |
| 5 | Last date / Time for receipt of bids in the portal | : | Dt. 13.12.2018 upto 5.00 PM |
| 6 | Date and time of opening of tender | : | Dt. 17.12.2018 at 11.00 AM |

Further details can be seen from the State Govt. Portal : www.tendersodisha.gov.in. Any addendum / corrigendum/ cancellation of tender can also be seen in the said website.

**Sd./- Executive Engineer**
32134/11/0016/1819 **Sundargarh Irrigation Division, Sundargarh**



No.18-W

ACCESS TO JUSTICE FOR ALL

**ରାଷ୍ଟ୍ରୀୟ ଲୋକ ଅଦାଲତ**
**ତା୦୮।୧୨।୨୦୧୮ ରିଖ (ଶନିବାର)**

**ବିଶେଷ ସୂଚନା**

୧। ଆଜ୍ଞା, କୌଣସି କଚେରୀରେ ଆପଣଙ୍କର କୌଣସି ମକଦ୍ଦମା ବିଚାରାଧିନ ରହିଛି କି, ବା ଆପଣଙ୍କର କାହା ସହିତ କୌଣସି ବିବାଦ ରହିଛି କି ?
୨। ତେବେ ଆପଣ ସେ ମକଦ୍ଦମା/ବିବାଦର ସହଜ ଏବଂ ଆପୋଷ ସହମତିରେ ସମାଧାନ ପାଇଁ ଲୋକ ଅଦାଲତଙ୍କ ସହାୟତା ନିଅନ୍ତୁ ।
୩। ତା ୦୮.୧୨.୨୦୧୮ ରିଖ (ଶନିବାର)ରେ ଉଚ୍ଚନ୍ୟାୟଳୟ ପରିସରରେ ଏବଂ ପ୍ରତ୍ୟେକ ଜିଲ୍ଲା ସ୍ତରୀୟ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଏକ ରାଷ୍ଟ୍ର-ସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହେଉଛି ।
୪। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ ।
୫। କେବଳ ବିଚାରାଧିନ ମକଦ୍ଦମା ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ ସମାଧାନ ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ହୋଇପାରିବ ।
୬। ଲୋକ ଅଦାଲତରେ ମକଦ୍ଦମା/ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୁଡାନ୍ତ ଏବଂ ଅମଳଯୋଗ୍ୟ ।
୭। ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧମରେ ହୁଏ, ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ ।
୮। ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ ।
୯। ସବିଶେଷ ବିବରଣୀ ନିମନ୍ତେ ଆପଣଙ୍କ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଥିବା ଜିଲ୍ଲା ବା ତାଲୁକ୍ ଆଇନ ସେବା କାର୍ଯ୍ୟାଳୟ ସହ ତୁରନ୍ତ ଯୋଗାଯୋଗ କରନ୍ତୁ ।

ସଦସ୍ୟ ସଚିବ
ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ
କଟକ
ଯୋଗାଯୋଗ : (୦୬୭୧) ୨୩୦୭୦୭୧

18008/11/0013/1819



**OFFICE OF THE MUNICIPAL COUNCIL, BHAWANIPATNA**

No. 3309 Dated 23.11.2018

**QUOTATION CALL NOTICE**

Sealed quotations are invited from reputed manufacturer / supplier / agency having valid Registration Certificate, upto date Tax Clearance Certificate, GST Certificate and PAN card for supply of the following sanitation materials. The quotation will be received on or before 30.11.2018 upto 2.00 PM by Registered Post / Speed Post and it will be opened on the same day at 4.00 PM in presence of the agency or their authorized representative if any if the date of opening happens to be a holiday then the next working day will be treated as the date of opening at the same time. The authority reserves the right to accept or reject any or all quotation without assigning the reason thereof.

| Sl. No. | Description of the materials | Unit | Quantity | Offered rate |
|---|---|---|---|---|
| 1 | Bleaching power | 25 KG Bag | 200 | |
| 2 | Black Phenyl | Liter | 1000 | |
| 3 | White phenyl | Liter | 1000 | |
| 4 | Malaria oil (Lerva Killer) | Liter | 600 | |
| 5 | Pyrothorioum oil suitable for king fog machine | Liter | 200 | |
| 6 | Malathing Oil | Liter | 100 | |
| 7 | Gum boot | Pair | 100 | |
| 8 | Hand glove | Pocket | 10 | |
| 9 | Try Cycle with 18 gauge M.S Sheet fabrication trolley box for lifting dust wide 2 ½' x 3 fit lay depth 2 ½' fit with 35x5 M.S Angle mounted at trolley | Nos. | 60 | |
| 10 | Wheel barrow made by 18 gauge M.S Sheet with 36" x 24" width and depth 12" and 8" polymate heavy duty wheel with full cleaning | Nos. | 60 | |
| 11 | Street garbage bin made by 18 gauge M.S Sheet with mounted three side 30x5 angle frame height - 3fit wide 2 ½ fit with both side locking hinger | Nos. | 60 | |
| 12 | Aluminium ladder | Each | 01 | |

**Sd./- Executive Officer,**
**Bhawanipatna Municipality**



OFFICE OF THE
NOTIFIED AREA COUNCIL, JUNAGARH

**No. 2951/NAC (J)** **Dated 22.11.2018**

**DETAILED TENDER CALL NOTICE**

Sealed tenders in percentage bid are invited in conformity with the detailed tender call notice to be eventually drawn up in the PWD prescribed Form F-2 for the following works of NAC, Junagarh from the Govt. license holder of D & C Class Contractors. The tender papers will be available during office hour on payment of cost (Non-refundable) in cash or Bank Draft as indicated in column 4 below upto **5.00 PM** on all working days till **30.11.2018** and will be received upto **1.00 PM** on **01.12.2018** in specified tender box placed in the office of the undersigned. The tender will be opened on **01.12.2018** at **3.00 PM** in presence of the bidders or their authorized representatives who wish to remain present. Earnest money as indicated in col.5 shall be deposited in shape of Cash or TDR of any Nationalized or Schedule Bak duly pledged in favour of Executie Officer, NAC, Junagarh and the deposit receipt or TDRs as the case may be should be accompanied with the tender papers along with valid GST, PAN and Valid Contractor registration Certificate issued by the competent authority. The authority reserves the rights to rejects any or all tenders without assigning any reason there to. The tender received after due date and time shall not be entertained and authority shall not be responsible for delay or missing of tender. Additional Performance Security Deposit shall be obtained from the bidder when the bid amount is less than the estimated cost put to tender. In such an event, only the successful bidder who has quoted less bid price / rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of demand draft / term deposit/receipt pledged in favour of the Executive Officer within seven days, otherwise the bid shall be cancelled and the EMD shall be forfeited. Further proceeding for blacklisting shall be initiated against defaulting bidder. Any other information can be had from the office of the NAC, Junagarh during office hours on all working days only. The details of works may be seen from the Notice Board of NAC, Junagarh and website **www.junagarhnac.in**.

**Sd./- Executive Officer,**
**N.A.C., Junagarh**



ସୌନ୍ଦର୍ଯ୍ୟ

# ମେକ୍ ଅପ୍ ନେଉଥିଲେ...

ମହିଳାମାନେ ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ବ୍ୟୁଟି ପ୍ରଡକ୍ଟସ୍ ବ୍ୟବହାର କରିଥାନ୍ତି। ଆବଶ୍ୟକ ପଡ଼ିଲେ ପାର୍ଲର ଯାଇଥାନ୍ତି। ଯଦି ଆପଣ ଘରେ ମେକ୍ ଅପ୍ ନେବାକୁ ଚାହୁଁଛନ୍ତି ତେବେ କିଛି କଥାକୁ ଧ୍ୟାନରେ ରଖନ୍ତୁ।

❖ଫାଉଣ୍ଡେଶନ ପୂର୍ବରୁ ଆଇଶ୍ୟାଡୋ ଲଗାନ୍ତୁ। କେତେଜଣ ମହିଳାଙ୍କର ଆଇଶ୍ୟାଡୋ ଲଗାଇବାର ଭୁଲ୍ ଧାରଣା ରହିଛି, ଯେ ଏହାକୁ ଫାଉଣ୍ଡେଶନ୍ ଲଗାଇବା ପରେ ଲଗାଯାଏ। ହେଲେ ଏହାର ଉପଯୁକ୍ତ ପଦ୍ଧତି ହେଉଛି ପ୍ରଥମେ ଆଇଶ୍ୟାଡୋ ଓ ପରେ ମୁହଁରେ ଫାଉଣ୍ଡେଶନ ଲଗାନ୍ତୁ। କାରଣ ବେଳେବେଳେ ଆଇଶ୍ୟାଡୋ ଲଗାଇବାବେଳେ ତାହା ମୁହଁର କିଛି ସ୍ଥାନରେ ଲାଗିଯାଏ। ଆଗରୁ ଫାଉଣ୍ଡେଶନ ଲଗାଇଥିଲେ ଆଇଶ୍ୟାଡୋକୁ ସେଥିରୁ ପୋଛିବା କଷ୍ଟକର ହୋଇଯାଏ। ଆବଶ୍ୟକ ପଡିଲେ ସ୍କାଚ୍ ଟେପ୍ ଉକ୍ତ ଜାଗାରେ ଲଗାନ୍ତୁ। ଏହାଦ୍ୱାରା ଅଧିକ ଲାଗିଥିବା ଶ୍ୟାଡୋକୁ ଲିଭାଇପାରିବେ।

❖ପ୍ରାଇମର ଲଗାଇବାକୁ ଭୁଲନ୍ତୁ ନାହିଁ। ପ୍ରାଇମର ମୁହଁରେ ମେକ୍ଅପ୍‌କୁ ଅଧିକ ସମୟ ପର୍ଯ୍ୟନ୍ତ ବଜାୟ ରଖିଥାଏ। ହେଲେ ମଇଶ୍ଚରାଇଜର ଲଗାଇବା ପରେ ପ୍ରାଇମର ଲଗାନ୍ତୁ। ଅଳ୍ପ ମାତ୍ରାରେ ପ୍ରାଇମରକୁ ହାତ ପାପୁଲିରେ ନେଇ ଭଲଭାବେ ଗୋଳାଇ ଏକ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ମାଲିସ କରନ୍ତୁ। ଏହାର ପାଞ୍ଚ ମିନିଟ୍ ପରେ ଫାଉଣ୍ଡେଶନ ଲଗାନ୍ତୁ।

❖ଆପଣଙ୍କ ତ୍ୱଚାକୁ ମ୍ୟାଚ୍ କରି ଫାଉଣ୍ଡେଶନର କଲର କିଣନ୍ତୁ। ଏହା ନ୍ୟାଚୁରାଲ ଏବଂ ଆପଣଙ୍କ ସ୍କିନ୍ ପାଇଁ ଉପଯୋଗୀ ହେବା ଦରକାର। ସ୍ପଞ୍ଜ୍ ଏବଂ ବ୍ରଶ୍ ମଧ୍ୟ ହାଇଜେନିକ ହେବା ଦରକାର।

❖ଆଜିକାଲି ଲିକ୍ୱିଡ୍ ଏବଂ ଗ୍ଲୋସ୍ କରୁଥିବା ଫାଉଣ୍ଡେଶନ କେହି ପସନ୍ଦ କରୁନାହାନ୍ତି। କୌଣସି ପାର୍ଟି ବା ଫଙ୍କ୍ସନକୁ ଯିବାବେଳେ ମହିଳାମାନେ ଲିକ୍ୱିଡ୍ ଫାଉଣ୍ଡେଶନ ଲଗାଉଛନ୍ତି, କିନ୍ତୁ ଲୁଜ୍ ପାଉଡର ଲଗାଇବାକୁ ଭୁଲିଯାଉଛନ୍ତି। ମାତ୍ର ଏପରି କରନ୍ତୁ ନାହିଁ।

❖ମସ୍କରା ଖୋଲିବାର ୩ ମାସ ମଧ୍ୟରେ ହିଁ ଏହାକୁ ବ୍ୟବହାର କରିଦିଅନ୍ତୁ। ୩ ମାସ ପରେ ଏହାର ବ୍ୟବହାର କଲେ ଇନ୍‌ଫେକ୍ସନ ହେବା ସମ୍ଭାବନା ରହିଛି।

❖ଶୋଇବା ପୂର୍ବରୁ ମେକ୍ଅପ୍ ଛଡ଼ାଇବାକୁ ଭୁଲନ୍ତୁ ନାହିଁ। ମେକ୍ ଅପ୍ ଲଗାଇ ଶୋଇବା ଦ୍ୱାରା ସ୍କିନ୍ ଖରାପ ହୋଇଥାଏ। କାରଣ ଏହାଦ୍ୱାରା ତ୍ୱଚାର ପୋର୍ସ ବନ୍ଦ ହୋଇଯାଏ ; ଯଦ୍ଦ୍ୱାରା ଚେହେରାରେ ଦାଗ ଆସିଥାଏ।



ଖାଦ୍ୟରୁଚି

# ମଲାଇ ପନିର

**ଆବଶ୍ୟକ ସାମଗ୍ରୀ**

୧୫୦ ଗ୍ରାମ୍ ପନିର,୧/୪ କପ୍ କ୍ରିମ୍, ୧/୨ ଚାମଚ କସୁରୀ ମେଥି, ଗୋଟିଏ ପିଆଜ, ୪ଟି ଚିନାବାଦାମ, ୪ଟି କାଜୁ, ୧/୨ ଚାମଚ ଅଦା, ୨-୩ଟି ରସୁଣ କୋଳା, ୧/୪ ଚାମଚ ଗରମ ମସଲା ପାଉଡର, ୧/୮ ଚାମଚ ହଳଦୀଗୁଣ୍ଡ, ୧ ଚାମଚ ଲଙ୍କାଗୁଣ୍ଡ, ୧ ଚାମଚ ଧନିଆ ପାଉଡର, ପାଣି, ୩ ଚାମଚ ତେଲ,୧ ଚାମଚ କଟା ଧନିଆପତ୍ର, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

କାଜୁ ଏବଂ ଚିନାବାଦାମକୁ ଗ୍ରାଇଣ୍ଡରରେ ପେଷି ଦିଅନ୍ତୁ। ପେଷ୍ଟ ପ୍ରସ୍ତୁତି ପାଇଁ ଏଥିରେ ୨ ଚାମଚ ପାଣି ମିଶାନ୍ତୁ। ପନିରକୁ ୧.୫ ଇଞ୍ଚ ଲମ୍ବା ଏବଂ ୦.୫ ଇଞ୍ଚ ମୋଟା ତ୍ରିକୋଣ ଆକାରରେ କାଟନ୍ତୁ। ଗ୍ୟାସ୍‌କୁ ମଧ୍ୟମ ଆଞ୍ଚରେ ରଖି ପ୍ୟାନ୍‌ରେ ୨ ଚାମଚ ତେଲ ଗରମ କରନ୍ତୁ। ଏଥିରେ ପନିରକୁ ପକାଇ ଲାଲ୍ ହେବା ପର୍ଯ୍ୟନ୍ତ ଭାଜି ତାକୁ ଏକ ପ୍ଲେଟ୍‌ରେ ରଖି ଦିଅନ୍ତୁ। ଏହି ପ୍ୟାନ୍‌ରେ ଆଉ ଏକ ଚାମଚ ତେଲ ଗରମ କରନ୍ତୁ। ଏଥିରେ କଟାଯାଇଥିବା ପିଆଜ ପକାଇ ୧-୨ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏହାପରେ ଅଦା,ରସୁଣ ପେଷ୍ଟ ପକାଇ ୧ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ଧନିଆ ପାଉଡର ଏବଂ ଲୁଣ ମିଶାଇ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏବେ କାଜୁ ଓ ଚିନାବାଦାମର ପେଷ୍ଟକୁ ଏଥିରେ ମିଶାଇ ଗୋଟିଏ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏଥିରେ ୧/୨ କପ୍ ପାଣି ମିଶାଇ ଫୁଟାନ୍ତୁ। ଫୁଟିଯିବା ପରେ ଆଞ୍ଚକୁ କମ୍ କରିଦିଅନ୍ତୁ। ଏବେ ପନିର, ଗରମ ମସଲା ପାଉଡର ଏବଂ କସୁରୀ ମେଥି ପକାନ୍ତୁ। ୩/୪ ମିନିଟ୍ ପରେ ୧/୪ କପ୍ କ୍ରିମ୍ ମିଶାନ୍ତୁ। ଏହାକୁ ଭଲ ଭାବେ ଗୋଳାଇ ଧନିଆପତ୍ର ପକାଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମଲାଇ ପନିର। ଗରମ ଗରମ ଏହାକୁ ରୁଟି ସହ ପରଷନ୍ତୁ।

# ୱିଣ୍ଟର୍ ଫ୍ୟାଶନ୍

ଶୀତଦିନେ ଉଲେନ୍ କୁର୍ତ୍ତିର କ୍ରେଜ୍ ଅଧିକା ଏବେ ଏହି କୁର୍ତ୍ତି କେବଳ କାଜୁଆଲ୍ ୱେର ହୋଇ ରହିନାହିଁ ବରଂ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟିଗଲାଣି। ଏହାର ଷ୍ଟାଇଲ୍, କଲର ଏବଂ ଡିଜାଇନ୍‌ର ରହିଛି ଡିମାଣ୍ଡ।





HOTEL SEAGULL
Exclusive Chinese Restaurant
Indian Food & Special Bengali Thali along with Mocktail Bar
A/c, N-A/c, Sea facing rooms
70 জনের কনফারেন্স হল

Occasion for celebrating & get together party
Sea Beach, Puri, Pin-752001, Ph: (06752)222966 223618, 08763786114, 09178795925
E-mail : seagullpuri@yahoo.co.in
• www.hotelseagull.in


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ପ୍ରଦୀପ କୁମାର ନାୟକ
ସଂପାଦକ, ବିଜୁ ଶ୍ରମିକ ସାମ୍ମୁଖ୍ୟ, ଓଡ଼ିଶା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମାମି ମହାନ୍ତି
ସରପଞ୍ଚ, ବାହାଦଲାପୁର ଗ୍ରାମ ପଞ୍ଚାୟତ, ରସୁଲପୁର ବ୍ଲକ, ଯାଜପୁର


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ପ୍ରହ୍ଲାଦ ପଣ୍ଡା
ଉପସଭାପତି, ଯାଜପୁର ଜିଲ୍ଲା ବିଜେଡି

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରେ ସମସ୍ତ ପାଠକ, ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।

Bharatgas
Cook Food. Serve Love.
ମା ପାଟଖଣ୍ଡା ଭାରତ ଗ୍ୟାସ୍, ସିମନବାଡ଼ି
ଏଲପିଜି ବ୍ୟବହାରର ସୁରକ୍ଷିତ ଉପାୟ
- ଏଲପିଜି ସିଲିଣ୍ଡରକୁ ସବୁବେଳେ ଠିଆ ଅବସ୍ଥାରେ ରଖନ୍ତୁ।
- ଗ୍ୟାସ୍ ଚୁଲା, ଗ୍ୟାସ୍ ସିଲିଣ୍ଡରଠାରୁ ଅତି କମରେ ଛଅ ଇଞ୍ଚ ଉପରେ କୌଣସି ସମତଳ ସ୍ଥାନରେ ରଖନ୍ତୁ। ସବୁବେଳେ ଠିଆ ହୋଇ ରୋଷେଇ କରନ୍ତୁ।
- ଚୁଲାକୁ ଏପରି ସ୍ଥାନରେ ରଖନ୍ତୁ ଯେଉଁଠାରେ ବାହାରୁ ସିଧା ପବନ ଲାଗୁ ନ ଥିବ।
- ରୋଷେଇ ଘରେ ଗ୍ୟାସ ସିଲିଣ୍ଡର ବ୍ୟତୀତ ଅନ୍ୟ କୌଣସି ଜ୍ୱଳନଶୀଳ ବସ୍ତୁର ବ୍ୟବହାର କରନ୍ତୁ ନାହିଁ।
- ଗ୍ୟାସ ଚୁଲା ଜଳାଇବା ସମୟରେ ପ୍ରଥମେ ଦିଆସିଲି ଜଳାନ୍ତୁ, ତା'ପରେ ଗ୍ୟାସ ଅନ କରନ୍ତୁ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସର ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ସୁଶାନ୍ତ କୁମାର ବେହେରା
ସରପଞ୍ଚ, ରାଜେନ୍ଦ୍ରପୁର ଗ୍ରାମପଞ୍ଚାୟତ ରସୁଲପୁର ବ୍ଲକ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ପ୍ରଫୁଲ କୁମାର ସାହୁ
ବରୀ ବିଧାୟକଙ୍କ ରସୁଲପୁର ବ୍ଲକ ପ୍ରତିନିଧି, ଯାଜପୁର

With Best Compliments from
AARTI STEELS LTD.
...Sharing the dreams of Odisha.
(An ISO 9001, 14001 & OHSAS 18001 Certified Company)

A leading manufacturer of Special Steels of North has integrated itself with East having following facilities at plant.

| EXISTING FACILITIES | PROPOSED EXPANSION |
|---|---|
| • RAW MATERIAL PREPARATION PLANT | • POWER PLANT |
| • SPONGE IRON PLANT | • COKE OVEN PLANT |
| • POWER PLANT | • SINTER PLANT |
| • STEEL MELTING SHOP | • SPONGE IRON PLANT |
| • FERRO ALLOYS PLANT | • COAL WASHERY |
| • ELECTRIC ARC FURNACE | • ROLLING MILL (IN PROGRESS) |

Registered Office:
G.T.Road, Miller Ganj, Ludhiana, Pin- 141003
Ph: 91- 161-3006100, Fax:91-161-3006150
E-mail: info@aartisteelsltd.com
Works:
At: Ghantikhal, P.O. Mahakalabasta
Dist: Cuttack, Pin-754029
Ph: 0671-3061000, Fax:0671-3061150
E-mail: cuttack@aartisteelsltd.com
City Office:
Plot No: 18/1B, Sector-10, C.D.A, Bidanasi, Cuttack, Pin:753014 (INDIA), Ph: 91-671-3061000, 2309285, Fax:+91-671-2309407
E-mail:aartisteel@sify.com
Website: www.aartisteelsltd.com

See Career Appointment on every Wednesday & Saturday


ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପୀୟୂଷ ପାଣି
କମିଶନର ବିକ୍ରିକର ବିଭାଗ, ଓଡ଼ିଶା

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ପବିତ୍ର ରାହାସ ଉତ୍ସବ ଉପଲକ୍ଷେ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
ଯତିନ୍ଦ୍ର କୁମାର ସାହୁ (ବୁଲୁ)
ଉପାଧ୍ୟକ୍ଷ
ରସୁଲପୁର ପଞ୍ଚାୟତ ସମିତି, ଯାଜପୁର
ପ୍ରଶାନ୍ତ କୁମାର ଦାସ (ବାପି)
ବିଜେଡି ସଭାପତି,
ନରସିଂହପୁର ଗ୍ରାମପଞ୍ଚାୟତ
ରସୁଲପୁର ବ୍ଲକ, ଯାଜପୁର

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ବିଭୂତି ଭୂଷଣ ଜେନା
ସ୍ପେଶାଲ କ୍ଲାସ କଣ୍ଟ୍ରାକ୍ଟର, କୋଟପୁର- ଯାଜପୁର



“ନୂଆ କରି ବଜାରକୁ ଆସିଥିବା ସାଣ୍ଟ୍ରୋକୁ ଗ୍ରାହକଙ୍କ ପକ୍ଷରୁ ଭଲ ରେସ୍‌ପନ୍ସ ମିଳୁଛି। ବର୍ତ୍ତମାନର ଉନ୍ନତ ବୁକିଂ ଧାରାକୁ ନେଇ ଅତ୍ୟନ୍ତ ଖୁସି।
– ୱାଇ.କେ. କୋ, ଏମ୍‌ଡି ତଥା ସିଇଓ, ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ



“ଘରୋଇ କମ୍ପାନୀଗୁଡ଼ିକୁ ପ୍ରମୁଖ ବହୁ ଦେଶୀୟ କମ୍ପାନୀ ଭାବେ ଗଢ଼ି ତୋଳିବା ନେଇ ପ୍ରୋତ୍ସାହିତ କରିବାକୁ ସରକାର ବିଚାର କରୁଛନ୍ତି।
– ରାଜୀବ କୁମାର, ଉପାଧ୍ୟକ୍ଷ, ନୀତି ଆୟୋଗ

## ସଂକ୍ଷେପରେ

### ମାର୍ଚ୍ଚ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ମିଳିବ ୪୨ ହଜାର କୋଟି

**ନୂଆଦିଲ୍ଲୀ,୨୬-୧୧:** କେନ୍ଦ୍ର ସରକାର ନିଜର ପ୍ରତିଶ୍ରୁତି ମୁତାବକ ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପରବର୍ତ୍ତୀ କିସ୍ତିରେ ୪୨ ହଜାର କୋଟି ଟଙ୍କା ପ୍ରଦାନ କରିବେ। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୋମବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ସରକାର ଚଳିତବର୍ଷ ୫ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଆଲ୍ଲାହାବାଦ୍ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ଆନ୍ଧ୍ର ବ୍ୟାଙ୍କ ଏବଂ କର୍ପୋରେଶନ ବ୍ୟାଙ୍କକୁ ସେମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଲାଗି ୧୧,୩୩୬ କୋଟି ଟଙ୍କା ପ୍ରଦାନ କରିଥିଲେ। ଚଳିତ ଆର୍ଥିକ ବର୍ଷ ଶେଷରେ ୪୨ ହଜାର କୋଟି ଟଙ୍କା ଦିଆଯିବ। ଅବଶିଷ୍ଟ କିସ୍ତି ଆସନ୍ତା ବର୍ଷ ଡିସେମ୍ବରରେ ପ୍ରଦାନ କରାଯିବ। ସେ କହିଛନ୍ତି ଯେ, ଚଳିତ ଆର୍ଥିକ ବର୍ଷରେ ଦୁଇଟି ବୃହତ୍ ବ୍ୟାଙ୍କ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କକୁ ଅଧିକ ପୁଞ୍ଜିର ଆବଶ୍ୟକତା ପଡ଼ିବନି ବୋଲି ସେ ପ୍ରକାଶ କରିଛନ୍ତି। ବ୍ୟାଙ୍କଗୁଡ଼ିକୁ ପୁଞ୍ଜି ପର୍ଯ୍ୟାପ୍ତତା ନିୟମ ଅନୁଯାୟୀ ରିଜର୍ଭ ବ୍ୟାଙ୍କରେ ଅଧିକ ଟଙ୍କା ଜମା ରଖିବାକୁ ପଡ଼ିବ ନାହିଁ। କାରଣ ରିଜର୍ଭ ବ୍ୟାଙ୍କ ନିଜ ଦ୍ୱାରା ପ୍ରଣୀତ ନିୟମକୁ କୋହଳ କରିବା ଲାଗି ରାଜି ହୋଇଛି। ବ୍ୟାଙ୍କଗୁଡ଼ିକୁ ଏଥିପାଇଁ ୨୦୨୦ ପର୍ଯ୍ୟନ୍ତ ସମୟ ମିଳିଯାଇଛି। ତେବେ କ୍ରେଡିଟ୍ ରେଟିଂ ଏଜେନ୍ସି ମୁଡିଜ ରିଜର୍ଭ ବ୍ୟାଙ୍କର ନିଷ୍ପତ୍ତିକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ପାଇଁ କ୍ରେଡିଟ୍ ନକାରାତ୍ମକତା ବୋଲି ଦର୍ଶାଇଛି।

### ଏତିହାଦ ନେଇପାରେ ଜେଟ୍ ଏୟାରୱେଜର ପରିଚାଳନା ଦାୟିତ୍ୱ

**ମୁମ୍ବାଇ,୨୬-୧୧:** ଦେଶର ଅନ୍ୟତମ ବୃହତ ଘରୋଇ ଏୟାରଲାଇନ ଜେଟ୍ ଏୟାରୱେଜର ମାଲିକ ତଥା ଅଧ୍ୟକ୍ଷ ନରେଶ ଗୋଏଲ କମ୍ପାନୀର ଅର୍ଥ ସଙ୍କଟ ଦୂର ଲାଗି ନୂଆ ପନ୍ଥା ଆପଣାଇବାକୁ ବିଚାର କରୁଛନ୍ତି। ୟୁଏଇର ଦ୍ୱିତୀୟ ସର୍ବବୃହତ ଏୟାରଲାଇନ୍ସ କମ୍ପାନୀ ଏତିହାଦ ଏୟାରୱେଜକୁ ପରିଚାଳନା ଦାୟିତ୍ୱ ଦେଇଦେବାକୁ ସେ ବିଚାର କରୁଛନ୍ତି। ଏହା ବଦଳରେ ଜେଟ୍‌ର ଇକ୍ୟୁଟି କିଣିବ ଏହି କମ୍ପାନୀ। ନିଜେ ଅଧ୍ୟକ୍ଷ ପଦରେ ରହିବାକୁ ଗୋଏଲ ଚାହୁଁଛନ୍ତି। ଗତ ରବିବାର ଏତିହାଦ ଗ୍ରୁପ୍ ସିଇଓ ଟନି ଡଗ୍‌ଲାସଙ୍କ ନେତୃତ୍ୱରେ ଏକ ଦଳକୁ ଗୋଏଲ ଭେଟିବା ସହ ଏ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ସୂଚନାଥାଉ କି, ଜେଟ୍ ଏୟାରୱେଜର ୨୪% ଅଂଶଧନ ଏତିହାଦ ନିକଟରେ ରହିଛି। ସେହିପରି ନରେଶ ଗୋଏଲ ଓ ତାଙ୍କ ପତ୍ନୀ ଅନୀତା ଗୋଏଲ ମୋଟରେ ୫୧% ଅଂଶଧନ ରଖିଛନ୍ତି। ଡିଲ୍ ପାଇଁ ଏତିହାଦ ରାଜି ହେଲେ ଏହା ଜେଟ୍ ଏୟାରୱେଜର ୪୯% ଅଂଶଧନର ମାଲିକ ହୋଇଯିବ। କମ୍ପାନୀକୁ ଏହି ଡିଲ୍‌ରୁ କେତେ ଟଙ୍କା ମିଳୁଛି ଜାଣିବା ପରେ ଗୋଏଲ ନିଜ ଅଂଶଧନ ମଧ୍ୟରୁ ୧୫% ବିକ୍ରି କରିପାରନ୍ତି।

## ଖସୁଛି ଅଶୋଧିତ ତେଲ ଦର

# କମ୍ପାନୀଙ୍କୁ ଫାଇଦା, ଗ୍ରାହକ ଭକୁଆ

**ନୂଆଦିଲ୍ଲୀ,୨୬-୧୧**

- ଅକ୍ଟୋବରରୁ ଆଜିସୁଦ୍ଧା ତେଲ ଦର ୭ରୁ ୧୧% କମିଛି
- ଏହି ସମୟରେ ଅଶୋଧିତ ତେଲ ୨୫% ହ୍ରାସ ପାଇଛି
- କ୍ରୁଡ୍ ଦର ୮୬.୭ରୁ ୬୦ ଡଲାରକୁ କମିଲାଣି



ଗତ କିଛି ଦିନ ହେଲା ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ(କ୍ରୁଡ୍ ଅଏଲ) ଦର କ୍ରମାଗତ ହ୍ରାସ ପାଉଛି। ତୈଳ କମ୍ପାନୀଗୁଡ଼ିକ ଫାଇଦା ମାରୁଥିବା ବେଳେ ଗ୍ରାହକ ବିଚରା ଭକୁଆ ବନୁଛି। ଅକ୍ଟୋବର ଆରମ୍ଭରୁ ଆଜିଯାଏ ପେଟ୍ରୋଲ ଓ ଡିଜେଲ ଦର ପ୍ରାୟ ୭ରୁ ୧୧ ପ୍ରତିଶତ ହ୍ରାସ ପାଇଛି। କିନ୍ତୁ ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଦର ପ୍ରାୟ ୨୫% ହ୍ରାସ ପାଇସାରିଲାଣି।

କେନ୍ଦ୍ର ସରକାରଙ୍କ କହିବାନୁଯାୟୀ, ଦେଶରେ ପେଟ୍ରୋଲ ଓ ଡିଜେଲ ଦରକୁ କ୍ରୁଡ୍ ସହ ସିଧାସଳଖ ଯୋଡ଼ାଯାଇଛି। ଅର୍ଥାତ୍ କ୍ରୁଡ୍ ଦର ହ୍ରାସ ପାଇଲେ ସେହି ଅନୁପାତରେ ଦେଶରେ ପେଟ୍ରୋଲ ଓ ଡିଜେଲ ଦର କମିବା କଥା। କିନ୍ତୁ ବାସ୍ତବ ଚିତ୍ର ଓଲଟା। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଅକ୍ଟୋବରରେ ବ୍ୟାରେଲ ପିଛା ୮୬.୭୦ ଡଲାର ଥିଲା, ଯାହାକି ଗତ ସପ୍ତାହରେ ହ୍ରାସ ପାଇ ୬୦ ଡଲାରରେ ପହଞ୍ଚିଛି। ଇରାନ ଠାରୁ ତେଲ କିଣିବା ଲାଗି ଭାରତ ସମେତ ୮ଟି ଦେଶକୁ ଆମେରିକା କଟକଣାମୁକ୍ତ କରିବା ପରେ ଏବଂ ଆମେରିକା, ରୁଷ ଓ ସୌଦି ଆରବ ତେଲ ଉତ୍ପାଦନ ବଢ଼ାଇବା କାରଣରୁ ଏବେ ବଜାରରେ ଅଶୋଧିତ ତେଲ ବଳକା ହେଲାଣି। ସେହି କାରଣରୁ କ୍ରୁଡ୍ ଦର ଖସୁଛି। ସୂଚନାଥାଉ କି, ଦେଶର ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡିଜେଲର ରିଟେଲ ଦର ସ୍ଥିର କରିବା ବେଳେ ଦୈନିକ ଅଶୋଧିତ ତେଲ ଦର, ଡଲାର ତୁଳନାରେ ଟଙ୍କାର ମୂଲ୍ୟ, ପରିବହନ ଖର୍ଚ୍ଚ, ବୀମା ଓ ଅନ୍ୟ କେତେକ ଚାର୍ଜକୁ ହିସାବକୁ ନେଇଥାନ୍ତି। ଏହାପରେ ଚୂଡ଼ାନ୍ତ ରିଟେଲ ଦର ଧାର୍ଯ୍ୟ କରିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ, ଡିଲରଙ୍କ କମିଶନକୁ ହିସାବ କରାଯାଏ। ଏହି ଦର ଧାର୍ଯ୍ୟ ପରେ ଏହାକୁ ଦୈନିକ ପ୍ରକାଶ କରାଯାଏ। ଇଣ୍ଡିଆନ ଅଏଲ କର୍ପୋରେଶନର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ ଅନ୍ତର୍ଜାତୀୟ ସ୍ତରରେ ଦର ହ୍ରାସ ପାଇଥିବାରୁ ପେଟ୍ରୋଲ ଦର ସେହି ଅନୁପାତରେ କମିଲାଣି। ତେବେ ଦେଶରେ ରିଟେଲ ଦରରେ ଏହା ଦେଖିବାକୁ ମିଳୁନି। ଏହାର ଅର୍ଥ ତୈଳ କମ୍ପାନୀଗୁଡ଼ିକ ଗ୍ରାହକଙ୍କ ହିତକୁ ଅଣଦେଖା କରି ସେମାନଙ୍କ ଲାଭ ବଢ଼ାଇବାରେ ଲାଗିଛନ୍ତି। ସେମାନେ ଧାର୍ଯ୍ୟ ଫର୍ମୁଲା ଅନୁଯାୟୀ ଡିଲରଙ୍କୁ ତେଲ ବିକୁଛନ୍ତି। ସମାନୁପାତରେ ତେଲ ଦର ନ କମିବାର ଆଉ ଏକ କାରଣ ହୋଇପାରେ। ତାହା ହେଲା, ତେଲ କମ୍ପାନୀଗୁଡ଼ିକ ଗତ ୧୫ ଦିନର ହାରାହାରି ଅନ୍ତର୍ଜାତୀୟ ଦରକୁ ହିସାବକୁ ନେଉଛନ୍ତି। ଏହି କାରଣରୁ ଗତ କିଛି ଦିନ ଧରି ଅନ୍ତର୍ଜାତୀୟ ବଜାରରେ ତେଲ ଦର ଯଥେଷ୍ଟ ହ୍ରାସ ପାଇଥିଲେ ସୁଦ୍ଧା ଏବେ ଏହାର ପ୍ରଭାବ ଘରୋଇ ବଜାରରେ ଦେଖିବାକୁ ମିଳୁନି। ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ପମ୍ପ ଡିଲରଙ୍କୁ ଅକ୍ଟୋବର ୮ରୁ ନଭେମ୍ବର ୧୯ ମଧ୍ୟରେ ୧୦ ପ୍ରତିଶତ କମ୍ ଦରରେ ପେଟ୍ରୋଲ ବିକିଛନ୍ତି। ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ୨୨% ଖସିଛି। ସେହିପରି ଡିଲରଙ୍କ ଲାଗି ଡିଜେଲ ଦର ମାତ୍ର ୪.୫% ହ୍ରାସ ପାଇଥିବା ବେଳେ ବେଞ୍ଚ ମାର୍କ ଦର ୧୧.୫% କମିଥିଲା। ଏହାର ଅର୍ଥ ତୈଳ କମ୍ପାନୀଗୁଡ଼ିକ ଅକ୍ଟୋବର ୮ରୁ ନଭେମ୍ବର ୧୯ ମଧ୍ୟରେ ଗ୍ରସ୍ ମାର୍କେଟ ମାର୍ଜିନ ଲିଟର ପିଛା ପେଟ୍ରୋଲ ପାଇଁ ୪.୯୮ ଟଙ୍କା ଓ ଡିଜେଲ ପାଇଁ ୩.୦୩ ଟଙ୍କା ଅଧିକ ପାଉଛନ୍ତି। ତୈଳ କମ୍ପାନୀଗୁଡ଼ିକର ଏକ୍‌ଜିକ୍ୟୁଟିଭ ମାନେ ମଧ୍ୟ ଲାଭ ବଢ଼ୁଥିବା ସ୍ୱୀକାର କରିଛନ୍ତି।

## ରାଜ୍ ଇଲେକ୍‌ଟ୍ରୋନିକ୍ସର ଶୁଭ ବିବାହ ଅଫର

**ଭୁବନେଶ୍ୱର,୨୬-୧୧**



ବିବାହ ସିଜନକୁ ଧ୍ୟାନରେ ରଖି ରାଜ୍ ଇଲେକ୍‌ଟ୍ରୋନିକ୍ସ ପକ୍ଷରୁ ଶୁଭ ବିବାହ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ବିଭିନ୍ନ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କ୍ରୟ ଉପରେ ଆକର୍ଷଣୀୟ ରିହାତି ଉପଲବ୍ଧ ହେବ ବୋଲି ରାଜ ଇଲେକଟ୍ରୋନିକ୍ସ ପକ୍ଷରୁ ସୂଚନା ରହିଛି। କମ୍ବୋ ପ୍ରାଇସ ଅଫରରେ ଗ୍ରାହକମାନେ ପ୍ରଡକ୍ଟ ଅନୁଯାୟୀ ପ୍ରାଇସ ପାଇପାରିବେ। ଏହା ବାଦ ସହଜ କିସ୍ତି ସୁବିଧା, ବଜେଟକୁ ସୁହାଇଲା ଭଳି ଇଏମ୍ଆଇ, ୦% ସୁଧହାର ରହିଛି। ବଜାଜ ଫାଇନାନ୍ସ ପକ୍ଷରୁ ରେଫ୍ରିଜରେଟର ଏବଂ ୱାଶିଂ ମେଶିନ କ୍ରୟ ଉପରେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ ସୁବିଧା ରହିଛି। ଗୋଟିଏ ପ୍ରଡକ୍ଟ କିଣି ଦୁଇଟି ଉପହାର ସହ ରିହାତି ମୂଲ୍ୟ ଗ୍ରାହକଙ୍କ ଲାଗି ପ୍ରଦାନ କରାଯାଉଛି। ହକି ବିଶ୍ୱକପ୍ ଉପଲକ୍ଷେ ବଛା ବଛା କମ୍ପାନୀଗୁଡ଼ିକର ୫୫ ଇଞ୍ଚ ଏଲ୍ଇଡି କ୍ରୟ ଉପରେ ୩୨ ଇଞ୍ଚର ଏଲ୍ଇଡି ମାଗଣା ରହିଛି। ବଛାବଛା ଏସି କ୍ରୟ ଉପରେ ଏହି ସୁବିଧା ମଧ୍ୟ ରହିଛି। ବାଲିଯାତ୍ରା ଉପଲକ୍ଷେ କଟକର ମଧୁପାଟଣା ଶୋ'ରୁମଠାରେ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଗ୍ରାହକ ଗୋଟିଏ ପ୍ରଡକ୍ଟ କିଣି ଦୁଇଟି ଉପହାର ପାଇପାରିବେ। ଏକ୍ସଚେଞ୍ଜ ଅଫର ମାଧ୍ୟମରେ ପୁରୁଣା ପ୍ରଡକ୍ଟ ବଦଳରେ ନୂଆ ପ୍ରଡକ୍ଟ କ୍ରୟ ସହ ସଞ୍ଚୟ ସୁବିଧା ପାଇବେ। ଏସି ଉପରେ ଆକର୍ଷଣୀୟ ଡିସକାଉଣ୍ଟ ସହ ସହଜ ଇନଷ୍ଟାଲେସନ ସୁବିଧା ରହିଛି। ଗୋଟିଏ ଛାତ ତଳେ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଜାତୀୟ ତଥା ଅନ୍ତର୍ଜାତୀୟ ବ୍ରାଣ୍ଡର ପ୍ରଡକ୍ଟ ଯୋଗାଇ ଦେଉଛୁ ବୋଲି ରାଜ ଇଲେକଟ୍ରୋନିକ୍ସର ମ୍ୟାନେଜିଂ ପାର୍ଟନର ପ୍ରକାଶ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଅଜିମ ପ୍ରେମଜୀଙ୍କୁ ମିଳିବ ଫ୍ରାନ୍ସର ସର୍ବଶ୍ରେଷ୍ଠ ନାଗରିକ ସମ୍ମାନ

**ନୂଆଦିଲ୍ଲୀ,୨୬-୧୧**



ଆଇଟି କ୍ଷେତ୍ରରେ ସମ୍ରାଟ କୁହାଯାଉଥିବା ଅଜିମ ପ୍ରେମଜୀଙ୍କୁ ଫ୍ରାନ୍ସର ସର୍ବଶ୍ରେଷ୍ଠ ନାଗରିକ ସମ୍ମାନ ଚେଭଲିୟର ଡି ଲା ଲିଜିୟନ ଡି'ଅନେୟୁର (ନାଇଟ୍ ଅଫ୍ ଦି ଲେଜିୟନ ଅଫ୍ ଅନର) ଚଳିତ ମାସରେ ପ୍ରଦାନ କରାଯିବ। ଭାରତରେ ଫ୍ରାନ୍ସର ରାଷ୍ଟ୍ରଦୂତ ଆଲେକଜାଣ୍ଡାର ଜିଗ୍‌ଲର ପ୍ରେମଜୀଙ୍କୁ ଏହି ସମ୍ମାନ ପ୍ରଦାନ କରିବେ। ଭାରତରେ ଆଇଟି ଶିଳ୍ପକୁ ବିକାଶ ପଥରେ ଆଗେଇନେବାର ଫଳସ୍ୱରୂପ ତାଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରାଯିବ ବୋଲି ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ବଙ୍ଗଳା ଚଳଚ୍ଚିତ୍ର ଅଭିନେତା ସୌମିତ୍ର ଚାଟାର୍ଜୀ ଏବଂ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍ ରହିଛନ୍ତି।

## ନାଲ୍‌କୋକୁ ସିଆଇଆଇ-ଏକ୍ସିମ୍ ବ୍ୟାଙ୍କ ବ୍ୟବସାୟ ଉତ୍କର୍ଷ ପୁରସ୍କାର

**ଭୁବନେଶ୍ୱର,୨୬-୧୧**

ନାଲ୍‌କୋର କୋରାପୁଟସ୍ଥିତ ଆଲୁମିନା ରିଫାଇନେରୀ ବ୍ୟବସାୟରେ ଉତ୍କର୍ଷ ଲାଗି ସିଆଇଆଇ-ଏକ୍ସିମ୍ ବ୍ୟାଙ୍କ ପୁରସ୍କାର ଲାଭ କରିଛି। ଏହି ପୁରସ୍କାର ଅନ୍ତର୍ଜାତୀୟ ସ୍ତରର ପ୍ରସିଦ୍ଧ ଇଏଫ୍‌କ୍ୟୁଏମ୍ ଉତ୍କର୍ଷ ମଡେଲ ଉପରେ ପର୍ଯ୍ୟବେସିତ। ଦେଶର ବ୍ୟବସାୟିକ ଉତ୍କର୍ଷ କ୍ଷେତ୍ରରେ ଏହା ସର୍ବୋଚ୍ଚ ମର୍ଯ୍ୟାଦା ବୋଲି କମ୍ପାନି ପକ୍ଷରୁ ସୂଚନା ରହିଛି। ନିକଟରେ ବାଙ୍ଗାଲୋରଠାରେ ଅନୁଷ୍ଠିତ କ୍ୱାଲିଟି ସମିଟ ଅବସରରେ ସିଆଇଆଇ ଏବଂ ଏକ୍ସପୋର୍ଟ ଇମ୍ପୋର୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ କମ୍ପାନୀକୁ ଏହି ପୁରସ୍କାର ମିଳିଛି। କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମକୁ ପ୍ରଶଂସା କରିବା ସହ ଏହି ପୁରସ୍କାର ପାଇଁ କମ୍ପାନୀର ଅଧ୍ୟକ୍ଷ ତପନ କୁମାର ଚାନ୍ଦ ଅଭିନନ୍ଦନ ଜଣାଇଛନ୍ତି। ନୂତନ ଯୋଜନା ଦ୍ୱାରା ନାଲକୋ ବ୍ୟବସାୟ କ୍ଷେତ୍ରରେ ଆହୁରି ଉନ୍ନତି କରିବ ବୋଲି ଚାନ୍ଦ ସୂଚନା ଦେଇଛନ୍ତି।




**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ସଂଖ୍ୟା..6144....(TBS) ତା.24.11.2018

2019 -2021 ମସିହା ପାଇଁ ପାଠ୍ୟପୁସ୍ତକ ବିକ୍ରେତା ସମ୍ବନ୍ଧରେ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟପୁସ୍ତକ ବିକ୍ରୟ ପାଇଁ ପରିଷଦ ତରଫରୁ ନୂତନ ବିକ୍ରେତା ପଞ୍ଜିକରଣ ଏବଂ ପୁରାତନ ବିକ୍ରେତା ନବୀକରଣ ନିମନ୍ତେ ଇଚ୍ଛୁକ ପୁସ୍ତକ ବିକ୍ରେତାମାନଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଛି । ଅଧିକ ବିବରଣୀ ବୋର୍ଡ Website www.bseodisha.nic.in ରେ ଉପଲବ୍ଧ ଅଟେ । ସ୍ୱା/ସମ୍ପାଦକ



**PARADIP PORT TRUST**

**E-TENDERING NOTICE**

Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from Manufacturers / authorized Dealers for **supply of Suspension Electro Magnet**. The last date and time of submission of the tender is **17.15 Hours on dt. 13.12.2018**. For details, log on to website **https://eprocure.gov.in/eprocure/app**.

Sr. Deputy Materials Manager

*PPT/PR/494/18-19 Dt.26.11.2018*



**CENTRAL ELECTRICITY SUPPLY UTILITY OF ODISHA**

IDCO TOWERS (2nd Floor), Janapath, Bhubaneswar-751022, Odisha
Phone : 0674-2541575, Fax : 0674 - 2543125
Website : www.cescoorissa.com / www.cesuodisha.com

**TENDER NOTICE**

No. : CESU/Hqrs/CIVIL/4-Part/26903 Date : 26.11.2018

**Central Electricity Supply Utility of Odisha (CESU)** invites bids from reputed firms to be engaged as an Executor on turnkey basis in **two-part bidding** system for Renovation / Modification of 33/11KV Primary Substations and Control Rooms under different Electrical Divisions. **Last date & time for submission of bid** : 01:00 P.M. of 19.12.2018. **Date & time of opening of bid** : 03:30 P.M. of 19.12.2018. **Non refundable Cost of Bid document :** Rs.15,000.00 + 12% GST (Irrespective of no. of package). Downloading of tender documents starts from Date : **28.11.2018.** Pre-bid meeting will be held in the conference hall on Date : **06.12.18 at 11.30 A.M.** at CESU Hqrs., Bhubaneswar. For details please visit our website : **www.cescoorissa.com / www.cesuodisha.com** on or after **28.11.2018.** The authority reserves the rights to accept or reject any or whole of the offers without assigning any reason thereof.

**Chief General Manager (Tech.)**



**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3589/15-16/ 5217 Dt: 22.11.2018

**TENDER CALL NOTICE**

| | | |
|---|---|---|
| Name of the Work | : | Servicing with spare parts for 4 X 1500KVA DG sets installed at Tower-2010, Mancheswar I.E. Bhubaneswar. |
| Estimated Cost of the Work | : | Rs. 8,14,242.00 |
| Period of Completion | : | 30 days. |
| EMD Amount | : | Rs. 8,000.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 30.11.2018 to 01.12.2018 up to 11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 05.12.2018. |
| Date of Opening of Tender | : | At 16.00 Hrs. on 05.12.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website **www.idco.in** or, contact Er. M. Amiya, Manager (Electrical) at Tel. No. (0674) 2541766 during office hours.

Sd/-
**D.H. (Electrical), IDCO, Bhubaneswar**



**ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.**
**ODISHA POWER TRANSMISSION CORPORATION LTD.**
A GOVT. OF ODISHA UNDERTAKING
Office Of The Deputy General Manager (Electrical)
EHT (O&M) Division, Chatrapur, At-Puti-Gopalpur, Chatrapur,
Dist- Ganjam (Odisha),Pincode-761020 CIN:U40102OR2004SGC007553

Advt. No. 05/2018-19 **NOTICE INVITING TENDER**

For and on behalf of OPTCL, Sealed tenders are invited from VEHICLE OWNERS/TRAVEL AGENCIES for engagement of one No. Diesel run commercial registered five seated pick-up VAN or equivalent which shall not be more than 3 years old from the date of Registration required for Grid S/s Chatrapur under EHT (O&M) Division Chatrapur on monthly basis with daily hiring rate along with copies of relevant documents of the Vehicle & copy of valid PAN of the owner. **Cost of Tender Paper:** Rs.2000/- + GST@ 12% (Rs.2240/-), **EMD @ 1% of estimated cost** : Rs.4460/-, **Sale of Tender documents:** From Dt. 27.11.18 to Dt.11.12.18 up to 5.00PM on working days only. **Last date of submission of tender:** Dt.12.12.18 up to 1.00 PM., **Date of opening of tender:** Dt.12.12.18 at 3.30PM, For details please visit our web site:**www.optcl.co.in**. Corrigendum if any will be published in the web site only.

*Dy.General Manager, EHT(O&M) Div.*



**idco** Your power to grow | ODISHA NEW OPPORTUNITIES
**ODISHA INDUSTRIAL INFRASTRUCTURE DEVELOPMENT CORPORATION**
*(A Government of Odisha Undertaking)*
IDCO Towers, Janpath, Bhubaneswar - 751022

IDCO/HO/FD/Cash/7693/17-18(Part-III)/ 23768 Dated-24.11.2018

**EXPRESSION OF INTEREST**

*Sealed bids are invited for rate of interest in the following prescribed format for fixed deposit amounting to Rs. 80.00 Crore **(interest compounded quarterly)** from Bhubaneswar based eligible Govt. approved Banks only as per Finance Department Order No-32648/F, dated 10.10.2018 Govt. of Odisha (Except BOI, HDFC Bank, Odisha Gramya Bank and Utkal Gramya Bank).*

| Sl No | Period | %Rate of Interest Per Annum (Only-Callable) | |
|---|---|---|---|
| | | Rs. 1.00 Crore to Rs.10.00 Crore | Above Rs.10.00 Crore to Rs.80.00 Crore |
| 1 | One Year | | |

*The Bid should be super scribed in red – **“Rate of interest”** & must reach the undersigned in sealed cover by Speed Post / Special Messenger on or before 1.00 P.M. on 03.12.2018 and the same will be opened at 3.30 P.M. on the same day in the office chamber of CGM (Finance) IDCO, Bhubaneswar in the presence of the representatives of the participating Banks. Interest offer of bank shall remain valid from 04.12.2018 to 06.12.2018. The interest rate quoted by Bank is final & in no circumstances change of rate can be entertained. The decision of the Management will be final.*

Sd/-
**Chief General Manager (Finance)**







**ବିଶ୍ୱ ହକିରେ ରୋଲେଣ୍ଟ**

**ଅଲ୍ଟମ୍ୟାନ୍ସ ଜଣେ ସମ୍ମାନ୍‌ନୀୟ କୋଚ୍ ରୂପେ ପରିଗଣିତ ହୋଇଥାନ୍ତି। ଜଣେ ଖେଳାଳି ଓ କୋଚ୍ ଭାବେ ସେ ଅସାଧାରଣ ସଫଳତା ହାସଲ କରିଛନ୍ତି। ବିଭିନ୍ନ ଦେଶର ପୁରୁଷ ଓ ମହିଳା ହକି ଦଳକୁ ସେ ପ୍ରଶିକ୍ଷଣ ଦେଇ ଆସିଛନ୍ତି। ତାଙ୍କଠାରୁ ପ୍ରଶିକ୍ଷଣ ପାଇଥିବା ଦଳଗୁଡିକ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ନେଦରଲାଣ୍ଡର ଏହି କୋଚ୍ ଏସିଆ ସମେତ ୟୁରୋପ୍‌ରେ ବେଶ୍ ସକ୍ରିୟ ରହି ଆସିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନେଦରଲାଣ୍ଡ ମହିଳା ଦଳ ୧୯୯୦ରେ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା। ପୁଣି ୧୯୯୮ରେ ସେ ନେଦରଲାଣ୍ଡ ପୁରୁଷ ଦଳ ପାଇଁ ଏହି ସଫଳତାକୁ ଦୋହରାଇଥିଲେ। ଗତ କେତେବର୍ଷ ଧରି ଅଲ୍ଟମ୍ୟାନ୍ସ ଭାରତ ଓ ପାକିସ୍ତାନ ପୁରୁଷ ଦଳର କୋଚ୍ ରୂପେ କାର୍ଯ୍ୟ କରିଆସିଛନ୍ତି। ଏବେ ସେ ମାଲେସିଆ ଦଳର କୋଚ୍ ରହିଛନ୍ତି। ଗତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଅଲ୍ଟମ୍ୟାନ୍ସଙ୍କ ତତ୍ତ୍ୱାବଧାନରେ ମାଲେସିଆ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚ୍‌ରେ ଜାପାନକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଏହି ହାଇପ୍ରୋଫାଇଲ କୋଚ୍‌ଙ୍କ ସହ ଏକ ସାକ୍ଷାତ୍‌କାର...**

# ଆମେ ପ୍ରସ୍ତୁତ: ଓଲ୍ଟମ୍ୟାନ୍ସ



**ପ୍ର: ବିଶ୍ୱକପ୍ ପାଇଁ ପ୍ରସ୍ତୁତି କିପରି ଚାଲିଛି?**

**ଉ:** ଚାମ୍ପିୟନ୍ସ ଟ୍ରଫି ଖେଳିବା ପରେ ଆମେ କୁଆଲାଲମ୍ପୁରରେ ପ୍ରଶିକ୍ଷଣ ଶିବିରର ଆୟୋଜନ କରିଥିଲୁ। ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ମଧ୍ୟ ଆମ ପ୍ରସ୍ତୁତିକୁ ଜୋର୍‌ଦାର କରିଥିଲା। ବିଶ୍ୱକପ୍ ପାଇଁ ଆମ ପ୍ରସ୍ତୁତି ଠିକ୍ ବାଟରେ ରହିଛି।

**ପ୍ର: ବିଶ୍ୱକପ୍‌ରେ ସମ୍ମୁଖୀନ ହେବାକୁଥିବା ବିଭିନ୍ନ ଚ୍ୟାଲେଞ୍ଜ୍ ପାଇଁ ଆପଣ କିଭଳି ଖେଳାଳିମାନଙ୍କୁ ମାନସିକ ଭାବେ ପ୍ରସ୍ତୁତ କରୁଛନ୍ତି?**

**ଉ:** ଚଳିତ ୨୦୧୮ରେ ବିଶ୍ୱକପ୍ ଶେଷ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଏଥିରେ ଆମ ଦଳ ବେଶ୍ ଭଲ ପ୍ରଦର୍ଶନ କରିବାକୁ ଚାହୁଁଛି। ଆମେ ଏକ କଷ୍ଟସାଧ ପୁଲ୍‌ରେ ସାମିଲ ହୋଇଛୁ। ଆମ ପୁଲ୍‌ରେ ପାକିସ୍ତାନ, ଜର୍ମାନୀ ଓ ନେଦରଲାଣ୍ଡ ସାମିଲ ହୋଇଛନ୍ତି। ମାଲେସିଆ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ଦ୍ୱାଦଶ ସ୍ଥାନରେ ରହିଥିବା ବେଳେ ନେଦରଲାଣ୍ଡ ଚତୁର୍ଥ, ପାକିସ୍ତାନ ୧୩ତମ ଓ ଜର୍ମାନୀ ଷଷ୍ଠ ସ୍ଥାନରେ ରହିଛି। ତେଣୁ ଆମର ପ୍ରଥମ ଲକ୍ଷ୍ୟ ହେଉଛି କିପରି ଆମେ ପରବର୍ତ୍ତୀ ରାଉଣ୍ଡକୁ ଉଠିବୁ। ଏଥିପାଇଁ ଆମକୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପଡିବ। ଏହା ହୋଇପାରିଲେ ଆମେ ପରବର୍ତ୍ତୀ ଲକ୍ଷ୍ୟ କଥା ଚିନ୍ତା କରିବୁ।

**ପ୍ର: ଚାପକୁ ସଫଳ ଭାବେ ମୁକାବିଲା କରିବା ପାଇଁ ଆପଣଙ୍କର କ'ଣ ଯୋଜନା ଅଛି?**

**ଉ:** ଜଣେ କୋଚ୍ ହିସାବରେ ମୋର ଅଭିଜ୍ଞତା ଯଥେଷ୍ଟ ରହିଛି। ଗତ କେତେବର୍ଷ ହେବ ବିଶ୍ୱର ବିଭିନ୍ନ ତଥା ଶ୍ରେଷ୍ଠ ଦଳଗୁଡିକ ପାଇଁ ମୁଁ କୋଚ୍ ହିସାବରେ କର୍ଯ୍ୟ କରିଛି ଓ ସଫଳତା ମଧ୍ୟ ହାସଲ କରିଛି। ଦଳର ଲକ୍ଷ୍ୟ ଯାହା, କୋଚ୍ ହିସାବରେ ମୋର ଲକ୍ଷ୍ୟ ମଧ୍ୟ ତାହା ରହିଛି। ତେଣୁ ମୋ ଖେଳାଳିମାନଙ୍କୁ ପ୍ରସ୍ତୁତ କରିବା ପାଇଁ ମୁଁ ଯଥାସମ୍ଭବ ଚେଷ୍ଟା କରିଛି। ପ୍ରତିପକ୍ଷ ଦଳଗୁଡିକୁ ନେଇ ଆମେ ହୋମ୍ ୱାର୍କ ବା ପ୍ରାକ୍ ପ୍ରସ୍ତୁତି ମଧ୍ୟ କରିଛୁ। ଟୁର୍ନାମେଣ୍ଟ ଅବସରରେ ପ୍ରତିଦିନ ହାଲ୍‌କା ହେବା ପାଇଁ ଖେଳାଳିମାନଙ୍କୁ ପରାମର୍ଶ ଦେଇଛି। କୌଣସି ମ୍ୟାଚ୍‌କୁ ଆବଶ୍ୟକଠାରୁ ଅଧିକ କିମ୍ବା ଅତ୍ୟଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ନାହିଁ ବୋଲି ଖେଳାଳିମାନଙ୍କୁ କହିଛି।

**ପ୍ର: ଖେଳାଳିମାନଙ୍କୁ ପ୍ରସ୍ତୁତ କରିବା ପାଇଁ କ'ଣ ଯୋଜନା କରିଛନ୍ତି। ଖାସ୍ କରି ମ୍ୟାଚ୍‌ଗୁଡିକ ମଧ୍ୟରେ ଥିବା ସମୟ ଅନ୍ତର ନେଇ ଆପଣଙ୍କର ଆଭିମୁଖ୍ୟ କ'ଣ ରହିବ?**

**ଉ:** ବିଶ୍ୱକପ୍‌ରେ ଏକ ଭିନ୍ନ ପ୍ରକାର ଆଭିମୁଖ୍ୟ ବଜାୟ ରଖିବା କଥା ଆମ ଖେଳାଳିମାନେ ବେଶ୍ ଭଲଭାବେ ହୃଦୟଙ୍ଗମ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ମ୍ୟାଚ୍‌ଗୁଡିକ ମଧ୍ୟରେ ଯଥେଷ୍ଟ ସମୟ ଅନ୍ତର ରହିଛି। ଏଥିପାଇଁ ଖେଳାଳିମାନଙ୍କୁ ଅବଶ୍ୟ ବିଶ୍ରାମ ମିଳିବ। ଏହି ଦିନଗୁଡିକରେ ଆମେ କ'ଣ କରିବୁ ସେନେଇ ଯୋଜନା ପ୍ରସ୍ତୁତ କରିଛୁ। ମିଳିବାକୁ ଥିବା ଲମ୍ବା ବ୍ରେକ୍‌ର ଆମେ ଫାଇଦା ଉଠାଇବୁ। ରିକଭରି ଉପରେ ଧ୍ୟାନ ଦେବୁ। ତାହା ପରେ ଟ୍ରେନିଂକୁ ଅଗ୍ରାଧିକାର ଦେବୁ।

**ପ୍ର: ବିଶ୍ୱକପ୍‌ରେ ମାଲେସିଆର ପ୍ରଦର୍ଶନ କିପରି ରହିବ?**

**ଉ:** ମାଲେସିଆ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବ। ବ୍ୟକ୍ତିଗତ ସହ ଦଳଗତ ପ୍ରଦର୍ଶନ ଉପରେ ଅଧିକ ଧ୍ୟାନ ଦିଆଯିବ।

**ପ୍ର: କୋଚିଂ ଦାୟିତ୍ୱ ନେବା ପରେ ଦଳରେ ଆସିଥିବା ଉନ୍ନତି ସଂକ୍ରାନ୍ତରେ କିଛି କହିବେ।**

**ଉ:** ଅଳ୍ପ ସମୟ ମଧ୍ୟରେ ଦଳର ଆକ୍ରମଣାତ୍ମକ ଓ ରକ୍ଷଣାତ୍ମକ କୌଶଳରେ ମୁଁ ସ୍ୱଚ୍ଛତା ଆଣିବାରେ ସଫଳ ହୋଇଛି। ଖେଳାଳିମାନଙ୍କ ଦକ୍ଷତା ନେଇ ଦଳ ଗଠନ କରାଯାଇଛି। ଦଳର ସବୁ ଦୁର୍ବଳତା ଓ ସବଳତା ସମ୍ପର୍କରେ ସମସ୍ତେ ବେଶ୍ ଅବଗତ ଅଛନ୍ତି।

**ପ୍ର: ମେଡାଲ ପାଇଁ ରାସ୍ତାରେ କେଉଁ ଦଳ ସର୍ବାଧିକ ଚ୍ୟାଲେଞ୍ଜ୍ ଦେବ ?**

**ଉ:** ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ଶ୍ରେଷ୍ଠ ୬ଟି ଦଳରୁ ଗୋଟିଏ ଦଳ ବିଶ୍ୱକପ୍‌ର ଦୃଢ଼ ଦାବିଦାର। ତେଣୁ ୬ଟି ଦଳ କଡ଼ା ଚ୍ୟାଲେଞ୍ଜ୍ ଦେବେ। ତେଣୁ ଯଥାସମ୍ଭବ ପ୍ରସ୍ତୁତି ଜୋର୍‌ଦାର କରିବାକୁ ଚେଷ୍ଟା କରିବୁ। ସମ୍ପୂର୍ଣ୍ଣ ଆତ୍ମବିଶ୍ୱାସ, ଶକ୍ତି ଓ ସାମର୍ଥ୍ୟ ସହ ପଡିଆକୁ ଓହ୍ଲାଇବା ସହ ଚତୁର ଖେଳ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛୁ।

# କାର୍ଯ୍ୟସୂଚୀ

**ପୁଲ୍–ଏ:** ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ, ସ୍ପେନ, ଫ୍ରାନ୍ସ
**ପୁଲ୍–ବି:** ଅଷ୍ଟ୍ରେଲିଆ, ଇଂଲଣ୍ଡ, ଆୟର୍ଲାଣ୍ଡ, ଚାଇନା
**ପୁଲ୍–ସି:** ବେଲଜିୟମ, ଭାରତ, କାନାଡ଼ା, ଦକ୍ଷିଣ ଆଫ୍ରିକା
**ପୁଲ୍–ଡି:** ନେଦରଲାଣ୍ଡ, ଜର୍ମାନୀ, ମାଲେସିଆ, ପାକିସ୍ତାନ

| ତାରିଖ | ପୁଲ୍ | ମ୍ୟାଚ | ସମୟ |
|---|---|---|---|
| ନଭେମ୍ବର ୨୮ | ସି | ବେଲଜିୟମ ବନାମ କାନାଡ଼ା | ଅପରାହ୍ନ ୫ଟା |
| | ସି | ଭାରତ ବନାମ ଦକ୍ଷିଣ ଆଫ୍ରିକା | ରାତି ୭ଟା |
| ନଭେମ୍ବର ୨୯ | ଏ | ଆର୍ଜେଣ୍ଟିନା ବନାମ ସ୍ପେନ | ଅପରାହ୍ନ ୫ଟା |
| | ଏ | ନ୍ୟୁଜିଲାଣ୍ଡ ବନାମ ଫ୍ରାନ୍ସ | ରାତି ୭ଟା |
| ନଭେମ୍ବର ୩୦ | ବି | ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ | ଅପରାହ୍ନ ୫ଟା |
| | ବି | ଇଂଲଣ୍ଡ ବନାମ ଚାଇନା | ରାତି ୭ଟା |
| ଡିସେମ୍ବର ୧ | ଡି | ନେଦରଲାଣ୍ଡ ବନାମ ମାଲେସିଆ | ଅପରାହ୍ନ ୫ଟା |
| | ଡି | ଜର୍ମାନୀ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୨ | ସି | କାନାଡ଼ା ବନାମ ଦକ୍ଷିଣ ଆଫ୍ରିକା | ଅପରାହ୍ନ ୫ଟା |
| | ସି | ଭାରତ ବନାମ ବେଲଜିୟମ | ରାତି ୭ଟା |
| ଡିସେମ୍ବର ୩ | ଏ | ସ୍ପେନ ବନାମ ଫ୍ରାନ୍ସ | ଅପରାହ୍ନ ୫ଟା |
| | ଏ | ନ୍ୟୁଜିଲାଣ୍ଡ ବନାମ ଆର୍ଜେଣ୍ଟିନା | ରାତି ୭ଟା |
| ଡିସେମ୍ବର ୪ | ବି | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅପରାହ୍ନ ୫ଟା |
| | ବି | ଆୟର୍ଲାଣ୍ଡ ବନାମ ଚାଇନା | ରାତି ୭ଟା |
| ଡିସେମ୍ବର ୫ | ଡି | ଜର୍ମାନୀ ବନାମ ନେଦରଲାଣ୍ଡ | ଅପରାହ୍ନ ୫ଟା |
| | ଡି | ମାଲେସିଆ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୬ | ଏ | ସ୍ପେନ ବନାମ ନ୍ୟୁଜିଲାଣ୍ଡ | ଅପରାହ୍ନ ୫ଟା |
| | ଏ | ଆର୍ଜେଣ୍ଟିନା ବନାମ ଫ୍ରାନ୍ସ | ରାତି ୭ଟା |
| ଡିସେମ୍ବର ୭ | ବି | ଅଷ୍ଟ୍ରେଲିଆ ବନାମ ଚାଇନା | ଅପରାହ୍ନ ୫ଟା |
| | ବି | ଆୟର୍ଲାଣ୍ଡ ବନାମ ଇଂଲଣ୍ଡ | ରାତି ୭ଟା |
| ଡିସେମ୍ବର ୮ | ସି | ବେଲଜିୟମ ବନାମ ଦକ୍ଷିଣ ଆଫ୍ରିକା | ଅପରାହ୍ନ ୫ଟା |
| | ସି | କାନାଡ଼ା ବନାମ ଭାରତ | ରାତି ୭ଟା |
| ଡିସେମ୍ବର ୯ | ଡି | ମାଲେସିଆ ବନାମ ଜର୍ମାନୀ | ଅପରାହ୍ନ ୫ଟା |
| | ଡି | ନେଦରଲାଣ୍ଡ ବନାମ ପାକିସ୍ତାନ | ରାତି ୭ଟା |
| ଡିସେମ୍ବର ୧୦ | | କ୍ରସ୍‌ଓଭରଏ–୨ ବନାମ ବି–୩ | ଅପରାହ୍ନ ୪ଟା ୪୫ |
| | | କ୍ରସ୍‌ଓଭରବି–୨ ବନାମ ଏ–୩ | ରାତି ୭ଟା |
| ଡିସେମ୍ବର ୧୧ | | କ୍ରସ୍‌ଓଭରସି–୨ ବନାମ ଡି–୩ | ଅପରାହ୍ନ ୪ଟା ୪୫ |
| | | କ୍ରସ୍ ଓଭରଡି–୨ ବନାମ ସି–୩ | ରାତି ୭ଟା |
| ଡିସେମ୍ବର ୧୨ | | କ୍ୱାର୍ଟର ଫାଇନାଲଏ–୧ ବନାମ କ୍ରସ୍‌ଓଭର–୨ ବିଜେତା | ଅପରାହ୍ନ ୪ଟା ୪୫ |
| | | କ୍ୱାର୍ଟର ଫାଇନାଲ ବି–୧ ବନାମ କ୍ରସ୍‌ଓଭର–୧ ବିଜେତା | ରାତି ୭ଟା |
| ଡିସେମ୍ବର ୧୩ | | କ୍ୱାର୍ଟର ଫାଇନାଲ ସି–୧ ବନାମ କ୍ରସ୍‌ଓଭର–୪ ବିଜେତା | ଅପରାହ୍ନ ୪ଟା ୪୫ |
| | | କ୍ୱାର୍ଟର ଫାଇନାଲ ଡି–୧ ବନାମ କ୍ରସ୍‌ଓଭର–୩ ବିଜେତା | ରାତି ୭ଟା |
| ଡିସେମ୍ବର ୧୪ | | ବିଶ୍ରାମ ଦିବସ | |
| ଡିସେମ୍ବର ୧୫ | | ସେମିଫାଇନାଲ – କ୍ୱାର୍ଟର ୧ ବନାମ ୪ ବିଜେତା | ଅପରାହ୍ନ ୪ଟା |
| | | ସେମିଫାଇନାଲ – କ୍ୱାର୍ଟର ୨ ବନାମ ୩ ବିଜେତା | ସନ୍ଧ୍ୟା ୬ଟା ୩୦ |
| ଡିସେମ୍ବର ୧୬ | | ବ୍ରୋଞ୍ଜ ପଦକ ମ୍ୟାଚ – ସେମିଫାଇନାଲର ପରାଜିତ ୨ ଦଳ | ଅପରାହ୍ନ ୪ଟା ୩୦ |
| **ଫାଇନାଲ** | | | |
| | | ସେମିଫାଇନାଲର ବିଜେତା ୨ ଦଳ | ରାତି ୭ଟା |



ଉଦ୍‌ଘାଟନୀ ଉତ୍ସବ ପାଇଁ ଷ୍ଟେଜ୍ ରିହର୍ସାଲ୍।

# ବିଶ୍ୱସ୍ତରୀୟ ଭିତ୍ତିଭୂମି

ବିଶ୍ୱକପ୍ ପାଇଁ ଭୁବନେଶ୍ୱର ଓ କଳିଙ୍ଗ ଷ୍ଟାଡିୟମ ନବବଧୂ ପରି ସଜେଇ ହୋଇଛି। ବର୍ଦ୍ଧିତ ଦର୍ଶକ କ୍ଷମତା ଓ ନୂଆକରି ସ୍ଥାପନ ହୋଇଥିବା ଟର୍ଫ ସହ ଷ୍ଟାଡିୟମର ହକି କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ରୂପେ ସଜେଇ ହୋଇଛି। କେବଳ ମୁଖ୍ୟ ଭେନ୍ୟୁ ନୁହେଁ, ଅଭ୍ୟାସ ପାଇଁ ପ୍ରସ୍ତୁତ କରାଯାଇଥିବା ଗ୍ରାଉଣ୍ଡରେ ମଧ୍ୟ ନୂଆ ଟର୍ଫ ବିଛାଯାଇଛି। ଆନ୍ତର୍ଜାତିକ ହକି ଫେଡେରେଶନ ନିୟମ ଅନୁସାରେ, ପ୍ରସ୍ତୁତ ହୋଇଥିବା ଏହି ଟର୍ଫ ଉପରେ ଏବେ ସମସ୍ତଙ୍କ ନଜର। ବିଶ୍ୱସ୍ତରୀୟ ଭିତ୍ତିଭୂମି ସହ ଏହି ମେଗା ଇଭେଣ୍ଟ ଆୟୋଜନ କରିବାକୁ କଳିଙ୍ଗ ଷ୍ଟାଡିୟମ ଏକ୍‌ଦମ ପ୍ରସ୍ତୁତ।

ମୁଖ୍ୟ ଷ୍ଟାଡିୟମର ସିଟ୍ ସଂଖ୍ୟା ୧୫ ହଜାରକୁ ବୃଦ୍ଧି କରାଯାଇଛି। ଷ୍ଟାଡିୟମର ଉତ୍ତର ଓ ଦକ୍ଷିଣ ପଟେ ଦୁଇଟି ନୂଆ ଷ୍ଟାଣ୍ଡ ବା ଗ୍ୟାଲେରିର ନିର୍ମାଣ କରାଯାଇଛି। ଫଳରେ ଷ୍ଟାଡିୟମରେ ମୋଟ ଉପରେ ୪ଟି ସୁନ୍ଦର ଷ୍ଟାଣ୍ଡ ନୂଆରୂପରେ ଠିଆ ହୋଇଛି।

ଷ୍ଟାଡିୟମରେ ଖେଳାଳିମାନଙ୍କ ପାଇଁ ୪ଟି ଚେଞ୍ଜିଂରୁମ୍ ରହିଛି। ବିଭିନ୍ନ ଉଚ୍ଚକୋଟୀର ଆନ୍ତର୍ଜାତିକ ଷ୍ଟାଡିୟମ/କ୍ଲବ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡକୁ ନେଇ ରୀତିମତ ରିସର୍ଚ୍ଚ କରିବା ପରେ ହକି ଇଣ୍ଡିଆର କମ୍ପିଟିଶନ ଡିପାର୍ଟମେଣ୍ଟ ଏହାକୁ ଡିଜାଇନ୍ କରିଛି। ଏଥିସହିତ ୩ଟି ଉଚ୍ଚକୋଟୀର ଗୋଲକିପର ଇକ୍ୟୁପ୍‌ମେଣ୍ଟ ରୁମ୍ ମଧ୍ୟ ନିର୍ମାଣ କରାଯାଇଛି। ଆଧୁନିକ ହକି ଓ ଗୋଲକିପରଙ୍କ କିଟିଂକୁ ଦୃଷ୍ଟିରେ ରଖି ଏହାର ନିର୍ମାଣ କରାଯାଇଛି। ସେହିପରି ଏକ ଉଚ୍ଚକୋଟୀର ଅମ୍ପାୟର ଚେଞ୍ଜିଂରୁମ୍ ମଧ୍ୟ ନିର୍ମାଣ କରଯାଇଛି। ସେହିପରି ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏକ ବିଶ୍ୱସ୍ତରୀୟ ମିଡିଆ ସେଣ୍ଟର ନିର୍ମାଣ କରାଯାଇଛି। ଭିଆଇପି ଓ ଅଫିସିଆଲମାନଙ୍କ ପାଇଁ ସ୍ୱତନ୍ତ୍ର ବକ୍ସ ନିର୍ମାଣ କରାଯାଇଛି। ଏଥିସହିତ ଏକ ୱାକ୍ ଅଫ୍ ଚାମ୍ପିୟନ୍ସର ମଧ୍ୟ ନିର୍ମାଣ ହୋଇଛି। ୧୯୭୧ରୁ ୨୦୧୪ ପର୍ଯ୍ୟନ୍ତ ହକି ବିଶ୍ୱକପ୍ ଟାଇଟଲ ହାସଲ କରିଥିବା ବିଶ୍ୱବିଜୟୀ ଦଳଗୁଡିକ ସମେତ ୨୦୧୮ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯାଉଥିବା ଖେଳାଳିଙ୍କୁ ଏହା ଉତ୍ସର୍ଗ କରାଯାଇଛି। ଏହି ବିଶ୍ୱକପ୍‌କୁ ସ୍ମରଣୀୟ କରିବା ପାଇଁ ଆମେ ସବୁମତେ ଚେଷ୍ଟା କରୁଛୁ ବୋଲି ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନର୍ବାହୀ ଏଲିନା ନର୍ମାନ କହିଛନ୍ତି। ଖେଳାଳି, ଦର୍ଶକ, ପ୍ରଶଂସକ ଓ ଷ୍ଟେକ୍ ହୋଲ୍ଡରଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସବୁପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସବୁ ବିଷୟକୁ ଦୃଷ୍ଟିରେ ରଖି ଷ୍ଟାଡିୟମର ନବନିର୍ମାଣ କରାଯାଇଛି। ଏହି ଇଭେଣ୍ଟ ନିଶ୍ଚିତ ଭାବେ ବିଶ୍ୱସ୍ତରୀୟ ହେବ ବୋଲି ନର୍ମାନ କହିଛନ୍ତି।

ଭୁବନେଶ୍ୱର ତଥା ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି ମେଗା ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଷ୍ଟାଡିୟମକୁ ଆସିବାକୁ ଥିବା ସବୁ ଦର୍ଶକ, ପ୍ରଶଂସକ କିପରି ଏକ ଚମତ୍କାର ସ୍ମୃତି ନେଇ ଘରକୁ ଫେରିବେ, ସେନେଇ ଆମେ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଛୁ ବୋଲି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ସଚିବ ବିଶାଳ କୁମାର ଦେବ କହିଛନ୍ତି।

## ସାରାଂଶ

**୧. ଦୁଇ ନୂଆ ଆଷ୍ଟ୍ରୋ ଟର୍ଫ ବିଛାଯାଇଛି।**
**୨. ଦର୍ଶକଙ୍କ ସଂଖ୍ୟା ୧୫ ହଜାରକୁ ବୃଦ୍ଧି।**
**୩. ୨ ନୂଆ ଷ୍ଟାଣ୍ଡ (ଉତ୍ତର ଓ ଦକ୍ଷିଣ) ନିର୍ମିତ।**
**୪. ଏକ ଉନ୍ନତ ତଥା ଆଧୁନିକ ମିଡିଆ ସେଣ୍ଟର ନିର୍ମିତ।**
**୫. ଉନ୍ନତ ପ୍ଲେୟାର ଚେଞ୍ଜିଂ ରୁମ୍, ଅମ୍ପାୟର ଚେଞ୍ଜିଂ ରୁମ୍, ଗୋଲକିପର ଇକ୍ୟୁପ୍‌ମେଣ୍ଟ ଷ୍ଟୋରେଜ୍ ରୁମ୍, ଆଥ୍‌ଲେଟ୍ସ ଓ ଅଫିସିଆଲ ଲଙ୍ଗ୍ ନିର୍ମିତ।**



ଖେଳାଳିଙ୍କ ଡ୍ରେସିଂରୁମ୍।



ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର.ରହମନଙ୍କ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା।



କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ହକି ଷ୍ଟାଡିୟମରେ ପୂଜାର୍ଚ୍ଚନା କରୁଛନ୍ତି।

ଭୁବନେଶ୍ୱର ଏବେ ଚଳଚଞ୍ଚଳ। ଏଠାରେ ଏବେ ଏକାଠି ହୋଇଛନ୍ତି ବିଶ୍ୱର ନାମୀ ଦାମୀ କଳାକାର, ଖେଳାଳି ଓ କର୍ମକର୍ତ୍ତା। ରାତି ପାହିଲେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ ହକି ବିଶ୍ୱକପର ପ୍ରଥମ ପର୍ବ ଉଦ୍‌ଘାଟନୀ ସମାରୋହ। ଏଥିରେ ଏକସଙ୍ଗେ ୧୧୦୦ କଳାକାରଙ୍କୁ ଦେଖିବାକୁ ମିଳିବ। ଏଥିପାଇଁ ଦର୍ଶକଙ୍କ ମନରେ ନାହିଁ ନ ଥିବା ଉତ୍ସାହ। ହକି ଜଗତର ଶ୍ରେଷ୍ଠ ୧୬ଟି ଦଳ ଏବେ ଏଠାରେ ଏକତ୍ରିତ। ଭୁବନେଶ୍ୱର ନୂଆ ରୂପରେ ସଜେଇ ହୋଇଥିବା ବେଳେ ଚାରିଆଡ଼େ ଦେଖିବାକୁ ମିଳୁଛି ହକିର ସ୍ପର୍ଶ।

# ଭୁବନେଶ୍ୱର ଚଳଚଞ୍ଚଳ

## ଫଟୋ ସେସନ

ପୁରୁଣା ଭୁବନେଶ୍ୱରସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀଙ୍କ ସହ ୧୬ଟି ଯାକ ଦଳର ଅଧିନାୟକଙ୍କ ଫଟୋ ସେସନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ଥିଲେ ଆର୍ଜେଣ୍ଟିନାର ପେଡ୍ରୋ ଲିବାରା, ଅଷ୍ଟ୍ରେଲିଆର ଆରନ ଜେଲସ୍କି, ବେଲଜିୟମର ଥୋମାସ ବ୍ରିଏଲ୍ସ, କାନାଡ଼ାର ସ୍କଟ ଟୁପେର, ଚାଇନାର ଚେନ୍ ୱୁ, ଇଂଲଣ୍ଡର ଫିଲ୍ ରୋପର, ଫ୍ରାନ୍ସର ଭିକ୍ଟର ଚାର୍ଲେଟ, ଜର୍ମାନୀର ମାର୍ଟିନ ହାନେର, ଭାରତର ମନପ୍ରୀତ ସିଂ, ଆୟର୍ଲାଣ୍ଡର ଡେଭିଡ ହାର୍ଟ, ମାଲେସିଆର ସୁକିର ମୁତାଲିବ, ନେଦରଲାଣ୍ଡସ୍ର ବିଲି ବାକର, ନ୍ୟୁଜିଲାଣ୍ଡର ବ୍ଲେଆର ଟରେଣ୍ଟ, ପାକିସ୍ତାନର ମହମ୍ମଦ ରିଜୱାନ ସିନିୟର, ଦକ୍ଷିଣ ଆଫ୍ରିକାର ଟିମ୍ ଡ୍ରୁମଣ୍ଡ ଓ ସ୍ପେନର ମିଗୁଏଲ ଡେଲାସ।

## କଳିଙ୍ଗ ଷ୍ଟାଡିୟମରେ ପୂଜାର୍ଚ୍ଚନା

ନଭେମ୍ବର ୨୭ରେ ଉଦ୍‌ଘାଟନୀ ଉତ୍ସବ ପରେ ୨୮ ତାରିଖରୁ ଆରମ୍ଭ ହେବ ହକି ବିଶ୍ୱକପର ମୁଖ୍ୟ ପର୍ଯ୍ୟାୟ। ଓଡ଼ିଶାରେ ପ୍ରଥମଥର ପାଇଁ ଏପରି ଏକ ବଡ଼ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ହକି ଷ୍ଟାଡିୟମ ପରିସରରେ ପୂଜାର୍ଚ୍ଚନା କରିଥିବା ପରିଲକ୍ଷିତ ହୋଇଛି।

## ପହଞ୍ଚିଲେ ରହମନ

ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର. ରହମନ ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସ୍ୱାଗତ କରାଯିବାପରେ କଡ଼ା ସୁରକ୍ଷା ମଧ୍ୟରେ ତାଙ୍କୁ ନିଆ ଯାଇଥିଲା।

## ପ୍ରଦର୍ଶିତ ହେଲା ମାଧୁରୀଙ୍କ ଡ୍ରେସ

ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଗୀତ 'ଦି ଆର୍ଥ ସଙ୍ଗ'ର ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହେବେ ବଲିଉଡ୍ ଅଭିନେତ୍ରୀ ମାଧୁରୀ ଦୀକ୍ଷିତ। ସେ ପୃଥିବୀ ମାତା ରୂପରେ ଦେଖାଦେବେ। ତାଙ୍କ ପାଇଁ ଡ୍ରେସ୍ ଡିଜାଇନ୍ କରିଛନ୍ତି ସ୍ୱପ୍ନିଲ ସିନ୍ଦେ। ଦି ଆର୍ଥ ସଙ୍ଗ୍ର ଉଦଘାଟନୀ ସମାରୋହର କ୍ରିଏଟିଭ୍ ଡାଇରେକ୍ଟର ନୂପୁର ମହାଜନଙ୍କ ସହିତ ସ୍ୱପ୍ନିଲ ସୋମବାର ଏହି ଡ୍ରେସ୍‌କୁ ପ୍ରଦର୍ଶନ କରିଛନ୍ତି।



ଜର୍ମାନୀ ଅଧିନାୟକ ମାର୍ଟିନ ହାନେରଙ୍କ ସହ ଭାରତର ମନପ୍ରୀତ ସିଂ।



ମାଧୁରୀଙ୍କ ଡ୍ରେସ୍ ପ୍ରଦର୍ଶନ କରୁଛନ୍ତି ସ୍ୱପ୍ନିଲ ସିନ୍ଦେ ଓ ନୂପୁର ମହାଜନ।





ସବ୍ୟସାଚୀ, ଅର୍ଚ୍ଚିତାଙ୍କ ରିହର୍ସାଲ।

## ୧୯୭୫ ବିଶ୍ୱ ବିଜେତାଙ୍କୁ ଭବ୍ୟ ସ୍ୱାଗତ

ହକି ବିଶ୍ୱକପ୍‌ର ଚତୁର୍ଦ୍ଦଶ ସଂସ୍କରଣ ଲାଗି ଭୁବନେଶ୍ୱର ପ୍ରସ୍ତୁତ ହୋଇସାରିଛି। ରାତି ପାହିଲେ ହକି ମହାକୁମ୍ଭର ଉଦ୍‌ଘାଟନୀ ସମାରୋହ କଳିଙ୍ଗ ଷ୍ଟାଡିୟମରେ ରଙ୍ଗାରଙ୍ଗ ଉତ୍ସବ ମଧ୍ୟରେ ଅନୁଷ୍ଠିତ ହେବ। ଏହି ଆକର୍ଷଣୀୟ ଉଦ୍‌ଘାଟନୀ ଉତ୍ସବରେ ବଲିଉଡ୍ ସୁପର୍‌ଷ୍ଟାର ଶାହରୁଖ ଖାଁ, ଅଭିନେତ୍ରୀ ମାଧୁରୀ ଦୀକ୍ଷିତ, ଜଣାଶୁଣା ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରହମନଙ୍କ ସମେତ ଓଲିଉଡ୍ ତାରକା ସବ୍ୟସାଚୀ ମିଶ୍ର ଓ ଅର୍ଚ୍ଚିତା ସାହୁ ଯୋଗଦେଇ ସେମାନଙ୍କ ଅଭିନୟର ଯାଦୁ ଦେଖାଇବେ। ଆଖି ଝଲସିବା ଭଳି ହେବାକୁ ଥିବା ଏହି ଉଦ୍‌ଘାଟନୀ ଉତ୍ସବର ଅନ୍ୟ ଏକ ଆକର୍ଷଣ ହେଉଛି ୧୯୭୫ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ସଦସ୍ୟଙ୍କୁ ଏହି ଅବସରରେ ଦେଖିବାକୁ ମିଳିବ। ବିଶ୍ୱକପ୍ ଇତିହାସରେ ପ୍ରଥମ ଓ ଅନ୍ତିମଥର ଲାଗି ସ୍ୱର୍ଣ୍ଣପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟଙ୍କୁ ଏକ ବିଶେଷ ମୁହୂର୍ତ୍ତରେ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିଲାଗି ସୋମବାର ସନ୍ଧ୍ୟାରେ ୧୯୭୫ ବିଶ୍ୱବିଜେତା ହକି ଦଳର ଅଧିନାୟକ ଅଜିତ୍ ପାଲ୍ ସିଂଙ୍କ ସମେତ ୧୩ଜଣ ସଦସ୍ୟ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଯେଉଁଥିରେ ହକିର ଯାଦୁଗର ମେଜର ଧ୍ୟାନଚାନ୍ଦଙ୍କ ପୁତ୍ର ଅଶୋକ କୁମାର ଧ୍ୟାନଚାନ୍ଦ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲେ। ସୋମବାର ସନ୍ଧ୍ୟା ୬ଟା୧୫ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନରେ ପହଞ୍ଚିବାପରେ ସମସ୍ତଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ କଡ଼ା ସୁରକ୍ଷା ମଧ୍ୟରେ ଏକ ସ୍ୱତନ୍ତ୍ର ବସ ଯୋଗେ ନୟାପଲ୍ଲୀସ୍ଥିତ ଏକ ତାରକା ହୋଟେଲକୁ ନିଆଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ବିମାନବନ୍ଦରରେ ଉପସ୍ଥିତ ରହି ସମସ୍ତ ଖେଳାଳିଙ୍କୁ ଉତ୍ତରୀୟ ଓ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ। ବିଶ୍ୱକପ୍ ବିଜୟୀ ଏହି ଭାରତୀୟ ଦଳର ୩ଜଣ ଖେଳାଳିଙ୍କ ବିୟୋଗ ହୋଇସାରିଥିବାବେଳେ ତାଙ୍କ ପରିବାରର ଅନ୍ୟସଦସ୍ୟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ ବୋଲି ଜଣାପଡ଼ିଛି।

## ଯୋଗ ଦେଇପାରିବେନି ମାଇକେଲ କିଣ୍ଡୋ

୧୯୭୫ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ଥିବା ମାଇକେଲ କିଣ୍ଡୋ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇପାରିବେ ନାହିଁ ବୋଲି ଜଣାପଡ଼ିଛି। ତେବେ ତାଙ୍କ ସ୍ତ୍ରୀ ସୀଲା କିଣ୍ଡୋ ଓ ପୁତ୍ର ଆଲବର୍ଟ୍ କିଣ୍ଡୋ ମଙ୍ଗଳବାର ହେବାକୁ ଥିବା ସମ୍ବର୍ଦ୍ଧନା ଉତ୍ସବରେ କଳିଙ୍ଗ ଷ୍ଟାଡିୟମରେ ଉପସ୍ଥିତ ରହିବେ।

## ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ

ଅଜିତ୍ ପାଲ୍ ସିଂ (ଅଧିନାୟକ), ଅଶୋକ ଦିୱାନ, ଅଶୋକ କୁମାର ଧ୍ୟାନଚାନ୍ଦ, ଆସଲାମ ଶେର ଖାଁ, ବ୍ରିଗେଡିୟର ଏଚ୍.ଜେ.ଏସ୍. ଚିମନି, ବ୍ରିଗେଡିୟର ହରଚରଣ ସିଂ, ଓଙ୍କାର ସିଂ, ବରିନ୍ଦର ସିଂ, ଭି.ଜେ. ଫିଲିପ୍ସ, ପି.ଇ. କାଲିଆ, ଲେସଲୀ ଫର୍ନାଣ୍ଡିଜ ଓ ରାଜେନ୍ଦ୍ର କାଲରା।

ଅନୁପସ୍ଥିତ ରହିଥିବା ଅନ୍ୟସଦସ୍ୟଙ୍କ ପରିବାରବୃନ୍ଦଙ୍କୁ ସମ୍ମାନିତ କରାଯିବ। ସେମାନେ ହେଲେ ଚଞ୍ଚଳା ରାନ୍ଧୱା ଓ ସରବିନ୍ଦର ସିଂ ରାନ୍ଧୱା (ସୁର୍‌ଜିତ୍ ସିଂ ରାନ୍ଧୱାଙ୍କ ସ୍ତ୍ରୀ ଓ ପୁତ୍ର), ମନ୍‌ଜିତ୍ ସିଂ ବୋଧି (୧୯୭୫ ବିଶ୍ୱବିଜେତା ଭାରତୀୟ ଦଳର କୋଚ୍ ଗୁରୁଚରଣ ସିଂ ବୋଧିଙ୍କ ପୁତ୍ର), ସତ୍‌ପାଲ୍ ସିଂ (ମହିନ୍ଦର ସିଂ ମୁନ୍‌ସୀଙ୍କ ପୁତ୍ର), ନବୀନ ପାୱାର (ଶିବାଜୀ ପାୱାରଙ୍କ ପୁତ୍ର), ସୀଲା କିଣ୍ଡୋ ଓ ଆଲବର୍ଟ କିଣ୍ଡୋ (ମାଇକେଲ କିଣ୍ଡୋଙ୍କ ସ୍ତ୍ରୀ ଓ ପୁତ୍ର) ଏବଂ ମଧୁ କାଲରା (ଡ. ରାଜେନ୍ଦ୍ର କାଲରାଙ୍କ ସ୍ତ୍ରୀ)।



ସୋମବାର ଭୁବନେଶ୍ୱରରେ ପହଞ୍ଚିଥିବା ୧୯୭୫ ବିଶ୍ୱକପ ବିଜୟୀ ଦଳର ସଦସ୍ୟ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ବଧୂହତ୍ୟା ମାମଲା : ଶାଶୁ, ଯାଆଙ୍କୁ ଆଜୀବନ ଜେଲ

**ଜଗତ୍‌ସିଂହପୁର ଅଫିସ, ୨୬।୧୧**

ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅନ୍ତର୍ଗତ ଗୋଡ଼ା(ଗୋଲାପୁର)ରେ ୨୦୧୫ରେ ଏକ ବଧୂହତ୍ୟା ଘଟଣା ଘଟିଥିଲା। ସୋମବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ଜଗତ୍‌ସିଂହପୁର ଜିଲା ଓ ଦୌରାଜଜ୍ ରବି ନାରାୟଣ ମିଶ୍ର ଏହି ମାମଲାର ବିଚାର କରି ଅଭିଯୁକ୍ତ ଶାଶୁ ଓ ଯାଆଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ପବ୍ଲିକ ପ୍ରସିକ୍ୟୁଟର (ପିପି) ନଳିନୀକାନ୍ତ ମହାରଣା ଏ ସମ୍ପର୍କରେ କହିଛନ୍ତି ଯେ, ଗୋଡ଼ାର ସୁଶାନ୍ତ ପରିଡ଼ାଙ୍କ ସ୍ତ୍ରୀ ଲକ୍ଷ୍ମୀଙ୍କୁ ତାଙ୍କ ଶାଶୁଘର ଲୋକେ ୨୦୧୫ ଫେବୃୟାରୀ ୧୪ରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ପରେ କଟକ ବଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଶାଶୁଘର ଲୋକେ କିପରି ନିଷ୍ଠୁର ଭାବେ ତାଙ୍କୁ ପୋଡ଼ିଦେଇଥିଲେ ତାହା ଲକ୍ଷ୍ମୀ ମୃତ୍ୟୁକାଳୀନ ଜମାନବନ୍ଦୀରେ କହିଥିଲେ। ଏହି ରିପୋର୍ଟ ଓ ଅନ୍ୟାନ୍ୟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ବିଚାରପତି ମିଶ୍ର ଲକ୍ଷ୍ମୀଙ୍କ ଶାଶୁ ବେଲ ପରିଡ଼ା ଓ ଯାଆ ଛବି ପରିଡ଼ାଙ୍କୁ ଦଣ୍ଡିତ କରିଛନ୍ତି। ଲକ୍ଷ୍ମୀଙ୍କ ମୃତ୍ୟୁ ପୂର୍ବରୁ ଫେବୃୟାରୀ ୧୫ରେ ତାଙ୍କ ଭାଇ ବାଲିକୁଦା ଥାନା ତେନ୍ତୁଳିବେଲାରୀର ଦେବେନ୍ଦ୍ର ନାୟକ ଘଟଣା ସମ୍ପର୍କରେ ଜାଣିପାରିଥିଲେ। ସେ ଏନେଇ ଏରସମା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୨୦୦୬ ମାର୍ଚ୍ଚ ୫ରେ ସୁଶାନ୍ତଙ୍କ ସହ ଲକ୍ଷ୍ମୀଙ୍କ ବିବାହ ହୋଇଥିଲା। ପରେ ସ୍ୱାମୀ ସୁଶାନ୍ତ ଓ ଶ୍ୱଶୁର ରାଧାଶ୍ୟାମ ଯୌତୁକ ପାଇଁ ଲକ୍ଷ୍ମୀଙ୍କୁ ନିର୍ଯାତନା ଦେଇଥିଲେ। ତେଣୁ ଲକ୍ଷ୍ମୀ ବାପଘରକୁ ଆସି ୧୦/୧୫ ଦିନ ରହିଥିଲେ। ଆପୋସ ସମାଧାନ ପରେ ଶାଶୁଘରକୁ ଫେରିଥିଲେ। ଘଟଣାର ୮/୧୦ଦିନ ପୂର୍ବରୁ ତାଙ୍କୁ ଶାଶୁ ବେଲ ଓ ଶ୍ୱଶୁର ରାଧାଶ୍ୟାମ ପୁଣି ମାରଧର କରିଥିଲେ। ହଠାତ ଜଣେ ଅଜଣା ବ୍ୟକ୍ତି ଦେବେନ୍ଦ୍ରଙ୍କୁ ଫୋନ୍ କରି ଲକ୍ଷ୍ମୀଙ୍କୁ ଶାଶୁଘର ଲୋକେ ପୋଡିଦେଇଥିବା ସମ୍ପର୍କରେ କହିଥିଲେ।






## ତହସିଲରେ କାର୍ଯ୍ୟ ବାଧାପ୍ରାପ୍ତ

**ନାଉଗାଁ,୨୬।୧୧(ସ୍ୱ.ପ୍ର.)**

ସ୍ଥାୟୀ ଚାକିରି ଓ ବେତନ ବୃଦ୍ଧି ପାଇଁ ତହସିଲ କାର୍ଯ୍ୟାଳୟର ଡାଟା ଅପରେଟରମାନେ ୧୯ ନଭେମ୍ବର ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ନାଉଗାଁ ତହସିଲ କାର୍ଯ୍ୟାଳୟର ୨ ଡାଟା ଅପରେଟର ଏଥିରେ ସାମିଲ ହୋଇଛନ୍ତି। ଫଳରେ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତହସିଲରୁ କମ୍ପ୍ୟୁଟର ମାଧ୍ୟମରେ ବିଭିନ୍ନ ପ୍ରମାଣପତ୍ର ଓ ଜମିଜମା ସମ୍ପର୍କିତ କାଗଜପତ୍ର ପାଇବାରେ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।







# ଉଦ୍‌ଘାଟନ ଉତ୍ସବ ସ୍ଥାନ : କଳିଙ୍ଗ ଆଥେଲେଟିକ୍ସ ଷ୍ଟାଡିୟମ୍

ODISHA INDIA'S BEST KEPT SECRET. | ODISHA HOCKEY MEN'S WORLD CUP BHUBANESWAR 2018

DSPL-268

## ଓଡ଼ିଶା ହକି ପୁରୁଷ ବିଶ୍ୱକପ ଭୁବନେଶ୍ୱର ୨୦୧୮ ପାର୍କିଙ୍ଗ୍ ସ୍ଥାନ




## କଳିଙ୍ଗ ଷ୍ଟାଡିୟମର ନକ୍ସା




**PK1** Janta Maidan Parking

**PK2** Nicco Park Road Parking

**PK3** Old AG Colony Parking

**PK4** Behera Sahi Parking

**PK5** Nayapalli Durga Puja Mandap Parking

**PK6** IDCOL Ground Parking

**PK7** Nayapalli Rabana Podi Ground Parking

29001/13/0065/1819



ପ୍ରତ୍ୟେକ ଧର୍ମକୁ ସ୍ନେହ କର, ପ୍ରେମ କର, ସମ୍ମାନ ଦିଅ। ମନେରଖ ପ୍ରତ୍ୟେକ ଧର୍ମ ସେଇ ପରମେଶ୍ୱରଙ୍କ ପାଖକୁ ଯିବାର ଏକମାତ୍ର ପଥ।

- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ସମବାୟ ସମିତି ପକ୍ଷରୁ ସଚେତନା ଶିବିର

**ବିଞ୍ଝାରପୁର,୨୬।୧୧(ଡି.ଏନ.ଏ):** ନାବାର୍ଡ ବ୍ୟାଙ୍କ ସହାୟତାରେ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଲିଃ ବିଞ୍ଝାରପୁର ଶାଖା ଅଧୀନ ଚିକଣା କୃଷି ସମବାୟ ସମିତି ପରିସରରେ ସୋମବାର ସ୍ୱୟଂ ସହାୟକ ଗୋଷ୍ଠୀ ସମୂହଙ୍କୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ବିଞ୍ଝାରପୁର ଶାଖା ପରିଚାଳକ ଜାନକୀକାନ୍ତ ମହାନ୍ତି ସଭାପତିତ୍ୱ କରିଥିଲାବେଳେ ମୁଖ୍ୟ ଅତିଥି ରୂପେ ବିଧାୟିକା ପ୍ରମିଳା ମଲ୍ଲିକ, ଅନ୍ୟତମ ଅତିଥି ରୂପେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷ ନନ୍ଦକିଶୋର ସାମଲ, ଯାଜପୁର ସମବାୟ ଡାଇରେକ୍ଟର ସଦସ୍ୟ ବିବେକାନନ୍ଦ ଦାସ ଓ ଚିକଣା କୃଷି ସମବାୟ ସମିତି ସଭାପତି ପର୍ଶୁରାମ କବି ଯୋଗ ଦେଇଥିଲେ। କିପରି ସମବାୟ ସମିତି ମାଧମରେ ସ୍ୱୟଂ ସହାୟକ ଗୋଷ୍ଠୀ ସରକାରୀ ସହାୟତା ନେଇ ମହିଳାମାନେ ସ୍ୱାବଲମ୍ବୀ ହେଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଚେତନତା ଶିବିରରେ ଚିକଣା କୃଷି ସମବାୟ ସମିତି ପକ୍ଷରୁ ୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏକ ଲକ୍ଷ ଲେଖାଏଁ ଋଣ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ସଚେନତା ଶିବିରରେ ଚିକଣା କୃଷି ସମବାୟ ସମିତି ସମ୍ପାଦକ ଗୋବର୍ଦ୍ଧନ ନାୟକ, ଜରୀ ସମବାୟ ସମ୍ପାଦକ ଗୋପାଳ ସ୍ୱାଇଁ, ଗୁହାଳି ସମ୍ପାଦକ ମହେନ୍ଦ୍ର କୁମାର ନାୟକ, ବରୁଣେଇ ସମ୍ପାଦକ ମାନସ କବି, ଅକ୍ଷୟ କୁମାର ଦାସ, ସମିର କୁମାର ମଲ୍ଲିକ, ଅଜିତ କୁମାର ବରାଳ, ନିହାର ରଂଜନ ପାତ୍ର, ଲକ୍ଷ୍ମୀ ନାରାୟଣ ସାମଲ ପ୍ରମୁଖ ସହଯୋଗ କରିଥିଲେ।

### ଭୂତତ୍ତ୍ୱ ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ଶୁଭେଚ୍ଛାର ସୁଅ



**ରସୁଲପୁର,୨୬।୧୧(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବରଜପୁର ଗାଁର ବିଜୟାନନ୍ଦ କରଙ୍କ ପୁଅ ନିହାର ରଞ୍ଜନ କର ଭୂତତ୍ତ୍ୱ ବିଜ୍ଞାନରେ ସ୍ୱର୍ଣ୍ଣପଦକ ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ନିହାରଙ୍କୁ ସାଥୀ, ବନ୍ଧୁ, ଜ୍ଞାତିକୁଟୁମ୍ବଙ୍କ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ନିହାରଙ୍କୁ ବାଲ୍ୟ ବନ୍ଧୁ ଓ ଅନ୍ୟମାନେ ଫୋନ ଯୋଗେ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ନିହାର ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଭୂତତ୍ତ୍ୱ ବିଜ୍ଞାନ ବିଷୟରେ ଅଧ୍ୟୟନ କରୁଛନ୍ତି। ପିତା ବିଜୟାନନ୍ଦ କର ଓ ମା' ମମତା ପତିଙ୍କ ସୁଯୋଗ୍ୟ ସନ୍ତାନଙ୍କ ସଫଳତାରେ ପରିବାର ଲୋକେ ଖୁସି ପ୍ରକଟ କରିଛନ୍ତି।

### ବିରିପଟା ଗ୍ରାମରେ ଯୋଗ ଶିବିର

**ଯାଜପୁର ଅଫିସ,୨୬।୧୧:** ଯାଜପୁର ଜିଲା ଦଶରଥପୁର ବ୍ଲକ ବିରିପଟା ଗ୍ରାମ ପଞ୍ଚାୟତର ବରେଇଁ ଗ୍ରାମରେ ୫ଦିନ ବ୍ୟାପୀ ପତଞ୍ଜଳି ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୋଗ ଶିକ୍ଷକ ଭକ୍ତିଲତା ବାରିକ ଓ ଗୌରାଙ୍ଗ ଦାସ ପ୍ରଶିକ୍ଷଣ ଦେଇଥିଲେ। ସନ୍ଧ୍ୟା ସମୟରେ ଶିବିରାର୍ଥୀଙ୍କୁ ଲତା, ଗୁଳ୍ମ, ଔଷଧୀୟ ଗୁଣ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଉକ୍ତ ଶିବିରକୁ ବରେଇଁ ଗ୍ରାମର ଗୋପବନ୍ଧୁ ସେବା କ୍ଲବ ଆୟୋଜନ କରିଥିଲେ।

### ଯାଜପୁର ଯୁବ ସଂଗଠନର ବୈଠକ

**ଯାଜପୁର ଅଫିସ,୨୬।୧୧:** ଯାଜପୁର ଯୁବ ସଂଗଠନ ପକ୍ଷରୁ ରବିବାର ସାପଗଡିଆ ଷ୍ଟାଡିୟମ ପଡିଆରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରକାନ୍ତ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବେକାରୀ ସମସ୍ୟାକୁ ନେଇ ଆଲୋଚନା କରାଯାଇଥିଲା। ବିଜୟ ବେହେରା, ଚନ୍ଦ୍ରକାନ୍ତ ପତି, ନରେନ୍ଦ୍ର ବଟ, ଉତ୍ତମ ନାୟକ, କ୍ଲିଡିୟସ ପ୍ରଧାନ, ଲିଙ୍କୁ ରାୟ, ଇନ୍ଦ୍ରଜିତ ପହି, ରାଜକିଶୋର ଦଳାଇ, ସ୍ମିତା ସାମଲ, ତମିଶ୍ରା ବାରିକ, ରୁକ୍ମଣି ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

## ■ ଯାଜପୁରରେ ପ୍ରତିଷ୍ଠା ହେବ ବିଜ୍ଞାନକେନ୍ଦ୍ର

# ଜମି ଚିହ୍ନଟକୁ ନେଇ କଳ୍ପନାଜଳ୍ପନା

**ଯାଜପୁର ଅଫିସ,୨୬।୧୧**

ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦ଟି ଜିଲାରେ ବିଜ୍ଞାନ କେନ୍ଦ୍ର/ପାର୍କ ପ୍ରତିଷ୍ଠା କରିବାକୁ ସରକାର କଳ୍ପନା କରିଛନ୍ତି। ଏ ସମ୍ବନ୍ଧରେ ବିଜ୍ଞାନ ଓ ବୈଷୟିକ ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୩୯୬୦/୧।୮।୨୦୧୮ରେ ସୂଚନା ଦିଆଯାଇଛି। ସମ୍ପୃକ୍ତ ଜିଲାପାଳଙ୍କ ପତ୍ରସଂଖ୍ୟା ୪୨୫୯/୨୩।୮।୨୦୧୮ ଦ୍ୱାରା ମଧ ନିର୍ଦ୍ଦେଶ ଦିଆଯାଇ ଯଥାଶୀଘ୍ର ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଛି। ଏହିକ୍ରମରେ ଯାଜପୁର ଜିଲାରେ ବିଜ୍ଞାନ କେନ୍ଦ୍ର/ପାର୍କ ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତାବ ପ୍ରେରଣ ହୋଇସାରିଛି। ପୂର୍ବରୁ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଯାଜପୁର ସହରରେ ସ୍ଥାନ ଚିହ୍ନଟ ହୋଇସାରିଛି। ତେବେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଅନଶନ ଜାରି ରହିଛି। ଏବେ ବିଜ୍ଞାନକେନ୍ଦ୍ର/ପାର୍କ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଡୁଥିବା ୫ଏକର ଜମି ଜିଲାର କେଉଁଠାରେ ବ୍ୟବସ୍ଥା କରାଯାଉଛି ତାହା ଆଲୋଚନାର ବିଷୟ ହୋଇଛି।

ବିଜ୍ଞାନକେନ୍ଦ୍ର/ପାର୍କ ପାଇଁ ୬କୋଟି ୫୦ଲକ୍ଷ ଟଙ୍କା ଅଟକଳ ରହିଛି। ଏଥିପାଇଁ ବ୍ୟୟବରାଦ ମଧ କରାଯାଇଛି। ନୟାଗଡ଼ ଜିଲା ଖଣ୍ଡପଡାଠାରେ ଇଡକୋ ଦ୍ୱାରା ହେବାକୁ ଥିବା ଜିଲାସ୍ତରୀୟ ଆଞ୍ଚଳିକ ବିଜ୍ଞାନକେନ୍ଦ୍ର ପାଇଁ ବିଜ୍ଞାନ ଓ ବୈଷୟିକ ବିଭାଗ ତରଫରୁ ୨.୬୦ କୋଟି ଟଙ୍କା ବ୍ୟୟବରାଦ ହୋଇସାରିଛି। ଏହି ପ୍ରକଳ୍ପର ପ୍ଲାନ ଓ ଏଷ୍ଟିମେଟ ତୁରନ୍ତ ଦାଖଲ କରିବାକୁ ଇଡକୋ ପକ୍ଷରୁ କୁହାଯାଇଛି। ଏହାର ପ୍ରଶାସନିକ ଅନୁମୋଦନ ପରେ ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିସାରିଛି। ତେବେ ଯାଜପୁର ଜିଲାରେ ଏଭଳି ଅଗ୍ରଗତି ହୋଇ ପାରିନାହିଁ। ଜିଲା ସଦର ମହକୁମା ହୋଇଥିବାରୁ ଏଠାରେ ମେଡିକାଲ କଲେଜ ସହ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ରହୁଛି। କିନ୍ତୁ ଆବଶ୍ୟକ ଭିତ୍ତିଭୂମି, ଉପଯୁକ୍ତ ଗମନାଗମନ ଓ ସରକାରୀ ଜମିର ଅଭାବ ଅନ୍ୟାନ୍ୟ ଅଞ୍ଚଳର ଲୋକଙ୍କୁ ଆନ୍ଦୋଳନମୁଖୀ କରୁଛି। ଏହି ପରିପ୍ରେକ୍ଷୀରେ ବିଜ୍ଞାନ କେନ୍ଦ୍ର କେଉଁଠି ପ୍ରତିଷ୍ଠା ହେବ ସେ ନେଇ ଏବେଠୁ



ପ୍ରଶ୍ନବାଟୀ ସୃଷ୍ଟି ହୋଇଛି। ୫ ଏକର ଜମି ସହ ଜମିକୁ ଲାଗି ବିଦ୍ୟୁତ ସରବରାହ, ଟେଲିଫୋନ ଲାଇନ, ପିଇବା ପାଣି ଓ ଡ୍ରେନେଜ ବ୍ୟବସ୍ଥା ରହିଥିବ। ଉକ୍ତ ଜାଗାକୁ ଯିବା ଆସିବା ନିମନ୍ତେ ଉନ୍ନତମାନର ପରିବହନ ବ୍ୟବସ୍ଥା ଥିବା ଦରକାର ବୋଲି ବିଜ୍ଞାନକେନ୍ଦ୍ର ପାଇଁ ସର୍ତ୍ତାବଳୀ ରହିଛି। ଏକ ବିଜ୍ଞାନକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ୩୦ ମାସ ସମୟ ଲାଗିଥାଏ। ଭାରତ ଓ ରାଜ୍ୟ ସରକାରଙ୍କ ସ୍ୱୀକୃତି ପ୍ରାପ୍ତ ସଂସ୍ଥାଗୁଡ଼ିକ ଏହି ପ୍ରକଳ୍ପ ନିର୍ମାଣ କରିବେ। ବିଜ୍ଞାନକେନ୍ଦ୍ର ପାଇଁ ସର୍ବମୋଟ ୩ଜଣ କର୍ମଚାରୀ ନିୟୋଜିତ ହେବେ। ଏହି କେନ୍ଦ୍ର ନିର୍ମାଣ କାର୍ଯ୍ୟର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ପରବର୍ତ୍ତୀ ସମୟରେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ପୌରପରିଷଦ କିମ୍ବା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ବିଜ୍ଞାନ ପ୍ରସାର ସମିତିକୁ ଦିଆଯିବ। କର୍ମଚାରୀଙ୍କ ତାଲିମ, ଦରମା, ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରଥମ ୫ବର୍ଷ ପାଇଁ ସରକାର ବହନ କରିବେ। ଯାଜପୁର ଜିଲାରେ ୨ଟି ପୌରପରିଷଦ

■ ପ୍ରସ୍ତାବ ଯାଇଛି, ଅନୁମୋଦନ ମିଳିନାହିଁ

■ ଏଥିପାଇଁ ଆବଶ୍ୟକ ୫ ଏକର ଜମି

■ ୬ କୋଟି ୫୦ ଲକ୍ଷ ଟଙ୍କା ରହିଛି ଅଟକଳ

ରହିଛି। ପ୍ରସ୍ତାବିତ ବିଜ୍ଞାନ କେନ୍ଦ୍ର କେଉଁ ପୌରପରିଷଦ ଅଧୀନରେ ରହିବ ତାହା ଏବେଠୁ ଚର୍ଚ୍ଚାର ବିଷୟ ହୋଇଛି। ବର୍ତ୍ତମାନ ରାଜ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନରେ କେବଳ ଭୁବନେଶ୍ୱର ଓ ଢେଙ୍କାନାଳରେ ୨ଟି ବିଜ୍ଞାନକେନ୍ଦ୍ର ଅବସ୍ଥାପିତ। ଏହାବ୍ୟତୀତ ବରଗଡ ଜିଲାର ଟୁକୁର୍ଲାଠାରେ ଭାରତ ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଏକ ଉପଆଞ୍ଚଳିକ କେନ୍ଦ୍ର ନିର୍ମାଣ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ କୁହାଯାଇଛି ବିଜ୍ଞାନକେନ୍ଦ୍ର ପାଇଁ ୨ମାସରୁ ଊର୍ଦ୍ଧ୍ୱ ହେବ ପ୍ରସ୍ତାବ ଯାଇଛି। ତେବେ ସରକାରଙ୍କ ପକ୍ଷରୁ ଏଯାଏ କୌଣସି ଅନୁମୋଦନ ମିଳିନାହିଁ।

## ୪୫ ବର୍ଷ ପରେ ବନ୍ଧୁ ମିଳନ ସମାରୋହ

**ଯାଜପୁର ଅଫିସ,୨୬।୧୧**

ଯାଜପୁର ବ୍ଲକ ଦେବିଲ ହନୁମାନ ବାଟିକା ପରିସରରେ ନକ୍ଷତ୍ର ମାଳିନୀ ହାଇସ୍କୁଲର ୧୯୭୪ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବାଣିଜ୍ୟକର ବିଭାଗର ବରିଷ୍ଠ ଅଧିକାରୀ ପିୟୁସକାନ୍ତ ପାଣି ମୁଖ୍ୟଅତିଥି ଦାମୋଦର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବନ୍ଧୁ ମିଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଗୁରୁ ରାଘବ ଚନ୍ଦ୍ର ମଲ୍ଲିକ, ଆନନ୍ଦ ଚନ୍ଦ୍ର ବିଶ୍ୱାଳ, ସୁବାସ ଚନ୍ଦ୍ର ମହାନ୍ତି, ଗିରିଧାରୀ ବିଶ୍ୱାଳ, ଯଜ୍ଞେଶ୍ୱର ମିଶ୍ର, ସୁଧିରକୁମାର ମିଶ୍ର ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ସନ୍ଦୀପ୍ତ ରାୟଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ବନ୍ଧୁମିଳନରେ ପୂର୍ଣ୍ଣଚନ୍ଦ୍ର ମହାନ୍ତି, କେଶବ ଚନ୍ଦ୍ର ବେହେରା, ଲକ୍ଷ୍ମୀଧର ସେଠୀ, ମନ୍ମଥ ବିଶ୍ୱାଳ, ମନ୍ମଥ ପଲେଇ, ମୁକୁନ୍ଦ ଚନ୍ଦ୍ର ବିଶ୍ୱାଳ, ନିମାଇଁ ଚନ୍ଦ୍ର ବିଶ୍ୱାଳ, ନିତ୍ୟାନନ୍ଦ ଜେନା, ପ୍ରଦୀପ କୁମାର ବିଶ୍ୱାଳ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ଦିବ୍ୟଭୁଷଣ ମହାନ୍ତିଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।

## ■ ବିଶ୍ୱକପ୍ ହକି ଉଦ୍‌ଘାଟନୀ ଉତ୍ସବର ସିଧା ପ୍ରସାରଣ ପାଇଁ ଯୋଜନା

# ଗୌତମବୁଦ୍ଧ ସଂସ୍କୃତି ଭବନରେ ଲାଗିବ ବୃହତ୍ ଏଲ୍‌ଇଡି

**ଯାଜପୁର ଅଫିସ,୨୬।୧୧**

ବିଶ୍ୱକପ୍ ହକି ଉଦ୍‌ଘାଟନର ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ୨୭ତାରିଖରେ ଅନୁଷ୍ଠିତ ହେବ। ପ୍ରସିଦ୍ଧ ସଂଗୀତ ନିର୍ଦ୍ଦେଶକ ଓସ୍କାର ବିଜେତା ଏ.ଆର. ରହେମାନ୍‌ଙ୍କ ନେତୃତ୍ୱରେ ଏହାର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଥିବା ବେଳେ ବଲିଉଡ୍ କିଙ୍ଗ ଭାବେ ପରିଚିତ ଶାହାରୁଖ ଖାଁ, ଅଭିନେତ୍ରୀ ମାଧୁରୀ ଦିକ୍ଷୀତଙ୍କ ଭଳି ପ୍ରସିଦ୍ଧ କଳାକାର ସେମାନଙ୍କ କଳା ନୈପୁଣ୍ୟ ପ୍ରଦର୍ଶନ କରିବେ। ଅପରାହ୍ନ ୫ଟାରୁ ଏହି କାର୍ଯ୍ୟକ୍ରମ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶିତ କରାଯିବାର ବ୍ୟବସ୍ଥା କରାଯାଇଛି। ଗୌତମବୁଦ୍ଧ ସଂସ୍କୃତିଭବନ ପରିସରରେ ବୃହତ ଏଲଇଡି ଟିଭି ମାଧ୍ୟମରେ ଏହାକୁ ଯେପରି ଜନସାଧାରଣ ଉପଭୋଗ କରିପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ ହକି ଉଦ୍‌ଘାଟନ ଉତ୍ସବ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନ ଅପରାହ୍ନରୁ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ସମସ୍ତେ ଯେପରି ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିପାରିବେ ସେ ନେଇ ଏହି ବ୍ୟବସ୍ଥା କରାଯାଇଛି। ଏଣୁ ସମସ୍ତେ ସଂସ୍କୃତି ଭବନରେ ଅପରାହ୍ନ ୫ଟାରେ ପହଞ୍ଚି ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଅନୁରୋଧ କରିଛନ୍ତି।

## 'ଚାପ ନିୟନ୍ତ୍ରଣ କରିବା ଏକ କଳା'

**ଯାଜପୁର ଅଫିସ,୨୬।୧୧:** ପ୍ରତ୍ୟେକଙ୍କ ଜୀବନରେ ରହିଥିବା ଚାପକୁ ସହି, ନିୟନ୍ତ୍ରଣରେ ରଖି ଯିଏ କାର୍ଯ୍ୟ କରେ ଓ ତାହାକୁ ଉପଭୋଗ କରେ ସେ ହିଁ ଜୀବନରେ ସଫଳ ହୋଇଥାଏ। ଏହି ଚାପକୁ ନିୟନ୍ତ୍ରଣ କରିବା ଏକ କଳା। ଏହାର କୌଶଳ ଜାଣିଲେ ଜଣେ ଜୀବନରେ ଚାପକୁ ପ୍ରତିହତ କରିପାରିବ ବୋଲି ନ୍ୟାଶନାଲ ଏଜୁକେଶନର ପ୍ରମୁଖ ଡା. ନିରେଶ ମତବ୍ୟକ୍ତ କରିଛନ୍ତି। ସୋମବାର ଅପରାହ୍ନରେ ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଔଷଧ ମୁକ୍ତ ଜୀବନ ଓ ଚାପ ପରିଚାଳନା ସମ୍ପର୍କରେ ଏକ ସ୍ୱାସ୍ଥ୍ୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ପ୍ରଶିକ୍ଷଣକାରୀ ଡା. ନିରେଶ ଚାପଗ୍ରସ୍ତ ହେବାର ବିବିଧ କାରଣ ଓ ଏଥିରୁ ମୁକ୍ତି ପାଇବା ସମ୍ପର୍କରେ ସୂତ୍ର ପ୍ରଦାନ କରିଥିଲେ। ଏହାସହ ଦୈନନ୍ଦିନ ବ୍ୟବହାର, ଜୀବନ ଶୈଳୀରେ ଶୃଙ୍ଖଳା, କାର୍ଯ୍ୟ ନିୟନ୍ତ୍ରଣ, ନିୟମିତ ଯୋଗ ଇତ୍ୟାଦି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲାର ସମସ୍ତ ବିଡିଓ, ତହସିଲଦାର ପ୍ରମୁଖ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରଶିକ୍ଷଣ ନେଇଥିଲେ।

## ଶକ୍ତି ସଂରକ୍ଷଣ ସମ୍ପର୍କିତ କୁଇଜ୍ ପ୍ରତିଯୋଗିତା

**ବିଞ୍ଝାରପୁର,୨୬।୧୧(ଡି.ଏନ.ଏ):** ବିଞ୍ଝାରପୁର ବ୍ଲକ କଲ୍ୟାଣପୁରସ୍ଥିତ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ଶକ୍ତି ସଂରକ୍ଷଣ ସମ୍ପର୍କିତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଶକ୍ତି ସଂରକ୍ଷଣ ବିଭାଗ ଆନୁକୂଲ୍ୟରେ ହୋଇଥିବା ଏହି କୁଇଜ ପ୍ରତିଯୋଗିତାକୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ଚନ୍ଦ୍ର ରାଉତ ଉଦ୍‌ଘାଟନ କରିଥିବାବେଳେ ବିଞ୍ଝାରପୁର ଶିକ୍ଷା ମଣ୍ଡଳର ୧୫ଟି ବିଦ୍ୟାଳୟର ମୋଟ ୧୬୨ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଶକ୍ତି ସଂରକ୍ଷଣ ବିଜ୍ଞାନ ପ୍ରତିଯୋଗିତାରେ ତଳବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ତନ୍ମୟ ପ୍ରସାଦ ମଲ୍ଲିକ ପ୍ରଥମ, ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ର ଶାରଦା ପ୍ରସନ୍ନ ମିଶ୍ର ଦ୍ୱିତୀୟ ଓ ସରେନ୍ୟ କୁମାର ଦେବ ତୃତୀୟସ୍ଥାନ ହାସଲ କରି ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତା ପାଇଁ ମନୋନିତ ହୋଇଥିବା ଜଣାପଡ଼ିଛି। ଏହି କୁଇଜ କାର୍ଯ୍ୟକ୍ରମକୁ ଶ୍ରୀବନ୍ତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗିରିଶକାନ୍ତ ଜେନା, ଅନୀଲ କୁମାର ସାହୁ, ପ୍ରଫୁଲ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ।

## ବିରଜା ମନ୍ଦିରରେ ରାଜ୍ୟ ଉନ୍ନୟନ ଆୟୁକ୍ତ



ରାଜ୍ୟ ଉନ୍ନୟନ ଆୟୁକ୍ତ ଆର. ବାଲକ୍ରିଷ୍ଣନ ବିରଜା ମନ୍ଦିର ପରିଦର୍ଶନ କରୁଛନ୍ତି।

**ଯାଜପୁର ଅଫିସ,୨୬।୧୧**

ରାଜ୍ୟ ଉନ୍ନୟନ ଆୟୁକ୍ତ ଆର. ବାଲକ୍ରିଷ୍ଣନ ପରିବାର ସହ ସୋମବାର ବିରଜା ମନ୍ଦିରରେ ପହଞ୍ଚି ମା'ଙ୍କ ଦର୍ଶନ କରିଥିଲେ। ନିଜ ପତ୍ନୀ ଓ କନ୍ୟାଙ୍କ ସହ ଆୟୁକ୍ତ ବାଲକ୍ରିଷ୍ଣନ ମନ୍ଦିରରେ ପହଞ୍ଚିବା ପରେ ଜିଲାପାଳ ରଞ୍ଜନ କୁମାର ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ତଥା ବିରଜା ମନ୍ଦିରର ଟ୍ରଷ୍ଟି ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ସ୍ୱାଗତ କରିଥିଲେ। ଏହି ଅବସରରେ ବାଲକ୍ରିଷ୍ଣନଙ୍କ ପରିବାରଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ବ୍ରାହ୍ମଣମାନେ ସ୍ୱାଗତ କରିବା ସହ ଆଶୀର୍ବାଦ ପ୍ରଦାନ କରିଥିଲେ। ପରେ କୁସୁମା ପୋଖରୀ ବୁଲି ଦେଖିବା ପରେ ଉନ୍ନୟନ କମିଶନର ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ। ନିଜ ଚାକିରି ଯାଜପୁରରୁ ଆରମ୍ଭ କରିଥିବା ଆୟୁକ୍ତ ବାଲକ୍ରିଷ୍ଣନଙ୍କ ଯାଜପୁର ପ୍ରତି ସ୍ୱତନ୍ତ୍ର ଆବେଗ ଓ ସମ୍ମାନ ରହିଛି ବୋଲି କହିଥିଲେ। ଏଠାରୁ ତାଙ୍କ ତାଲିମ ଓ ଅନୁଭବ ଏତେ ସୁନ୍ଦର ହୋଇଥିଲା ଯାହା ତାଙ୍କ ସମଗ୍ର ଚାକିରି କାଳରେ ସାହାଯ୍ୟ କରିଛି ବୋଲି ଭାବାବେଗ କଣ୍ଠରେ ପ୍ରକାଶ କରିଥିଲେ। ସେ ଆସନ୍ତା ୩୦ ତାରିଖରେ ଅବସର ନେବେ।

## ବିଜୁ ଯୁବବାହିନୀ ପକ୍ଷରୁ ଗଣଦୌଡ଼

**ଯାଜପୁର ଅଫିସ,୨୬।୧୧**

ଦଶରଥପୁର ବିରିପଟା ସ୍କୁଲ ପଡିଆଠାରୁ ବଡସୁଆଁଳ ମେଡିକାଲ ଛକ ଦେଇ ବିଜୁ ଯୁବବାହିନୀ ପକ୍ଷରୁ ଗଣଦୌଡ ସମ୍ପନ୍ନ ହୋଇଛି। ପୂର୍ବତନ ସମିତିସଭ୍ୟ ମନୋଜ କୁମାର ଧଳ ଗଣଦୌଡ ଆରମ୍ଭ କରିଥିଲେ। ଯୁବବାହିନୀ ସଭାପତି ରାଜେଶ ବିଶ୍ୱାଳ, ସହ ସମ୍ପାଦକ ଜ୍ୟୋତିରଞ୍ଜନ ସାହାଣି, ପ୍ରକାଶ ସାହୁ, ବିନୋଦ ସାହାଣୀ, ସତ୍ୟଜିତ ବେହେର, ସରୋଜ ସେଠୀ, ଗୌତମ ଜେନା, ଜ୍ୟୋତିରଞ୍ଜନ ସାହାଣୀ, ସୁମନ ନାୟକ, ସିଦ୍ଧାନ୍ତ ଦାସ, ସୁରେଶ ଜେନା, ଅଂଶୁମାନ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଯାଜପୁରରେ ସମ୍ବିଧାନ ପ୍ରତିଷ୍ଠା ଦିବସ

**ଯାଜପୁର ଅଫିସ,୨୬।୧୧**

ପ୍ରତିବର୍ଷ ନଭେମ୍ବର ୨୬କୁ ଭାରତୀୟ ସମ୍ବିଧାନ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଏ। ଏହି ଦିବସ ଅବସରରେ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ବିଧାନ ପ୍ରତିଷ୍ଠା ଦିବସର ଏକ ଶପଥ ପାଠ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଅଧ୍ୟକ୍ଷତା କରିବା ସହ ବିଶ୍ୱର ସର୍ବ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଆମ ଭାରତର ସମ୍ବିଧାନ ମହାନ। ଏହାକୁ ପ୍ରତ୍ୟେକ ଅକ୍ଷୁର୍ଣ୍ଣ ରଖିବା ସହ ତାହାର ସମ୍ମାନ କରିବା ଉଚିତ ବୋଲି ସେ ଆହ୍ୱାନ ଦେଇଥିଲେ। ପରେ ଉପସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ସମ୍ବିଧାନ ପ୍ରତିଷ୍ଠା ଦିବସର ଶପଥ ପାଠ କରିଥିଲେ। ଏଥିରେ ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ସହକାରୀ ଜିଲାପାଳ ଅନୁପ ବେହେରା, ତିଳୋତ୍ତମା ପୃଷ୍ଟି, କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

## ■ ରାହାସ ଉତ୍ସବରେ ଦୁଲୁକୁଛି ହରିପୁର

# ଟ୍ରାଫିକ୍ ସମସ୍ୟା ସୁଧାରିବାରେ ବିଫଳ ପ୍ରଶାସନ

**ରସୁଲପୁର,୨୬।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ହରିପୁର ଅଞ୍ଚଳର ପ୍ରସିଦ୍ଧ ରାହାସ ଉତ୍ସବରେ ଗାଁରୁ ବଜାର ସବୁ ସ୍ଥାନ ଦୁଲୁକୁଛି। ଟ୍ରାଫିକ୍ ସମସ୍ୟା, ଶବ୍ଦ ପ୍ରଦୂଷଣ ଓ ବିଜୁଳି ଅପବ୍ୟବହାରର ମାତ୍ରା ଘୋର ବଢି ଯାଇଛି। ଏ ସବୁ ସମସ୍ୟା ଉତ୍ସବ ସ୍ଥଳରେ ସମୀତ ହୋଇ ରହିନାହିଁ। ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ରୋକିବାରେ ଜିଲା ପ୍ରଶାସନ ବିଫଳ ହୋଇଛି। ଫଳରେ ଏହି ଅଞ୍ଚଳ ସହ ଯୋଡିହୋଇ ରହୁଥିବା ବହୁ ପଞ୍ଚାୟତର ଲୋକଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏହି ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅସୁବିଧା ଉପୁଜୁଛି। ଏ ଦିଗରେ ପ୍ରଶାସନ ଓ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

କୁଆଖିଆ-ଯାଜପୁର ୨୦ନଂ ଜାତୀୟ ରଜପଥର ହରିପୁର ବଜାରରେ ରାହାସ ଉତ୍ସବ ଅବସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ରାସ୍ତା ପାର ହୋଇ ନିର୍ମାଣ ହୋଇଥିବା ଅପେରା ଗେଟ୍ ଓ ରାସ୍ତା କଡରେ ଲାଗିଥିବା ଯାତ୍ରା ହୋଡିଂ ରାଜପଥକୁ ସଂକୁଚିତ କରୁଛି। ଏହି ଉତ୍ସବ ସହ ଆଗକୁ ପ୍ରଥମାଷ୍ଟମୀ ପାଇଁ ବଜାର ସ୍ଥଳ ଗହଳୀପୂର୍ଣ୍ଣ ହୋଇ ଉଠିଛି। ସଂକୁଚିତ ରାଜପଥ ସାଙ୍ଗକୁ ଅତ୍ୟଧିକ ଯାତ୍ରୀଙ୍କ ଭିଡ ବଜାରରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ଏହି ସମସ୍ୟା ଗତ କିଛି ବର୍ଷ ଧରି ଲାଗି ରହିଛି। ଏ ଦିଗରେ ପୋଲିସ ପ୍ରଶାସନ



ହରିପୁର ଅଞ୍ଚଳରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ।

ପକ୍ଷରୁ ସେ ଭଳି କିଛି ଆଖି ଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଟ୍ରାଫିକ୍ ସମସ୍ୟା ସୁଧାରିବା ଦାୟିତ୍ୱ ପୋଲିସ ପ୍ରଶାସନ ଯାତ୍ରା ଓ ପୂଜା କମିଟି ହାତକୁ ଟେକି ଦେଇଛି। ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁ ପ୍ରତ୍ୟେହ ଏହି ରାସ୍ତା ଦେଇ ଯାଉଥିବା ବରୀ, ଯାଜପୁର, ବିଞ୍ଝାରପୁର ଭଳି ୩ଟି ନିର୍ବାଚନ ମଣ୍ଡଳୀର ହଜାର ହଜାର ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାତାୟାତ କରୁଥିବା ରୋଗୀଙ୍କ ଅବସ୍ଥାକୁ ଟ୍ରାଫିକ୍ ସମସ୍ୟା ଅଧିକ ବିଗାଡ଼ି ଦେଉଛି। ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରୁ କଟକ ବଡ଼ ଡାକ୍ତରଖାନା ଓ ଅନ୍ୟ ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତର ହେଉଥିବା ରୋଗୀଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଟ୍ରାଫିକ ସମସ୍ୟା ଯୋଗୁ ଆମ୍ବୁଲାନ୍ସଗୁଡିକ ପ୍ରାୟତଃ ୨୦ କି.ମି. ରାସ୍ତା ବୁଲି କଟକ ଅଭିମୁଖେ ଯାଉଥିବା ଲକ୍ଷ୍ୟ କରାଯାଉଛି। ଏଥିସହ ହରିପୁର ଓ ତାର ଆଖପାଖ ଅଞ୍ଚଳରେ ୬ଟି ଅପେରା ପାର୍ଟି ଯାତ୍ରା ପରିବେଷଣ କରୁଛନ୍ତି। ଯାତ୍ରା ପରିଚାଳନା ଦାୟିତ୍ୱରେ ଥିବା କମିଟି ପକ୍ଷରୁ ପ୍ରଚାର ଗାଡି ବୁଲାଯାଉଛି। ୬ଟି ପାର୍ଟିର ପ୍ରଚାର ଗାଡି ମଧ୍ୟରେ ପ୍ରତିଯୋଗିତା ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଅତିଷ୍ଠ କରିପକାଉଛି। ଡାକବାଜି ଯନ୍ତ୍ରର ଅତ୍ୟଧିକ ଶବ୍ଦରେ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏହାକୁ ରୋକିବାରେ ପ୍ରଶାସନ ବି ବିଫଳ ହୋଇଛି। ଏହାଛଡା ବିଦ୍ୟୁତ ଶକ୍ତିର ମଧ ବ୍ୟାପକ ଅପବ୍ୟବହାର କରାଯାଉଥିବା ପରିଲକ୍ଷିତ ହୋଇଛି। ଅଧିକ ଲୋଡ ଯୋଗୁ ବିଦ୍ୟୁତ ସରାବରାହରେ ବାଧା ଉପୁଜୁଛି। ବାରମ୍ବାର ବିଦ୍ୟୁତ କଟୁଛି। ଏ ଦିଗରେ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଅପରପକ୍ଷରେ ବିଦ୍ୟୁତ କର୍ମଚାରୀଙ୍କ ଉପସ୍ଥିତିରେ ବେଆଇନ ଭାବେ ବିଦ୍ୟୁତ ବିନିଯୋଗ ହେଉଛି। ଏହାର ପ୍ରଭାବ

■ ଶବ୍ଦ ପ୍ରଦୂଷଣ ପ୍ରତି ବି ପୋଲିସର ନାହିଁ ନିଘା

■ ବିଦ୍ୟୁତ୍‌ର ଅପବ୍ୟବହାର ଦିଗରେ ଲାଗୁନି ରୋକ

ଟ୍ରାନ୍ସଫର୍ମର ଉପରେ ପଡୁଛି ଓ ବିଦ୍ୟୁତ ବିଭ୍ରାଟ ଘଟୁଛି। ବିଦ୍ୟୁତ କର୍ମଚାରୀଙ୍କ ଉପସ୍ଥିତି ସତ୍ତ୍ୱେ ଏଭଳି ଘଟଣା ଘଟିବାକୁ ନେଇ ବିଭାଗ ଉପରକୁ ଅଙ୍ଗୁଳି ଉଠିଛି। ଏହାର ପ୍ରତିକାର ପାଇଁ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଫଳରେ ଜନସାଧାରଣ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟ୍ରାଫିକ୍ ସମସ୍ୟା ଓ ଶବ୍ଦ ପ୍ରଦୂଷଣକୁ ରୋକିବା ଦିଗରେ ଗଠିତ ସମନ୍ୱୟ କମିଟି କାର୍ଯ୍ୟ କରୁଛି ବୋଲି କୁଆଖିଆ ପୋଲିସ କହୁଥିବା ବେଳେ ବିଦ୍ୟୁତ ଚୋରିକୁ ନେଇ ଅଭିଯୋଗ ଆସିଲେ ପଦକ୍ଷେପ ନିଆଯିବ। ଏଥିସହ ବେଆଇନ ବିଦ୍ୟୁତ ରୋକିବା ଓ ବିଦ୍ୟୁତ ସରବାରହରେ ବାଧା ଉପୁଯିଲେ ତାକୁ ସଜାଡିବା ପାଇଁ ଯାତ୍ରସ୍ଥଳରେ କର୍ମଚାରୀ ମୁତୟନ କରାଯାଇଛି ବୋଲି କନିଷ୍ଠ ଯନ୍ତ୍ରୀ ସୟଦ୍ ଇକ୍ବାଲ ଅଲ୍ଲୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଟ୍ରାଫିକ ସମସ୍ୟା ସମାଧାନ ସମ୍ପର୍କରେ ଥାନାଧିକାରୀ ଆଶିଷ କୁମାର ସାହୁଙ୍କୁ ପଚାରିବାରୁ, ପୋଲିସ କର୍ମଚାରୀ, ଯାତ୍ରା ଓ ପୂଜା କମିଟିକୁ ନେଇ ଗଠିତ ହୋଇଥିବା ସମନ୍ୱୟ କମିଟି ବଜାରରେ ଟ୍ରାଫିକ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରୁଛି ବୋଲି କହିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

**ରସୁଲପୁର,୨୬।୧୧(ଡିଏନଏ):** ବାରବାଟୀ ଓଭରବ୍ରିଜ ଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥରେ ସୋମବାର ରାତିରେ ଏକ ଦୁର୍ଘଟଣା ଘଟି ୨ଜଣ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନେ ହେଲେ କୁଆଖିଆ ଥାନା କଲଣ ପଞ୍ଚାୟତ ସୁଳିଆ ଗ୍ରାମର ଦିବ୍ୟରଞ୍ଜନ ସାହୁ ଓ କାହ୍ନୁଚରଣ ବାରିକ। ସେମାନେ ଏକ ବାଇକ୍‌ରେ ଯାଉଥିବା ବେଳେ ଏକ ଟ୍ରକ ସେମାନଙ୍କୁ ସାଇଡ ମାରିଥିଲା। ଫଳରେ ବାଇକ୍ ଚାଳକ ଭାରସାମ୍ୟ ହରାଇଥିଲେ। ଉଭୟ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ି ରହିଥିଲା ବେଳେ ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଝୁଣ୍ଟି ପଡ଼ି ଯୁବକ ମୃତ

**ଶେରଗଡ,୨୬।୧୧(ଡି.ଏନ.ଏ.):** ଶେରଗଡ଼ ପାଢୀସାହି କଳିଙ୍ଗ ବୈଶ୍ୟ ଭବନ ସମ୍ମୁଖରେ ଝୁଣ୍ଟିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେରିକେରି ଝୋଳାର ସନ୍ତୋଷ ନାୟକ। ସୋମବାର ଅପରାହ୍ନ ପ୍ରାୟ ୧ଟାରେ ସନ୍ତୋଷଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଏକ ଅଟୋକୁ ଅଟକାଇ ପାଢୀ ସାହିସ୍ଥିତ ଏକ ଔଷଧ ଦୋକାନକୁ ଆସୁଥିଲେ। ଅଟୋରୁ ଓହ୍ଲାଇ ଔଷଧ ଦୋକାନକୁ ଯାଉଥିବା ବେଳେ ପଥରରେ ଝୁଣ୍ଟି ତଳେ ପଡ଼ିଯାଇଥିଲେ। ସେଠାରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ପରିବାର ଲୋକେ ମୃତଦେହକୁ ନେଇ ଗ୍ରାମକୁ ନେଇ ଆସିଥିଲେ।

### ପ୍ରେସ୍‌କ୍ଲବ କର୍ମକର୍ତ୍ତା ନିର୍ବାଚିତ

**କଳିଙ୍ଗନଗର, ୨୬।୧୧(ଡି.ଏନ୍.ଏ.):** କଳିଙ୍ଗନଗରର ପ୍ରେସ୍ କ୍ଲବର ସାଧାରଣ ବୈଠକ ରବିବାର ଦାନଗଦୀଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଖବରଦାତା କୈଳାସ ଚନ୍ଦ୍ର ପୃଷ୍ଟିଙ୍କ ଅଧକ୍ଷତାରେ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚିତ ହୋଇଥିଲା। ଏଥିସହ ଠିକ୍ ତଥ୍ୟ ପ୍ରକାଶନରେ ଖବରଦାତାଙ୍କ କଣ୍ଠରୋଧ ଉଦ୍ୟମକୁ ଦୃଢ ହସ୍ତରେ ଦମନ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଅବସରରେ ପ୍ରେସ୍ କ୍ଲବର ନୂତନ କର୍ମକର୍ତ୍ତାଙ୍କ ନିର୍ବାଚନ ହୋଇଥିଲା । ସଭାପତିଭାବେ କୈଳାସ ଚନ୍ଦ୍ର ପୃଷ୍ଟି, କାର୍ଯ୍ୟକାରୀ ସଭାପତିଭାବେ ବିପ୍ଳବ ବିଜୟ ପଣ୍ଡା, ଉପସଭାପତି ଅଜୟ କୁମାର ବିଶ୍ୱାଳ, ସମ୍ପାଦକ ପ୍ରଦୀପ କୁମାର ଜେନା, ସହ ସମ୍ପାଦକ ପତିତପାବନ ଚକ୍ରବର୍ତ୍ତୀ, କାର୍ଯ୍ୟାଳୟ ସମ୍ପାଦକ ଶ୍ରୀନିବାସ ମହାନ୍ତି ଓ କୋଷାଧକ୍ଷ ଭାବେ ସୁବାଶିଷ ରାଉତଙ୍କୁ ମନୋନୀତ କରାଯାଇଛି। ଏହିପରି ଉପଦେଷ୍ଟା ଭାବେ ସଂଗ୍ରାମ କେଶରୀ ସିଂ ଓ ହର୍ଷବର୍ଦ୍ଧନ ବେହେରାଙ୍କୁ ମନୋନୀତ ହୋଇଛନ୍ତି। ନୂତନ ସଭ୍ୟଭାବେ ପତିତପାବନ ଚକ୍ରବର୍ତ୍ତୀ, ପ୍ରଦୀପ କୁମାର ଜେନା, ଭାଗିରଥୀ ବାରିକ, ଶ୍ରୀନିବାସ ମହାନ୍ତି ଓ ସେକ୍ ସଲିମଙ୍କୁ ସାମିଲ କରାଯାଇଛି।

# ପ୍ରେମିକଙ୍କ ବାପାଙ୍କୁ ମାଡ଼, ପୋଡ଼ିଦେଲେ ମାମୁଘର

**ଲଙ୍କାବାଲି ସାହିରେ ପ୍ରେମ ବ୍ୟାପାରକୁ ନେଇ ଲଙ୍କାକାଣ୍ଡ**

**ରସୁଲପୁର,୨୬।୧୧(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ଲଙ୍କାବାଲି ସାହିରେ ପ୍ରେମ ବ୍ୟାପରକୁ ନେଇ ଗତକାଲି ରାତିରେ ତୁମୂଳ କାଣ୍ଡ ଘଟିଛି। ସେହି ଗ୍ରାମର ଜନୈକା ୨୪ବର୍ଷିୟା ଯୁବତୀ ରବିବାର କେଉଁଆଡେ ଚାଲି ଯାଇଛନ୍ତି। ମାତ୍ର ଯୁବତୀଙ୍କୁ ତାଙ୍କ ପ୍ରେମିକଙ୍କ ପରିବାର ଲୋକେ ଫେରାର କରିଦେଇଥିବା ଝିଅ ଘର ପରିବାର ଲୋକେ ସନ୍ଦେହ କରି ଲଙ୍କାକାଣ୍ଡ ଘଟାଇଥିବା ଜଣାପଡ଼ିଛି। ପ୍ରେମିକଙ୍କ ବାପାଙ୍କୁ ମାଡ଼ ମାରିବା ସହିତ ତାଙ୍କ ମାମୁ ଘରକୁ ପୋଡି ଦେଇଛନ୍ତି। ଗାଁର ଜଣଙ୍କ ଅଟୋକୁ ବାଡେଇ ଭାଙ୍ଗି ଦେଇଥିବା ମଧ ଜଣାପଡ଼ିଛି। ଏ ନେଇ ପୁଅର ମା' ପ୍ରଣତି ରାଉତ ଓ ଅଟୋ ମାଲିକ ପ୍ରକାଶ ମିଶ୍ରଙ୍କ ପକ୍ଷରୁ ସୋମବାର ସନ୍ଧ୍ୟାରେ ଯାଜପୁର ସଦର ଥାନାରେ ଦୁଇଟି ପୃଥକ ପୃଥକ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଲଙ୍କାବାଲି ସାହିର ନିତ୍ୟାନନ୍ଦ ରାଉତ (୨୫) ଉକ୍ତ ଗ୍ରାମର ଜଣେ ଯୁବତୀକୁ ପ୍ରେମ କରୁଥିଲେ। ମାତ୍ର ରବିବାରଠାରୁ ସମ୍ପୃକ୍ତ ଯୁବତୀ କେଉଁଆଡେ ଚାଲିଯାଇଛନ୍ତି। ଝିଅ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନ ପାଇବା ପରେ ରବିବାର ରାତିରେ ଗାଁରେ ତୁମୂଳ କାଣ୍ଡ ଭିଆଇଛନ୍ତି। ଝିଅ ନିଖୋଜ ହେବା ପଛରେ ନିତ୍ୟାନନ୍ଦଙ୍କ ପରିବାର ଓ ସମ୍ପର୍କୀୟଙ୍କ ହାତ ରହିଥିବା ସନ୍ଦେହ କରି ପୁଅର ପରିବାର ଓ ତାଙ୍କର ସମ୍ପର୍କୀୟ ଲୋକଙ୍କୁ ଝିଅ ଘର ଲୋକେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ ମାରିଥିଲେ। ଉକ୍ତ ଗ୍ରାମରେ ବାସ କରୁଥିବା ପୁଅର ମାମୁଁ ମଙ୍ଗୁଳି ଜେନାଙ୍କ ଘର ମଧ ପୋଡି ଦେଇଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ଥିବା ଦର୍ଶାଇ ସେହି ଗାଁର ପ୍ରକାଶ ମିଶ୍ରଙ୍କ ଅଟୋକୁ ଭାଙ୍ଗି ଦେଇଛନ୍ତି। ପୋଲିସ ଅଭିଯୋଗକୁ ନେଇ ଥାନାରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ଝିଅର ବଡ଼ବାପା ପୁଅ ଭାଇ ବୋଲି ପୁଅ ଘର ପକ୍ଷରୁ ଅଭିଯୋଗ ହୋଇଛି। ଝିଅର ବାପା, ଭାଇ, ବଡବାପା ପ୍ରମୁଖଙ୍କ ନାଁରେ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ–୨୨୪/୧୮) ରୁଜୁ କରି ତଦନ୍ତ ଚଳାଇଛି।

## ବିଭିନ୍ନ ପଞ୍ଚାୟତରେ ରନ୍ ଫର ହକି

**ବିଞ୍ଝାରପୁର,୨୬।୧୧(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ହକି ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ବିଶ୍ୱ କପ୍ ହକିର ପ୍ରଚାରପ୍ରସାର ପାଇଁ ରାଜ୍ୟ ଯୁବ କଲ୍ୟାଣ ପରିଷଦ ତରଫରୁ ସବୁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ବିଜୁ ଯୁବ ବାହିନୀ ମିଳିତ ଆନୁକୂଲ୍ୟରେ ଆନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ଆୟୋଜିତ ଗଣଦୌଡ଼ରେ ବ୍ରହ୍ମାଶଙ୍କର ଦେଓ, ସତ୍ୟରଞ୍ଜନ ଭୂୟାଁ, ଶୁଭ୍ରଜିତ ପ୍ରଧାନ, ସୁମନ ଧଳ, ମାନସ କୁମାର ଜେନା, ରୁଦ୍ର ନାରାୟଣ ଯେନା, ଆକାଶ ମଲ୍ଲିକ, ସେକ ଆଦିଲ, ସେକ ଏମଡି ମଗରୁର, କାର୍ତ୍ତିକ ବେହେରା, ସୌମ୍ୟରଞ୍ଜନ ଜେନା, ଶ୍ରୀକାନ୍ତ ରାଉଳ, ପ୍ରତ୍ୟୁଷ ଦେବ ଭଞ୍ଜ, ସୌମ୍ୟରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ବିଶ୍ୱାଳ, ତପନ କୁମାର ମଲ୍ଲିକ, ସଂଗ୍ରାମ ସାମଲ ପ୍ରମୁଖ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଗଣଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଙ୍କେଇ ବଙ୍କେଇ ଅନେଇ ଦେଲା**
**କହ୍ନେଇ ଦେହରୁ ଫୁଲାଏ ନେଲା ।**

କିଛି ବ୍ୟକ୍ତିଙ୍କ ନଜର ବା ଦୃଷ୍ଟି ପଡ଼ିଲେ ଅନ୍ୟର ସ୍ୱାସ୍ଥ୍ୟ ଖରାପ ହେବା ସହ ଦେହ ଶୁଖିଯାଉଥିବା ଦେଖିବାକୁ ମିଳିଥାଏ। ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ ଲୋକଙ୍କ ମନରେ ଏଭଳି ଭ୍ରାନ୍ତ ଧାରଣା ରହିଆସିଛି। ଜଣଙ୍କର ନଜର ଲାଗି ଅନ୍ୟର ଦେହ ଶୁଖିଯିବା ବା ଅସୁସ୍ଥ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାପ ଦିହକରୁ ଆଖୁଚାଷ ନାହିଁ**
**ଦୋରୁଅ ପିଉଛି ଛେଦା ବୁଡ଼େଇ ।**

ଅନେକ କ୍ଷେତ୍ରରେ ଦୀନହୀନ ଦରିଦ୍ର ଭାବେ ଜୀବନଯାପନ କରିଥିବା ବ୍ୟକ୍ତି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ନିଜ ପଛକଥା ମନରୁ ପାସୋରି ଦେଇଥିବା ଲକ୍ଷ୍ୟ କରାଯାଇଥାଏ। ଏପରିକି ଅତୀତରେ କଟାଉଥିବା ଦୁଃସ୍ଥ ଜୀବନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାକୁ ନେଇ ଗର୍ବ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
–ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଆନ୍ତଃଜିଲା ଡକାୟତି ଗ୍ୟାଙ୍ଗ୍‌ର ୪ ଗିରଫ

■ ଗୁପ୍ତି, ୨୫ ମୋବାଇଲ ଫୋନ୍, ୨ ବାଇକ, ୪୦ ହଜାର ଟଙ୍କା ଜବତ

**ଭୁବନେଶ୍ୱର, ୨୬।୧୧(ବ୍ୟୁରୋ)**

ହକି ବିଶ୍ୱକପ୍‌ର ସୁରକ୍ଷାକୁ ଦୃଷ୍ଟିରେ ରଖି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ପକ୍ଷରୁ ଅପରାଧୀ ଦମନ ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ରବିବାର ବିଳମ୍ବିତ ରାତିରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳରେ ଚଢ଼ାଉ କରି ଡକାୟତି ଯୋଜନା କରୁଥିବା ଏକ ଆନ୍ତଃଜିଲା ଅପରାଧୀ ଗ୍ୟାଙ୍ଗ୍‌ର ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ଟାଉନ ଥାନା ଅଞ୍ଚଳର ଶିବା ଦାସ ଓରଫ ଶିବା(୪୦), ଟୁନା ଦାସ ଓରଫ କୁନା(୨୩), ଲକ୍ଷ୍ମଣ ଦାସ ଓରଫ ଲକନ(୨୨) ଏବଂ ଗଞ୍ଜାମ ଜିଲା କୋଦଳା ଅଞ୍ଚଳର ପି. ରାଜା ଓରଫ ରାଜ(୧୯)।

ସୂଚନା ମୁତାବକ, ଭରତପୁର ଅଞ୍ଚଳରେ କେତେଜଣ ଅପରାଧୀ ଡକାୟତି ଯୋଜନା କରୁଥିବା ନେଇ ସ୍ପେଶାଲ ସ୍କ୍ୱାଡ୍ ନିକଟରେ ଖବର ପହଞ୍ଚିଥିଲା। ତୁରନ୍ତ ଖଣ୍ଡଗିରି ପୋଲିସ ସହ ସ୍କ୍ୱାଡ୍ ଘଟଣାସ୍ଥଳକୁ ଘେରିଯାଇ ଉପରୋକ୍ତ ୪ଜଣଙ୍କୁ ଗିରଫ କରିଥିଲା। ଏଥିସହ ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଗୁପ୍ତି, ୪୦ ହଜାର ଟଙ୍କା, ୨୫ଟି ମୋବାଇଲ ଫୋନ, ଡିକି, ଗ୍ରୀଲ କବାଟ ଭାଙ୍ଗିବା ଯନ୍ତ୍ର, ଗୋଟିଏ ବାଇକ ଓ ସ୍କୁଟି ଜବତ କରିଛି। ଏହି ଗ୍ୟାଙ୍ଗ୍ ଡକାୟତି, ଚୋରି ସହ ଜାତୀୟ ରାଜପଥରେ ଆକ୍ରମଣ କରି ଲୁଟ୍ କରିବା ଆଦି ଏକାଧିକ ମାମଲାରେ ଏମାନଙ୍କ ସମ୍ପୃକ୍ତିଥିବା ପୋଲିସ ଜାଣିବାକୁ ପାଇଛି। ପଚରାଉଚରା ପରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

■ ପକ୍ଷାଘାତରେ ପୀଡ଼ିତ ପୁଅ

# ଚିକିତ୍ସା ସହାୟତା ଭିକ୍ଷା କଲେ ମା'

**ଡୁବୁରୀ, ୨୬।୧୧(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଓଳିଆ ପଞ୍ଚାୟତର ଭାଲୁକାଣ୍ଟିଆ(ସୁକରଣ) ଗ୍ରାମର ସିଲାଇ ଚୁଲି (୩୦) ପକ୍ଷାଘାତ ରୋଗରେ ପୀଡିତ ଅଛନ୍ତି। ଦୀର୍ଘବର୍ଷ ହେବ ଏକ ଖଟିଆରେ ପଡି ରହିଥିବାରୁ ତାଙ୍କର ଦୁଇଟିଯାକ ଗୋଡ ଏବେ ପଚିଯାଇଛି। ଅର୍ଥାଭାବରୁ ଚିକିତ୍ସା କରାଇ ପାରୁ ନ ଥିବାରୁ ସେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ସ୍ଥିତିରେ ଆଦିବାସୀଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ମୂଲ୍ୟହିନ ହୋଇପଡିଛି। ସିଲାଇ ୧୦ ବର୍ଷ ତଳେ ଏକ ଅଜଣା ରୋଗରେ ଆକ୍ରାନ୍ତ ହୋଇଥିଲେ। ଅର୍ଥାଭାବରୁ ଚିକିତ୍ସିତ ହୋଇ ନ ପାରିବାରୁ ଦୁଇଟି ଯାକ ଗୋଡ ପକ୍ଷାଘାତ ହୋଇପଡିଥିଲା। ଚେରମୂଳି ସାହାଯ୍ୟରେ ଚିକିତ୍ସିତ ହେଉଥିଲେ ମଧ କୌଣସି ସୁଫଳ ମିଳିପାରି ନ ଥିଲା। ଦୀର୍ଘ ଦିନ ଖଟିଆରେ ପଡି ରହିବା ଫଳରେ ତାଙ୍କର ଗୋଡରେ ଘା ହୋଇ ପଚିବାରେ ଲାଗିଛି। ସିଲାଇଙ୍କର ଭୋଟର କାର୍ଡ କିମ୍ବା ଆଧାର କାର୍ଡ ହୋଇପାରି ନ ଥିବାରୁ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ଆସୁଛନ୍ତି । ଏଭଳି ସ୍ଥିତିରେ ମା' ଜାମୁଦା ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତା ଭିକ୍ଷା କରିଛନ୍ତି ।

# ଥାନା ପରିସରରେ ୨ ପୋଲିସଙ୍କୁ ମାଡ଼

**ରାଜନଗର, ୨୬।୧୧ (ଡି.ଏନ୍.ଏ.)**

ରାଜନଗର ଥାନା ପରିସରରେ ୨ ପୋଲିସ କର୍ମଚାରୀଙ୍କୁ ମାଡ ମାରିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସେହି ଥାନା ଅଧୀନ ଧନେଶ୍ୱରପୁର ଗ୍ରାମର ଅଭିମନ୍ୟୁ ଲେଙ୍କା, ଜଗନ୍ନାଥପୁରର ମଧୁସୂଦନ ସ୍ୱାଇଁ ଓ ତାଙ୍କ ବନ୍ଧୁ ହରିୟାନା ଗୁରୁଗାଓର ରାମଦୁଲାର ଯାଦବ। ଘଟଣା ମୁତାବକ, ଅଭିମନ୍ୟୁ, ମଧୁସୂଦନ ଓ ରାମଦୁଲାର ରବିବାର ଏକ କାର୍ ଯୋଗେ ପେଣ୍ଠ ସମୁଦ୍ରକୂଳ ବୁଲିବାକୁ ଯାଇଥିଲେ। ରାସ୍ତା ଉପରେ ଗାଡ଼ି ରଖି ୩ଜଣ ଯାକ ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର କରୁଥିଲେ। ସେହି ସମୟରେ ଅନ୍ୟ ଏକ କେସ୍‌ରେ ରାଜନଗର ଥାନାର ରାଇଟର କୁନାଲ ଚନ୍ଦ୍ର ସାମଲ ଓ କନଷ୍ଟେବଲ ତପନ କୁମାର ବେହୁରା ସେଠାକୁ ଯାଇଥିବା ବେଳେ ସେମାନଙ୍କୁ ତାଗିଦା କରିଥିଲେ। ତେବେ ଅଭିମନ୍ୟୁ ଓ ତାଙ୍କର ୨ବନ୍ଧୁ ୨ପୋଲିସ କର୍ମଚାରୀଙ୍କୁ ଥାନା ପର୍ଯ୍ୟନ୍ତ ଗୋଡାଇବା ସହ ଥାନା ସମ୍ମୁଖରେ ନିଛୁକ ମାଡ଼ ମାରିଥିଲେ। ଥାନାର ଅନ୍ୟ କର୍ମଚାରୀମାନେ ବାହାରକୁ ଆସି ୩ ଯୁବକଙ୍କୁ ଅଟକାଇଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରିଛି।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3 | BALASORE 9437147000
BBSR 0674- 2354320, 9437143000, 9437138000 | ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ୍ ନାହିଁ ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166


Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ। ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

(ବିଶେଷ ଋଣ ଅଫର୍)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି।
ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।

ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

M. GROUP FINANCE CO.
DIWALI OFFER
(Govt. Approved)

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
39, Patel Nagar, Ashik Sahranpur Road, Dehradun-245001

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now
8859690149
7830746256
T-51, Gali No.-8, Gautampuri, Delhi-110053

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra



ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।
-ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ରତଲାଙ୍ଗ ଦଧିବାବନଜୀଉ ମନ୍ଦିର ପ୍ରତିଷ୍ଠା

ବରୀ,୨୬।୧୧(ସ୍ୱ.ପ୍ର.)- ବରୀ ବ୍ଲକ ଅଧୀନ ରତଲାଙ୍ଗ ଗ୍ରାମର ଦଧିବାବନଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ଅଧିବାସ ଓ ଯଜ୍ଞ ଆରମ୍ଭ କରାଯାଇ ଶୁକ୍ରବାର ପୂର୍ଣ୍ଣାହୁତି ହୋଇଥିଲା। ଆଖପାଖ ଗାଁର ହଜାର ହଜାର ଶ୍ରଦ୍ଧାଳୁ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପ୍ରସାଦ ସେବନ କରିଥିଲେ। ପ୍ରକାଶ ଯେ, କେଉଁ ଆବାହମାନ କାଳରୁ ରତଲାଙ୍ଗ ଗ୍ରାମରେ ଦଧିବାବନଜୀଉ ପୂଜା ପାଇ ଆସୁଥିଲେ। ପ୍ରଥମେ ଏକ ଚାଳ ଘର ଓ ପରେ ଆଜବେଷ୍ଟସ୍ ଘର କରାଯାଇ ଜୀଉଙ୍କ ସ୍ଥାପନା କରାଯାଇଥିଲା। ଗ୍ରାମବାସୀଙ୍କ ଉଦ୍ୟମରେ ଦଧିବାବନଜୀଉ ସେବକ ମଣ୍ଡଳକୁ ସାଙ୍ଗରେ ନେଇ ସ୍ଥାୟୀ ମନ୍ଦିର ପ୍ରତିଷ୍ଠା ପାଇଁ ୪ ବର୍ଷ ଧରି ଉଦ୍ୟମ ଜାରି ରହିଥିଲା। କୈଳାସ ଚନ୍ଦ୍ର ପଣ୍ଡା, କଳିଙ୍ଗ ପଣ୍ଡା, ବିରଞ୍ଚି ନାରାୟଣ ପଣ୍ଡା, ବରଦା ପ୍ରୀନ୍ସ ରାୟ, ବିରଜା ପ୍ରସନ୍ନ ରାୟଙ୍କ ଉଦ୍ୟମରେ ମନ୍ଦିର ପ୍ରତିଷ୍ଠା ହୋଇପାରିଛି ବୋଲି କୁହାଯାଇଛି।

### ଭାଗବତ ସପ୍ତାହ ଉଦ୍‌ଯାପିତ

ସିଂହପୁର,୨୬।୧୧(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଛୋଳ ପଞ୍ଚାୟତର ପୂର୍ବ ବାଛୋଳଠାରେ ସପ୍ତାହେ ବ୍ୟାପୀ ହେଉଥିବା ଭାଗବତ ସପ୍ତାହ ଓ ସନାତମ ଚେତନା ଭଳି ଧାର୍ମିକ କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଦୀର୍ଘ ୪ଶହ ବର୍ଷ ପୂର୍ବରୁ ପ୍ରତି ବର୍ଷ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଥିବା ଗ୍ରାମର ପୁରୁଖା ଲୋକ ପ୍ରକାଶ କରିଛନ୍ତି । ଭାଗବତ ସପ୍ତାହ ପାଇଁ ସମଗ୍ର ଗ୍ରାମରେ ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ଦୈନିକ ଭାଗବତ, ଗୀତା ପାଠ, ବିଷ୍ଣୁ ସହସ୍ର ନାମ, ଶ୍ରୀ ଜଗନ୍ନାଥଙ୍କ ଜଣାଣ, ମଙ୍ଗଳ ଆଳତି ଆଦି କାର୍ଯ୍ୟକ୍ରମ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଧାତ୍ମିକ ଭାବନା ଜାଗ୍ରତ କରିଥିଲା। ସେବାୟତ ଗଙ୍ଗାଧର ପତି କାର୍ଯ୍ୟ ପରିଚାଳନା କରୁଥିବା ବେଳେ ପଞ୍ଚାୟତବାସୀ ସହଯୋଗ କରିଥିଲେ ।

### ଶିଶୁ ମନ୍ଦିରରେ ଜେଜେ ମା', ଜେଜେବାପା ସମ୍ମିଳନୀ

ସିଂହପୁର,୨୬।୧୧(ଡି.ଏନ୍.ଏ.)- ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ଜେଜେ ମା' ଓ ଜେଜେ ବାପା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନିର୍ମଳ ଚନ୍ଦ୍ର ସାମଲ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସିଂହପୁର ଶଙ୍କୁଳ ପ୍ରମୁଖ ଗଗନ ବିହାରୀ ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ନେତ୍ରାନନ୍ଦ ଦାସ ମୁଖ୍ୟ ଅତିଥି, ଶ୍ରୀକାନ୍ତ ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଶିଶୁଙ୍କ ପାଇଁ ଜେଜେ ମା' ଓ ଜେଜେବାପାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବୀରକିଶୋର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଅଜୟ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ ଓ ପରିଚାଳନା ସମିତି ସଦସ୍ୟ ନିର୍ମଳ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶିଶୁ ଭଉଣୀ ଭାଇଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ସତ୍ୟସାଇଙ୍କ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ

କୋରେଇ,୨୬।୧୧(ସ୍ୱ.ପ୍ର.)- ସଠିପୁର ସାଇ ଭଜନ ମଣ୍ଡଳୀ ପକ୍ଷରୁ ୩ଦିନ ବ୍ୟାପୀ ହୋଇଥିବା ସତ୍ୟସାଇ ବାବାଙ୍କ ୯୩ତମ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି । ଯାଜପୁର ଜିଲା ସତ୍ୟସାଇ ସେବା ସଙ୍ଗଠନ ସଭାପତି ଆଭାସ ଚନ୍ଦ୍ର ମଜୁମଦାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଉଦଯାପନୀ ଦିବସରେ ପୂଜ୍ୟପୂଜା ସମ୍ମାନ କରାଯାଇଥିଲା । ଯାଜପୁରରୋଡର ପଟେଲ ଭାଇ, ଯାଜପୁର ସମିତିର ସୁନିଲ ବସୁ, କୁଳମଣୀ ନାୟକ, ଗୁରୁମା କାଜଲ ଅପା, ସୁନିଲ ଧଳଙ୍କ ସମେତ ପରମ୍ପରାକୁ ବଜାୟ ରଖିଥିବା କଳାକାରଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା । ବାଲ୍ୟ ବିକାଶ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆମେ ଯାଜପୁରିଆ ନାଟକ ମଞ୍ଚସ୍ଥ ହୋଇଥିଲା । ଶେଷରେ ଲକ୍ଷ୍ମୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି ପରିମଳ ବ୍ୟବସ୍ଥା

ବିରଜାକ୍ଷେତ୍ର,୨୬।୧୧(ଡି.ଏନ୍.ଏ.)

**ଯାଜପୁର ସହର**
- ଯାଜପୁରରେ ରହିଛି ସହରର ମୁଖ୍ୟ କାର୍ଯ୍ୟାଳୟ
- ୬୦ ହଜାରରୁ ଊର୍ଦ୍ଧ୍ୱ ଟପିବାକୁ ବସିଲାଣି ଜନସଂଖ୍ୟା
- ପୁରାଣ, ଐତିହ୍ୟ, କଳା ଓ ସଂସ୍କୃତିର ସହର

ବର୍ତ୍ତମାନ ଯାଜପୁର ସହର ବିକାଶ କ୍ଷେତ୍ରରେ ଆଗେଇ ଚାଲିଥିବା ବେଳେ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ସାଧାରଣ ଜନତା ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି । ସହରରେ ଶୌଚାଳୟର ଅଭାବ ପରିଲକ୍ଷିତ ହୋଇଛି । ଯାଜପୁର ସହର ଜିଲାର ସଦର ମହକୁମା । ସଦର ମହକୁମାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ବିଚାର ବିଭାଗୀୟ ଜିଲା ଜଜ୍, ଅନ୍ୟ ବିଚାର ବିଭାଗୀୟ କାର୍ଯ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟ ରହିଛି। ପୁରାଣ, ଐତିହ୍ୟ, କଳା ଓ ସଂସ୍କୃତିର ସହର ହେଉଛି ଯାଜପୁର । ସହରରେ ପୁରାଣ ପ୍ରସିଦ୍ଧ ଦଶାଶ୍ୱମେଧ ଘାଟ, ବିଶ୍ୱପ୍ରସିଦ୍ଧ ଶକ୍ତିମୟୀ ମା' ବିରଜା ଓ ବରାହ ମନ୍ଦିର ଅବସ୍ଥିତ । ଯାଜପୁର ସହର ୧୮ ୱାର୍ଡକୁ ନେଇ ଗଠିତ । ଯାଜପୁର ସହରର ଜନସଂଖ୍ୟା ୬୦ ହଜାରରୁ ଊର୍ଦ୍ଧ୍ୱ ଟପିବାକୁ ବସିଲାଣି। ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଯାଜପୁର ସମେତ ଭଦ୍ରକ, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ଜଗତସିଂହପୁରର ଅଧିବାସୀ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି । ଦୈନିକ ହଜାର ହଜାର ସଂଖ୍ୟାରେ ରୋଗୀ ଡାକ୍ତରଖାନାକୁ ଆସିଥିବା ବେଳେ ଆଖପାଖରେ ଶୌଚାଳୟ ନ ଥିବାରୁ ରୋଗୀଙ୍କ ସହ ଆସିଥିବା ଲୋକେ ବାହାରେ ଶୌଚ ହେଉଥିବା ଦେଖିବାକୁ ମିଳିଛି । ଫଳରେ ପରିବେଶ ଦୂଷିତ ହେବା ସହ ଲୋକେ ଚର୍ମ ରୋଗରେ ପୀଡ଼ିତ ହେଉଛନ୍ତି । ସେହିପରି ପୁରାଣ ପ୍ରସିଦ୍ଧ ବୈତରଣୀ ନଦୀ କୂଳରେ ଥିବା ଦଶାଶ୍ୱମେଧ ଘାଟକୁ ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଆସି ସ୍ନାନ, ତର୍ପଣ ଓ ପିଣ୍ଡଦାନ କରିବା ସହ ମା' ବିରଜାଙ୍କ ଦର୍ଶନଲାଭ କରିଥାନ୍ତି । ମାତ୍ର ଦଶାଶ୍ୱମେଧ ଘାଟ ନିକଟରେ ଶୌଚାଳୟ ନ ଥିବାରୁ ବାହାରୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏପରି କି ପର୍ଯ୍ୟଟକ, ଶ୍ରଦ୍ଧାଳୁ ଓ ସ୍ଥାନୀୟ ଜନସାଧାରଣ ଦଶାଶ୍ୱମେଧ ଘାଟ ନିକଟରେ ଥିବା ନଦୀପଠାରେ ଶୌଚ ହେଉଥିବା ଦେଖିବାକୁ ମିଳିଛି । ଅବହେଳିତ କୁସୁମା ପୋଖରୀ ବର୍ତ୍ତମାନ ଶୋଭାପାଇ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି । ଭଦ୍ରକ, କେନ୍ଦ୍ରାପଡ଼ା, ବାଲେଶ୍ୱର ତଥା ଯାଜପୁର ସହରକୁ ଆସୁଥିବା ବିଭିନ୍ନ ରାଜ୍ୟର ପର୍ଯ୍ୟଟକମାନେ ଅପରୂପ କୁସୁମାର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହେଉଛନ୍ତି। କିନ୍ତୁ କୁସୁମା ନିକଟରେ ଶୌଚାଳୟର ସୁବିଧା ନାହିଁ। ଯାଜପୁର, ଦଶରଥପୁର, ବିଞ୍ଝାରପୁର, ବରୀ ପ୍ରଭୃତି ନିର୍ବାଚନମଣ୍ଡଳୀର ଲୋକେ ନ୍ୟାୟ ପାଇଁ ଯାଜପୁର କୋର୍ଟ ଉପରେ ନିର୍ଭର କରିଥାନ୍ତି । ଯାଜପୁର ପୌରପାଳିକା ପକ୍ଷରୁ ଘରୋଇ ବସ୍ ଷ୍ଟାଣ୍ଡ ନିକଟରେ ଏକ ଶୌଚାଳୟ ରହିଥିଲେ ମଧ୍ୟ ପରିଷ୍କାର କରାଯାଉନାହିଁ । ସେହିପରି କୌଣସି ସ୍ଥାନରେ ପର୍ଯ୍ୟଟକ, ଯାତ୍ରୀ ଓ ସାଧାରଣ ଜନତାଙ୍କ ପାଇଁ ପିଇବା ପାଣିର ବ୍ୟବସ୍ଥା ମଧ୍ୟ ନାହିଁ । ଯାଜପୁର ସହରକୁ ବାହ୍ୟମଳମୁକ୍ତ ସହରରେ ଗଢ଼ିତୋଳିବା ପାଇଁ ଯାଜପୁର ପୌରପାଳିକା ପକ୍ଷରୁ ପ୍ରୟାସ ଜାରି ରହିଥିଲେ ମଧ୍ୟ ସଫଳତା ନେଇ ସନ୍ଦେହ ସୃଷ୍ଟି ହୋଇଛି । କେନ୍ଦ୍ର ସରକାର ରାଜ୍ୟରେ ଥିବା ସହରଗୁଡ଼ିକୁ ସ୍ୱଚ୍ଛତା ଅଭିଯାନରେ ସାମିଲ କରି ସହରକୁ ଶୌଚମୁକ୍ତ, ପରିଷ୍କାର ଓ ପରିଚ୍ଛନ୍ନ ରଖିବାପାଇଁ ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଉଥିଲେ ମଧ୍ୟ ତାହା ଯାଜପୁର ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉ ନ ଥିବା ଦେଖିବାକୁ ମିଳିଛି । ଯାଜପୁର ପୌରପାଳିକାର ଜନପ୍ରତିନିଧି, ସ୍ଥାନୀୟ ବିଧାୟକ, ଜିଲା ପ୍ରଶାସନ ଏସବୁ ଜାଣି କୌଣସି ପଦକ୍ଷେପ ନେଉ ନ ଥିବା ସାଧାରଣରେ ଆଲୋଚନା ହେଉଛି। ଶୌଚାଳୟ ଓ ପିଇବା ପାଣିର ବ୍ୟବସ୍ଥା କରିବାକୁ ଯାଜପୁର ସହରବାସୀ ଦାବି କରୁଛନ୍ତି।

## ହକି ବିଶ୍ୱକପ୍ ପାଇଁ ଗଣଦୌଡ

ରସୁଲପୁର,୨୬।୧୧(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ଯୁବ ବାହିନୀ ପକ୍ଷରୁ ବିଶ୍ୱ କପ୍ ହକି ପାଇଁ ଏକ ଗଣଦୌଡ କାର୍ଯ୍ୟକ୍ରମ ରବିବାର ପୂର୍ବାହ୍ନରେ ଯୁବ ବାହିନୀ ସଭାପତି ପଙ୍କଜ କୁମାର ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟା ମହେଶ୍ୱତା ନାୟକ, ନାଏବ ସରପଞ୍ଚ ଚିତ୍ତରଞ୍ଜନ ନାଏକ, ସମ୍ମାନିତ ଅତିଥି ଭାବରେ ଯୁବନେତା ହିମାଂଶୁ ନାୟକ, ବୁଲବୁଲ ନାୟକ, ପୂର୍ବତନ ସରପଞ୍ଚ ମଦନ ମୋହନ ମଲ୍ଲିକ, ବିଜୁ ଯୁବ ବାହିନୀର ନୋଡାଲ ଅଧିକାରୀ ବି.ଏନ. ସାମଲ, ପଞ୍ଚାୟତ ବିଜୁ ଛାତ୍ର ସଭାପତି ଖଗେଶ୍ୱର ସାହୁ, ପ୍ରହ୍ଲାଦ ସାହୁ, ଶଙ୍କର୍ଷଣ ନାୟକ ପ୍ରମୁଖ ଯୋଗଦେଇ ଗଣଦୌଡରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ବିଜୟ ଗନ୍ତାୟତ, ଦ୍ୱିତୀୟ ପ୍ରଶାନ୍ତ ସାହୁ, ତୃତୀୟ ଡାନିଏଲ ମଲ୍ଲିକଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## 'ସାମାଜିକ, ଅର୍ଥନୈତିକ, ରାଜନୈତିକ ଉନ୍ନତି ଆବଶ୍ୟକ'

ବିରଜାକ୍ଷେତ୍ର,୨୬।୧୧(ଡି.ଏନ୍.ଏ.)



ଜିଲା ଯାଦବ ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀ ।

ଯାଜପୁର ଜିଲା ଯାଦବ ମହାସଂଘ ପକ୍ଷରୁ ଯାଜପୁର ସଦର ଥାନା ଅନ୍ତର୍ଗତ ବରୁହାଁ ଦଶହରା ପଡ଼ିଆରେ ଡିସେମ୍ବର ୨ ତାରିଖରେ ଜିଲାସ୍ତରୀୟ ମହାସମାବେଶ ଅନୁଷ୍ଠିତ ହେବ। ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯାଦବ ମହାସଂଘ କ୍ରିୟାନୁଷ୍ଠାନ କମିଟି ଆବାହକ କଣେଶ୍ୱର ଦାସ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସାମାଜିକ, ଅର୍ଥନୈତିକ ଓ ରାଜନୈତିକର ଉନ୍ନତି ଦରକାର ବୋଲି ଯାଜପୁର ଜିଲା ଯାଦବ ମହାସଂଘ ଦାବି କରିଛି । ଯାଜପୁର ଜିଲାରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଯାଦବ ବସବାସ କରନ୍ତି। ଦଳଗତ ନିର୍ବିଶେଷରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଯାଦବ ବ୍ୟକ୍ତିଙ୍କୁ ଜନପ୍ରତିନିଧି କରି ଗଢ଼ିତୋଳିବାରେ ଯେଉଁ ରାଜନୈତିକ ଦଳ ସହଯୋଗର ହାତ ବଢ଼ାଇବ ସେହି ଦଳକୁ ଯାଜପୁର ଜିଲା ଯାଦବ ମହାସଂଘ ପକ୍ଷରୁ ଆସନ୍ତା ସାଧାରଣ ନିର୍ବାଚନରେ ସହଯୋଗ କରାଯିବ ବୋଲି ଆଲେକଜାଣ୍ଡାର ଦାସ ଖବରଦାତା ସମ୍ମିଳନୀରେ କହିଛନ୍ତି । ୨ ତାରିଖ ମହା ସମାବେଶରେ ୫୦ ହଜାରରୁ ଊର୍ଦ୍ଧ୍ୱ ଯାଦବ ଯୋଗଦେବେ ବୋଲି କ୍ରିୟାନୁଷ୍ଠାନ କମିଟି ସୂଚନା ଦେଇଛି । ମହାସମାବେଶରେ ରାଜ୍ୟ ସଭାପତି ଆଶୀର୍ବାଦ ବେହେରା, ପୂର୍ବତନ ଡିଜି ସଞ୍ଜୀବ ମାରିକ, ବରିଷ୍ଠ ଖବରଦାତା ରବି ଦାସ, ଚଳଚ୍ଚିତ୍ର ଅଭିନେତା ମିହିର ଦାସ, ରାଜ୍ୟ କଂଗ୍ରେସ ପ୍ରବକ୍ତା ଅମୀୟ ପାଣ୍ଡବ, ରାଜ୍ୟ ବିଜେଡି ପ୍ରବକ୍ତା ସୁଲୋଚନା ଦାସ, ସମାଜବାଦୀ ପାର୍ଟିର ପ୍ରବକ୍ତା ରବିନ୍ଦ୍ର ବେହେରା, କଂଗ୍ରେସ ସାଧାରଣ ସମ୍ପାଦକ ରାଜକିଶୋର ଦାସ, ସଚ୍ଚିଦାନନ୍ଦ ମହାକୁଡ଼, ସୁପ୍ରିମ କୋର୍ଟ ବରିଷ୍ଠ ଆଇନଜୀବୀ ବୀରକିଶୋର ଦାସ, କେନ୍ଦୁଝରର ସଞ୍ଜୀବ ପଲେଇ, ଢେଙ୍କାନାଳର କମଳାକାନ୍ତ ବେହେରା ପ୍ରମୁଖ ଯୋଗଦେବେ ବୋଲି ସଭାପତି ଅଭିମନ୍ୟୁ ବେହେରା ସୂଚନା ଦେଇଥିଲେ । ନୃସିଂହ ଦାସ, ମୁକୁନ୍ଦ ପ୍ରସାଦ ଦାସ, ରବିନ୍ଦ୍ର କୁମାର ବେହେରା, ଚଉବନ ବାରିକ, ଅକ୍ଷୟ କୁମାର ଦାସ, ବିଜୟ କୁମାର ଦାସ, ଅଜୟ ଦାସ, ଉତ୍ତମ କୁମାର ଦାସ, ଭରତ ଚନ୍ଦ୍ର ଦାସ, ଗଦାଧର ଦାସ, ସରୋଜ କୁମାର ଦାସ, ବିଜୟ ଯାଦବଙ୍କ ସମେତ ଶତାଧିକ ଯାଦବ ସଦସ୍ୟ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ । ଅଭିମନ୍ୟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ହକି ବିଶ୍ୱକପ୍ ପାଇଁ ମିନି ମାରାଥନ

ରତ୍ନଗିରି,୨୬।୧୧(ଡି.ଏନ୍.ଏ.)

ବରୀ ବ୍ଲକ ଅନ୍ତର୍ଗତ ଧାରପୁର ପଞ୍ଚାୟତର ବିଜୁ ଯୁବବାହିନୀ ପକ୍ଷରୁ ସୋମବାର ହକି ବିଶ୍ୱକପ୍ ପାଇଁ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଯୁବବାହିନୀ ସଭାପତି ତୁଷାରକାନ୍ତ ଶ୍ୟାନ୍ତି ଓ ସମ୍ପାଦକ ଅନ୍ତର୍ଯାମୀ ଭୂୟାଁଙ୍କ ନେତୃତ୍ୱରେ ଧାରପୁରସ୍ଥିତ ସୁନାଭୂଇଁ ପଡିଆ ନିକଟରୁ ଗଣଦୌଡ଼ ଆରମ୍ଭ ହୋଇଥିଲା । ଏହି ଦୌଡରେ ୬୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ ଓ ସରପଞ୍ଚ ଟି.ରୋଜାଲିନ ଶ୍ୟାନ୍ତି ଗଣଦୌଡ଼ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗୀମାନେ ବାଳିକା ବିଦ୍ୟାଳୟ, ରାମ ନବମୀ ଛକ, ଲାଇଫ୍ କ୍ଲବ, ନାଥେଶ୍ୱର ଶିବ ମନ୍ଦିର, ପ୍ରଗତି କ୍ଲବ ଦେଇ ଶନିପଡିଆ ନିକଟରେ ଥିବା ହନୁମାନ ମନ୍ଦିରଠାରେ ପହଞ୍ଚିଥିଲେ । ଯୁବବାହିନୀ ଉପଦେଷ୍ଟା ଗିରୀନ୍ଦ୍ର ପତିଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସରପଞ୍ଚ ଟି.ରୋଜାଲୀନ ଶ୍ୟାନ୍ତି, ପୂର୍ବତନ ସରପଞ୍ଚ ବିଜୟାନନ୍ଦ ଜେନା, ଶ୍ରୀଧର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମନୋରଂଜନ ସେଠୀ ଓ ବରିଷ୍ଠ ୱାର୍ଡ ସଭ୍ୟ ରାମଚନ୍ଦ୍ର ଯତି ପ୍ରମୁଖ ସଭାରେ ଯୋଗ ଦେଇଥିଲେ ।

## ଯାଜପୁରରୋଡ୍ ମଡେଲ ଥାନା ଉଦ୍‌ଘାଟିତ




ଜିଲାପାଳ ଓ ଏସ୍‌ପି ଆଦର୍ଶ ଥାନା ଫଳକ ଉନ୍ମୋଚନ କରୁଛନ୍ତି ।

ଯାଜପୁରରୋଡ,୨୬।୧୧(ନି.ପ୍ର.)

ଯାଜପୁରରୋଡ ମଡେଲ ଥାନା ସୋମବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଥାନାକୁ ଉଦ୍‌ଘାଟନ କରିଛନ୍ତି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇ ଓ କୋରେଇ ବିଧାୟକ ଆକାଶ ଦାସ ନାୟକ ଥାନା ପରିସରରେ ଥିବା ଆଦର୍ଶ ଥାନାର ଫଳକ ଉନ୍ମୋଚନ କରିଥିଲେ। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଏସ୍‌ପି ଚରଣ ସିଂ ମୀନା ପ୍ରମୁଖ ବହୁ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଶତପଥୀ, ସୁକିନ୍ଦା ବିଧାୟକ ଘଡେଇ ଓ କୋରେଇ ବିଧାୟକ ଦାସନାୟକ, ଜିଲାପାଳ ଦାସ, ଏସ୍‌ପି ମୀନା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଯାଜପୁର ଜିଲା ଅତିରିକ୍ତ ଜିଲାପାଳ ମିହିର କୁମାର ମହାନ୍ତି, ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ରହି ଆଦର୍ଶ ଥାନା ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଥାନାରେ ୧୭ ଜଣ ପୋଲିସ୍ ଅଫିସର, ୩୫ କନ୍‌ଷ୍ଟେବଲ ଓ ୨ ପିସିଆର ଭ୍ୟାନ୍ ରହିବ । ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅକ୍ଷୟ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଯାଜପୁରରୋଡ ଥାନାଧିକାରୀ ଅମିତାଭ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଯାଜପୁରରୋଡ ଏସ୍‌ଡିପିଓ କେଦାରନାଥ ସାହୁ ଧନ୍ୟବାଦ ଦେଇଥିଲେ ।

## ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର

ଯାଜପୁର ଅଫିସ,୨୬।୧୧

ଯାଜପୁର ବ୍ଲକ ବଡସୁଆର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଅଧକ୍ଷତା କରିବା ସହ ଶିବିରକୁ ଆସୁଥିବା ଅଭିଯୋଗକାରୀଙ୍କ ସମସ୍ୟାର ସମାଧାନ ତ୍ୱରାନ୍ୱିତ ପ୍ରକ୍ରିୟାରେ କରିବାକୁ ପରାମର୍ଶ ଦେଇଥିଲେ। ଏହି ଶୁଣାଣିରେ ମୋଟ ୧୬୨ଟି ଅଭିଯୋଗରୁ ୧୫୦ଟି ବ୍ୟକ୍ତିଗତ, ୭ଟି ସାମୁହିକ ଅଭିଯୋଗ ମିଳିଥିଲା। ରେଡକ୍ରସ ସହାୟତା ପାଇଁ ୩ଟି ଆବେଦନ ମିଳିଥିବା ବେଳେ ଚିକିତ୍ସା ସହାୟତା ପାଇଁ ୧୨ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୨ଟି ଆବେଦନ ପତ୍ର ମିଳିଥିବା ବେଳେ ସେମାନଙ୍କୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ତତ୍‌କ୍ଷଣାତ ୮୧ଟି ଅଭିଯୋଗର ସମାଧାନ କରାଯାଇଥିଲା। ଡିସେମ୍ବର ୩ରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି, ୭ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ସମାଧାନ ଶିବିର, ୧୦ରେ ବରୀ ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି ଓ ମହାସମାଧାନ ଶିବିର, ୧୭ରେ ଦଶରଥପୁର ବ୍ଲକରେ ମିଳିତ ଅଭିଯୋଗ ଶୁଣାଣି, ୨୪ରେ କୋରେଇ ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି, ୩୧ରେ ଦାନଗଦୀ ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ଦୁର୍ଘଟଣାରେ ଗ୍ରାମରକ୍ଷୀ ଆହତ

ଯାଜପୁରରୋଡ,୨୬।୧୧(ନି.ପ୍ର.)

ଯାଜପୁରରୋଡ ଥାନା ଅନ୍ତର୍ଗତ କୁସୁନପୁର ଛକଠାରେ ସୋମବାର ଏକ ଟ୍ରକ୍ ଧକ୍କାରେ ଜଣେ ଗ୍ରାମରକ୍ଷୀ ଆହତ ହୋଇଛନ୍ତି। ସେ ହେଲେ ବେଣୁପୁର ଗ୍ରାମର ଗ୍ରାମରକ୍ଷୀ ଦୀନବନ୍ଧୁ ମଲ୍ଲିକ। ଖବରପାଇ ଯାଜପୁରରୋଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଘଟଣାରୁ ପ୍ରକାଶ ଯେ, ଦୀନବନ୍ଧୁ ଦାନଗଦୀ ଫାଣ୍ଡିରୁ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ କୁସୁନପୁରଠାରେ ଏକ ଟ୍ରକ୍ ତାଙ୍କ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ସେ ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହୋଇଥିଲେ।

## ଆଜିଠାରୁ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ଗଣଧାରଣା

ବରୀ,୨୬।୧୧(ସ୍ୱ.ପ୍ର.)

ବରୀ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ବରୀ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦ ପକ୍ଷରୁ ମଙ୍ଗଳବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯିବ। ଏ ନେଇ ପରିଷଦ ପକ୍ଷରୁ ସୋମବାର ଅପରାହ୍ନରେ ରମାଦେବୀ ଆଶ୍ରମରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ପରିଷଦ ସଭାପତି କୁଳମଣି ଶୁକ୍ଳ, ସମାଜ ଆନ୍ଦୋଳନ ଓଡିଶାର ସମ୍ପାଦକ କାହ୍ନୁ ଚରଣ ବେହୁରା, ସତ୍ୟ ରଞ୍ଜନ କର, କାଞ୍ଚନ ଯତି, ବନ୍ଦିତା ଦାସ୍ ପ୍ରମୁଖ ସମ୍ମିଳନୀରେ ଯୋଗ ଦେଇଥିଲେ। ସମସ୍ୟା ସମ୍ପର୍କରେ ଜିଲା ପ୍ରଶାସନକୁ ୫ ଥର ଚିଠି ମାଧ୍ୟମରେ ଅଭିଯୋଗ କରାଯାଇଛି। ହେଲେ କୌଣସି ପଦକ୍ଷେପ ନିଆଯାଇନାହିଁ। ବରୀକୁ ସମ୍ପୂର୍ଣ୍ଣ ନିଶାମୁକ୍ତ, ନୈତିକ ଶିକ୍ଷା ପ୍ରଦାନ, ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ନଦୀ ନାଳରେ ବର୍ଷସାରା ମଧୁର ଜଳ ପ୍ରବାହିତ କରିବା, ବିଦ୍ୟୁତ ଯୋଗାଣ, ସ୍ଥାୟୀ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି, ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ଆଦି ବିଭିନ୍ନ ଦାବି ନେଇ ଆନ୍ଦୋଳନ ଜାରି ରହିବ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି।

■ହରେକୃଷ୍ଣ ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଦ୍ୱିତୀୟ ଦିନରେ କାଏମା ଓ ଜାରକା ବିଜୟୀ

ଧର୍ମଶାଳା, ୨୬।୧୧(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଚୋରମୁହାଁ ବଜାର ପଡ଼ିଆରେ ଆୟୋଜିତ ପ୍ରଥମ ବାର୍ଷିକ ହରେକୃଷ୍ଣ ରାଉତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଦ୍ୱିତୀୟ ଦିନର ୨ଟି ମ୍ୟାଚ୍ ଆୟୋଜିତ ହୋଇଥିଲା। ଦୁଇଟି ମ୍ୟାଚରେ ଯଥାକ୍ରମେ କାଏମା ଓ ଜାରକା ଦଳ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ନେତାଜୀ ସ୍ପୋର୍ଟିଂ କ୍ଲବ କାଏମା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର୍‌ରେ ୫ ଉଇକେଟ ହରାଇ ୧୮୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଇମ୍ରାନ୍ ଖାଁ ୬୬ରନ୍ କରିଥିଲେ। ବିପକ୍ଷ ଦଳର ଶକ୍ତିନନ୍ଦ ୩ଟି ଉଇକେଟ ପାଇବାରେ ସକ୍ଷମ ହୋଇଥିଲେ। ଜବାବ୍‌ରେ ବାମଦେଇପୁର ଦଳ ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୧୩୭ ରନ୍ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ବିଶ୍ୱଜିତ୍ ବାରିକ ୬୭ରନ୍ କରିଥିଲେ। ବିପକ୍ଷ ଦଳର ଅଜୟ ପଣ୍ଡା ୩ ଉଇକେଟ ପାଇଥିଲେ। ଏହିପରି ଦ୍ୱିତୀୟ ମ୍ୟାଚ୍‌ରେ ଅଭୟପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭର୍‌ରେ ୬ ଉଇକେଟ ହରାଇ ୮୩ ରନ୍ କରିଥିଲା। ଦଳପକ୍ଷରୁ ସଂଗ୍ରାମ ନାୟକ ୨୮ରନ୍ କରିଥିଲେ। ବିପକ୍ଷ ଦଳର ରୋଶନ ନାୟକ ୨ଟି ଉଇକେଟ ନେଇଥିଲେ। ଏହାର ଜବାବ୍‌ରେ ଜାରକା କ୍ରିକେଟ ଟିମ୍ ୮ ଓଭରରେ ୩ ଉଇକେଟ ହରାଇ ବିଜୟ ଲାଭ କରିଥିଲା। ଦଳପକ୍ଷରୁ ଅନୁପମ ସାମଲ ୩୭ ରନ୍ ସଂଗ୍ରହ କରିଥିଲେ। ଆନନ୍ଦ ବେହେରା, ବାପି ରାଉତ, ସୁମନ ଦାସ, ସୁଜିତ ସ୍ୱାଇଁ ପରିଚାଳନା କରିଥିଲେ। ମଙ୍ଗଳବାର ପ୍ରଥମ ମ୍ୟାଚ ମିର୍ଜାପୁର ସହିତ ଭୁବନ ଓ ଦ୍ୱିତୀୟ ମ୍ୟାଚ୍ ଚହଟା ସହିତ ଥାନୁଆଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ପ୍ରବୋଧ କୁମାର ପାତ୍ର ସୂଚନା ଦେଇଛନ୍ତି।

■ଶ୍ରମିକଙ୍କ ମୃତ୍ୟୁକୁ ବର୍ଷେ ପୂରିଲା

# ସହାୟତାରୁ ବଞ୍ଚିତ ଅସହାୟ ପରିବାର

ରସୁଲପୁର,୨୬।୧୧(ଡିଏନଏ)

- ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ ହରିହର
- ସ୍ତ୍ରୀଙ୍କୁ କେବଳ ବିଧବା ଭତ୍ତା ଧରାଇ କର୍ତ୍ତବ୍ୟ ସାରିଦେଇଛି ପ୍ରଶାସନ



ସରକାରୀ ସହାୟତାରୁ ବଞ୍ଚିତ ପରିବାର ।

ସ୍ୱାମୀ ହରିହର ମଲ୍ଲିକଙ୍କୁ ହରାଇ ସ୍ତ୍ରୀ କୌଶଲ୍ୟା ସମ୍ପୂର୍ଣ୍ଣ ନିଃସହାୟ। ତିନୋଟି ଛୋଟ ପିଲାଙ୍କ ଭବିଷ୍ୟତକୁ କେମିତି ଗଢିବେ ସେ ନେଇ ତାଙ୍କୁ ଚିନ୍ତା ଘାରିଛି। ଏ ଦିଗରେ ସରକାରୀ ସହାୟତା ମୃତ ଶ୍ରମିକ ହରିହରଙ୍କ ପରିବାର ନିକଟରେ ଅପହଞ୍ଚ ପାଲଟିଛି। ହରିହରଙ୍କ ମୃତ୍ୟୁର ବର୍ଷକ ପରେ ବି ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ଟଙ୍କାଟିଏ ସହାୟତା ପ୍ରଦାନ କରାଯାଇ ନାହିଁ। ରାଜନେତାଙ୍କଠାରୁ ଗୋଟିଏ ପରେ ଗୋଟିଏ ଫାଙ୍କା ପ୍ରତିଶ୍ରୁତି ଯୋଗୁ କ୍ଷତିଗ୍ରସ୍ତ ପରିବାରର ସମସ୍ୟା ଦୂର ହୋଇପାରୁ ନାହିଁ। ୨୨ ନଭେମ୍ବର, ୨୦୧୭ ରାହାସ ଉତ୍ସବରେ ରସୁଲପୁର ବ୍ଲକ ମହେଶ୍ୱରପୁର ପଞ୍ଚାୟତର ହରିହର ଲାଇଟ୍ ତୋରଣ ମରାମତି କରୁଥିଲେ। କାମ କରୁଥିବା ବେଳେ ୧୧ କେ.ଭି. ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିଲେ। ଉକ୍ତ ଘଟଣାକୁ ବିଶେଷ ଗୁରୁତ୍ୱ ଦିଆ ନ ଯାଇ ମୃତ ଶ୍ରମିକଙ୍କ ପରିବାରକୁ ସବୁ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ସବୁ ପ୍ରତିଶ୍ରୁତି ମୃତ ଶ୍ରମିକଙ୍କ ପରିବାର ପାଇଁ ପାଣିର ଗାର ପାଲଟିଛି। ସରକାରୀ ସହାୟତା ନାଁରେ ହରିହରଙ୍କ ସ୍ତ୍ରୀ କୌଶଲ୍ୟା ପାଉଛନ୍ତି କେବଳ ୩୦୦ ଟଙ୍କାର ଭତ୍ତା। ଏହାକୁ ଛାଡିଦେଲେ ଅନ୍ୟକିଛି ସରକାରୀ ସହାୟତା ତାଙ୍କୁ ମିଳି ନାହିଁ। ବର୍ଷକ ପରେ ବି ପଞ୍ଚାୟତ ପକ୍ଷରୁ ବିପିଏଲ ପରିବାରକୁ ପରିବାର ମଙ୍ଗଳ ଯୋଜନାରେ ୨୦ହଜାର ଟଙ୍କାର ସହାୟତା ମିଳିନାହିଁ। ଏଥିପାଇଁ କୌଶଲ୍ୟା ଆବେଦନ କରିଥିଲେ ମଧ୍ୟ ଫଳ ଶୂନ ରହିଛି। ଏହି ଯୋଜନାରୁ ସହାୟତା ଆବେଦନର ୩୦ଦିନ ମଧ୍ୟରେ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରଦାନ କରିବାର ନିୟମକୁ ଖୋଲାଖୋଲି ଉଲଙ୍ଘନ କରାଯାଇଛି। ଏ ଦିଗରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଦଣ୍ଡ ବିଧାନର ବିଧିକୁ ବି କଡାକଡି ଭାବେ ପାଳନ କରାଯାଉ ନାହିଁ। ଫଳରେ ବର୍ଷକ ପରେ ବି ସରକାରୀ ସହାୟତା ବିଧବା ମହିଳାଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚି ପାରୁନାହିଁ। ଏହାଛଡା ଶ୍ରମିକଙ୍କ ପରିବାରକୁ ଥଇଥାନ କରିବା ଦିଗରେ ପ୍ରଶାସନ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା କୁହାଯାଉଛି। ସରକାରୀ ଭାବେ ମିଳୁଥିବା ଚାଉଳ ଓ ଭତ୍ତା ଟଙ୍କାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ପିଲାଙ୍କ ଦେହ ଖରାପ ହେଲେ ସେମାନଙ୍କୁ ଚିକିତ୍ସା ପାଇଁ ବହୁତ ହଇରାଣ ହେବାକୁ ପଡୁଛି। ସରକାରୀ ଯୋଜନା ଅସହାୟ ପରିବାର କାମରେ ଲାଗୁ ନାହିଁ। ମୃତକ ପରିବାରକୁ ବିଦ୍ୟୁତ ବିଭାଗ କିମ୍ବା ଜିଲା ପ୍ରଶାସନ କାହାରି ନିକଟରୁ ଟଙ୍କାଟିଏ ସହାୟତା ମିଳିପାରି ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ଏ ଦିଗରେ ମହେଶ୍ୱରପୁର ସରପଞ୍ଚ ସୁରେଶ ରାଉତଙ୍କୁ ପଚାରିବାରୁ, ପରିବାର ମଙ୍ଗଳ ଯୋଜନାରେ ଅର୍ଥ ମଞ୍ଜୁର ହୋଇଛି। ହିତାଧିକାରୀଙ୍କ ଆକାଉଣ୍ଟକୁ ତାହା ତୁରନ୍ତ ପଠାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ଧର୍ମଶାଳା, ୨୬।୧୧(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ଶଙ୍ଖାରିଡିହଠାରେ ସୋମବାର ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ କୁଆଖିଆ ଥାନା ଅନ୍ତର୍ଗତ ହାଟସାହି ଗ୍ରାମର କୁମ୍ଭକର୍ଣ୍ଣ ଲେଙ୍କା(୨୮)। ଏ ନେଇ ପୋଲିସ ଏକ ମାମଲା (୪୫୬/୧୮) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇ ଘଟଣାର ତଦନ୍ତ କରୁଛି। କୁମ୍ଭକର୍ଣ୍ଣ ଭୋର ସମୟରେ ଚଣ୍ଡିଖୋଲସ୍ଥିତ ନିଜ ଦୋକାନକୁ ମୋଟର ସାଇକେଲରେ ଭଣଜା ସତ୍ୟବ୍ରତ ସାହାଣୀଙ୍କ ସହିତ ଯାଉଥିଲେ। ଶଙ୍ଖାରିଡିହଠାରେ ଏକ (ଓଡି-୩୩.ଡି-୮୨୦୯) ଅଲଟୋ ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କୁମ୍ଭକର୍ଣ୍ଣଙ୍କର ମୃତ୍ୟୁ ହୋଇଥିଲା। ସତ୍ୟବ୍ରତଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### କିଡ୍‌ନୀ ରୋଗରେ ଦମ୍ପତି ଆକ୍ରାନ୍ତ

**ଡୁବୁରୀ, ୨୬।୧୧(ଡି.ଏନ୍.ଏ.):** ଦାନଗଦୀ ବ୍ଲକ ଅନ୍ତର୍ଗତ ଚାନ୍ଦିଆ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଜୟୀରାମ ତିଉ(୪୬) ଓ ସ୍ତ୍ରୀ ସୁଶିଳା (୪୨) କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଅର୍ଥାଭାବରୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଯାଇ ପାରୁ ନ ଥିବାରୁ ଚେରମୂଳି ଔଷଧରେ ଜୀବନ କାଟୁଛନ୍ତି। ତାଙ୍କର ୩ଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଏଭଳି ସ୍ଥିତିରେ ପରିବାର ଚଳାଇବା କଷ୍ଟକର ହୋଇପଡିଥିବା ଜୟୀରାମ କହିଛନ୍ତି । ୧୯୯୮ରୁ ୨୦୦୨ ଚାନ୍ଦିଆ ସମିତି ସଭ୍ୟ ଭାବେ ଜୟୀରାମ କାର୍ଯ୍ୟ କରିଛନ୍ତି ।

### ଟ୍ରେନ୍ ଲାଇନ୍‌ରେ ପଡି ମହିଳାଙ୍କ ମୃତ୍ୟୁ

**ଚଣ୍ଡିଖୋଲ/ଛତିଆ, ୨୬।୧୧(ଡି.ଏନ୍.ଏ.):** ବଡ଼ଚଣା ବ୍ଲକ ବୈରୀ ଥାନା ଅନ୍ତର୍ଗତ ପୂର୍ବତଟ ରେଳପଥର ବରୀ-ଠେଙ୍ଗଡ ଷ୍ଟେଶନ ନିକଟରେ ସୋମବାର ଟ୍ରେନ୍‌ରେ କଟି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। କଟକ ଜିଆରପି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ମୃତ ମହିଳାଙ୍କ ପରିଚୟ ମିଳି ପାରି ନ ଥିବା ଜଣାପଡିଛି। ମହିଳା ଜଣଙ୍କ ଏକ ପାସେଞ୍ଜର ଟ୍ରେନ୍‌ରେ କଟକରୁ ଧାନମଣ୍ଡଳ ଆସୁଥିଲେ। ବରୀ-ଠେଙ୍ଗଡ ଷ୍ଟେଶନରେ ଓହ୍ଲାଇ ରେଳଧାରଣା କଡରେ ବୈରୀ ଅଭିମୁଖେ ଯାଉଥିଲେ। ଏହି ସମୟରେ ପଛରୁ ଦ୍ରୁତଗତିରେ ଏକ ଟ୍ରେନ୍ ଆସୁଥିବା ଦେଖି ମହିଳା ଜଣଙ୍କ ଭାରସାମ୍ୟ ହରାଇ ରେଳ ଧାରଣା ଉପରେ ପଡିଯାଇଥିଲେ। ଟ୍ରେନ୍‌ଟି ମହିଳାଙ୍କ ଉପରେ ଚଢି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

■ ପାଣିକୋଇଲିରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି

# ଆରଡିସିଙ୍କୁ ଭେଟିଲା ଯାଜପୁର ୟୁଥ ଫୋରମ୍

**କୋରେଇ,୨୬।୧୧(ସ୍ୱ.ପ୍ର.)**



ଯାଜପୁର ୟୁଥ ଫୋରମ ପକ୍ଷରୁ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଅନୁଦାନରେ ଯାଜପୁର ଜିଲାରେ ହେବାକୁ ଥିବା ମେଡିକାଲ କଲେଜ ପାଣିକୋଇଲିଠାରେ ପ୍ରତିଷ୍ଠା ଦାବିରେ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦିଆଯାଇଥିବା ଗଣଧାରଣା ସୋମବାର ୧୫ ଦିନରେ ପହଞ୍ଚିଛି। ଏହି ଧାରଣାରେ ସ୍ଥାନୀୟ ଲୋକେ ସାମିଲ ହୋଇଥିଲେ। କଲେଜ ପ୍ରତିଷ୍ଠା ଦାବିରେ ସୋମବାର ଯାଜପୁର ୟୁଥ ଫୋରମ ପକ୍ଷରୁ ସମ୍ପାଦକ ରାକେଶ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜସ୍ୱ ଉନ୍ନୟନ କମିଶନର(ଆରଡିସି) ମହେନ୍ଦ୍ର କୁମାର ମଲ୍ଲିକଙ୍କୁ ଭେଟି ବିସ୍ତୃତ ଆଲୋଚନା କରିଛି । ପାଣିକୋଇଲି ୨ ରାଜପଥର ସଂଯୋଗସ୍ଥଳୀ, ଦୁର୍ଘଟଣା ପ୍ରବଣ, ବନ୍ୟାମୁକ୍ତ ଅଞ୍ଚଳ, ଗମନାଗମନର ସୁବିଧା, ଦେଶ ଓ ରାଜ୍ୟର ପ୍ରମୁଖ ସ୍ଥାନ, କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ହୋଇଥିବା ସହ ଏଠାରେ ପର୍ଯ୍ୟାପ୍ତ ସରକାରୀ ଜମି ଉପଲବ୍ଧ ଥିବାରୁ ପାଣିକୋଇଲିଠାରେ ମେଡିକାଲ କଲେଜ ସ୍ଥାପନ ହେବାର ଯୁକ୍ତି ଉପସ୍ଥାପନା କରାଯାଇଥିଲା । ଆରଡିସି ମଲ୍ଲିକ ସମସ୍ତ ଘଟଣାକୁ ସରକାରଙ୍କ ନିକଟରେ ପହଞ୍ଚାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ମାନସ ରାୟ, କପିଳେଶ୍ୱର ରଣା, ରମେଶ ସ୍ୱାଇଁ, ସୁଶାନ୍ତ ପରିଡା, ନିରାକାର ସ୍ୱାଇଁ, ସୁଶାନ୍ତ ରାୟ, ସୁନାକର ମଲ୍ଲିକ ପ୍ରମୁଖ ପ୍ରତିନିଧି ମଣ୍ଡଳୀରେ ଯୋଗ ଦେଇଥିଲେ। ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ, କୃଷକ ନେତା ବଳରାମ ସାହୁ, ନିର୍ମଳ ରଥ, ରତ୍ନାକର ପଣ୍ଡା, ବଟକୃଷ୍ଣ ସାହୁ, ବୈଷ୍ଣବ ସାହୁ, ନାରାୟଣ ସାହୁ ପ୍ରମୁଖ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

■ ସୁକିନ୍ଦା-ଅଶୋକଝରର ରାସ୍ତା ନିର୍ମାଣ

## ରାତିରେ ଚାଲିଛି କାମ

**କାଳିଆପାଣି, ୨୬।୧୧(ଡି.ଏନ୍.ଏ.)**

ସୁକିନ୍ଦା ଅଶୋକଝରର ପର୍ଯ୍ୟଟନସ୍ଥଳ ପର୍ଯ୍ୟନ୍ତ ରାସ୍ତା କାମରେ ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଗତ ଗୁରୁବାର ସ୍ଥାନୀୟ ଅଞ୍ଚଳର ହରିଡାବାହାଲି, ଆମ୍ବଦୁଲ ଓ ପ୍ରଧାନସାହିର ବାସିନ୍ଦା ନିମ୍ନମାନର କାମକୁ ବିରୋଧ କରିଥିଲେ । ଏହାକୁ ଦୃଷ୍ଟିରେ ରଖି ଠିକାସଂସ୍ଥା ୨ ଦିନ ରାସ୍ତା କାମ ବନ୍ଦ ରଖିଥିଲେ। ସୋମବାର ପୁନର୍ବାର କାମ ଆରମ୍ଭ କରିଥିବାବେଳେ ନିମ୍ନମାନର କାମକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିବାରୁ ଠିକାଦାର ଦିନରେ ରାସ୍ତା କାମ ବନ୍ଦ କରି ରାତିରେ ଆରମ୍ଭ କରିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସୁକିନ୍ଦାଠାରୁ ଅଶୋକଝରର ପର୍ଯ୍ୟନ୍ତ ୧୦ କିମି ରାସ୍ତାକୁ ୫.୫ ମିଟରରୁ ୭ମିଟର ପର୍ଯ୍ୟନ୍ତ ପ୍ରଶସ୍ତୀକରଣ ନିମନ୍ତେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଟେଣ୍ଡର ପ୍ରକ୍ରିୟା କରାଯାଇଥିଲା। ଏଥିପାଇଁ ୧୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ଏହାର କାର୍ଯ୍ୟାଦେଶ ପାଇଥିବା ଠିକା ସଂସ୍ଥା ନିମ୍ନମାନର କାମ କରୁଥିବା ଗ୍ରାମବାସୀ କହିଛନ୍ତି। ଦିନରେ ଗ୍ରାମବାସୀଙ୍କ ବିରୋଧ କରିବାରୁ ରାତିରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ୫ରୁ ୭ ଟ୍ରିପ୍ ହାଇୱାରେ ୧୪୦ ଟନ୍ ପିଚୁ ସମ୍ପୃକ୍ତ ରାସ୍ତାରେ ପକାଯାଇଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପାଣିକୋଇଲି ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ମନୋଜ ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ତାଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

## ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଲୋଗୋ ଉନ୍ମୋଚିତ

**ଧର୍ମଶାଳା, ୨୬।୧୧(ଡିଏନଏ)**

ଧର୍ମଶାଳା ବ୍ଲକ ଅଚ୍ୟୁତପୁରସ୍ଥିତ ଦାମୋଦର ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ସୋମବାର ବିଦ୍ୟାଳୟ ପରିସରରେ ଏହାର ଲୋଗୋ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବ୍ରଜମୋହନ ସାମଲ ଯୋଗଦେଇ ଲୋଗୋକୁ ଉନ୍ମୋଚନ କରିଥିଲେ। ଜୟନ୍ତୀ କମିଟିର ସଭାପତି ଦେବେନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାଜକିଶୋର ପାଢୀ, ସମ୍ମାନିତ ଅତିଥି ଭାବେ ବଟକୃଷ୍ଣ ମହାନ୍ତି, ରତ୍ନାକର ନାୟକ, ନରହରି ପ୍ରଧାନ ଓ ଜଗବନ୍ଧୁ ସ୍ୱାଇଁ, ପ୍ରଧାନ ଶିକ୍ଷୟିତ୍ରୀ ବାଣୀବଲ୍ଲରୀ ଦାସ, କୁଳମଣି ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ମଦନ ମୋହନ ରାଉତ, ନରେନ୍ଦ୍ର ରାଉତ, ଭଗବାନ ସାହୁ, ପ୍ରଭାକର ସାହୁ ଓ ନୀଳମଣି ପରିଡା ପ୍ରମୁଖ ମତବ୍ୟକ୍ତ କରିଥିଲେ। ଜୟନ୍ତୀ କମିଟି ସମ୍ପାଦକ ତପନ କିଶୋର ଷଡଙ୍ଗୀ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଦିନବନ୍ଧୁ କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଗ୍ରାମ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ରମଣୀ ରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ର, ଜୟନ୍ତୀ କମିଟି କର୍ମକର୍ତ୍ତା ଓ ପୁରାତନ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ।

■ ବ୍ୟାଡ୍‌ମିଣ୍ଟନ ଖେଳକୁ ନେଇ ଗୋଷ୍ଠୀ ସଂଘର୍ଷ

## ଥାନାର ଦ୍ୱାରସ୍ଥ ହେଲେ ୨ଗୋଷ୍ଠୀ

**କଳିଙ୍ଗନଗର, ୨୬।୧୧(ଡି.ଏନ୍.ଏ.)**

ଜଖପୁରା ଥାନା ଅନ୍ତର୍ଗତ ଜଖପୁରା ଗ୍ରାମରେ ବ୍ୟାଡ୍‌ମିଣ୍ଟନ ଖେଳକୁ ନେଇ ରବିବାର ଗୋଷ୍ଠୀ ସଂଘର୍ଷ ହୋଇଥିଲା। ସୋମବାର ଉଭୟ ଗୋଷ୍ଠୀ ପକ୍ଷରୁ ଜଖପୁରା ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଏ ନେଇ ପୋଲିସ ୨ଟି ପୃଥକ୍ ମାମଲା (୯୦/୨୦୧୮ ଏବଂ ୯୧/୨୦୧୮) ରୁଜୁ କରି ତଦନ୍ତ ଚଳାଇଛି। ଘଟଣାପରେ ଅଭିଯୁକ୍ତମାନେ ଫେରାର ଥିବାରୁ ପୋଲିସ କାହାରିକୁ ଗିରଫ କରିପାରି ନାହିଁ। ବ୍ୟାଡ୍‌ମିଣ୍ଟନ ଖେଳ ଚାଲିଥିବା ସମୟରେ ଗ୍ରାମର ୨ ଗୋଷ୍ଠୀ ମଧ୍ୟରେ କୌଣସି ଏକ କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁବ୍ରତ ନାୟକ, ସନ୍ଦୀପ ନାୟକ, ଜ୍ୟୋତିର୍ମୟ ଧଳ, ଶିବ ସାମଲ, ପୂର୍ଣ୍ଣ ରାଉତଙ୍କ ସମେତ ଅନ୍ୟମାନେ ଅଭିଷେକ ସାମଲଙ୍କ ସହ ତାଙ୍କ ସାଙ୍ଗମାନଙ୍କୁ ମାଡ଼ ମାରିଥିଲେ । ଏହି ଘଟଣାରେ ୩ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଅଭିଷେକ ଥାନାରେ ଅଭିଯୋଗ କରିଛନ୍ତି। ଏହିପରି ପ୍ରସନ୍‌ଜିତ ନାୟକ, ପ୍ରୀତିଜିତ ନାୟକ, ଲାଲା ସାମଲ, ଅଶୋକ ସିଅ ପ୍ରମୁଖ ସତ୍ୟବ୍ରତ ଧଳଙ୍କୁ ମାଡ ମାରିଥିବା ସତ୍ୟବ୍ରତ ଥାନାରେ ଅଭିଯୋଗ କରିଛନ୍ତି।

## ଅକ୍ସିଜେନ୍ ଯୋଗାଣ ବ୍ୟାହତ

**ଚଣ୍ଡିଖୋଲ, ୨୬।୧୧(ଡି.ଏନ୍.ଏ.)**

**ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ଯାଜପୁର ଜିଲା ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଣରେ ବ୍ୟାହତ ହୋଇଛି। ଗତ ୧ ସପ୍ତାହ ହେବ ପରିବହନ ଗାଡ଼ିର ଅଭାବ ଯୋଗୁ ଅକ୍ସିଜେନ୍ ଯୋଗାଣ ଠିକ୍ ଭାବେ ହୋଇପାରୁ ନାହିଁ। ଫଳରେ ଡ଼ାକ୍ତରଖାନାରେ ପୂର୍ବରୁ ମହଜୁଦ ଥିବା ଅକ୍ସିଜେନ୍ ସିଲିଣ୍ଡର ସରିଯାଇଥିବା ଜଣାପଡିଛି। ଜାତୀୟ ରାଜପଥ କଡ଼ରେ ସ୍ୱାସ୍ଥ୍ୟକେନ୍ଦ୍ରଟି ଅବସ୍ଥିତ ଥିବାରୁ ଦୈନନ୍ଦିନ ବିଭିନ୍ନ ସ୍ଥାନରୁ ଶତାଧିକ ରୋଗୀ ଭର୍ତ୍ତି ହୋଇଥାନ୍ତି। ଏଭଳିସ୍ଥିତିରେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଣ ନ ହେଲେ ପରିସ୍ଥିତି ସଙ୍ଗିନ ହେବାର ଆଶଙ୍କା ସୃଷ୍ଟି ହୋଇଛି। ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜିଲା ମୁଖ୍ୟାଳୟରୁ ନିୟମିତଭାବେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଣ କରାଯାଇଥାଏ । ଏକ ସପ୍ତାହ ହେବ ପରିବହନ ଗାଡି ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିମାଇଁ ଚରଣ ନାୟକଙ୍କୁ ପଚାରିବାରୁ ଗତ ସପ୍ତାହରେ ଅକ୍ସିଜେନ୍ ସିଲିଣ୍ଡର ଯୋଗାଣ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

With Best Compliments From :
ଇଣ୍ଡିୟନଆୟଲ IndianOil
M/s. BARIPADA FUELS
Authorised Dealer :
Indian Oil Corporation Ltd.
Murgabadi Golei, Baripada, Mayurbhanj

ପାତ୍ର ଜୁଏଲାରୀ
ଲକ୍ଷ୍ମୀ ମାର୍କେଟ୍, (ବସ୍ ଷ୍ଟାଣ୍ଡ), ଜାରକା, ଯାଜପୁର
ପ୍ରୋ: ଶରତ ଚନ୍ଦ୍ର ପାତ୍ର
ଆଜି ହିଁ ପଦାର୍ପଣ କରନ୍ତୁ
ଅତ୍ୟାଧୁନିକ ଡିଜାଇନର
୨୨ କ୍ୟାରେଟ୍ ଖାଣ୍ଟି
ଗିନି ସୁନା ଓ ରୁପାର
ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ମାଁ ବରାଳଦେବୀ ଅଟୋମୋବାଇଲସ୍ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
Mahindra Rise.
ଚାଷୀଭାଇଙ୍କର ଆଶା ଓ ଭରସା
ମହିନ୍ଦ୍ରା ଟ୍ରାକ୍ଟର ନଂ-୧ ଟ୍ରାକ୍ଟର
ସହଜ ଋଣ ଉପଲବ୍ଧ
ଆକର୍ଷଣୀୟ ଉପହାର
ମାଁ ବରାଳଦେବୀ ଅଟୋମୋବାଇଲସ୍
ଏଫ୍.ସି.ଆଇ. ଛକ, ଭୁବନେଶ୍ୱର ରୋଡ଼, ଫୁଲବାଣୀ, କନ୍ଧମାଳ
ଯୋଗାଯୋଗ ଠିକଣା: 06842-154520 (ଅଫିସ), 9337097677
ବ୍ରାଞ୍ଚ ଅଫିସ୍: ବାଲିଗୁଡ଼ା (ଦଣ୍ଡପଦର), ଯୋଗାଯୋଗ: 8480206408
ଦାରିଙ୍ଗବାଡ଼ି (ବସ୍‌ଷ୍ଟାଣ୍ଡ ପାଖ), ଯୋଗାଯୋଗ: 8280333361, 6371777496

With Best Compliments Froms :
ADITYA HERO, BAISINGA (Mayurbhanj)
6371171881

With Best Compliments From-
Sj. Umakanta Nayak
Inspector Incharge, Dharmasala Police Station
AMA POLICE
Dharmasala, Jajpur

With Best Compliments From-
Akshya Kumar Nayak
(Managing Partner)
M/S. BHUBANESWARI CONSTRUCTION
At: Bhuban, PO: Dharmasala, Dist: Jajpur-755008, Office at: Jaraka, Jajpur-755050
Land Line: 06725-273206, Mob: 9437170506, 9437088393, E-mail: bhubaneswariconstruction@gmail.com

With Best Compliments From-
M/S. P.C.R. FILLING STATION
NUAGAON, JARAKA, DIST.- JAJPUR
Bharat Petroleum
Authorised Dealer-
BHARAT PETROLEUM
ଏଠାରେ ଶୁଦ୍ଧ ପେଟ୍ରୋଲ ଓ ଡିଜେଲ ପକାଇ ମାଇଲେଜ୍ ବଢ଼ାନ୍ତୁ।

With Best Compliments From-
PREMIER ROCK PRODUCTS PVT. LTD.
Dankari, Dharmasala, Jajpur (Odisha)
ଏଠାରେ ଉନ୍ନତ ଧରଣର କଳା ପଥର, ଚିପ୍‌ସ, ମେଟାଲ, ବଜୁରି, ସୁଲଭ ମୂଲ୍ୟରେ ମିଳେ।

With Best Compliments From-
The best time to plant a tree just now.
A WELL WISHER
Dharmasala, Jajpur

With Best Compliments From-
M/S. MAMALI FILLING STATION
M/S. ASUTOSH CONSTRUCTION
Kaima, Dharmasala, Jajpur
Porp.:
SARAT KUMAR NAYAK
Authorised Dealer-
BHARAT PETROLEUM
Bharat Petroleum
ଏଠାରୁ ଶୁଦ୍ଧ ତେଲ ପକାଇ ଗାଡ଼ିର ମାଇଲେଜ୍ ବଢ଼ାନ୍ତୁ

With Best Compliments From-
Sj. Susanta Kumar Das
Inspector Incharge, Jenapur, Police Station
AMA POLICE
Jenapur, Jajpur

With Best Compliments From-
SAVE FOREST LOVE INDUSTRY
Ratikant Samal
President
Depak Kumar Behera
Joint Secretary
SAW MILL CLUSTER
ODISHA WOOD BASED INDUSTRIES COUNCIL
Jaraka Industrial Estate, Dharmasala, Jajpur

## ସଂକ୍ଷେପରେ

### ପୋଡ଼ିହୋଇ ମହିଳା ଗୁରୁତର

**ଦଶପଲ୍ଲା,୨୬।୧୧(ଡି.ଏନ.ଏ.):** ରୋଷେଇ କରିବାବେଳେ ଗ୍ୟାସ ନିଆଁରେ ପୋଡ଼ିହୋଇ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ବାଣିଗୋଚ୍ଛା ପଞ୍ଚାୟତ ବଡାଙ୍ଗା ଗ୍ରାମର କୃପାସିନ୍ଧୁ ଦେହୁରୀଙ୍କ ସ୍ତ୍ରୀ ନମିତା ଦେହୁରୀ। ନମିତା ରୋଷେଇ କରିବା ପାଇଁ ଗ୍ୟାସ ଖୋଲିଦେଇ ଲାଇଟର ମାରିଥିଲେ। ମାତ୍ର ଲାଇଟର କାମ ନ କରିବାରୁ ଦିଆସିଲି ଆଣି ମାରିବା ସମୟରେ ଗ୍ୟାସ ଚାରିଆଡେ ବ୍ୟାପି ଯାଇଥିଲା। ଦିଆସିଲି ମାରିବା ମାତ୍ରେ ନିଆଁ ମଧ୍ୟ ବ୍ୟାପି ଯାଇଥିଲା। ଫଳରେ ନିଆଁ ଲାଗି ନମିତାଙ୍କ ଶରୀରର କିଛି ଅଂଶ ପୋଡିଯାଇଛି। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଛନ୍ତି। ସେ ଚିକିତ୍ସାଧୀନ ଅଛନ୍ତି।

### ଦେଶୀମଦ ଜବତ, ୨ ଜେଲ ଗଲେ

**ରଣପୁର,୨୬।୧୧ (ସ୍ୱ.ପ୍ର.):** ରଣପୁର ଅବକାରୀ ବିଭାଗ ସୋମବାର ପୃଥକ୍ ସ୍ଥାନରେ ଚଢାଉ କରି ୨୨ଲିଟର ଦେଶୀମଦ ଜବତ ସହିତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ଗିରଫ ଦ୍ୱୟ ହେଲେ ମଝିଆଖଣ୍ଡ ପଞ୍ଚାୟତ ମଧୁପୁର ଗ୍ରାମର କୃଷ୍ଣଚନ୍ଦ୍ର ପ୍ରଧାନ ଓ ସୁରୁକାବାଡି ପଞ୍ଚାୟତ କାସନ୍ଦା ଗ୍ରାମର ବସନ୍ତ କୁମାର ସାହୁ। ଏ ନେଇ ଅବକାରୀ କାର୍ଯ୍ୟାଳୟରେ ୪୮ ଓ ୪୯/୧୮ରେ ୨ଟି ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ରଣପୁର ଅଞ୍ଚଳର ବିଭିନ୍ନ ଗ୍ରାମ ଓ ଜଙ୍ଗଲରେ ବେପାରୀମାନେ ବେଆଇନ ଭାବେ ଦେଶୀମଦ ରାନ୍ଧି ସେଠାରୁ ବିଭିନ୍ନ ଅଞ୍ଚଳକୁ ଚାଲାଣ କରିଥାନ୍ତି। ସୋମବାର ଜଙ୍ଗଲରେ ମଦ ରାନ୍ଧି ଅଭିଯୁକ୍ତମାନେ ବିକ୍ରି କରିବା ପାଇଁ ଗ୍ରାମକୁ ଆଣୁଥିଲା ବେଳେ ବିଶେଷ ସୂତ୍ରରୁ ଖବରପାଇ ରଣପୁର ଅବକାରୀ ଅଧିକାରୀ କୁମର ଚନ୍ଦ୍ର ପଟ୍ଟନାୟକ ଓ କର୍ମଚାରୀମାନେ ସେମାନଙ୍କୁ ଧରିଥିଲେ । କୃଷ୍ଣଚନ୍ଦ୍ରଙ୍କଠାରୁ ୨ଟି ଜାରକିନରେ ଥିବା ୧୮ଲିଟର ଓ ବସନ୍ତଙ୍କଠାରୁ ୪ ଲିଟର ଦେଶୀମଦ ଜବତ କରାଯାଇଥିଲା।

### ଆଇନ ଦିବସ ପାଳିତ ସମାଜର ଶୃଙ୍ଖଳା ପାଇଁ ଆଇନର ଆବଶ୍ୟକତା ରହିଛି

**ଦଶପଲ୍ଲା,୨୬।୧୧(ଡି.ଏନ.ଏ):** ସ୍ଥାନୀୟ ତାଲୁକ ଆଇନ ସେବା କମିଟି ପକ୍ଷରୁ ଦଶପଲ୍ଲା କୋର୍ଟ ପରିସରରେ ଆଇନ ଦିବସ ପାଳିତ ହୋଇଯାଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଜେଏମ୍ଏଫ୍ସି ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦଶପଲ୍ଲା କୋର୍ଟର ଦୁଇ ଓକିଲ ସଂଘର ଆଇନଜୀବୀ ଯୋଗଦେଇଥିଲେ। ଅଧ୍ୟକ୍ଷ ସାହୁ ଆଇନ ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମାଜର ଶୃଙ୍ଖଳା ପାଇଁ ଆଇନର ଆବଶ୍ୟକତା ରହିଛି ବୋଲି ଆଇନଜୀବୀମାନେ ମତବ୍ୟକ୍ତ କରିଥିଲେ।

### ଶରଣକୁଳ ଜୋନ୍‌ରେ କଂଗ୍ରେସ କର୍ମୀ ସମ୍ମିଳନୀ

**ନୟାଗଡ଼ ଅଫିସ,୨୬।୧୧:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ୩ ନମ୍ବର ଶରଣକୁଳ ଜିଲାପରିଷଦ ଜୋନ୍ ପକ୍ଷରୁ କଂଗ୍ରେସର ଏକ କର୍ମୀ ସମ୍ମିଳନୀ ଶରଣକୁଳ ଡାକବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଜୋନ୍ ସଭାପତି ବିମଳ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଉମାରାଣୀ ପାଣି, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, ରଣପୁର ଜୋନ୍ ସଭାପତି ବିପିନ୍ ବିହାରୀ ନାୟକ, ରଣପୁର ବ୍ଲକର ପୂର୍ବତନ ସଭାପତି ଧ୍ରୁବଚରଣ ପରିଡ଼ା ଯୋଗଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଚାଷୀମାରଣ ନୀତି ଓ ବିଭିନ୍ନ ଦୁର୍ନୀତିମୂଳକ କାର୍ଯ୍ୟକୁ କଟୁ ସମାଲୋଚନା କରିଥିଲେ। ଏହା ବ୍ୟତୀତ ଦଳର ସାଙ୍ଗଠନିକ କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। ଦଳ କିପରି ମଜଭୁତ ହୋଇପାରିବ ସେ ବିଷୟରେ ମଧ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରମୋଦ କୁମାର ରାଉତ, ବନିତା ସ୍ୱାଇଁଙ୍କ ସମେତ ଜୋନ୍‌ରେ ଥିବା ୭ଟି ପଞ୍ଚାୟତର ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ଡିସେମ୍ବର ୨୧ରେ କିଣାଯିବ ଧାନ

**ନୟାଗଡ଼ ଅଫିସ,୨୬।୧୧**



ଜଣେ ଚାଷୀ ବିଲରୁ ଧାନ ସଂଗ୍ରହ କରି ନେଉଛନ୍ତି।

- ଖାଲିପଡ଼ିଛି ୨ ଏସିଏସ୍ଓ ଓ ୩ ଏମ୍ଆଇ ପଦବୀ
- ମିଲର ନେବେନି ଧାନ
- ଧାନ କିଣାରେ ଦେଖାଯାଇପାରେ ବ୍ୟାଘାତ

ନୟାଗଡ଼ ଜିଲାରେ ଚଳିତବର୍ଷ ଡିସେମ୍ବର ୨୧ ତାରିଖରେ ଧାନ କିଣା ହେବ। ୧୫୪ଟି ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ୧୮ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି। ହେଲେ ମିଲରମାନଙ୍କ ଅସହଯୋଗ ଯୋଗୁ ଧାନ ସଂଗ୍ରହରେ ବ୍ୟାଘାତ ସୃଷ୍ଟି ହେବାର ଆଶଙ୍କା ରହିଛି। ଯଦି ମିଲରମାନେ ଧାନ ସଂଗ୍ରହ ନ କରନ୍ତି ତେବେ ଏତେସଂଖ୍ୟକ ଧାନ କେଉଁଠି ରହିବ ତାହା ଏବେ ଯୋଗାଣ ବିଭାଗକୁ ଚିନ୍ତାରେ ପକାଇଛି। ଜିଲାରେ ଥିବା ୧୫୪ଟି ପ୍ୟାକ୍ସ ମଧ୍ୟରୁ ଅଧିକାଂଶ ପ୍ୟାକ୍ସର ଧାନ ସଂଗ୍ରହ କରି ରଖାଯିବାର ସ୍ଥାନ ନାହିଁ। କେଉଁ ପ୍ୟାକ୍ସ ଆଜବେଷ୍ଟ ଘରେ ଚାଲୁଛି ତ ଆଉ କେଉଁ ପ୍ୟାକ୍ସର ଛାତ ଜରାଜୀର୍ଣ୍ଣ ହୋଇପଡ଼ିଲାଣି। ଅନ୍ୟପକ୍ଷେ ବିଭାଗରେ ଅଧିକାରୀ ପଦବୀ ଖାଲି ପଡ଼ିବା ମଧ ଧାନ କିଣାରେ ବ୍ୟାଘାତ ଦେଖାଯାଇପାରେ। ଜିଲାରେ ଦୁଇଜଣ ଏସିଏସ୍ଓ (ସହକାରୀ ଯୋଗାଣ ଅଧିକାରୀ) ଓ ୩ଟି ଏମ୍ଆଇ (ମାର୍କେଟିଂ ଇନ୍ସପେକ୍ଟର) ପଦବୀ ଖାଲି ପଡ଼ିଛି। ଜଣେ ଏସିଏସ୍ଓଙ୍କ ୩ ମାସ ତଳେ ବଦଳି ହୋଇଯାଇଥିବା ବେଳେ ଅଧିକାରୀ ନ ଥିବାରୁ ତାଙ୍କୁ ରିଲିଭ୍ କରାଯାଇପାରୁନାହିଁ। ସେହିଭଳି ଜିଲାର ୮ଟି ବ୍ଲକରୁ ୨ଟି ବ୍ଲକ ଓ ଗୋଟିଏ ଏନ୍ଏସିରେ ଏମ୍ଆଇ ପଦବୀ ଖାଲି ପଡ଼ିଛି। ଗଣିଆ, ଖଣ୍ଡପଡ଼ା ବ୍ଲକ ଓ ନୟାଗଡ଼ ଏନ୍ଏସିରେ ଏମ୍ଆଇ ପଦବୀ ଖାଲି ପଡ଼ିଛି। ଦଶପଲ୍ଲା ଏମ୍ଆଇ ଗଣିଆ, ଭାପୁର ଏମ୍ଆଇ ଖଣ୍ଡପଡ଼ା ଓ ନୟାଗଡ଼ ବ୍ଲକ ଏମ୍ଆଇ ନୟାଗଡ଼ ଏନ୍ଏସିର ଦାୟିତ୍ୱ ତୁଲାଉଛନ୍ତି। ଦୁଇଟି ବ୍ଲକରେ ଅଧିକାରୀମାନେ ଦାୟିତ୍ୱ ତୁଲାଇବାରୁ ଅଧିକାଂଶ ସ୍ଥାନରେ ଠିକ୍ ଭାବେ କାମ ହୋଇପାରୁ ନ ଥିବା ଦେଖିବାକୁ ମିଳୁଛି, ଯାହାକି ଧାନ କିଣା ସମସ୍ୟା ଗୁରୁତର ରୂପ ନେଇପାରେ।

ପ୍ରକାଶ ଯେ, ଚୁକ୍ତି (ଏଗ୍ରିମେଣ୍ଟ) ପୂର୍ବରୁ ବକେୟା ଟଙ୍କା କ୍ଲିୟର କରିବା, ସରକାର ମିଲରମାନଙ୍କୁ କେଉଁ କେଉଁ କାମ ପାଇଁ କେତେ ଟଙ୍କା ଦେବେ ତାହା ସେମାନଙ୍କୁ ଚୁକ୍ତି ପୂର୍ବରୁ ଜଣାଇଦେବା ଭଳି ଦାବିନେଇ ଚଳିତ ବର୍ଷ ସରକାରଙ୍କ କଷ୍ଟମ ମିଲିଙ୍ଗରେ ଭାଗ ନେବେ ନାହିଁ ନୟାଗଡ଼ ଜିଲା ମିଲର୍ସ ସଂଘ। ତେବେ ଚାଷୀମାନଙ୍କ ଧାନ କିଣି ସରକାର କେଉଁଠି ରଖିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂର୍ବବର୍ଷ ୧୫୫ଟି ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ରୁ ୮ ଲକ୍ଷ ୮୭ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯାଇଥିଲା। ଏ ନେଇ ଜିଲା ଯୋଗାଣ ଅଧିକାରୀ ବିକ୍ରମ କୁମାର ମାଝି କୁହନ୍ତି ମିଲ୍ରମାନେ ଧାନ ସଂଗ୍ରହ କରିବେ ନାହିଁ ବୋଲି ସରକାରଙ୍କଠାରେ ଜଣାଇଛନ୍ତି। ସରକାର ଯାହା ନିଷ୍ପତ୍ତି ନେବେ ତାହା ହେବ ବୋଲି ପ୍ରକାଶ କରିଥିଲେ। ସେହିଭଳି ଅଧିକାରୀ ପଦବୀ ଖାଲି ଥିବା ନେଇ ସେ ବିଭାଗକୁ ଜଣାଇଥିବା ମାଝି ପ୍ରକାଶ କରିଥିଲେ।

# ବିଜୁ ଯୁବବାହିନୀ ପକ୍ଷରୁ ଗଣଦୌଡ଼




ବିଜୁ ଯୁବବାହିନୀ ପକ୍ଷରୁ ନୟାଗଡ଼ ବ୍ଲକରେ ଗଣଦୌଡ଼।

**ନୟାଗଡ଼ ଅଫିସ,୨୬।୧୧**

ବିଜୁ ଯୁବବାହିନୀ ପକ୍ଷରୁ ନୟାଗଡ଼ ବ୍ଲକରେ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ବାହିନୀର ଆହ୍ୱାନକ୍ରମେ ନୟାଗଡ଼ ବ୍ଲକର ପ୍ରତି ପଞ୍ଚାୟତରେ ଏହି ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଂଯୋଜକ ଦୁର୍ଯ୍ୟୋଧନ ବେହେରାଙ୍କ ନେତୃତ୍ୱରେ ହକି ପୁରୁଷ ବିଶ୍ୱକପ୍‌ର ପ୍ରଚାର ପ୍ରସାର ପାଇଁ ୨୯ ପଞ୍ଚାୟତରେ ଗଣଦୌଡ଼ ହୋଇଥିଲା। ଏଥିରେ ବହୁ ସଂଖ୍ୟକ ଯୁବକ ଯୋଗ ଦେଇଥିଲେ। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପରିପ୍ରେକ୍ଷୀରେ ବିଜୁ ଯୁବବାହିନୀ ପକ୍ଷରୁ ଜନସାଧାରଣଙ୍କୁ ରାଜ୍ୟ ସରକାରଙ୍କ ନିଷ୍ଠାପର ଉଦ୍ୟମ ଓ କ୍ରୀଡ଼ା କ୍ଷେତ୍ରରେ ସ୍ୱତନ୍ତ୍ର ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ଏହି ଗଣ ଦୌଡ଼ କରାଯାଇଥିବା ବେହେରା ପ୍ରକାଶ କରିଛନ୍ତି। ମଙ୍ଗଳବାର ପ୍ରତି ପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟ ଓ ବିଭିନ୍ନ ଗ୍ରାମର ଖେଳପଡ଼ିଆରେ ଏଲ୍ଇଡି ଟିଭି ଓ ପ୍ରୋଜେକ୍ଟର ମାଧ୍ୟମରେ ବିଶ୍ୱକପ୍‌ର ଉଦ୍‌ଘାଟନ ଉତ୍ସବକୁ ଦେଖିବା ପାଇଁ ପ୍ରକାଶ କରିଛନ୍ତି।

■ ବେଆଇନ ରାସ୍ତା ଅବରୋଧ ଗ୍ରାମବାସୀଙ୍କୁ ମହଙ୍ଗା ପଡ଼ିଲା

# ୨୦ରୁ ଊର୍ଦ୍ଧ୍ୱଙ୍କ ନାମରେ ଥାନାରେ ମାମଲା

**ରଣପୁର,୨୬।୧୧(ସ୍ୱ.ପ୍ର.)**

ରଣପୁର ଡାକ୍ତରଖାନାରେ ଜଣେ ରୋଗୀ ମୃତ୍ୟୁକୁ ନେଇ ରାସ୍ତାରୋକୋ କରିବା ଗ୍ରାମବାସୀଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ଏ ନେଇ ରଣପୁର ଥାନାରେ ୨୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ମାମଲା (ନଂ.୨୩୮/୧୮) ରୁଜୁକରାଯାଇଛି। ପ୍ରକାଶ ଯେ, ରଣପୁର ସରକାରୀ ଡାକ୍ତରଖାନାରେ ଗତ ଶନିବାର ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ କେନ୍ଦ୍ରକରି ରବିବାର ସକାଳେ ପରିବାର ଲୋକଙ୍କ ସହିତ ଗ୍ରାମର ୨ଶହ ଲୋକ ଡାକ୍ତରଖାନା ଛକର ସୁନାଖଳା ଚାନ୍ଦପୁର ମୁଖ୍ୟରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଏଥିଯୋଗୁ ପ୍ରାୟ ୫ଘଣ୍ଟାଧରି ଉକ୍ତ ରାସ୍ତାରେ କୌଣସି ଯାନବାହନ ଯାତାୟାତ କରିପାରି ନ ଥିଲା। ସାଧାରଣ ଲୋକମାନେ ମଧ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଏହାକୁ ଦୃଷ୍ଟିରେ ରଖି ପୋଲିସ ତରଫରୁ ପଦକ୍ଷେପ ନିଆଯାଇଛି । ଥାନାରେ ମାମଲା ରୁଜୁ ହେବା ପରେ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି।

# ଓଡ଼ଗାଁରେ ଆଦର୍ଶ ଥାନା ଉଦ୍‌ଘାଟିତ

**ଓଡ଼ଗାଁ,୨୬।୧୧(ସ୍ୱ.ପ୍ର.)**



ମଞ୍ଚାସୀନ ଅତିଥି ଓ ଉଦ୍‌ବୋଧନ ଦେଉଛନ୍ତି ରଣପୁର ବିଧାୟକ।

ରାଜ୍ୟରେ ସୋମବାର ବିଭିନ୍ନ ଜିଲାରେ ୩୫ ଆଦର୍ଶ ଥାନା ଉଦ୍‌ଘାଟିତ ହୋଇଥିବା ବେଳେ ସେଥିମଧ୍ୟରୁ ୮ ଥାନାକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏପରିସ୍ଥଳେ ନୟାଗଡ ଜିଲାର ଏକମାତ୍ର ଓଡଗାଁ ଥାନାକୁ ରାଜ୍ୟ ସରକାର ଆଦର୍ଶ ଥାନା ଭାବେ ପରିଗଣିତ କରିଛନ୍ତି। ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ଓ ଜିଲା ଆରକ୍ଷୀ ଅଧୀକ୍ଷକ ଶଶିଭୂଷଣ ଶତପଥୀ ଏହାକୁ ଲୋକାର୍ପିତ କରିଛନ୍ତି। ଏହି ଅବସରରେ ଥାନା ପରିସରରେ ସୁବଳ ମହାରଣାଙ୍କ ଦ୍ୱାରା ନିର୍ମିତ ବାଲୁକା କଳାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଶରଣକୁଳ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ନାରାୟଣ ଚନ୍ଦ୍ର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରଣପୁର ବିଧାୟକ ମହାପାତ୍ର ମୁଖ୍ୟ ଅତିଥି, ଜିଲା ଆରକ୍ଷୀ ଅଧୀକ୍ଷକ ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସାହାଣୀ, ଜିଲା ପରିଷଦ ସଦସ୍ୟ(୧) ଲୋକନାଥ ସାହୁ, ଜିଲା ପରିଷଦ ସଦସ୍ୟ(୨) ବିଭୁପ୍ରସାଦ ସାହୁ ଓ ସିଡିଏମଓ ଫଣୀନ୍ଦ୍ର ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାହାଣୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଆଦର୍ଶ ଥାନାର ମୂଳ ଲକ୍ଷ୍ୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ପୋଲିସ,ପ୍ରଶାସନ, ଜନସାଧାରଣଙ୍କ ସମ୍ପର୍କ ଦୃଢ଼ୀଭୂତ କରିବା ସହିତ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରିବା ହିଁ ଆଦର୍ଶ ଥାନାର ଉଦ୍ଦେଶ୍ୟ ବୋଲି ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ମତବ୍ୟକ୍ତ କରିଥିଲେ। ସେହିପରି ଅନ୍ୟତମ ଅତଥିଭାବେ ରଘୁନାଥ ହସ କ୍ଲବ ସଭାପତି ତଥା ବରିଷ୍ଠ ନାଗରିକ ବସନ୍ତ କୁମାର ମିଶ୍ର ଓ ଅଶୋକ କୁମାର ମହାପାତ୍ର ଯୋଗଦେଇଥିଲେ। ସ୍ଥାନୀୟ ଥାନାକୁ ଗୋଟିଏ ପିସିଆର ଭ୍ୟାନ ସହିତ ଅଧିକ ଦୁଇଟି ବାଇକ ଓ ଦୁଇରୁ ତିନି ଜଣ ପୋଲିସ ଅଧିକାରୀ ଏବଂ ଆବଶ୍ୟକ ଷ୍ଟାଫ୍ ଯୋଗାଇ ଦିଆଯିବ ବୋଲି ଆମ ପ୍ରତିନିଧିଙ୍କୁ ଏସପି ସୂଚନା ଦେଇଥିଲେ । ଥାନା ସମ୍ମୁଖରେ ଅତ୍ୟାଧୁନିକ କ୍ଲୋଜ ସର୍କିଟ କ୍ୟାମେରା ଲଗାଯିବାର ବନ୍ଦୋବସ୍ତ କରାଯିବ ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପୋଲିସ ମୁଖ୍ୟାଳୟ ସହ ଆରକ୍ଷୀ ଅଧିକ୍ଷକ ସଂଗ୍ରାମ କେଶରୀ ବେହେରା, ଜିଲା ଆଇୟୁସିଏଡବ୍ଲୁ ସହ ଆରକ୍ଷୀ ଅଧୀକ୍ଷକ ରାମଚନ୍ଦ୍ର ସାହୁ, ଶରଣକୁଳ ଥାନା ଆରକ୍ଷୀ ନିରୀକ୍ଷକ ମନୋଜ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସ୍ଥାନୀୟ ଆଦର୍ଶ ଥାନା ଅଧୀନରେ ସମସ୍ତ ବରିଷ୍ଠ ନାଗରିକଙ୍କ ସୁରକ୍ଷା ନିମନ୍ତେ ସେମାନଙ୍କ ତଥ୍ୟ ପଞ୍ଜିକୃତ କରିବାକୁ ଘୋଷଣା କରାଯାଇଥିଲା । ସ୍ଥାନୀୟ ଥାନା ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ।




ଓଡ଼ଗାଁ ଥାନା ପରିସରରେ ସୁବଳ ମହାରଣାଙ୍କ ଦ୍ୱାରା ନିର୍ମିତ ବାଲୁକା କଳା।

# ନିର୍ମାଣ ଶ୍ରମିକଙ୍କ ପଞ୍ଚାୟତ ଘେରାଉ



ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକମାନେ ଘେରାଉ କରିଛନ୍ତି।

**ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୨୬।୧୧**

ନିର୍ମାଣ ଶ୍ରମିକଙ୍କ ତରଫରୁ ସୋମବାର ନୟାଗଡ଼ ଓ ରଣପୁର ବ୍ଲକର ୬ଟି ପଞ୍ଚାୟତରେ ଘେରାଉ କାର୍ଯ୍ୟକ୍ରମ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପକ୍କାଘର ଯୋଜନାରେ ନିର୍ମାଣ ଶ୍ରମିକଙ୍କୁ ସାମିଲ କରି ତୁରନ୍ତ ଘର ଯୋଗାଇଦେବା ଦାବିରେ ପଞ୍ଚସଖା ନିର୍ମାଣ ଶ୍ରମିକ ସଂଘ ୧୧୩୧ ସିଟିସି ନୟାଗଡ଼ର ସଦସ୍ୟମାନେ ଘେରାଉ କରିଥିଲେ। ଅପରାହ୍ନରେ ନୟାଗଡ଼ ବ୍ଲକର ନୋତର ଓ କେନ୍ଦୁଡ଼ିପି ପଞ୍ଚାୟତ ରଣପୁର ବ୍ଲକର ଦର୍ପନାରାୟଣପୁର, ଖଡିଆ, ଡମସାହି ଓ ରଙ୍କଦେଉଳି ପଞ୍ଚାୟତରେ ଏହି ଘେରାଉ କରାଯାଇଥିଲା। ଶ୍ରମିକମାନେ ଅଭିଯୋଗ କରିଛନ୍ତି ଯେ, ପକ୍କାଘର ଯୋଜନାରେ ସାମିଲ ହୋଇଥିବା ନିର୍ମାଣ ଶ୍ରମିକମାନଙ୍କର ଘର ଅଛି କି ନାହିଁ ସେ ବିଷୟରେ ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ଶ୍ରମବିଭାଗ ତରଫରୁ ପଞ୍ଚାୟତିରାଜ ବିଭାଗକୁ କୁହାଯାଇଥିଲା। ହେଲେ ପଞ୍ଚାୟତିରାଜ ବିଭାଗ ଠିକ୍ ଭାବେ ଯାଞ୍ଚ ନ କରି ପୂର୍ବବର୍ଷ ମନଇଚ୍ଛା ରିପୋର୍ଟ ପ୍ରଦାନ କରିଥିବାରୁ ବହୁ ଶ୍ରମିକ ପକ୍କା ଘର ପାଇବାରୁ ବଞ୍ଚିତ ହୋଇଛନ୍ତି । ଚଳିତ ବର୍ଷ ମଧ ସେହିଭଳି କରାଯାଉଥିବାରୁ ସେମାନେ ଏହାର ବିରୋଧ କରୁଛନ୍ତି। ତେଣୁ ପଞ୍ଚାୟତିରାଜ ବିଭାଗର ଅଧିକାରୀମାନେ ଠିକ୍ ଭାବେ ଯାଞ୍ଚ କରିବା ପାଇଁ ଦାବି କରିଛନ୍ତି। ରଙ୍କଦେଉଳି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଶୋକ କୁମାର ସ୍ୱାଇଁ, ପ୍ରତାପ ଚନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ବାଡ଼ିଆ, ଅଭିମନ୍ୟୁ ଦଳବେହେରାଙ୍କ ସମେତ ବହୁ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ।

## ରଣପୁରରେ ଜିଲାପାଳଙ୍କ ଜନଶୁଣାଣି ଶିବିର

**ରଣପୁର,୨୬।୧୧(ସ୍ୱ.ପ୍ର.)**

ରଣପୁର ବ୍ଲକ କାର୍ଯ୍ୟାଳୟରେ ସୋମବାର ନୟାଗଡ଼ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଏନ୍. ତିରୁମାଲା ନାୟକ, ଅତିରିକ୍ତ ଜିଲାପାଳ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ସାହାଣି, ରଣପୁର ବିଡିଓ ମାନସ ରଞ୍ଜନ ସାମଲ, ତହସିଲଦାର ସୁଶାନ୍ତ କୁମାର ପତି, ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ମୋଟ ୯୭ ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୬୮ ଅଭିଯୋଗର ସଙ୍ଗେ ସଙ୍ଗେ ସମାଧାନ ହୋଇଥିଲା। ରଣପୁର ବ୍ଲକର ପୂର୍ବତନ ସହକାରୀ ଯନ୍ତ୍ରୀ ଲିଙ୍ଗରାଜ ଦାସ ଦୀର୍ଘମାସ ହେଲା ଅବସର ନେଇଥିଲେ ମଧ୍ୟ ତାଙ୍କ ପେନସନ୍ କାଗଜାତ ୪ମାସ ହେଲା ବ୍ଲକ ଅଫିସରେ ପଡିରହିଥିବା ଅଭିଯୋଗ ଉପରେ ବିଶେଷ ଆଲୋଚନା ହୋଇଥିଲା। ସେହିପରି ରଣପୁର ଅଞ୍ଚଳରୁ ବିଦେଶକୁ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ପଟିଆ ଗ୍ରାମପଞ୍ଚାୟତ ରଣ୍ଡା ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲେ ମଧ ମୃତଦେହ ଫେରି ନ ଥିବା ଘଟଣା ସ୍ୱର୍ଶକାତର ଥିଲା। ଜନଶୁଣାଣି ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ଚାଲିଥିଲା ।

## ହକି ବିଶ୍ୱକପ୍ ପ୍ରସାରଣ ନିମନ୍ତେ ବ୍ୟାପକ ପ୍ରସ୍ତୁତି

**ଖଣ୍ଡପଡା,୨୬।୧୧(ସ୍ୱ.ପ୍ର.)**

ଖଣ୍ଡପଡା ସହରର ମଧୁବନ ମିନିଷ୍ଟାଡିୟମ ପରିସରରେ ଏଲଇଡି ଟିଭି ପରଦାରେ ହକି ବିଶ୍ୱକପ୍ ୨୦୧୮ର ସିଧା ପ୍ରସାରଣ ନିମନ୍ତେ ଶାସକଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଚାଲିଛି। ସୂଚନା ମୁତାବକ ମଙ୍ଗଳବାର ଅପରାହ୍ନ ୪ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଏଲଇଡି ଟିଭି ପରଦାରେ ଅଞ୍ଚଳବାସୀ ମ୍ୟାଚ୍ ଉପଭୋଗ କରିବେ। ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ସର୍ବସାଧାରଣଙ୍କୁ ମଧ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

## ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟରେ ସମ୍ବିଧାନ ଦିବସ

**ଖଣ୍ଡପଡା,୨୬।୧୧(ସ୍ୱ.ପ୍ର.)**

ଖଣ୍ଡପଡା ମହିଳା ମହାବିଦ୍ୟାଳୟରେ ସୋମବାର 'ଭାରତୀୟ ସମ୍ବିଧାନ ଦିବସ' ପାଳିତ ହୋଇଯାଇଛି । ଡ. ଭୀମରାଓ ଆମ୍ବେଦକରଙ୍କ ଜନ୍ମବାର୍ଷିକ ନଭେମ୍ବର ୨୬ ତାରିଖକୁ ସମ୍ବିଧାନ ଦିବସ ରୂପେ ପାଳନ କରାଯାଉଛି। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ଦିବସ ପାଳନ ପାଇଁ ପ୍ରତ୍ୟେକ ସରକାରୀ କାର୍ଯ୍ୟାଳୟ ତଥା ଶିକ୍ଷାନୁଷ୍ଠାନଗୁଡିକୁ ସୂଚନା ରହିଛି । ସୋମବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ ମହିଳା କନିଷ୍ଠ ମହାବିଦ୍ୟାଳୟର ପ୍ରଥମ ଓ ୨ୟ ବାର୍ଷିକ କଳା ଛାତ୍ରୀମାନେ ଏହି ଦିବସ ପାଳନ ପୂର୍ବକ ସମ୍ବିଧାନର 'ପ୍ରସ୍ତାବନା' ପଠନ କରିଥିଲେ। ପରେ ଯୁକ୍ତ ୨ ଛାତ୍ରୀ ରୁପାଲୀ ବେହେରା, ରଶ୍ମିରେଖା ଖୁଣ୍ଟିଆ, ରାଜ ଶୁଭଲକ୍ଷ୍ମୀ ପଡିଆରୀ, ରୀତାରାଣୀ ସାହୁ ପ୍ରମୁଖ ସମ୍ବିଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ରାଜନୀତି ବିଭାଗ ଅଧ୍ୟାପକ ଅଜିତ କୁମାର ବସନ୍ତରାୟ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# କାର୍ଯ୍ୟକ୍ଷମ ହୋଇପାରୁନି ପାନ୍ଥନିବାସ

**ଖଣ୍ଡପଡା,୨୬।୧୧(ସ୍ୱ.ପ୍ର.)**



ପାନ୍ଥନିବାସ ପରିଦର୍ଶନରେ ଆସିଥିବା ଅଧିକାରୀମାନେ।

**୨୦୧୬ରେ ପରିଦର୍ଶନରେ ଆସି ୬ମାସ ମଧ୍ୟରେ କାର୍ଯ୍ୟ ଶେଷହେବ ବୋଲି ସୂଚନା ଦେଇଥିଲେ ବିଭାଗୀୟ ଅଧିକାରୀ**

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ନୀଳମାଧବ ଜୀଉଙ୍କ ପର୍ଯ୍ୟଟନ କେନ୍ଦ୍ରର ବିକାଶ ପାଇଁ ନିକଟସ୍ଥ ପଥରଚକଡା ଗ୍ରାମ ପାହାଡ ଉପରେ ଏକ ପାନ୍ଥନିବାସ ନିର୍ମାଣ କରାଯାଇଛି। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ଓଡିଶା ରାଜ୍ୟ ପର୍ଯ୍ୟଟନ ନିଗମ ପକ୍ଷରୁ ୧୯୯୭ ମସିହାରୁ ନିର୍ମିତ ପାନ୍ଥନିବାସକୁ ପିପିପି (ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ) ମୋଡରେ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଭୁବନେଶ୍ୱରସ୍ଥିତ ରେନ୍ ଦି କ୍ଲବକୁ ବିଭାଗ ପକ୍ଷରୁ ଏହି ଦାୟିତ୍ୱ ଦିଆଯାଇଛି। ୨୦୧୬ ନଭେମ୍ବର ୧୮ ତାରିଖରେ ନୟାଗଡ଼ ଜିଲା ଦାୟିତ୍ୱରେ ଥିବା ରାଜ୍ୟ ପର୍ଯ୍ୟଟନ ଅଧିକାରୀ ଶଶାଙ୍କ ଶେଖର ରଥ, କନିଷ୍ଠଯନ୍ତ୍ରୀ ପ୍ରସନ୍ନ ବଳବନ୍ତରାୟ ଓ ରେନ୍ ଦି କ୍ଲବ ପରିଚାଳନା ନିର୍ଦ୍ଦେଶକ ସତ୍ୟରଞ୍ଜନ ମହାନ୍ତି ପାନ୍ଥନିବାସ ପରିଦର୍ଶନରେ ଆସି ଏହାର ସ୍ଥିତାବସ୍ଥା ପର୍ଯ୍ୟବେକ୍ଷଣ କରିଥିଲେ। ଆଗାମୀ ୬ମାସ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରିବା ସହ ପର୍ଯ୍ୟଟକଙ୍କ ସାମୟିକ ରହଣି, ରାତ୍ରିଯାପନ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ପାଇଁ ବିଭିନ୍ନ ପ୍ୟାକେଜ ମାଧ୍ୟମରେ ଆକୃଷ୍ଟ କରାଯିବ ବୋଲି ଦାୟିତ୍ୱ ନେଇଥିବା ପରିଚାଳନା ନିର୍ଦ୍ଦେଶକ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଏକକାଳୀନ ୨.୪୦ ଲକ୍ଷ ଟଙ୍କା ଓଟିଡିସି କର୍ତ୍ତୃପକ୍ଷଙ୍କୁ ଜମା ଦେଇ ୩୦ବର୍ଷ ପାଇଁ ପିପିପି ମୋଡରେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ସେ କହିଥିଲେ। ମାତ୍ର ଇତିମଧ୍ୟରେ ୨ବର୍ଷ ଅତିବାହିତ ହୋଇଯାଇଥିଲେ ମଧ୍ୟ ପାନ୍ଥନିବାସ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଗତ ୨୪ ତାରିଖ ଶୀତକାଳୀନ ଅଧିବେଶନରେ ସ୍ଥାନୀୟ ବିଧାୟକ ଅଣତାରକା ପ୍ରଶ୍ନ ସଂଖ୍ୟା ୫୭୫ କ୍ରମେ ପାନ୍ଥନିବାସ ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଥିଲେ, ଉକ୍ତ ପାନ୍ଥନିବାସଟି ୩୦ବର୍ଷ ପାଇଁ ରେନ ଦି କ୍ଲବ ସଂସ୍ଥାକୁ ଲିଜ ସୂତ୍ରେ ହସ୍ତାନ୍ତର କରାଯାଇଛି। ଏହାର ସିଭିଲ କାର୍ଯ୍ୟ ଶେଷହୋଇ ବିଦ୍ୟୁତ୍ ସଂଯୋଗ ପାଇଁ ଆବେଦନ କରାଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ। ଚୁକ୍ତିପତ୍ର ଅନୁସାରେ ସମ୍ପୃକ୍ତ ସଂସ୍ଥା ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକ୍ଷମ ନ କରେ ତେବେ ବିଧି ଅନୁଯାୟୀ ଲିଜ୍ ବାତିଲ କରାଯାଇ ପୁନଃ ଟେଣ୍ଡର କରାଯିବ ବୋଲି ସେ ପ୍ରକାଶ କରିଥିଲେ।

**ସଂକ୍ଷେପରେ**

## ରାଶନ କାର୍ଡ଼ ଯୋଗାଇବାକୁ ଦାବି

**ବ୍ରହ୍ମପୁର ଅଫିସ,୨୬।୧୧:** ଫାସିଗୁଡ଼ା ପଞ୍ଚାୟତ ଜକମେରୀପଲ୍ଲୀ ଗ୍ରାମର ବହୁ ଲୋକ ରାଶନ୍ କାର୍ଡ଼ ପାଇନାହାନ୍ତି । ଫଳରେ ସେମାନେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଅନେକ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏନେଇ ଗ୍ରାମବାସୀ ସୋମବାର ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି। ବାରମ୍ବାର ସେମାନେ ଆବେଦନ କରୁଥିଲେ ମଧ୍ୟ ବ୍ଲକ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ୮ରେ ଜିଲା ଦୌଡ଼କୁଦ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ,୨୬।୧୧:** ଡିସେମ୍ବର ୮ ଏବଂ ୯ତାରିଖ ଦୁଇଦିନ ଧରି ଗଞ୍ଜାମ ଜିଲା ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ୧୪ବର୍ଷରୁ କମ୍, ୧୬ବର୍ଷରୁ କମ୍ ଏବଂ ୧୮ବର୍ଷରୁ କମ୍ ଖେଳାଳିମାନେ ଭାଗନେଇ ପାରିବେ । ଏହି ପ୍ରତିଯୋଗିତା ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ । ଏଥିରେ ଯୋଗଦାନ ପାଇଁ ଆସନ୍ତା ୪ ତାରିଖ ପୂର୍ବରୁ ନାମ ପଞ୍ଜୀକରଣ କରିବାକୁ ହେବ । କୌଣସି ଦେୟ ନାହିଁ । ଇଚ୍ଛୁକ ଖେଳାଳିମାନେ କ୍ରୀଡ଼ା ସଂସଦ ସହ ସମ୍ପାଦକ ସୁରେନ୍ଦ୍ର କୁମାର ପଟ୍ଟନାୟକଙ୍କୁ ଯୋଗାଯୋଗ କରିବା ପାଇଁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

■ ପୁରୀ ହିଂସା ଘଟଣା

# ଶ୍ରୀମନ୍ଦିର ପ୍ରଶାସନର ୪୭ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ

**ପୁରୀ ଅଫିସ,୨୬।୧୧**

ଧାଡ଼ିଦର୍ଶନକୁ ନେଇ ଗତ ଅକ୍ଟୋବର ୩ରେ ପୁରୀରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ବିଭିନ୍ନ ସ୍ଥାନରେ ପୋଡ଼ାଜଳା ଏବଂ ଭଙ୍ଗାରୁଜା ହୋଇଥିଲା। ଏହି ଘଟଣାରେ ଶ୍ରୀମନ୍ଦିର ପ୍ରଶାସନର ୪୭ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ବୋଲି ସୋମବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ତଥ୍ୟ ଉପସ୍ଥାପନ କରାଯାଇଛି। ଅନ୍ୟପକ୍ଷରେ ଯେଉଁମାନେ ହିଂସାକାଣ୍ଡ ଘଟାଇଛନ୍ତି ସେମାନଙ୍କଠାରୁ କ୍ଷତିପୂରଣ ଅର୍ଥ ଆଦାୟ କରିବାକୁ ନିର୍ଦ୍ଦେଶ ଦେବା ଲାଗି ଶ୍ରୀମନ୍ଦିର ପ୍ରଶାସନ ସତ୍ୟପାଠ ମାଧ୍ୟରେ ସୁପ୍ରିମ୍‌କୋର୍ଟଙ୍କୁ ଅନୁରୋଧ କରିଛି। ଏଥିରେ ସହମତି ପ୍ରକାଶ କରିଛି ପରିଚାଳନା କମିଟି। ଏଥିସହ କାହିଁକି ଏବଂ କ'ଣ ପାଇଁ ଏପରି ହିଂସାକାଣ୍ଡ ଘଟିଲା ? ପୋଲିସ ଏହାକୁ ମୁକାବିଲା କରିବାରେ କାହିଁକି ଫେଲ୍ ମାରିଲା ଏ ସବୁ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ରଥଯାତ୍ରା ପରଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟର ସୁରକ୍ଷା ପ୍ରଶାସକ ପଦବୀ ଫାଙ୍କା ପଡ଼ିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ହୋଇଥିବା ବେଳେ କାହିଁକି ଏହା ପୂରଣ କରାଯାଉନାହିଁ ବୋଲି ସଦସ୍ୟମାନେ କହିଥିଲେ। ସେହିପରି ଶ୍ରୀମନ୍ଦିର ବାଇଶପାହାଚ ଖୋଲାଯିବା, ପତିତପାବନଙ୍କ ଉପରକୁ ଟେକାମାଡ଼, ପୋଲିସ ଜୋତା ପିନ୍ଧି ମନ୍ଦିର ଭିତରକୁ ପ୍ରବେଶ କରିବା ଘଟଣାରେ ଶ୍ରୀମନ୍ଦିର ପ୍ରଶାସନ ଏତଲା ଦେଇଛି କି ନାହିଁ ସେ ନେଇ କମିଟି ସ୍ପଷ୍ଟୀକରଣ ଚାହିଁଥିଲା। ହେଲେ ଏ ନେଇ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ବୈଠକରେ ବଂଶାନୁକ୍ରମିକ ସେବକ ନିଯୁକ୍ତି ପ୍ରଥା ଉଚ୍ଛେଦ, ଅନ୍ନଦାନ ଆଟିକା ପାଇଁ ସଂଗୃହୀତ ଦାନ ବନ୍ଦ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୫୪ର ସଂଶୋଧନ ପ୍ରସଙ୍ଗ ଆଲୋଚନା ହୋଇଥିଲା। କିନ୍ତୁ ଏହି ୩ଟି ସୁପାରିସ ନେଇ ଗଠିତ ସବ୍ କମିଟି ସେମାନଙ୍କ ରିପୋର୍ଟ ଦେଇ ନ ଥିବାରୁ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି।

# ସୁନୀଲ କୋଟାଙ୍କୁ ଯୁବ ମଧୁମେହ ଗବେଷକ ସମ୍ମାନ

**ବ୍ରହ୍ମପୁର ଅଫିସ,୨୬।୧୧**

ବ୍ରହ୍ମପୁରସ୍ଥିତ ଡାଇବେଟିସ୍ ଆଣ୍ଡ ଏଣ୍ଡୋକେୟାର୍ କ୍ଲିନିକ୍‌ର ଅନ୍ତଃସ୍ରାବୀ ତଥା ମଧୁମେହବିଶେଷଜ୍ଞ ଡା. ସୁନୀଲ କୋଟାଙ୍କୁ ଯୁବ ମଧୁମେହ ଗବେଷକ ସମ୍ମାନ ପ୍ରଦାନ କରାଯାଇଛି। ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ରିସର୍ଚ୍ଚ ସୋସାଇଟି ଫର୍ ଦି ଷ୍ଟଡି ଅଫ୍ ଡାଇବେଟିସ୍ ଇନ୍ ଇଣ୍ଡିଆ(ଆର୍‌ଏସ୍‌ଏସ୍‌ଡିଆଇ)ତରଫରୁ ଆୟୋଜିତ ୪୬ତମ ବାର୍ଷିକ ସମ୍ମିଳନୀରେ ଡା. କୋଟାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ମଧୁମେହ ସମ୍ପର୍କିତ ୪୭ ଗବେଷଣାତ୍ମକ ନିବନ୍ଧ ତଥା ୧୦ ଅଧ୍ୟାୟ ଲେଖନୀ ଯୋଗୁ ସେ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଅନ୍ତର୍ଜାତୀୟ ମଧୁମେହ



ଡା. ସୁନୀଲ କୋଟାଙ୍କୁ ସମ୍ମାନ ପ୍ରଦାନ କରାଯାଉଛି ।

ସଂସ୍ଥା(ଆଇଡିଏଫ୍) ସହ ଅନୁବନ୍ଧିତ ଆର୍‌ଏସ୍‌ଏସ୍‌ଡିଆଇରେ ଦେଶବ୍ୟାପୀ ପ୍ରାୟ ୭ଶହ ମଧୁମେହ ବିଶେଷଜ୍ଞ ସଦସ୍ୟ ରହିଛନ୍ତି। ଏସିଆର ବର୍ତ୍ତମାନ ସର୍ବବୃହତ ମଧୁମେହ ସଂସ୍ଥା ଭାବେ ଏହାର ଖ୍ୟାତି ରହିଛି । ଡା. କୋଟା ପ୍ରଥମ ଓଡ଼ିଆ ଭାବେ ଏହି ସମ୍ମାନ ହାସଲ କରିଛନ୍ତି । ସମ୍ମିଳନୀରେ ସାର୍କ ଦେଶର ୫ହଜାରରୁ ଉର୍ଦ୍ଧ୍ୱ ଡାକ୍ତରଙ୍କ ସମ୍ମୁଖରେ ଡା. କୋଟା ତାଙ୍କ ଗବେଷଣା ଉପସ୍ଥାପନ କରିଥିଲେ । ଆର୍‌ଏସ୍‌ଏସ୍‌ଡିଆଇର ସଭାପତି ଡା. ଆଇ.ଆଇଭି ରାଓ, ସମ୍ପାଦକ ଡା. ବ୍ରିଜ୍ ମୋହନ ମକ୍କର, ସାଂଗଠନିକ ସମ୍ପାଦକ ଡା. ବଂଶୀ ସାହୁ, ବୈଜ୍ଞାନିକ ସମ୍ପାଦକ ଡା. ରାଜୀବ ଚାୱଲା ପ୍ରମୁଖ ସମ୍ମାନ ପ୍ରଦାନ କରିଥିଲେ । ଆଇଡିଏଫ୍‌ର ପୂର୍ବତନ ସମ୍ପାଦକ ଡା. ସୌକତ୍ ସାଦି ଏହି ଅବସରରେ ଡା. କୋଟାଙ୍କ ଗବେଷଣାକୁ ପ୍ରଶଂସା କରିବା ସହ ୨୦୧୯ ଡିସେମ୍ବରରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ହେବାକୁ ଥିବା ଆଇଡିଏଫ୍‌ର ବାର୍ଷିକ ସମ୍ମିଳନୀକୁ ନିମନ୍ତ୍ରଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବଙ୍କେଇ ବଙ୍କେଇ ଅନେଇ ଦେଲା**
**କନ୍ହେଇ ଦେହରୁ ପୁଲାଏ ନେଲା ।**

କିଛି ବ୍ୟକ୍ତିଙ୍କ ନଜର ବା ଦୃଷ୍ଟି ପଡ଼ିଲେ ଅନ୍ୟର ସ୍ୱାସ୍ଥ୍ୟ ଖରାପ ହେବା ସହ ଦେହ ଶୁଖିଯାଉଥିବା ଦେଖିବାକୁ ମିଳିଥାଏ । ଏହା ଏକ ଅନ୍ଧବିଶ୍ୱାସ ହୋଇଥିଲେ ମଧ୍ୟ ଲୋକଙ୍କ ମନରେ ଏଭଳି ଭ୍ରାନ୍ତ ଧାରଣା ରହିଆସିଛି । ଜଣଙ୍କର ନଜର ଲାଗି ଅନ୍ୟର ଦେହ ଶୁଖିଯିବା ବା ଅସୁସ୍ଥ ହୋଇଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ବାପ ଦିହକରୁ ଆଖୁଚାଷ ନାହିଁ**
**ଦୋରୁଅ ପିଉଛି ଛେଦା ବୁଡ଼େଇ ।**

ଅନେକ କ୍ଷେତ୍ରରେ ଦୀନହୀନ ଦରିଦ୍ର ଭାବେ ଜୀବନଯାପନ କରିଥିବା ବ୍ୟକ୍ତି ସମୟକ୍ରମେ ବିତ୍ତଶାଳୀ ଓ ଯଶସ୍ୱୀ ହୋଇଯିବା ପରେ ନିଜ ପଛକଥା ମନରୁ ପାସୋରି ଦେଇଥିବା ଲକ୍ଷ୍ୟ କରାଯାଇଥାଏ । ଏପରିକି ଅତୀତରେ କଟାଉଥିବା ଦୁଃସ୍ଥ ଜୀବନକୁ ଭୁଲିଯିବା ସହ ବର୍ତ୍ତମାନ ଅବସ୍ଥାକୁ ନେଇ ଗର୍ବ କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମିଳିତ ଅଭିଯୋଗ ଶୁଣାଣି ଶିବିର

**ବ୍ରହ୍ମପୁର ଅଫିସ,୨୬।୧୧**

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ(ରାଜସ୍ୱ) ବିଜୟ କୁମାର ଦାସ, ଉପଜିଲାପାଳ ଦିଗନ୍ତ ରାଉତରାୟ, ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଏବଂ ବ୍ରହ୍ମପୁର ମହାନଗର ନିଗମର ଡେପୁଟି କମିଶନର୍ ସୈରୀନ୍ଦ୍ର ରାଉତରାୟ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୯୬ ଅଭିଯୋଗ ଦାଖଲ ହୋଇଥିଲା। ସେଥିରୁ ୧୧ବ୍ୟକ୍ତିଗତ, ଗୋଟିଏ ଗ୍ରାମ ସମସ୍ୟା ରହିଥିଲା। ମୋଟ ୮୩ ଅଭିଯୋଗର ତୁରନ୍ତ ସମାଧାନ ହୋଇଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫ହଜାର ଟଙ୍କା ସହାୟତା ବଣ୍ଟନ କରାଯାଇଥିଲା ।

# ଆନ୍ଦୋଳନକୁ ଓହ୍ଲାଇଲେ ରକ୍ତଭଣ୍ଡାର କର୍ମଚାରୀ

**ବ୍ରହ୍ମପୁର ଅଫିସ,୨୬।୧୧**

ରାଜ୍ୟ ରକ୍ତ ଭଣ୍ଡାର କର୍ମଚାରୀ ସଂଘର ଆହ୍ୱାନ କ୍ରମେ ୬ ଦଫା ଦେବି ନେଇ ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀସଂଘ ପକ୍ଷରୁ କର୍ମଚାରୀମାନେ ସୋମବାର ପୂର୍ବାହ୍ନରୁ ଅନିର୍ଦ୍ଦିଷ୍ଟ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସମସ୍ତ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ସୋମବାର ବ୍ରହ୍ମପୁର ରକ୍ତ ଭଣ୍ଡାରର ଅଧିକାଂଶ କର୍ମଚାରୀ ମାନେ ଭୁବନେଶ୍ୱରରେ ଧାରଣାରେ ସାମିଲ ହେବାକୁ ଚାଲିଯାଇଥିଲେ । ଫଳରେ ରକ୍ତ ଭଣ୍ଡାରରେ ରୋଗୀ ସେବା, ରକ୍ତ ସଂଗ୍ରହ ଏବଂ ଯୋଗାଣ କାର୍ଯ୍ୟରେ ଆଂଶିକ ପ୍ରଭାବ ପଡିଥିବା ଦେଖିବାକୁ ମିଳିଛି। ପ୍ରକାଶଥାଉକି, ରକ୍ତ ଭଣ୍ଡାରରେ କାର୍ଯ୍ୟରତ କର୍ମଚାରୀ ମାନେ ଦୀର୍ଘ ଦିନ ଧରି ସ୍ୱଳ୍ପ ଦରମାରେ କାର୍ଯ୍ୟ କରିଆସୁଛନ୍ତି, ରାଜ୍ୟ ସରକାର ସେମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରୁଥିଲେ ମଧ୍ୟ ଏଯାବତ୍ କୌଣସି ପ୍ରକାର ବିଜ୍ଞପ୍ତି ପ୍ରକାଶ ପାଇ ପାରିନାହିଁ । ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।



ବ୍ରହ୍ମପୁର ରକ୍ତଭଣ୍ଡାରର କର୍ମଚାରୀ ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

No 1 Clinic in India for Sexual Treatment
Lady Doctors are available for Ladies
For Best results Consult Physically
ସହବାସରେ ସମସ୍ୟା | ଶିଥିଳତା
ଧାତୁ ପତଳା | ଶିଘ୍ର ପତନ
ପରିସ୍ରାରେ ଧାତୁ | ସ୍ୱପ୍ନଦୋଷ
ଯୌନାଙ୍ଗରେ ଘା | ସ୍ତ୍ରୀ ରୋଗ
ଗୋପନରେ ମଦ ଛଡାନ୍ତୁ
PUSHPA CLINIC (P) LTD.
www.pushpaclinic.com
ପୁରୁଷାଙ୍ଗ ଶିଥିଳତା ଓ ଶିଘ୍ରପତନ ଦୂରକରିବା ପାଇଁ ପୁଷ୍ପାକ୍ଲିନିକ୍‌ର ଆୟୁର୍ବେଦୀୟ ଚିକିତ୍ସା ଅତୁଳନୀୟ
ସବୁଦିନ ସକାଳ ୯ଟାରୁ ରାତ୍ର ୮ଟା
A- 41, BDA Duplex Colony, Baramunda, Bhubaneswar - 3
BALASORE 9437147000
BBSR 0674- 2354320, 9437143000, 9437138000
ANGUL 9437146000
ସୂଚନା : ଅନୁଗୋଳ ଓ ବାଲେଶ୍ୱର ବ୍ୟତିତ ଅନ୍ୟ କୌଣସି ଜାଗାରେ ଆମର କୌଣସି ଶାଖା କ୍ଲିନିକ ନାହିଁ ।

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9499218982
Goudunipokhari, Pharsibandha, Bhadrak, Odisha - 756132

FINANCE
New India Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଯୋଗାଇ ଦେଉଛୁଁ ।
Ground Floor, Plot No.- D97, Sect-IV, MVP Colony, Visakhapatnam AP-530017
7606062787
7606085833
Email Id- newindiacorp099@gmail.com

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508

FINANCE
Mahalaxmi Credit Services
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

(ବିଶେଷ ଋଣ ଅଫର)
KUBER FINANCE
ତରଫରୁ ପି.ଏମ୍. ଜନଧନ ଯୋଜନା ଅଧୀନରେ ସବୁ ପ୍ରକାର ଋଣ ପାଆନ୍ତୁ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗୃହ, ମହିଳା ଗ୍ରୁପ୍ ଋଣ ଇତ୍ୟାଦି 50000ରୁ 1 କୋଟି ପର୍ଯ୍ୟନ୍ତ ପାଆନ୍ତୁ । 1% ସୁଧ 50% ରିହାତି। ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
Call Now:
8295564405
7496890187

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ଼। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

!! ଋଣ ଋଣ ଋଣ !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା
ଅଗରୱାଲ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9625285496
Add : - 41/14, Sec-1 Pushp Vihar, Delhi

Shri Ram Finance
ସେବା ସମିତି ଋଣ ଅଫର୍
ପିଏମ୍ ଋଣ ଯୋଜନା ଅଧୀନରେ 5 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ବିପିଏଲ୍ କାର୍ଡ । ବେରୋଜଗାର, ମହିଳା ଗ୍ରୁପ୍ ଋଣ ପାଆନ୍ତୁ 2% ସୁଧ 40% ସରକାରୀ ସବ୍‌ସିଡି।
Helpline Numbers
9996568749
7497026992
Kutasingha, Tentuligaon, Bolangir, Orissa 767068

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!! ପ୍ରକ୍ରିୟାକରଣ ୨ କାଗଜ ଉପରେ !!! ୨% ସୁଧ, ୪୦% ସବ୍‌ସିଡି !!! ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

BUSINESS
ଖାଲିଥିବା ଜମି ଓ ଛାତ ଉପରେ ଗ୍ୟାଲେକ୍ସୀ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8697980580

T.C.F. FINANCE
(Govt. Registered)
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
(ଠକମାନଙ୍କ ପ୍ରତି ସାବଧାନ)
08859668407
39, Patel Nagar, Ashik Sahranpur Road, Dehradun-245001

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCIAL SERVICES
(Govt. Registered)
(Registration No.- U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, ଇଟାଭାଟି ଏବଂ ସମସ୍ତ ଋଣ ୨ରୁ ୩ ଦିନରେ ପାଆନ୍ତୁ
Call Now
8859690149
7830746256
T-51, Gali No.-8, Gautampuri, Delhi-110053

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବିପିଏଲ୍, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି।
Helpline
18002126755
08802683947
Dist: Khargaon, Madhyapradesh

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

* GST 5% Extra

## ସଂକ୍ଷେପରେ

### ଝୁଣ୍ଟି ପଡ଼ି ଯୁବକ ମୃତ

**ଶେରଗଡ,୨୬।୧୧(ଡି.ଏନ.ଏ.):** ଶେରଗଡ଼ ପାଢୀସାହି କଳିଙ୍ଗ ବୈଶ୍ୟ ଭବନ ସମ୍ମୁଖରେ ଝୁଣ୍ଟିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କେରିକେରି ଝୋଲାର ସନ୍ତୋଷ ନାୟକ। ସୋମବାର ଅପରାହ୍ନ ପ୍ରାୟ ୧ଟାରେ ସନ୍ତୋଷଙ୍କ ଛାତିରେ ଯନ୍ତ୍ରଣା ହେବାରୁ ଏକ ଅଟୋକୁ ଅଟକାଇ ପାଢୀ ସାହିସ୍ଥିତ ଏକ ଔଷଧ ଦୋକାନକୁ ଆସୁଥିଲେ। ଅଟୋରୁ ଓହ୍ଲାଇ ଔଷଧ ଦୋକାନକୁ ଯାଉଥିବା ବେଳେ ପଥରରେ ଝୁଣ୍ଟି ତଳେ ପଡ଼ିଯାଇଥିଲେ। ସେଠାରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ପରିବାର ଲୋକେ ମୃତଦେହକୁ ନେଇ ଗ୍ରାମକୁ ନେଇ ଆସିଥିଲେ।

### ବାଇକ୍-କାର ଧକ୍କା, ୨ ଗୁରୁତର

**କୁକୁଡ଼ାଖଣ୍ଡି,୨୬।୧୧(ଡି.ଏନ.ଏ.):** ଆଙ୍କୁଶପୁର ସଦର ଥାନା ବାଲିପଡ଼ା ନିକଟସ୍ଥ ବାଘଝରି ଛକ ନିକଟରେ ଏକ କାର୍ ଓ ବାଇକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ଦ୍ରୁତ ଗତିରେ ଦିଗପହଣ୍ଡିରୁ ବ୍ରହ୍ମପୁର ଯାଉଥିବା ବେଳେ କାର୍‌ର ଚକା ଫାଟିଯିବାରୁ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା ଫଳରେ ବାଇକ ଆରୋହୀ ଗୁରୁତର ହୋଇଥିଲେ । ସେଠାରୁ କାର୍ ଚାଳକ ଚମ୍ପଟ ମାରିଛନ୍ତି । କାର୍‌ରେ ଗଞ୍ଜେଇ ଥିବା ଦେଖି ଲୋକମାନେ ସଦର ଥାନାକୁ ଖବର ଦେଇଥିଲେ । ପୋଲିସ ବାଇକ୍ ଏବଂ ଗଞ୍ଜେଇ ଥିବା କାର୍‌କୁ ଜବତ କରିବା ସହ କାର୍‌ଟି କାହାର ଓ କେଉଁଆଡ଼େ ଯାଉଥିଲା ତଦନ୍ତ ଚଳାଇଛି ।

### ବିଜ୍ଞାନ ମେଳା



**ଶେରଗଡ,୨୬।୧୧(ଡି.ଏନ.ଏ.):** ଶେରଗଡ଼ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ସୋମବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ମୃତ୍ୟୁଞ୍ଜୟ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ମେଳାରେ ୨୨ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ସ୍ୱାଇଁ, ଜାନକୀ ଖଣ୍ଡୁଆଳ, ନିରୋଜା ନାୟକ, ସନ୍ତୋଷ ରାଣୀ ମାଣ୍ଡାଙ୍ଗୀ, ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ବିଚାରକ ରହି ୫ ପ୍ରକଳ୍ପକୁ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଭାଗ ନେବା ନିମନ୍ତେ ଚୟନ କରିଥିଲେ। ଅତିଥି ଭାବେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସାମଲ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୀମାଞ୍ଚଳ ପ୍ରଧାନ ଯୋଗଦେଇ ପ୍ରକଳ୍ପଗୁଡ଼ିକୁ ଦେଖିଥିଲେ।

### ଆନ୍ତଃ କଲେଜ କ୍ରିକେଟ
### ପାଟପୁର, ଡୁରା କଲେଜ ଫାଇନାଲରେ

**ଦିଗପହଣ୍ଡି/ପାଟପୁର, ୨୬।୧୧(ଡି.ଏନ.ଏ.):** ପାଟପୁର କଲେଜ ଖେଳ ପଡ଼ିଆରେ ଚାଲିଥିବା ଆନ୍ତଃ କଲେଜ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚରେ ସୋମବାର ଡୁରା କଲେଜ ମୁଣ୍ଡମରାଇ କଲେଜକୁ ପରାଜିତ କରି ଫାଇନାଲକୁ ଉନ୍ନୀତ ହୋଇଛି । ଡୁରା କଲେଜ କ୍ରିକେଟ ଟିମ୍ ଟସ୍ ଜିଣି ବୋଲିଂ କରିଥିଲା । ୧୧.୦୧ ଓଭରରେ ସମସ୍ତ ଉଇକେଟ ହରାଇ ମୁଣ୍ଡମରାଇ କଲେଜ କ୍ରିକେଟ ଟିମ୍ ୫୭ ରନ ହାସଲ କରିଥିଲା । ଜବାବରେ ଡୁରା କଲେଜ ୮ ଓଭରରେ ୨ ଉଇକେଟ ବିନିମୟରେ ୫୮ ରନ ହାସଲ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ପାଟପୁର କଲେଜ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ୧୪୭ ରନ କରିଥିଲା। ଜବାବରେ ଆସିକା କଲେଜ ୨୦ ଓଭରରେ ୬ ଉଇକେଟ ବିନିମୟରେ ୮୨ ରନ ହାସଲ କରି ପରାଜିତ ହୋଇଥିଲା। ଟୁନା ଗୌଡ଼ ଓ ଶୁକଦେବ ସ୍ୱାଇଁ ମ୍ୟାଚରେ ଅମ୍ପାୟାରିଂ କରିଥିବା ବେଳେ ପାଟପୁର କଲେଜ କ୍ରୀଡ଼ା ସଂସଦ ଉପାଧକ୍ଷ ଅଧାପକ ଅମିୟ କୁମାର ପାଢ଼ୀ, ବିଜୟ ଚନ୍ଦ୍ର ପ୍ରଧାନ, କ୍ରୀଡ଼ା ଶିକ୍ଷକ ଲକ୍ଷ୍ମଣ କୁମାର ସାହୁ ମ୍ୟାଚ ପରିଚାଳନାରେ ସହାୟତା କରିଥିଲେ । ମଙ୍ଗଳବାର ଡୁରା କଲେଜ ଓ ପାଟପୁର ବିଶ୍ୱାସରାୟ କଲେଜ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

# ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବିରେ ବନ୍ଦ

**ପୁରୁଷୋତ୍ତମପୁର,୨୬।୧୧(ଡି.ଏନ୍.ଏ.)**



ଓକିଲମାନେ ମୁଖ୍ୟ ରାସ୍ତା ଅବରୋଧ କରିଛନ୍ତି।

ପୁରୁଷୋତ୍ତମପୁରରେ ସବ୍‌ଜଜ୍ କୋର୍ଟ ପ୍ରତିଷ୍ଠା ଦାବି ସହ ସହରର ମୁଖ୍ୟ ରାସ୍ତା ନିର୍ମାଣରେ ବିଳମ୍ବକୁ ନେଇ ସୋମବାର ବନ୍ଦ ପାଳନ କରାଯାଇଛି। ପୁରୁଷୋତ୍ତମପୁର ଓକିଲ ସଂଘ, କପିଳେଶ୍ୱର ବଣିକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରାଯିବା ସହ କାଳୀମନ୍ଦିର ଛକ, ସ୍ୱପ୍ନେଶ୍ୱର ମନ୍ଦିର ଛକ, କୁମାରୀ ଗ୍ରାମର ମୁଖ୍ୟ ରାସ୍ତାରେ ଧାରଣା ଦିଆଯାଇଥିଲା। ସେହିପରି ପାଣ୍ଡିଆଛକ ବ୍ରହ୍ମପୁର-ପୁରୁଷୋତ୍ତମପୁର ମୁଖ୍ୟ ରାସ୍ତାରେ ଟାୟାର ଜାଳି ଅବରୋଧ କରାଯାଇଥିଲା। ସମସ୍ତ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ସ୍କୁଲ କଲେଜଗୁଡ଼ିକୁ ଓକିଲମାନେ ବନ୍ଦ କରିଥିଲେ। ଗାଡ଼ି ଚଳାଚଳ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ବନ୍ଦକୁ ସହରବାସୀ ସ୍ୱତଃସ୍ଫୂର୍ତ୍ତ ସମର୍ଥନ ଜଣାଇଥିଲେ। ସହର ସାରା ଶୂନଶାନ ରହିଥିଲା। ଆଇନ ଶୃଙ୍ଖଳା ଲାଗି ଆଇଆଇସି ଅଜୟ କୁମାର ବାରିକଙ୍କ ତତ୍ତ୍ୱାବଧାନରେ ସମସ୍ତ ପୋଲିସ କର୍ମଚାରୀ ବିଭିନ୍ନ ସ୍ଥାନରେ ମୁତୟନ ରହିଥିଲେ।

■ ଡାକ୍ତର ମାଡ଼ ମାରିବା ଘଟଣା

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ନର୍ସ

**ଛତ୍ରପୁର,୨୬।୧୧(ଡି.ଏନ.ଏ)**

ଛତ୍ରପୁର ହସ୍ପିଟାଲରେ ଡ୍ୟୁଟିରେ ଥିବା ନର୍ସ କବିତା ମହାନ୍ତିଙ୍କୁ ୨୨ ତାରିଖ ରାତିରେ ଜଣେ ଡାକ୍ତର ମାଡ଼ ମାରିଥିଲେ । ଏ ନେଇ ଛତ୍ରପୁର ଥାନାରେ କବିତା ଅଭିଯୋଗ କରିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନି। ସୋମବାର ଛତ୍ରପୁର ଏସଡିଜେଏମ କୋର୍ଟରେ କବିତାଙ୍କ ବୟାନ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ କବିତା ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଛନ୍ତି। ନ୍ୟାୟ ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ସେ ଏସପିଙ୍କୁ ଅନୁରୋଧ କରିଛନ୍ତି। ସେପଟେ ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. କାହ୍ନୁ ଚରଣ ପାତ୍ର ଘଟଣାର ତଦନ୍ତ ରିପୋର୍ଟ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଦନ୍ତ ରିପୋର୍ଟ ମଗାଇଥିଲେ ମଧ୍ୟ ତାହା ଅନୁଧ୍ୟାନ କରି ନ ଥିବା ସୂଚନା ମିଳିଛି । ରିପୋର୍ଟକୁ ଫାଇଲ ତଳେ ଚାପି ଦିଆଯାଇଥିବା ଏଥିରୁ ସ୍ପଷ୍ଟ ହୋଇଛି । ମାଡ ମାରିବା ସମୟର ସିସି କ୍ୟାମେରା ଫୁଟେଜକୁ ଶନିବାର ହସ୍ପିଟାଲ ସୁରିଣ୍ଟେଣ୍ଡେଣ୍ଟ ପାତ୍ରଙ୍କୁ ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟ ମାଗିଥିଲେ । ସେତିକିରେ ପୋଲିସ ନୀରବ ବସିଛି । ୨୨ ତାରିଖ ରାତିରେ କବିତା ତାଙ୍କର ସହଯୋଗୀ ନର୍ସ ପ୍ରସୂତି ଗୃହରେ ଡ୍ୟୁଟିରେ ଥିଲେ । ଏହି ସମୟରେ ଡ୍ୟୁଟିରେ ନ ଥିବା ସତ୍ତ୍ୱେ ସର୍ଜରୀ ବିଭାଗର ଜଣେ ଡାକ୍ତର ଝରକା ପାଖରେ ରହି କବିତାଙ୍କୁ କମେଣ୍ଟ ମାରିଥିଲେ। ପରେ ଡାକ୍ତର ଜଣକ କବିତାଙ୍କୁ ମାଡ ମାରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି।

# ସମ୍ବିଧାନରେ ଏକଚ୍ଛତ୍ରବାଦର ସ୍ଥାନ ନାହିଁ



ଶପଥ ପାଠ କରାଯାଉଛି ।

**ଛତ୍ରପୁର,୨୬।୧୧(ଡି.ଏନ.ଏ)**

ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ସୋମବାର ଜାତୀୟ ସମ୍ବିଧାନ ଦିବସ ପାଳିତ ହୋଇଯାଇଛି । ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏ ନେଇ ଆୟୋଜିତ ଏକ ସଭାରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ସମ୍ବିଧାନ ମୁଖବନ୍ଧ ଶପଥ ପାଠ କରାଯାଇଥିଲା । ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବିଧାନର ବିଭିନ୍ନ ଦିଗ, ଆମ୍ବେଡ଼କରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ବିଧାନକୁ ସବୁବେଳେ ସମ୍ମାନ ଦେବାକୁ ପୂର୍ବତନ ବିଧାୟକ ଚୌଧୁରୀ ପରାମର୍ଶ ଦେଇଥିଲେ। ସେହିପରି ସମ୍ବିଧାନରେ ଏକଚ୍ଛତ୍ରବାଦର ସ୍ଥାନ ନାହିଁ ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ। ସମ୍ବିଧାନର ମୁଖବନ୍ଧରେ ଅହିଂସା ଶବ୍ଦକୁ ସଂଯୋଗ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରସ୍ତାବ ଦେଇଥିବାରୁ ସଭାରେ ଏହାକୁ ସ୍ୱାଗତ କରାଯାଇଥିଲା । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲା ମଙ୍ଗଳ ଅଧିକାରୀ ପରିକ୍ଷୀତ ଦାଶ, ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁ, ଜିଲା ଭୂଅର୍ଜନ ଅଧିକାରୀ ଅଶୋକ କୁମାର ଦାଶ, ଆସିଷ୍ଟାଣ୍ଟ କଲେକ୍ଟର ସୌଭାଗ୍ୟ ଗୌଡ, ଲେଲନ ପ୍ରସାଦ ଓ ବିକ୍ରମ କୁମାର ଦୋରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

### ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା

**ଭଞ୍ଜନଗର,୨୬।୧୧(ଡି.ଏନ.ଏ.)**

ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ସୋମବାର ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏବିଇଓ ଭାସ୍କର ଲେଙ୍କା ଓ ସୂର୍ଯ୍ୟ ନାୟକଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହୋଇଥିଲା। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୫୨ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଡିଏଭି ପବ୍ଲିକ ସ୍କୁଲ ଛାତ୍ର ଆଶୁତୋଷ ମହାପାତ୍ର ପ୍ରଥମ, ସତ୍ୟସାଇ ବିଦ୍ୟାବିହାରର ଛାତ୍ର ସାଇ ସଞ୍ଜୀବ ତ୍ରିପାଠୀ ଦ୍ୱିତୀୟ ଓ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଛାତ୍ର ରାଜ କୁମାର ବିଷୋୟୀ ତୃତୀୟ ସ୍ଥାନ ହାସଲ କରି ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଶିକ୍ଷକ ରମେଶ ଚନ୍ଦ୍ର ଗୌଡ଼, ଶଙ୍କର ପ୍ରସାଦ ପଟ୍ଟନାୟକ, କେଦାରନାଥ ସେଠୀ, ଅମିତ କୁମାର ବେହେରା, ଶ୍ୟାମପ୍ରସାଦ ମିଶ୍ର ଓ କାଳିଚରଣ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆଦର୍ଶ ଥାନା ଉଦ୍‌ଘାଟିତ

**ଫୁଲବାଣୀ ଅଫିସ, ୨୬।୧୧**

ଫୁଲବାଣୀ ଟାଉନ ଥାନା ଆଦର୍ଶ ଥାନାରେ ପରିଣତ ହୋଇଛି। ସୋମବାର ଫୁଲବାଣୀ ବିଧାୟକ ଦୁଗୁନୀ କହଁର ଏହି ଥାନାକୁ ଉଦ୍‌ଘାଟନ କରିଛନ୍ତି । ପୋଲିସ ସହ ଏଣିକି ଲୋକଙ୍କ ସମ୍ପର୍କ ଆହୁରୀ ଦୃଢ଼ୀଭୂତ ହେବ । ଲୋକଙ୍କ ଅଭିଯୋଗକୁ ପୋଲିସ ଗୁରୁତ୍ୱ ଦେବ । ଏଥିସହ କୌଣସି ବିଷୟରେ ମାମଲା ରୁଜୁ ହେଲେ ସମ୍ପୃକ୍ତ ଏତଲାକାରୀଙ୍କୁ ଏସ୍‌ଏମ୍‌ଏସ୍ ଯୋଗେ ଘଟଣାର ତଦନ୍ତ ବିଷୟରେ ଜଣାଇ ଦିଆଯିବ। ଛୋଟ ମୋଟ୍ ମାମଲା ଗୁଡ଼ିକୁ ୩୦ ଦିନ ମଧ୍ୟରେ ସାରିବାକୁ ଚେଷ୍ଟା କରାଯିବ । ତଦନ୍ତକାରୀ ଅଧିକାରୀ, କୋର୍ଟ ପିପିଙ୍କ ସହ ମିଶି ମାମଲା ଗୁଡ଼ିକୁ ଆଗେଇ ନେବେ । ଅପରାଧୀଙ୍କୁ କିପରି ଦଣ୍ଡ ଦିଆଯାଇ ପାରିବ ସେଥିପ୍ରତି ପୋଲିସ ଗୁରୁତ୍ୱ ଦେବ ବୋଲି ଏହି ଅବସରରେ ଅନୁଷ୍ଠିତ ସାଧାରଣ ସଭାରେ ଅତିରିକ୍ତ ଏସ୍‌ପି ଉତ୍କଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିଲାପାଳ ଡା.ବୃନ୍ଦା ଡି, ଏସ୍‌ପି ପ୍ରତୀକ ସିଂ, ସଦର ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, ଥାନାଧିକାରୀ ସତ୍ୟବ୍ରତ ରାଉତଙ୍କ ସମେତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ, ଜିଲାର ବୁଦ୍ଧିଜୀବୀ, ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।



ବିଧାୟକ ଥାନାକୁ ଉଦ୍‌ଘାଟନ କରୁଛନ୍ତି ।

# ଭାରତ ସମ୍ବିଧାନ ବିଶ୍ୱରେ ଶ୍ରେଷ୍ଠ

**ଭଞ୍ଜନଗର,୨୬।୧୧(ଡି.ଏନ.ଏ.)**




ଅତିଥିମାନେ ଶପଥପାଠ କରୁଛନ୍ତି ।

ଭାରତ ସମ୍ବିଧାନ ହେଉଛି ବିଶ୍ୱର ଶ୍ରେଷ୍ଠ ଏବଂ ବୃହତ୍ତମ ଲିଖିତ ସମ୍ବିଧାନ। ଏହି ସମ୍ବିଧାନର ମୁଖବନ୍ଧରେ ଲେଖାଯାଇଛି ଯେ, ଆମେ ଭାରତବାସୀ। ଏଥିରୁ ଏହାର ମହାନତା ସ୍ପଷ୍ଟ ହେଉଛି ବୋଲି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜରେ ସୋମବାର ସମ୍ବିଧାନ ଦିବସ ପାଳନ ଅବସରରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ.ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ସମ୍ବିଧାନରେ ଲିଖିତ ବିଭିନ୍ନ ଧାରା ଉପରେ ବକ୍ତାମାନେ ଆଲୋକପାତ କରିବା ସହ ସମ୍ବିଧାନର ଜନକ ଡ଼.ବି.ଆର.ଆମ୍ବେଡକରଙ୍କୁ ମନେ ପକାଇଥିଲେ। ସମ୍ବିଧାନରେ ଲେଖାଯାଇଥିବା ଧାରାକୁ ବାସ୍ତବରେ କିପରି କାର୍ଯ୍ୟକାରୀ କରାଯାଇ ପାରୁନାହିଁ ତାହା ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀ ଡ.ସୁବାସ ଚନ୍ଦ୍ର ପ୍ରଧାନ, ପ୍ରାଧାପକ ଏସ୍.କେ. ମିଶ୍ର, ସାତ୍ୟକୀ ସାହୁ, ଡ.ଆର.ଏନ.ପାଲ, ପୀତବାସ ପାଲ, ଅଧାପିକା ସୁନିତା ରାଣୀ ଖଣ୍ଡୁଆଳ, ରାଜଲକ୍ଷ୍ମୀ ରଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ବିଭାଗୀୟ ମୁଖ୍ୟ ଅଧାପକ ନୃସିଂହ ଚରଣ ସୁଆର ପ୍ରାରମ୍ଭିକ ସୂଚନା ଏବଂ ପ୍ରାଧାପକ ଡ. ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ଅଧାପିକା ମନ୍ଦାକିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମ୍ବିଧାନର ମୁଖବନ୍ଧକୁ ନେଇ ସମସ୍ତେ ଶପଥପାଠ କରିଥିଲେ।

# ସୁରଙ୍ଗି ଇଣ୍ଡିଆନ ବ୍ୟାଙ୍କ ଶାଖାରୁ ଚୋରି

**ପାତ୍ରପୁର,୨୬।୧୧ (ଡି.ଏନ୍.ଏ.)**

ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଅଧୀନ ସୁରଙ୍ଗି ଗ୍ରାମରେ ଥିବା ଇଣ୍ଡିଆନ ବ୍ୟାଙ୍କ ଶାଖାରୁ ରବିବାର ରାତିରେ ଚୋରି ହୋଇଛି। ସୋମବାର ସକାଳ ୯ଟା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ନୀଳକଣ୍ଠ ବେହେରା ବ୍ୟାଙ୍କର ମୁଖ୍ୟ ଗେଟ୍‌ରୁ ତାଲା ଖୋଲିବା ପରେ ଭିତର ଗେଟ୍ ଖୋଲାଥିବା ଦେଖିଥିଲେ। ଏ ନେଇ ସେ ବ୍ୟାଙ୍କ ମ୍ୟାନେଜର ଜୀବନ କୁମାର ମିଞ୍ଜଙ୍କୁ ଖବର ଦେଇଥିଲେ। ପରେ ଟିକିଟି ଏସ୍‌ଡ଼ିପିଓ ପ୍ରକାଶ କୁମାର ଜେନା, ଫାଣ୍ଡି ଅଧିକାରୀ ଗୋପାଳ ପ୍ରସାଦ ସାହୁ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଥିଲେ। ସୂଚନା ଅନୁଯାୟୀ ଲୁଟେରା ପ୍ରଥମେ ବ୍ୟାଙ୍କ ବାହାରେ ଲାଗିଥିବା ସିସି କ୍ୟାମେରାକୁ ଭାଙ୍ଗି ଭିତରେ ପଶିଥିଲେ। ବ୍ୟାଙ୍କର ଏବିଏମ ହେମନ୍ତ ଲାକ୍ରା ନିଜର ଏକ ସୁନାହାର, କାନଫୁଲ ଓ ପାଉଁଜିକୁ ବ୍ୟାଙ୍କରେ ରଖିଥିବା ବେଳେ ଲୁଟେରା ତାହା ନେଇ ଚମ୍ପଟ ମାରିଥିଲେ। ମଧ୍ୟାହ୍ନରେ ସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ଆସି ସିସିଟିଭି ଫୁଟେଜରେ ଥିବା ଭିଡ଼ିଓ ଆଧାରରେ ତଦନ୍ତ ଆରମ୍ଭ କରିଥିଲେ। ଦୁଇ ଲୁଟେରା ବ୍ୟାଙ୍କର ଛାତ ଉପର ଦେଇ ସିଡ଼ି ଦ୍ୱାରା ତଳକୁ ଆସି ସାଇରନ ଓ ସିସିଟିଭି କ୍ୟାମେରାକୁ ଭାଙ୍ଗିବା ଲକରରୁ ସୁନା ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଲୁଟେରାଦ୍ୱୟ ବାହାରେ ଗାଡ଼ିରେ ଅପେକ୍ଷା କରିଥିବା ଜଣେ ଯୁବକଙ୍କ ସହ ଚାଲିଯାଇଥିଲେ। ସେମାନେ ମୁହଁରେ କପଡ଼ା ଓ ହାତରେ ଗ୍ଲୋବସ ପିନ୍ଧିଥିବା ସାଇଣ୍ଟିଫିକ୍ ଟିମ୍ ପ୍ରକାଶ କରିଛନ୍ତି।



ପୋଲିସ ତଦନ୍ତ କରୁଛି।

# ଆସିକା ଥାନାକୁ ଆଦର୍ଶ ଘୋଷଣା




ମଞ୍ଚାସୀନ ଅତିଥି।

**ଆସିକା, ୨୬।୧୧(ଡି.ଏନ୍.ଏ)**

ଆସିକା ଥାନା ଆଦର୍ଶ ଥାନାର ମାନ୍ୟତା ହାସଲ କରିଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆସିକା ଥାନା ସମ୍ମୁଖରେ ଏସ୍‌ପି ବ୍ରିଜେଶ କୁମାର ରଏଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଆସିକା ବିଧାୟକ ଦେବରାଜ ମହାନ୍ତି, ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଲକ୍ଷ୍ମୀକାନ୍ତ ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, ମଧୁସ୍ମିତା ପୋଲାଇ, ଆସିକା ଏସଡିପିଓ ସୁବାସ ଚନ୍ଦ୍ର ପଣ୍ଡା, ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାସ, ଡିଏସ୍‌ପି ଦିବ୍ୟଜ୍ୟୋତି ଦାସ ପ୍ରମୁଖ ମଞ୍ଚାସୀନ ଥିଲେ । ଜନସାଧାରଣ ନିଜର ସବୁ ସମସ୍ୟା ପୋଲିସ ଦୃଷ୍ଟିକୁ ଆଣନ୍ତୁ ବୋଲି ଏସ୍‌ପି କହିଥିଲେ। ଜନସାଧାରଣଙ୍କ ସହ ବନ୍ଧୁତା ଭାବ, ତୁରନ୍ତ ଅପରାଧିଙ୍କୁ ଗିରଫ ଓ ଜନସାଧାରଣଙ୍କ ଅଭିଯୋଗକୁ ଆନ୍ତରିକତାର ସହ ଗ୍ରହଣ କରିବା ଲାଗି ପୋଲିସକୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥିବା ସେ ସୂଚନା ଦେଇଛନ୍ତି। ଥାନା ଅଧିକାରୀ ସନ୍ତୋଷ କୁମାର ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମା, ଭାସ୍କର ସ୍ୱାଇଁ ଓ ସୁଧାଂଶୁ କୁମାର ପଣ୍ଡା ସମେତ ଆସିକାର ବହୁ ବରିଷ୍ଠ ନାଗରିକଙ୍କୁ ଏହି ଅବସରରେ ପରିଚୟ ପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା ।

■ ଜୟକୃଷ୍ଣ ମହାରଣା ସ୍ମୃତି ସମାରୋହ

# ୪ ଜଣଙ୍କୁ ଗଞ୍ଜାମ ଗୌରବ ସମ୍ମାନ

**ଛତ୍ରପୁର,୨୬।୧୧(ଡି.ଏନ.ଏ)**

ଛତ୍ରପୁର ପ୍ରଗତି କଳା କେନ୍ଦ୍ର ପକ୍ଷରୁ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଜୟକୃଷ୍ଣ ମହାରଣାଙ୍କ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲାସ୍ତରୀୟ ଚିତ୍ରାଙ୍କନ, ସଙ୍ଗୀତ ଓ ଶାସ୍ତ୍ରୀୟ ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପୂର୍ବାହ୍ନରେ କଳାବିକାଶ କେନ୍ଦ୍ରର ଅଧ୍ୟକ୍ଷ ଗୁରୁ ବଟକୃଷ୍ଣ ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଅତିଥି ଭାବେ ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା, କଳାବିକାଶ କେନ୍ଦ୍ରର ସଭାପତି ଇଂ. ରାମଚନ୍ଦ୍ର ପଟ୍ଟନାୟକ, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଜିଲା ଗ୍ରନ୍ଥାଗାରିକ ଅମିୟ କୁମାର ଧଳ ଯୋଗଦେଇ ଜୟକୃଷ୍ଣଙ୍କ ସ୍ମୃତିଚାରଣ କରିଥିଲେ । ଗଣେଶ ପଟ୍ଟନାୟକ, ଛବିରାଣୀ ଦାସ, ରାଧେଶ୍ୟାମ ତରେଇ, ମଧୁସ୍ମିତା ପଟ୍ଟନାୟକ, ସୁଜାତା କୁମାରୀ ତ୍ରିପାଠୀ, ହରିହର ବେହେରା ବିଚାରକ ମଣ୍ଡଳୀରେ ରହି କୃତୀ ପ୍ରତିଭାଙ୍କୁ ଚୟନ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସଂସ୍କୃତି ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ନିଶଙ୍କ, ଶିକ୍ଷାବିତ୍ ଭାଗୀରଥି ବେହେରା, ଛତ୍ରପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନାଚାର୍ଯ୍ୟ ମହେଶ୍ୱର ସ୍ୱାଇଁ, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ବୀରସେନ୍ ବେହେରା, ନୃତ୍ୟ ଗୁରୁ ଦୀପ୍ତି ରାଉତରାୟ ଓ ନିରଞ୍ଜନ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଶିବ ପ୍ରସାଦ ବାରିକ, ରାଧେଶ୍ୟାମ ତରେଇ, ସୁରଜ କୁମାର ସାହୁ, କଣ୍ଠ ଶିଳ୍ପୀ ବସନ୍ତ କୁମାର ମହାପାତ୍ରଙ୍କୁ ଗଞ୍ଜାମ ଗୌରବ ସମ୍ମାନ -୨୦୧୮ ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ଅରୁଣ କୁମାର ଶତପଥୀଙ୍କ ସଭାପତିତ୍ୱରେ ସ୍ମୃତିଚାରଣ ସଭା ହୋଇଥିଲା। ପ୍ରଗତି କଳା କେନ୍ଦ୍ରର ନିର୍ଦ୍ଦେଶକ ସୁଧାଂଶୁ ଶେଖର ଶତପଥୀ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପ୍ରମୋଦ କୁମାର ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ପ୍ରଶାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।



କାର୍ଯକ୍ରମରେ ଉପସ୍ଥିତ ଅତିଥି ।

### କଂଗ୍ରେସର ସାଙ୍ଗଠନିକ ବୈଠକ

**କବିସୂର୍ଯ୍ୟନଗର,୨୬।୧୧**

କବିସୂର୍ଯ୍ୟନଗର ଋଷିପୁର ପଞ୍ଚାୟତ ରତ୍ନପୁରରେ ସ୍ଥାନୀୟ ଏନ୍‌ଏସି ନଗର ସଭାପତି ଗୋପୀନାଥ ପାଲଙ୍କ ସଭାପତିତ୍ୱରେ କଂଗ୍ରେସର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଂଗଠନକୁ ସୁଦୃଢ଼ କରିବା ସହ ପୁରାତନ କଂଗ୍ରେସ କର୍ମୀଙ୍କୁ ଅଗ୍ରାଧିକାର ଦେବା, ନୂତନ କର୍ମୀଙ୍କୁ ଗ୍ରହଣ କରିବା ଏବଂ ସରକାର ବିଭିନ୍ନ ଯୋଜନାର ବିଫଳତା ନେଇ ଅତିଥି ଉଦ୍‌ବୋଧନ ଦେଇଥିଲେ। ସମସ୍ତ ନେତା ନିଜ ବକ୍ତବ୍ୟରେ ଯୁବନେତା ସୀତାରାମ ପାଣିଗ୍ରାହୀଙ୍କ କାର୍ଯ୍ୟ, ସାଧୁତା, ପରୋପକାରିତା ସମ୍ବନ୍ଧରେ କହିଥିଲେ । ଖଲ୍ଲିକୋଟର ବିଶ୍ୱଜିତ ତରାଇ ଓ ମେଘନାଦ ଦଳାଇ, ରବୀନ୍ଦ୍ର ପୋଲାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ୯ଟି ପଞ୍ଚାୟତର ସମସ୍ତ କର୍ମୀ ନେତା ବୈଠକରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ବିଦ୍ୟାଳୟରୁ ଚୋରି

ଭାପୁର,୨୬।୧୧(ଡି.ଏନ.ଏ.): ଭାପୁର ବ୍ଲକ ଶାଳପଡ଼ା ପଞ୍ଚାୟତ ନୂଆଗାଁ ଗ୍ରାମର ଚିନ୍ତାମଣି ନୋଡାଲ ବିଦ୍ୟାଳୟରୁ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ୭ଟି କମ୍ପ୍ୟୁଟର ଓ ବହୁ ଦାମୀ ସାମଗ୍ରୀ ଚୋରି କରି ନେଇଛନ୍ତି। ସୋମବାର ପୂର୍ବାହ୍ନ ୧୦ଟାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ନାଏକ ବିଦ୍ୟାଳୟକୁ ପ୍ରବେଶ କରିବା ପରେ ଏହା ଜାଣିବାକୁ ପାଇଥିଲେ। ଏ ନେଇ ପ୍ରଧାନଶିକ୍ଷକ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ରଣପୁର,୨୬।୧୧(ସ୍ୱ.ପ୍ର.): ରଣପୁର ବ୍ଲକରେ ୧୯୮୪ ମସିହାରେ ବ୍ଲକ ଅଧକ୍ଷ ଥିବା ପ୍ରଫୁଲ୍ଲ କୁମାର ଦାଶଙ୍କ ୭ମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ସୋମବାର ନିଜ ଗ୍ରାମ ଗୋପାଳପୁରଠାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଦ୍ୱାରା ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ତାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହାସହିତ ତାଙ୍କ ନୀତି ଆର୍ଦଶ ଓ ବ୍ୟକ୍ତିତ୍ୱ ବିଷୟରେ କହିଥିଲେ। ରଣପୁର ବିଧାୟକ ରବିନାରାୟଣ ମହାପାତ୍ର, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଶରତ ଚନ୍ଦ୍ର ରଥ, ନିତ୍ୟାନନ୍ଦ ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜେଡି ଯୁବନେତା ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ନୀଳମାଧବ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଅଭିଯୋଗ

# ତଦନ୍ତ ଦାବିରେ ଛାତ୍ର ଆନ୍ଦୋଳନ

ଖଣ୍ଡପଡା,୨୬।୧୧(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ଅଭିଯୋଗ କରି ସୋମବାର କେତେକ ଛାତ୍ର କଲେଜ ବନ୍ଦ କରି ଆନ୍ଦୋଳନ କରିଥିଲେ। ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହୋଇଥିଲା।

ପ୍ରକାଶ ଯେ, କଲେଜର ଛାତ୍ର ଲୋକନାଥ ଦଳେଇଙ୍କ ସମେତ ୬୬ଜଣ ଛାତ୍ରଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟର ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ମଞ୍ଜୁର ହୋଇଥିବା ଅନୁଦାନ ଅର୍ଥରୁ ପ୍ରାୟ ୫ଲକ୍ଷ ଟଙ୍କା ହେରଫେର ହୋଇଛି। ବିଧାୟକଙ୍କ ହାତପାଣ୍ଠି ଓ କଲେଜ ଫଣ୍ଡ ମିଶାଯାଇ ନିର୍ମାଣ ହୋଇଥିବା ବାଉଣ୍ଡରି ୱାଲରେ ୭ ଲକ୍ଷ ଟଙ୍କା, ବିଜ୍ଞାନାଗାର ଉପକରଣ କ୍ରୟରେ ୪ଲକ୍ଷ ଏବଂ ଖେଳ ସାମଗ୍ରୀ କ୍ରୟରେ ପ୍ରାୟ ୪ଲକ୍ଷ ଟଙ୍କା ହେରଫେର କରାଯାଇଛି। ସେହିପରି ଆକ୍ୱାଗାର୍ଡ କ୍ରୟରେ ୫ଲକ୍ଷ, ମହାବିଦ୍ୟାଳୟର କଲରିଂ ଓ ଜଳ ଯୋଗାଣ ବାବଦରେ ପ୍ରାୟ ୮ଲକ୍ଷ ଟଙ୍କାର ମହାଦୁର୍ନୀତି କରାଯାଇଛି। ବିଶେଷ କରି ନାକ୍ କମିଟି ପରିଦର୍ଶନରେ ଆସିବା ସମୟରେ ରଖାଯାଇଥିବା ହାତପାଣ୍ଠି ପ୍ରାୟ ୯ଲକ୍ଷ ଟଙ୍କାରୁ କଲେଜ କର୍ତ୍ତୃପକ୍ଷଙ୍କ ସମେତ ଆଉକିଛି ଅଧାପିକା, ଅଧାପକ ଓ ମୁଖ୍ୟ କିରାଣି ମିଶି ପ୍ରାୟ ୫ଲକ୍ଷ ଟଙ୍କା ନିଜ ନିଜ ମଧରେ ବାଣ୍ଟିନେଇଛନ୍ତି । ଏହାଛଡା ବିଭିନ୍ନ ଶ୍ରେଣୀରେ ଠିକ୍ ଭାବେ ପାଠପଢା ହେଉ ନ ଥିବାବେଳେ କେତେକ ପିଅନ ଓ କିରାଣି ସାର୍ଟିଫିକେଟ ପ୍ରଦାନ ପାଇଁ ଅର୍ଥ ଦାବି କରୁଛନ୍ତି। ଏହାର ବିଧିବଦ୍ଧ ତଦନ୍ତ ସହ ଅଧକ୍ଷଙ୍କ ତୁରନ୍ତ ବଦଳି ଦାବିକରି କେତେକ ଛାତ୍ର ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ କଲେଜ କାର୍ଯ୍ୟାଳୟ ବନ୍ଦ କରିବା ସହିତ ପିଲାମାନଙ୍କୁ ଶ୍ରେଣୀଗୃହକୁ ପ୍ରବେଶ କରିବାକୁ ଦେଇ ନ ଥିଲେ । ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସେମାନେ କଲେଜ ପରିଚାଳନା କମିଟି ସଭାପତି ତଥା ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ, କଲେଜ କର୍ତ୍ତୃପକ୍ଷ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ସ୍ଥାନୀୟ ଫାଣ୍ଡି ଅଧିକାରୀଙ୍କୁ ଲିଖିତ ଅବଗତ କରିଥିଲେ। ଏ ସମ୍ପର୍କରେ ଅଧକ୍ଷ ସୁକାନ୍ତ କୁମାର ନାୟକଙ୍କୁ ପଚାରିବାରୁ ସେ କହିଥିଲେ, କେତେକ ନିର୍ଦ୍ଦିଷ୍ଟ ପିଲା ଏପରି ବିଶୃଙ୍ଖଳା ସୃଷ୍ଟି କରି ପିଲାମାନଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ଅଭିଯୋଗ ପତ୍ରରେ ଥିବା ଅଧିକାଂଶ ସ୍ୱାକ୍ଷର ଫଲ୍ସ। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ ସୂଚନା ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ କଲେଜ ଷ୍ଟାଫ୍ କମିଟି, ସ୍ଥାନୀୟ ପୋଲିସ ଫାଣ୍ଡି ଅଧିକାରୀ ରଘୁନାଥ ଷଡଙ୍ଗୀ, ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଓ ଆନ୍ଦୋଳନକାରୀ ଛାତ୍ରମାନଙ୍କୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଆଲୋଚନା ପରେ ଏହି ଅଭିଯୋଗର ବିଧିବଦ୍ଧ ତଦନ୍ତ ପାଇଁ ପରିଚାଳନା କମିଟି ସଭାପତି ପଟ୍ଟନାୟକଙ୍କ ପରାମର୍ଶ କ୍ରମେ ଏକ କମିଟି ଗଠନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି କମିଟି ଖୁବ୍‌ଶୀଘ୍ର ଏହାର ତଦନ୍ତ କରିବ ବୋଲି ଅଧକ୍ଷ ନାୟକ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା।



ମିଳିତ ବୈଠକରେ କଲେଜ ଷ୍ଟାଫ୍ କମିଟି, ଫାଣ୍ଡି ଅଧିକାରୀ ଓ ଅନ୍ୟମାନେ।

# ଜ୍ୱରରେ କନ୍ୟାଶ୍ରମ ଛାତ୍ରୀଙ୍କ ମୃତ୍ୟୁ

ଦଶପଲ୍ଲା,୨୬।୧୧(ଡି.ଏନ.ଏ.)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକସ୍ଥିତ ବୁଗୁଡ଼ା କନ୍ୟାଶ୍ରମର ଜଣେ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ଜ୍ୱରରେ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନୀତା ଜାନି।

ପ୍ରକାଶ ଯେ, କନ୍ୟାଶ୍ରମରେ ରହି ପାଠ ପଢୁଥିବା ସୁନୀତାଙ୍କୁ ରବିବାର ତାଙ୍କ ବାପା ଦଶରଥ ଜାନି ଦେଖା କରିବାକୁ ଆସିଥିଲେ। ଝିଅର ଦେହ ଖରାପ ଥିବାରୁ ସେ ତାଙ୍କୁ ପିଲିପାଦୁ ଗ୍ରାମସ୍ଥିତ ତାଙ୍କ ଘରକୁ ନେଇ ଆସିଥିଲେ। ସୋମବାର ଜ୍ୱର ଲାଗି ରହିବାରୁ ସୁନୀତାଙ୍କୁ ପ୍ରଥମେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଅଣାଯାଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବାବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହାପରେ ସୁନୀତାଙ୍କ ମୃତଦେହ ନିଜ ଗ୍ରାମକୁ ଅଣାଯାଇଥିବା ସୂଚନା ମିଳିଛି।

# ଓଳାସ ଗ୍ରାମରେ ଯାତ୍ରା ଉଦ୍‌ଯାପିତ


ଯାତ୍ରାରେ ପାଇକମାନେ କଳା ପ୍ରଦର୍ଶନ କରୁଛନ୍ତି।

ଭାପୁର,୨୬।୧୧(ଡି.ଏନ.ଏ.)

ଭାପୁର ଦଳଦିଆନୂଆଗାଁ ପଞ୍ଚାୟତ ଓଳାସ ଗ୍ରାମର ପ୍ରସିଦ୍ଧ ଶୈବପୀଠ ଠାରେ କାର୍ତ୍ତିକ ପୂର୍ଣ୍ଣମୀ ଠାରୁ ଚାଲିଥିବା ଯାତ୍ରା ସୋମବାର ଉଦ୍‌ଯାପିତ ହୋଇଛି। ଏହି ଯାତ୍ରା ଦେଖିବାକୁ ଆଖପାଖରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା। ଗ୍ରାମ କମିଟି ସଭାପତି ଯଦୁନାଥ ଜୟସିଂହ, ସମ୍ପାଦକ ରାଜକିଶୋର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଗ୍ରାମର ନୀଳକଣ୍ଠେଶ୍ୱର ମହାଦେବଙ୍କ ବିଜେ ପ୍ରତିମାଙ୍କୁ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ପଡ଼ିଆକୁ ନିଆଯାଇଥିଲା। ଗ୍ରାମର ମା ବୁଢ଼ିଦେଈ ପାଇକ ସଂଘ ଓ ନିକଟସ୍ଥ ଫିଙ୍ଗିଫିରା ଗ୍ରାମର ରଘୁନାଥଦେବ ପାଇକସଂଘଙ୍କ ପାରମ୍ପରିକ ପାଇକନୃତ୍ୟ ଓ ପାଇକ ଯୁଦ୍ଧ କୌଶଳ ପ୍ରଦର୍ଶନ ସମସ୍ତଙ୍କୁ ମୁଗ୍ଧ କରିଥିଲା।

# ଏନ୍‌ଏସି କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳଙ୍କ ସମୀକ୍ଷା

ଖଣ୍ଡପଡା,୨୬।୧୧(ସ୍ୱ.ପ୍ର.)

ଖଣ୍ଡପଡା ଏନ୍‌ଏସିରେ ଦେଖାଦେଇଥିବା ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଅବଗତ ହେବା ପରେ ନୟାଗଡ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାସ ସୋମବାର ଏଠାକୁ ଆସି ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରିଥିଲେ। ସହରାଞ୍ଚଳର ଡ୍ରେନେଜ୍ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀ ଚୟନରେ ବ୍ୟାପକ ଅନିୟମିତତା ହୋଇଥିବା ମଧ ଅଭିଯୋଗ ହୋଇଥିଲା । ଏପରି କି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନୁଦାନରେ ଅଯୋଗ୍ୟ ହିତାଧିକାରୀ ବଜାର ମଧ୍ୟରେ ପକ୍କାଗୃହ ନିର୍ମାଣ କରି ତାହାକୁ ବ୍ୟବସାୟୀମାନଙ୍କ ହାତରେ ଟେକି ଦେଇଥିବା ଅଭିଯୋଗ ଉଠିଥିଲା। ସହରର ଡାକ୍ତରଖାନା ଛକରେ ଥିବା ସୁଲଭ ଶୌଚାଳୟକୁ ପୁନଃ କାର୍ଯ୍ୟକ୍ଷମ କରିବା, ଖଣ୍ଡପଡା ମହିଳା ମହାବିଦ୍ୟାଳୟ ପରିସରରେ ୨ବର୍ଷ ତଳୁ ନିର୍ମାଣ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡିକୁ ତୁରନ୍ତ ଶେଷ କରିବା, ନୂତନ କଲ୍ୟାଣମଣ୍ଡପର ବାହ୍ୟ ପ୍ରାଚୀର ନିର୍ମାଣ, ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ସ୍ଥାନରୁ ଜବରଦଖଲକାରୀଙ୍କୁ ତୁରନ୍ତ ହଟାଇବା, ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ମହେନ୍ଦ୍ରସାଗର ପୋଖରୀର ପୁନରୁଦ୍ଧାର ପ୍ରତି ଦୃଷ୍ଟିଦେବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏନ୍‌ଏସି ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡାର ପ୍ରଥମ ନଗରପାଳ କିଶୋର ଚନ୍ଦ୍ର ଦାଶ, ଆଇନଜୀବୀ ଗିରିଜାଶଙ୍କର ତରାସିଆ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଦାଶ, ପୂର୍ବତନ ଉପନଗରପାଳ ରମେଶ ଚନ୍ଦ୍ର ମହାନ୍ତି, ପୂର୍ବତନ କାଉନସିଲର ଚନ୍ଦ୍ରଶେଖର ପାଣିଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସମୟାନୁକ୍ରମେ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ଦୃଷ୍ଟି ଦିଆଯିବ ବୋଲି ଅତିରିକ୍ତ ଜିଲାପାଳ ଦାସ ପ୍ରତିଶ୍ରୁତି ଦେଇଥିଲେ।

# ଛାତ୍ର-ଶିକ୍ଷକଙ୍କ ସମ୍ପର୍କରେ ଆନ୍ତରିକତା ରହୁନି

ଟାଙ୍ଗୀ(ଖୋର୍ଦ୍ଧା),୨୬।୧୧(ଡି.ଏନ.ଏ.)

ଶୈକ୍ଷିକ ଜୀବନର ବିକାଶ ପାଇଁ ସେତେବେଳର ଗୁରୁଙ୍କ ଆକଟ ଓ ସ୍ନେହଶ୍ରଦ୍ଧା ମିଶ୍ରିତ ଦଣ୍ଡଯୁକ୍ତ ଶିକ୍ଷା ଛାତ୍ରୀଛାତ୍ରଙ୍କୁ ସଂସ୍କାର ଦେଇପାରୁଥିଲା। ବର୍ତ୍ତମାନର ଦଣ୍ଡମୁକ୍ତ ଶିକ୍ଷା ତାହା ଦେଇପାରୁ ନାହିଁ। ବର୍ତ୍ତମାନ ଛାତ୍ର ଓ ଶିକ୍ଷକଙ୍କ ସମ୍ପର୍କରେ ଆନ୍ତରିକତା ପରିଲକ୍ଷିତ ହେଉନାହିଁ । ନାରୁଣୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ଅତିଥି ଶିକ୍ଷକମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ରବିବାର ଚିଲିକା ବ୍ଲକ ହରିପୁରସ୍ଥିତ ଲକ୍ଷ୍ମୀଧର ବିଦ୍ୟାପୀଠର ୧୯୮୮ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ମଥ କୁମାର ପଟ୍ଟନାୟକଙ୍କ ଆବାହକତ୍ୱ ଓ ମନୋଜମୋହନ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଲକ୍ଷ୍ମୀଧର ବିଦ୍ୟାପୀଠର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଦାଶ, ତତ୍କାଳୀନ ଶିକ୍ଷକ ଗୋପବନ୍ଧୁ ବିଶ୍ୱାଳ, ଦୁଃଖିଶ୍ୟାମ ପ୍ରଧାନ, ଜିତେନ୍ଦ୍ର କୁମାର ବାଘସିଂ, ପ୍ରଦୋଷ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ଅତୀତର ସ୍ମୃତି ବଖାଣି ଭାବବିହ୍ୱଳ ହୋଇପଡିଥିଲେ। ନିମନ୍ତ୍ରିତ ଶିକ୍ଷକମାନଙ୍କୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁମନ୍ତ ପଟ୍ଟନାୟକ, ମଦନ ମୋହନ ରାଉତରାୟ, ରଶ୍ମିତା ପଣ୍ଡା, ପ୍ରତିଭା ବେହେରା, ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏଟିଏମ୍ ଲୁଟେରାଙ୍କ ଟେର ପାଉନି ପୋଲିସ

ଖଣ୍ଡପଡା,୨୬।୧୧(ସ୍ୱ.ପ୍ର.)

ଦୀର୍ଘ ୨୦ଦିନ ହେବ ଖଣ୍ଡପଡା ରଥଗଡା ଛକରେ ଥିବା ଷ୍ଟେଟବ୍ୟାଙ୍କ ଏଟିଏମ୍ କାଉଣ୍ଟରର ଷ୍ଟ୍ରଙ୍ଗରୁମ ଭାଙ୍ଗି ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ୭ଟି ବ୍ୟାଟେରୀ ଚୋରିକରି ନେଇଥିଲେ। ହେଲେ ଖଣ୍ଡପଡା ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରି ନ ଥିବାବେଳେ ସମ୍ପୃକ୍ତ ଲୁଟେରାଙ୍କ ସମ୍ପର୍କରେ କୌଣସି ଟେର ପାଇନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଧରିତ୍ରୀର ୪୫ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତ ପାଠକ ପାଠିକା, ବିତରକ, ପ୍ରତିନିଧିମାନଙ୍କୁ ମାଁ ବରାଳଦେବୀ ଅଟୋମୋବାଇଲସ୍ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
Mahindra Rise.
ଚାଷୀଭାଇଙ୍କର ଆଶା ଓ ଭରସା
ମହିନ୍ଦ୍ରା ଟ୍ରାକ୍ଟର ନଂ-୧ ଟ୍ରାକ୍ଟର
ସହଜ ଋଣ ଉପଲବ୍ଧ
ଆକର୍ଷଣୀୟ ଉପହାର
ମାଁ ବରାଳଦେବୀ ଅଟୋମୋବାଇଲସ୍
ଏଫ୍.ସି.ଆଇ. ଛକ, ଭୁବନେଶ୍ୱର ରୋଡ଼, ଫୁଲବାଣୀ, କନ୍ଧମାଳ
ଯୋଗାଯୋଗ ଠିକଣା: 06842-154520 (ଅଫିସ), 9337097677
ବ୍ରାଞ୍ଚ ଅଫିସ୍: ବାଲିଗୁଡ଼ା (ଦଣ୍ଡପଦର), ଯୋଗାଯୋଗ: 8480206408
ଦାରିଙ୍ଗବାଡ଼ି (ବସ୍‌ଷ୍ଟାଣ୍ଡ ପାଖ), ଯୋଗାଯୋଗ: 8280333361, 6371777496

With Best Compliments Froms :
ADITYA HERO, BAISINGA (Mayurbhanj)
6371171881

With Best Compliments From :
IndianOil
M/s. BARIPADA FUELS
Authorised Dealer :
Indian Oil Corporation Ltd.
Murgabadi Golei, Baripada, Mayurbhanj

ପାତ୍ର ଜୁଏଲାରୀ
ଲକ୍ଷ୍ମୀ ମାର୍କେଟ୍, (ବସ୍ ଷ୍ଟାଣ୍ଡ), ଜାରକା, ଯାଜପୁର
ପ୍ରୋ: ଶରତ ଚନ୍ଦ୍ର ପାତ୍ର
ଆଜି ହିଁ ପଦାର୍ପଣ କରନ୍ତୁ
ଅତ୍ୟାଧୁନିକ ଡିଜାଇନର
୨୨ କ୍ୟାରେଟ୍ ଖାଣ୍ଟି
ଗିନି ସୁନା ଓ ରୁପାର
ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

With Best Compliments From-
Akshya Kumar Nayak
(Managing Partner)
M/S. BHUBANESWARI CONSTRUCTION
At: Bhuban, PO: Dharmasala, Dist: Jajpur-755008, Office at: Jaraka, Jajpur-755050
Land Line: 06725-273206, Mob: 9437170506, 9437088393, E-mail: bhubaneswariconstruction@gmail.com

With Best Compliments From-
M/S. P.C.R. FILLING STATION
NUAGAON, JARAKA, DIST.- JAJPUR
Authorised Dealer-
BHARAT PETROLEUM
Bharat Petroleum
ଏଠାରେ ଶୁଦ୍ଧ ପେଟ୍ରୋଲ ଓ ଡିଜେଲ ପକାଇ ମାଇଲେଜ୍ ବଢ଼ାନ୍ତୁ।

With Best Compliments From-
PREMIER ROCK PRODUCTS PVT. LTD.
Dankari, Dharmasala, Jajpur (Odisha)
ଏଠାରେ ଉନ୍ନତ ଧରଣର କଳା ପଥର, ଚିପ୍‌ସ, ମେଟାଲ, ବଜୁରି, ସୁଲଭ ମୂଲ୍ୟରେ ମିଳେ।

With Best Compliments From-
Sj. Umakanta Nayak
Inspector Incharge, Dharmasala Police Station
AMA POLICE
Dharmasala, Jajpur

With Best Compliments From-
M/S. MAMALI FILLING STATION
M/S. ASUTOSH CONSTRUCTION
Kaima, Dharmasala, Jajpur
Porp.:
SARAT KUMAR NAYAK
Authorised Dealer-
BHARAT PETROLEUM
Bharat Petroleum
ଏଠାରୁ ଶୁଦ୍ଧ ତେଲ ପକାଇ ଗାଡ଼ିର ମାଇଲେଜ୍ ବଢ଼ାନ୍ତୁ

With Best Compliments From-
Sj. Susanta Kumar Das
Inspector Incharge, Jenapur, Police Station
AMA POLICE
Jenapur, Jajpur

With Best Compliments From-
SAVE FOREST LOVE INDUSTRY
Ratikant Samal
President
Depak Kumar Behera
Joint Secretary
SAW MILL CLUSTER
ODISHA WOOD BASED INDUSTRIES COUNCIL
Jaraka Industrial Estate, Dharmasala, Jajpur

With Best Compliments From-
The best time to plant a tree just now.
A WELL WISHER
Dharmasala, Jajpur